## NOTICE.

Wanted a Head master for the High English School at Jajpur on a salary of Rs. 50 per mensem. Preference will be given to a B. A. of the Calcutta University. Application will be received by the undersigned up to the 20th July, 1887.

Jajpur H. E. School. 25—6—87 } GOSAIN DAS DUTTA *President L. C. P. I.* JAJPUR,

---

ଡକ୍ଟର ଶ୍ରୀ କେଦାରନାଥ ଚଟ୍ଟୋପାଧ୍ୟାୟଙ୍କର ଆୟୁର୍ବେଦୋକ୍ତ ଔଷଧାଳୟ ।

ନଂ ୯୦ ନଂ ଗ୍ରେ ଷ୍ଟ୍ରିଟ, ଶ୍ୟାମପୁଖୁର, କଲିକତା ।

ଏହି ଔଷଧାଳୟରେ ୧୨୯୪ ସାଲର ପଞ୍ଜିକା ସହ ପୀଡ଼ା ସମୁଦାୟର ସ୍ୱାସ୍ଥ୍ୟବିଧାନ ଓ ପ୍ରତ୍ୟକ୍ଷ ଫଳପ୍ରଦ ଔଷଧ ସମୂହର ତାଲିକା ପୁସ୍ତକ ବିନାମୂଲ୍ୟରେ ବିତରଣ ହୁଏ ଏବଂ ବିଦେଶସ୍ଥ ରୋଗିମାନଙ୍କର ପୀଡ଼ାର ଅବସ୍ଥା ସମସ୍ତ ଲେଖି ପଠାଇଲେ ବ୍ୟବସ୍ଥା ଦିଆଯାଏ ।

ଯୋଗସିଦ୍ଧରସ ।

ଏହି ସୁସିଦ୍ଧ ଔଷଧ ସେବନ କଲେ ନିଶ୍ଚୟ ସକଳପ୍ରକାର ମେହ ରୋଗ ଏକସପ୍ତାହ ମଧ୍ୟରେ ନିଃଶେଷରୂପେ ଆରୋଗ୍ୟ ହୁଏ ।

ପ୍ରସ୍ରାବକାଳୀନ ଜ୍ୱାଳା, ପୂଯ ସହିତ ଧାତୁନିର୍ଗମ, ସରକ୍ତ ପ୍ରସ୍ରାବ, ଖଣ୍ଡଜଳବତ୍ ପ୍ରସ୍ରାବ ମୂତ୍ରକୃଚ୍ଛ୍ର, ମୂତ୍ରାଶୟର ବେଗ, ଶୂଳ ଏବଂ ଜ୍ୱରାଦି ଉପଦ୍ରବ ସଂଯୁକ୍ତ ହେଲେ ସୁଦ୍ଧା ପୀଡ଼ା ଶୀଘ୍ର ସମୂଳେ ବିନଷ୍ଟ ହୁଏ ।

ଛୋଟ ୧ ଶିଶିର ମୂଲ୍ୟ ଟ ୨ ୯ ବଡ଼ ୧ ଶିଶିର ମୂଲ୍ୟ ଟ ୩ ୮ ପ୍ୟାକିଂ ଖର୍ଚ୍ଚା ଟ ୦ ୵

ପ୍ରଦରହର-ଘୃତ ।

ଏହା ସେବନ କଲେ ଗର୍ଭାଶୟ ଆଶ୍ରିତ ଦୋଷ ସମସ୍ତ ସଂଶୋଧିତ ହୋଇ ଶ୍ୱେତପ୍ରଦର ରକ୍ତପ୍ରଦର, କଷ୍ଟରଜଃ ଅକାଳରେ ଅଧିକ ପରିମାଣରେ ରକ୍ତସ୍ରାବ, ଜଳବଙ୍ଗା, ବାଧକ ବେଦନାଦି ପୀଡ଼ା ସମସ୍ତ ନିଃଶେଷରୂପେ ଆରୋଗ୍ୟ ହୁଏ । ବିଶେଷତଃ ଉପରୋକ୍ତ ପୀଡ଼ାଜନିତ ଅକାଳରେ ଗର୍ଭସ୍ରାବ, ମୃତବତ୍ସା ଓ ବନ୍ଧ୍ୟାଦି ରୋଗ ସମୁଦାୟ ଶାନ୍ତ ହୋଇ ଗର୍ଭୋତ୍ପତ୍ତିର ବାଧାଯାକ ନଷ୍ଟ କରେ ।

୧ ଶିଶିର ମୂଲ୍ୟ ଟ ୨ ୯ ଓ ପ୍ୟାକିଂ ଖର୍ଚ୍ଚା ଟ ୦ ୵

---

ସାମ୍ୟବାଦୀ ।

ବିନାମୂଲ୍ୟ ଭାରତ ଧର୍ମ ଓ ନୀତିସମ୍ବନ୍ଧୀୟ ମାସିକପତ୍ରିକା ।

୨ ୟ ସଂଖ୍ୟା ପର୍ଯ୍ୟନ୍ତ ପ୍ରକାଶିତ ହୋଇଅଛି । ମଫସଲବାସିମାନେ ଟ ୦ ୵ ଡାକ ମାସୁଲ ମାତ୍ର ପଠାଇଲେ ଗ୍ରାହକ ଶ୍ରେଣୀଭୁକ୍ତ ହୋଇ ପାରିବେ । ଅନ୍ୟଥା ସାମ୍ୟବାଦୀ ପଠାଇବା-ନିମନ୍ତେ ଆବେଦନ କରିବା ନିଷ୍ପ୍ରୟୋଜନ ।

ପ୍ରଥମଥର ଏହା ଉତ୍କଳଦୀପିକା ସହିତରେ ପଠା ଯାଇଥିଲା, କିନ୍ତୁ ଅତଃପର ଆଉ ସେପରି ଭାବରେ ପଠାଯିବ ନାହିଁ । ନିମ୍ନସ୍ୱାକ୍ଷରକାରୀଙ୍କ ନିକଟକୁ ଡାକ ମାସୁଲ ଓ ପତ୍ରାଦି ପଠାଇବାକୁ ହେବ ।

ବାଲୁବଜାର } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
କଟକ } ସାମ୍ୟବାଦୀସମ୍ପାଦକ ଓ ପ୍ରକାଶକ

---

ମୟୂରଭଞ୍ଜ ରାଜ୍ୟ ନିମନ୍ତେ ମାସିକ ଟ ୬୦ ଙ୍କା ବେତନରେ ଏକଜଣ ଅବକାରି ଦାରୋଗା ଓ ମାସିକ ଟ ୧୫ ଙ୍କା ବେତନରେ କେତେକ ଜଣ ପୁଲିସ ହେଡ୍ କନେଷ୍ଟବଲଙ୍କର ଆବଶ୍ୟକ ।

ଯେଉଁମାନେ ଶାରୀରିକ ଶକ୍ତି ସମର୍ଥ ଅଥଚ ଜ୍ୱର ପ୍ରଧାନସ୍ଥାନମାନଙ୍କରେ ପରିଶ୍ରମ ସହକାରେ କାର୍ଯ୍ୟ କରିବାକୁ ସକ୍ଷମ ହେବେ ସେହିମାନେ ଦରଖାସ୍ତ କରିବେ । ଦରଖାସ୍ତକାରମାନଙ୍କର ଓଡ଼ିଆ ଭାଷାରେ ସମ୍ପୂର୍ଣ୍ଣରୂପେ ଦକ୍ଷତାର ନିତାନ୍ତ ଆବଶ୍ୟକ । ଯେଉଁମାନଙ୍କର ଅବକାରି ଓ ପୁଲିସ ବିଭାଗର କାର୍ଯ୍ୟରେ ପାରଦର୍ଶିତା ଅଛି ସେହିମାନଙ୍କୁ ମନୋନୀତ କରାଯିବ ।

ଦରଖାସ୍ତ କାରମାନେ ଆପଣା ୨ ପ୍ରଶଂସାପତ୍ରର ନକଲ ସହିତ (ଯାହା ସେମାନଙ୍କୁ ପ୍ରତ୍ୟର୍ପଣ କରାଯିବ ନାହିଁ) ଆଗାମୀ ଜୁଲାଇମାସ ତା ୨୦ ରଖ ମଧ୍ୟରେ ନିମ୍ନସ୍ୱାକ୍ଷର କାରୀଙ୍କଠାରେ ଆବେଦନ କରିବେ ।

H. P. WYLLY.
Manager.
19-5-87

---

ନିମ୍ନଲିଖିତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀ ପ୍ରେସ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କରରାୟ ଓ କଟକ ରେଭେନସ କଲେଜ ଶ୍ରୀଯୁକ୍ତ ପଣ୍ଡିତ ରାମପ୍ରସନ୍ନ ମୁଖୁର୍ଯ୍ୟା ଓ ବାଲେଶ୍ୱର ନର୍ମାଲସ୍କୁଲ ହେଡମାଷ୍ଟର ବାବୁ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ ମହାଶୟମାନଙ୍କଠାରେ ବିକ୍ରୟାର୍ଥ ପ୍ରସ୍ତୁତଅଛି ।

ଶ୍ରୀମଦ୍ଭଗବଦ୍ଗୀତା ସଂସ୍କୃତ ଓ ଉତ୍କଳ-ପଦ୍ୟାନୁବାଦ ସହିତ ଟ ୦ ୵

ମୋହମୁଦ୍ଗର ସଂସ୍କୃତ ଓ ଉତ୍କଳ ଅନୁବାଦ ସହିତ ଟ ୦ ୯ ୬

ଭଗବାନ୍ ବେଦବ୍ୟାସ ରଚିତ ସଂସ୍କୃତ ମହାଭାରତର ଉତ୍କଳ ପଦ୍ୟାନୁବାଦ ଆଦିପର୍ବ ଟ ୨ ।

---

ବିଶେଷ ଦ୍ରଷ୍ଟବ୍ୟ ।

କେନ୍ଦ୍ରାପଡ଼ାସ୍ଥ କବିରାଜ ଶ୍ରୀବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ ସୁକଠିନ ରୋଗଗ୍ରସ୍ତ ମନୁଷ୍ୟମାନଙ୍କ ରୋଗରୁ ମୁକ୍ତ କରିବା ନିମିତ୍ତ ପ୍ରସ୍ତୁତ ଅଛନ୍ତି । ଗତ ତିନିବର୍ଷମଧ୍ୟରେ କୌଣସି ରୋଗୀ ଆରୋଗ୍ୟ ନ ହୋଇ ଫେରିଯିବାର ଦେଖାଯାଇ ନାହିଁ । ରୋଗରୁ ମୁକ୍ତ ପାଇବାର ବାଞ୍ଛା ଯେବେ ତୁମ୍ଭର ଥାଏ ତେବେ ତାହାଙ୍କୁ ରୋଗର ବିବରଣ ଜଣାଇଲେ ଅତି ଅଳ୍ପବ୍ୟୟରେ ଅଳ୍ପଦିନମଧ୍ୟରେ ତୁମ୍ଭଙ୍କୁ ଆରୋଗ୍ୟ କରିଦେବେ । ସେ ଅନେକଲୋକଙ୍କୁ ଆରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି ।

---

# ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୬ ପଣି ବାଲି | ଦ ୧୬ ଟ ୨୵ | ଦ ୧୬ ଟ ୦ ୵ |
| ୧୪ ପଣି „ | „ ଟ ୨ | „ ଟ ୦ ୵ |
| ୧୨ ପଣି „ | „ ଟ ୨ | „ ଟ ୦ ୵ |
| ୧୦ ପଣି „ | „ ଟ ୨ | „ ଟ ୦ ୵ |

ବେପାରମାନେ ଅର୍ଥାତ୍ ଯେଉଁମାନେ ଏକାଥରେ ୧୦ ମ ବା ଅଧିକ କ୍ରୟ କରିବେ ଅଦ୍ଭୁତ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

---

# ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୬ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନିର୍ଗତ ହୋଇଯାଏ । ପାରାର ଘା, ଗରମୀ ଘା, ନାଲି ଘା, ବେକ ଓ ଜାଙ୍ଘ-ଭିତରର ଘା, ଗୋଲ ଘା, କାଳ ଘା, କାନର ପୂଜ, ହୋଷ୍ଟ-କାଠିନ୍ୟ ଅଜୀର୍ଣ୍ଣତା, ପେଟଫମ୍ପା ଶୁଆଦବାଥା, କାଶ, କ୍ଷୟକାଶ, ପ୍ରସ୍ରାବପୀଡ଼ା, କୁଣ୍ଡିଆ, ଧାତୁଦୌର୍ବଲ୍ୟ ଏବଂ ଉନ୍ନତର ଜ୍ୱର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରାମ ହୁଏ ।

Split by PDF Splitter
Digitized by srujanika@gmail.com

ଔଷଧର ମାତ୍ରା ବୋତଲ ଦେହରେ ଚିହ୍ନ-ଦ୍ୱାରା ଦେଖାଇ ଦିଆଯାଇଅଛି ଏବଂ ତାହା ସକାଳେ ଓ ସନ୍ଧ୍ୟାବେଳେ ଖାଇବାକୁ ହେବ । ପଥ୍ୟାପଥ୍ୟର ନିୟମ ବୋତଲର ଟିକଟରେ ଲେଖା ଅଛି । ପରୀକ୍ଷାଦ୍ୱାରା ଏଥିର ଗୁଣ ଦେଖା ଯାଇଅଛି ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରି ହେଉଅଛି ।

ମୂଲ୍ୟ ଏକ ଫାଇଲ ଟ ୧ ।

# ମେହରୋଗ ।

୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଲାର୍ଦ୍ଧ ଗୋଣକରିବାର ଜିନିଷ ନୁହେ ସାମାନ୍ୟ ଅର୍ଥବ୍ୟୟ-ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାଶାସ୍ତ୍ରରେ ଏକସପ୍ତାହ ସେବନ କଲେ ନୂତନ ରୋଗ ଏବଂ ତିନ ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଔଷଧର ଗୁଣ ବିଷୟରେ ସନ୍ଦେହ ନ ହେଲେ ଅଦ୍ୟ ଯାବତ୍ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅଫିସରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅଟେହଉଷ୍ଟୋଲ ଲମ୍ବର ଭବନରେ ସ, ହେ, ଘଯ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଫାଇଲ ଟ ୨୲ ଟା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ୍ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନାବାଲିଗ ବାବୁ ନଗେନ୍ଦ୍ରନାଥ ରାଏ ଚୌଧୁରୀଙ୍କର ଷ୍ଟେଟର ମହାମାନ୍ୟ ହାଇକୋର୍ଟ ଅଦାଲତଙ୍କ ନିଯୁକ୍ତ ଏଡ଼ମିନିଷ୍ଟ୍ରେଟ୍ରିକ୍ସ ଶ୍ରୀମତୀ ଚମତ୍କାରମୋହିନୀ ଦେବ୍ୟା ତାଙ୍କଲବା ଉକ୍ତ ଔତ୍ତରାଧିକାର ଜମିଦାରୀ କାର୍ଯ୍ୟମାନ ଚଳାଇବା ନିମନ୍ତେ ଶ୍ରୀଯୁକ୍ତ ବାବୁ ମହେଶଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟଙ୍କୁ ମେନେଜର ପଦରେ ନିଯୁକ୍ତ କରିଥିଲେ ଉକ୍ତ ବନ୍ଦ୍ୟୋପାଧ୍ୟାୟଙ୍କ ତତ୍‌ଲମ୍ବାଗ ଅବଧିରୁ ଉକ୍ତ ମେନେଜର ନିର୍ମ୍ମଳୁ କରିଥାନ୍ତୁ ହେଉ ତାଙ୍କ ସ୍ଥାନରେ ଶ୍ରୀଯୁକ୍ତ ବାବୁ ଶଶୀଭୂଷଣ ବୋଷଙ୍କୁ ନିଯୁକ୍ତ କରିଅଛନ୍ତି ଓ ମଧ୍ୟ ଉକ୍ତ ବନ୍ଦ୍ୟୋପାଧ୍ୟାୟ ଏଡ଼ମିନିଷ୍ଟ୍ରେଟ୍ରିକ୍ସଙ୍କଠାରୁ ସନ ୧୮୮୪ ମସିହା ମାର୍ଚ୍ଚ ମାସ ତା ୧୩ ରଖେ ଯେଉଁ ଓକାଲତନାମା ଲେଖାଇ ନେଇଥିଲେ ସେହି ଓକାଲତନାମାଙ୍କୁ ଉକ୍ତ ଏଡ଼ମିନିଷ୍ଟ୍ରେଟ୍ରିକ୍ସ ରଦ୍ଦ କରିଅଛନ୍ତି ତା ୨୯ ରଖ ମାହେ ଜୁନ ସନ ୧୮୮୭ ମସିହା ।

Lucksmee Narayan Roy Chowdhry
Hury Ballabh Bose

Legally constituted attorneys of Chumutkar Mohoni Debi adminstratrix of the estate of Baboo Nogendra Nath Roy Choudhury Minor.

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଉଡ଼ିଆବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦନକୋଣା ଓ ବଲାଗ ଓ ଲେସମାର୍କିନର ଲୁଗା ଓ ଷ୍ଟେସନରୀ ଓ କନ୍‌ଫେକ୍ଟ ଇତ୍ୟାଦି ସରଞ୍ଜାମ ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉପରନ୍ତୁ ଅଭ୍ ବେଲେଦ ଫେକନ୍ ଭଳସାନ୍ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ଲଣ୍ଡନର ଶାଢ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । ଯେହି ଖରିଦ କରିବାକୁ ଚାହିଁବେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଶାଢ଼ିମାନ ବିକ୍ରୟ ହେବା ପୂର୍ବେ ଆପଣା ମଫସଲ ସକାଶେ ଦରକାର ହେବେ ଏବଂ ଗ୍ରାହକଙ୍କୁ ପ୍ରତି ଦଣ୍ଡ ଟ୦୮୦ ହିସାବରେ ବଡ଼ାଇଦେଲେ ପାଇ ପାରିବେ । ମାତ୍ର ତାହାର ସଙ୍ଗେ ଅଗ୍ରିମ ଟଙ୍କା ଭାବ ଉପରେ ଥିବ । ଯେଉଁ ସମୟରେ ଶାଢ଼ିର ଦର ମୂଲ୍ୟ ତାଙ୍କୁ ଦେବାକୁ ହେବ ।

## ତଫସିଲ ।

କଲଭ ରେଶମ ଓ ଛିଟରେ ସୁତ ଦେଲେ ସ୍ୱରେ ।

ଦଲେସଣୀର

କଟେଙ୍ଗ ଜେଲ ଚାଦର ଶେଇ ଗାଦା ଓ ଡୋମ ଶତରଞ୍ଜି

ଡାଭ ଟେଷର ଓ କସ ଗେଞ୍ଜି ଓ ସ୍ୱଡ

ଦଲଗ ବେହେଲ

ଲକର୍ଦ୍ଦ ଦୁଇଦସକୁସ ଏକପର ଟୁପି

ଜେଲକଳ ଇଦୋର ସସ କେଷବ୍ୟ ଅସଲ

ସିଙ୍ଗ ଅର୍ଥାତ୍ ଚକରା ହଟବା ବାରେ ପେନ୍-ସିଲ ଓ କଲମ ।

ପେନସିଲ କାଟିବା ଛୁରୀ ।

କାଗଜ ଡବାରିଜ ପେଟ-କାଗଜ ଓ ଲଫାଫା ।

ସ୍ଲେଟ ଡ୍ରାୟ ।

ଟେବଲ କ୍ଲଥ ।

ରବର୍ଟ ଷାକୁନ ।

ତାକାଡ ସାବାର ସହିତ ଲୁଗା ପଡ଼ିଆର କୃଷ ।

ଅଙ୍କୋଷ ଗ୍ରେଡ଼—ଅର୍ଥାତ୍ ଗ୍ରେଡ଼ର ପୁସ୍ତକ ।

ଅଧେଲ ଚୁଇ ।

ଓଡ଼ିଆର ସୁତ ଚଟା ।

ଦର୍ପଣ ଅଙ୍କ ।

କ୍ରୋଚେଟହୁକ ।

ପୋଲକାଲୁଗାଲ ଲେଖନ-ମେଜ ଓ ଡଲେ ଗୋଲେ ରହେ

ଟୁପିକ ଭାର ଅର୍ଥାତ୍ ଲେଉଟିବାବେଳେ ଖଳ ଓ ଛୁଟିଲେ କଳା ହେବ ।

ଅଲଙ୍କା ରଙ୍ଗ

୧୨ × ୧୦ ଇଞ୍ଚ

୧୪ × ୧୨ ଇଞ୍ଚ

ଫର୍ଦ୍ଦାଲୁଗାର ଏଁବଣ ଫାଣ୍ଡି ଷଡ଼ଡ ଟ୦୮୦

ମୋଜା ଓ ମୋଜାଦଉ ଛିଟର ଧୁଆ ଚାଦରଧା

ବସର ଷଷ୍ଠ କଳା ବଢି ଓ ପାଇକର ଗୋଡ଼ ଫିତା

ସାର୍ଟ କାଟ ଲୁଗାରେ ଅଛ ବେଳେ ଘୋଡ଼ ସବେ ଖଡ଼ଲ ରଙ୍ଗର କାନ୍ତ ।

ଏ, ଯୋଷକ ପରିଚ୍ଛେଦ ଭାଗୀଡ଼ ଓ ଦୃପୁରା ।

ଚଉଗ ଅଗ୍ରସ୍ଥା

ଏକର ଦାଗ ।

ସୃଷ୍ଟର ଗେଞ୍ଜ ।

ଅଷ୍ଟକୋଣ ପେନ୍ସିଲ୍ ଅର୍ଥାତ୍ ଏ ପେନ୍ସିଲରେ ଲେଖି ଅଙ୍ଗୁ ଲିରେ ଚାପିଲେ ସେହି ପେନ୍ସିଲ ରେଖା ଉଠେ ବେଶ ତେଣେ ପୁନର୍ବାର ଲେଖା ହୁଏ ।

ଲଡ଼ିଙ୍ଗ ପେପର ।

କପ୍ରିଂ ଦେଇଲେ କର କାଳ କାଠ ।

ଲକଳ ଟୋପ ଚାବି ଦଦାର ଦଶର ବାଙ୍କାବା ରଙ୍ଗ ।

ନମସ୍ତ ।

ଦେଷ୍ଟ୍ ଶେଳ୍ପିଙ୍କ ସମ ସଫେଦ

କଳାରଙ୍ଗ ଶାର୍ଟ ଓ ଗୋଡ଼ ଓ ଜତ୍ତା

ନବସୁତାକାର ଓ ପିଆଜ ପାଇସୋଲ ଓ ଶାର୍ଟ ।

ତ୍ରିଶିଂ ବାଡ଼

ଅଭିଳାଷୀର ଜଣ ପଜ୍ଞାପ

ଉକ୍ତଳଦୀପିକା ... ସହିତ ନୂତନ ଗ୍ରାହକ ... ସଂଖ୍ୟା ଏକ ଶତ ... ନିମ୍ନ ମୂଲ୍ୟ ଧାର୍ଯ୍ୟ ହେଲା —

ଅଗ୍ରିମ ଦେଲେ

ଅଭ ମୂଲ୍ୟ ଟ ୨୲

ଅର୍ଦ୍ଧ ବର୍ଷ ଟ ୧୲

ପୂର୍ଣ୍ଣ ବର୍ଷ ଟ ୩

ମାତ୍ର ଯେଉଁମାନେ ଅଗ୍ରିମ ଦେବେ ନାହିଁ ସେମାନଙ୍କୁ ବର୍ଷ ଟ ୪ ଦେବାକୁ ହେବ ।

... ଓ ... ପତ୍ର ବର୍ଷ ... ସହିତ ନିଆଯିବ ।

... ସ୍ୱତନ୍ତ୍ର ... ଡାକମାସୁଲ ... ହେବ ।

... ଗ୍ରାହକ ... ଉପଯୁକ୍ତ ... ହେବ ।

ଏ ସ୍ଥାନ ଉତ୍କଳଦୀପିକା ... କଟକ ... ପ୍ରିଣ୍ଟିଂକମ୍ପାନି ... ଓ ପ୍ରକାଶିତ ...

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଖ ୨୨ ଶ } ସ ୨୯ ଖ୍ୟା } ତା ୧୬ ଦିନ ମାହେ ଜୁଲାଇ ସନ ୧୮୮୭ ମସିହା । ମୁ । ଶ୍ରାବଣ ତା ୨ ଦ ସନ ୧୨୯୪ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲ ; ପଶ୍ଚାଦେୟ ଟ ୬୲

କଲିକତା ହାଇକୋର୍ଟର ପ୍ରଧାନଜଜ ସର ଗାର୍ଥ ସାହେବ ଦ ୨୮ ଦିନ ଛୁଟିଗ୍ରହଣ କରିବାରୁ ମାନ୍ୟବର ଜଜ ରମେଶଚନ୍ଦ୍ର ମିତ୍ର ତାହାଙ୍କ କର୍ମରେ ଏକଟିଂ ନିଯୁକ୍ତ ହୋଇଅଛନ୍ତି ।

---

ବୁଲଗେରିୟା'ର ଶାସନସଭା ସେକ୍ସକୋବର୍ଗ ଗୋଥାର ରାଜକୁମାର ଫରଡିନାଣ୍ଡଙ୍କୁ ବୁଲଗେରିୟାର ରାଜା କରିବେ ବୋଲି ସ୍ଥିର କରିଅଛନ୍ତି । ରାଜକୁମାରଙ୍କ ଉତ୍ତର ଅଦ୍ୟାପି ଆସି ନାହିଁ ।

—•0•—

ଓଡ଼ିଶା କୋଷ୍ଟକେନାଲର ଆଉ ଏକଭାଗ ଅର୍ଥାତ ପାଞ୍ଚପଡ଼ାନଦୀସ୍ଥିତ ସ୍ଥଳପଠାଠାରୁ ବୁଢ଼ାବଳଙ୍ଗନଦୀସ୍ଥିତ ନଲକୂଳପର୍ଯ୍ୟନ୍ତ ମା ୨୩ ମାଇଲ କାଟି ତ ଯାହାର ନାମ ନ ୪ ମ୍ବର ଅଟଇ ଆଗାମି ଅଗସ୍ତମାସ ତା ୧୦ ରିଖ ଠାରୁ ଫିଟିବ ବୋଲି ଗବର୍ଣ୍ଣମେଣ୍ଟ ବିଜ୍ଞାପନ ଦେଇଅଛନ୍ତି । ଏତଦ୍ବାରେ ସମୁଦାୟ କୋଷ୍ଟକେନାଲ ଫିଟିଲା ନାହିଁ । ଆହୁରି ଖଣ୍ଡିଏ ମଝିରେ ରହିଯିବ ଏବଂ ତାହା କେବେ ଫିଟିବ ବୋଲିଯାଇ ନ ପାରେ । ଯାହା ହେଉ ଏହି ନାଲକୁ ଶୀଘ୍ର ଫିଟାଇବାପ୍ରତି ଗବର୍ଣ୍ଣମେଣ୍ଟ ମନୋଯୋଗୀ ହୋଇଅଛନ୍ତି ।

---

ଷ୍ଟେଟସମ୍ୟାନର ଜଣେ ପତ୍ରପ୍ରେରକ ପୁରୀର ସିଭିଲ ସର୍ଜନଙ୍କର ବଡ଼ ପ୍ରଶଂସା କରିଅଛନ୍ତି । ଯାତ୍ରିମାନଙ୍କ ଚିକିତ୍ସା ନିମିତ୍ତ ସେ ଜଗନ୍ନାଥସଡ଼କର ପ୍ରତି ମା ୧୦ ମାଇଲରେ ଗୋଟାଏ ଲେଖାଏଁ ଚିକିତ୍ସାଳୟ ବସାଇଅଛନ୍ତି ଏବଂ ସେ ଓ ତାହାଙ୍କ ଅଧୀନରେ ନିଯୁକ୍ତ ହୋଇଥିବା ଇନସ୍ପେକ୍ଟର ମହାପ୍ରସାଦପ୍ରତି ବିଶେଷ ଦୃଷ୍ଟି ରଖିଅଛନ୍ତି ଓ ମନ୍ଦମହାପ୍ରସାଦ ବିକ୍ରୟ କରିବା ଅପରାଧରେ ଅନେକ ପଣ୍ଡା ଫଉଜଦାରୀ ସୁପୁର୍ଦ୍ଦ ହୋଇଅଛନ୍ତି । ଓଲାଉଠାରୋଗ ଚାରିଆଡ଼େ ମାଡ଼ିଥିଲେହେଁ ନଗରର ପ୍ରାୟ କେହି ମରି ପଡ଼ିନାହାନ୍ତି । ଏ ସମ୍ବାଦମାନ ସୁଖକର ଅଟଇ ।

---

ଏ ନଗରରେ ଓଲାଉଠାରୋଗ ପୂର୍ବପ୍ରାୟ ଲାଗି ରହିଅଛି । କୌଣସି ଏକ ବଜାରରେ ଅଧିକ ପ୍ରତାପ ନ ଦେଖାଇ ଆଜି ଏଠାରେ କାଲି ସେଠାରେ ଘଟୁଥିବାରୁ ଲୋକଙ୍କୁ ବିଶେଷ ଭୟାତୁର କରି ନାହିଁ ଏତିକି ରକ୍ଷା ଅଛି ।

ଗତମାସ ତା ୨୨ ରିଖଠାରୁ ଚଳିତ ମାସ ତା ୧୩ ରିଖ ପର୍ଯ୍ୟନ୍ତ ଯେତେ ରୋଗୀ ଡାକ୍ତରଖାନାକୁ ଔଷଧ ନିମିତ୍ତ ଆସିଥିଲେ ତହିଁର ବିବରଣ ନିମ୍ନେ ପ୍ରକାଶିତ ହେଲା । ଯଥା—

| | ପୁରୁଷ | ସ୍ତ୍ରୀ | ମୋଟ |
|---|---|---|---|
| ଚିକିତ୍ସା ଲୋଡ଼ିବାର | ୩୭ | ୨୪ | ୬୧ |
| ଆରୋଗ୍ୟ | ୨୧ | ୧୨ | ୩୩ |
| ମୃତ୍ୟୁ | ୫ | ୮ | ୧୩ |
| ଅଦ୍ୟାପି ଚିକିତ୍ସାରେ ଥିବାର । | ୭ | ୪ | ୧୧ |

---

ଇଣ୍ଡିଆ ଗବର୍ଣ୍ଣମେଣ୍ଟ ସରକାରୀକାର୍ଯ୍ୟ ସକାଶେ ଦୁଇକୋଟି ଟଙ୍କା ଋଣ କରିବାର ସଙ୍କଳ୍ପ କରି ଇଣ୍ଡିଆଗେଜେଟରେ ତହିଁର ବିଜ୍ଞାପନ ଦେଇଅଛନ୍ତି ଶତକଡ଼ା ଚାରିଟଙ୍କା ସୁଧରେ ଏହିଋଣ ନିଆଯିବ । ଯେଉଁମାନେ ଏହି ଋଣରେ ଟଙ୍କା ଲଗାଇବାର ଇଚ୍ଛା କରିବେ ସେମାନେ ଚଳିତ ମାସ ତା ୨୫ ରିଖଠାରୁ ଆଗାମିମାସ ତା ୨ ରିଖ ମଧ୍ୟରେ ଆବେଦନ କରି ପାରିବେ ତହିଁଉତ୍ତାରୁ ତାହାର ଆବେଦନ ଗ୍ରାହ୍ୟ ହେବ ନାହିଁ । ଆବେଦନପତ୍ର ସବୁ କମ୍ପ୍ଟ୍ରୋଲର ଜେନେରଲଙ୍କ ନିକଟକୁ ପଠାଇବାକୁ ହେବ । ଯେ ଯେତେ ଟଙ୍କା ଋଣ ଦେବାକୁ ଇଚ୍ଛା କରିବେ ତାହା ପାଞ୍ଚଶତଟଙ୍କା କମ୍ବା ତହିଁର କୌଣସି ଗୁଣ ହେବା ଆବଶ୍ୟକ ।

---

ଏଠା ମାଜିଷ୍ଟ୍ରେଟ ଆଜ୍ଞା ଦେଇ ଅଛନ୍ତି କି ବଡ଼ିସକାଳ ଘ ୭ ଟା ପର୍ଯ୍ୟନ୍ତ ଏବଂ ବୈକାଳ ଘ ୫ ଟାଠାରୁ ସନ୍ଧ୍ୟାପର୍ଯ୍ୟନ୍ତ ସମୟ ଛଡ଼ା ଅନ୍ୟ ସମୟରେ ଦାଣ୍ଡରେ ଗୋରୁ ବୁଲିବାର ଦେଖାଗଲେ ପୁଲିସ ସେ ସବୁ ଧରି କାଞ୍ଜିହାଉସରେ ଦେବେ ଓ ଯାହାର ଗୋରୁ ତାହା ନାମରେ ଫୌଜଦାରୀରେ ନାଲିଶ ହେବ । ଏହି ନିୟମ ମତେ ଏଥି ମଧ୍ୟରେ କେତେ ଜଣ ଦଣ୍ଡନୀୟ ହୋଇଅଛନ୍ତି ଏବଂ କାଞ୍ଜିହାଉସର ଫିସ ଛଡ଼ା ଫଉଜଦାରୀରେ ଜରିମାନା ଦେବା ଭୟରେ କେହି ଗୋରୁ ଛାଡ଼ିବାକୁ

Digitized by srujanika@gmail.com

ଅସ୍ତ୍ରସର ହେଉ ନାହାନ୍ତି । ମାଜିଷ୍ଟ୍ରେଟ ସାହେବ କେଉଁ ଅଇନ ମତେ ଏପରି ଆଦେଶ ଦେଇ ଅଛନ୍ତି କହି ନ ପାରୁଁ ମାତ୍ର ଏହା ଅତି ଅନ୍ୟାୟ ଓ ଲୋକେ ଏଥିରେ ଭୟାନକ ଅସନ୍ତୋଷ ହୋଇଅଛନ୍ତି । ସକାଳେ ଆଠଘଣ୍ଟାଠାରୁ ଦଶ ଘଣ୍ଟା ପର୍ଯ୍ୟନ୍ତ ସମସ୍ତ ଖାର୍ଯ୍ୟ ହୋଇ ଥିଲେ ଏପରି ବୁଝନ୍ତା ନାହିଁ । କାରଣ ଗାଈ ଦୁହିଁ ନ ଗଲେ ପଡିଆକୁ ଯାଇ ନ ପାରେ ଓ ବଡ଼-ସକାଳୁ ଦୁଧ ଦେବା ଏଠା ଗାଈଙ୍କର ଅଭ୍ୟାସ ନୁହଇ ବା ଗୌଡ଼ମାନେ ସ୍ଥିର ହୋଇ ଆସି ପାରିବେ ନାହିଁ । ହାକମମାନେ ଯାହା ସ୍ଥାନର ଅବସ୍ଥା ନ ବୁଝି ଯଥେଚ୍ଛା ହୁକୁମ ଦଅନ୍ତି ବଡ଼ ଦୁଃଖର ବିଷୟ ଅଟଇ ।

---

ଗତ ରବିବାର ପ୍ରାତଃକାଳରେ ଏଠା ସାଧାରଣ ବ୍ରାହ୍ମସମାଜଦ୍ୱାରା ଏ ନଗରସ୍ଥ ବ୍ରାହ୍ମ ମନ୍ଦିରରେ ମେଡିକେଲସ୍କୁଲର ଦୁଇଜଣ ଛାତ୍ର ବ୍ରାହ୍ମ ଧର୍ମରେ ଦୀକ୍ଷିତ ହୋଇଅଛନ୍ତି ଏମାନଙ୍କ-ମଧ୍ୟରେ ଜଣେ ଉତ୍କଳ ବ୍ରାହ୍ମଣ ନାମ ଲୋକ-ନାଥ କର ଏବଂ ଅନ୍ୟଜଣ ଏ ଦେଶୀୟ କ୍ଷତ୍ରିୟ ନାମ ରଘୁନାଥ ସିଂହ । ପୂର୍ବରୁ ନବ-ସମ୍ବାଦରେ ବିଜ୍ଞାପନ ଦିଆଯାଇଥିଲେହେଁ ଉକ୍ତ ସମାଜୀୟ ଲୋକ ଓ କେତେଜଣ ସ୍କୁଲ ବାଳକଙ୍କ ଛଡ଼ା ନଗରବାସୀ ଅନ୍ୟ କେହି ଏ ଘଟନା ଦେଖିବାକୁ ଆସି ନ ଥିଲେ । ଦୀକ୍ଷାର୍ଥୀମାନେ ଅଳ୍ପବୟସ୍କ ବାଳକ ବା ଯୁବା ଥିବା ପ୍ରତ୍ୟକ୍ଷ ସ୍ୱଧର୍ମର କ ଦୋଷ ଏବଂ ବ୍ରାହ୍ମଧର୍ମର କ ଗୁଣ ବୁଝି ପ୍ରବୃତ୍ତ ହେଲେ ଅମ୍ଭେମାନେ ବୁଝିବାକୁ ଅକ୍ଷମ ମଧ୍ୟ ଆଚାର୍ଯ୍ୟ ବାବୁ ମଧୁସୂଦନ ରାଓ ବେଦୀରେ ବସି ସେମାନଙ୍କ ଧର୍ମ ଜ୍ଞାନ ଦେଖିବାନିମିତ୍ତ ଯେଉଁ ପ୍ରଶ୍ନମାନ କଲେ ତହିଁର ଉତ୍ତରରୁ ସ୍ପଷ୍ଟ କିଛି ବୁଝାଇ ହେଲା ନାହିଁ । ଯାହା ହେଉ ଦୀକ୍ଷାର୍ଥୀମାନେ ନୂତନ ବସ୍ତ୍ର ଓ ଫୁଲମାଳ ପିନ୍ଧି ପ୍ରଶ୍ନର ଉତ୍ତର-ଦେଇ ପ୍ରତିଜ୍ଞାପତ୍ରରେ ସ୍ୱାକ୍ଷରପୂର୍ବକ ବ୍ରାହ୍ମ-ମଣ୍ଡଳୀରେ ପ୍ରବେଶ କଲେ । ଏ ଜିଲ୍ଲାରେ ଉତ୍କଳ ବ୍ରାହ୍ମଣ ପ୍ରକାଶ୍ୟ ଭାବରେ ବ୍ରାହ୍ମଧର୍ମ ଗ୍ରହଣ କରିବାର ପ୍ରଥମ ଉଦାହରଣ ଏହାକୁ କୋଇବାକୁ ହେବ ଏବଂ ଏଥିପାଇଁ କେତେକ ସ୍ଥାନରେ ଏଥିର ଚର୍ଚ୍ଚା ଲାଗିଥିବାର ଶୁଣା-ଯାଏ । ବର୍ତ୍ତମାନର ସ୍ୱାଧୀନତାସମୟରେ ଯାହା ମନକୁ ଯାହା ରୁଚେ ସେ ତାହା କରିବ ଏଥିରେ କେହି କିଛି କହି ନ ପାରେ । କିନ୍ତୁ ଅମ୍ଭମାନଙ୍କର ଭୟ ହେଉଅଛି ଯେ ସ୍କୁଲପିଲା-ମାନେ ସ୍ୱଧର୍ମ ତ୍ୟାଗ କଲେ ସାଧାରଣଶିକ୍ଷାପ୍ରତି ବୀତସ୍ପୃହ ହେବେ । ସ୍କୁଲରେ ପଢିଲେ ଖ୍ରୀଷ୍ଟି-ୟାନ ହେବେ ଏହି ଭୟ ଅଦ୍ୟାପି ସମ୍ପୂର୍ଣ୍ଣରୂପେ ଘୁଞ୍ଚି ଯାଇ ନ ଥିବାରୁ କେହି କେହି ଉଚ୍ଚବଂଶୀୟ ଲୋକ ଆପଣା ପିଲାମାନଙ୍କୁ ସ୍କୁଲକୁ ପଠାଉ ନାହାନ୍ତି ତହିଁ ଉପରେ ବ୍ରାହ୍ମଧର୍ମର ଭୟ ଆସି ଉପସ୍ଥିତ ହେଲା । ଆଚାର୍ଯ୍ୟବାବୁ ମଧୁସୂଦନ ରାଓଙ୍କର ଏ ବିଷୟ ଭାବିବାର ଉଚିତ । କାରଣ ସେ ଶିକ୍ଷାବିଭାଗର ଜଣେ ଉଚ୍ଚ କର୍ମଚାରୀ ହୋଇଥିବାରୁ ଏଥିରେ ତାହାଙ୍କର ଦାୟିତ୍ୱ ଅଛି ଓ କେହି କେହି ତାହା ପ୍ରକାଶ କରିବାକୁ ଛାଡ଼ୁ ନାହାନ୍ତି ।

---

କଟକଜିଲ୍ଲା କେନ୍ଦ୍ରାପଡ଼ା ସବଡିଭିଜନରେ କେଉଁଠାଏ ପାଟ ଅଛି । ପ୍ରତିବର୍ଷ ଏହି ଦିନ ପାଇଁ କରି ଗ୍ରାମବାସିମାନେ ଏକତ୍ରିତ ହୋଇ ଉକ୍ତ ପାଟରେ ମାଛ ଧରନ୍ତି । ଗତବର୍ଷ ଏକବ୍ୟକ୍ତି ଉକ୍ତ ପାଟର ମଧ୍ୟ ଦିଆ ପଟ୍ଟା ନେଇ ଗ୍ରାମବାସିଙ୍କ ନାମରେ ମାଛ ଧରି ନେବାର ନାଲିଶ କରିବାରୁ ସେଠା ଅସିଷ୍ଟାଣ୍ଟମାଜିଷ୍ଟ୍ରେଟ ଲୁଇସ ସାହେବ ୪୦।୫୦ ଜଣଙ୍କୁ ଅପରାଧୀ ସାବ୍ୟସ୍ତ କରି ବେତାଘାତ ଦଣ୍ଡ ଦେଇଥିଲେ । ହାଇକୋର୍ଟରେ ଅପିଲ ହେବାରୁ ମାଜିଷ୍ଟ୍ରେଟଙ୍କ ରାଏ ରଦ ହେଲା । ଏବର୍ଷ ପୁଣି ଗ୍ରାମବାସିମାନେ ପୂର୍ବପ୍ରଥା ଅନୁସାରେ ମାଛ ଧରିବାରୁ ମାଜିଷ୍ଟ୍ରେଟ ପୁଣି ୪୦।୫୦ ଜଣଙ୍କୁ ବେତ୍ରାଘାତ ଦଣ୍ଡ ଦେଲେ ଏବଂ ହାଇକୋର୍ଟରେ ଅପିଲ ହେବାରୁ ରାଏ ରଦ ହେଲା । ହାଇକୋର୍ଟର ବିଚାରପତିମାନେ ସ୍ଥିର କଲେ ଯେ ଉକ୍ତ ପାଟ କୌଣସି ସ୍ୱତନ୍ତ୍ର ଜଳାଶୟ ଥିବା ଏବଂ ତହିଁରେ ଆପଣାସ୍ଥାନେ ମାଛ ହୋଇଥିବାରୁ ତାହା ଧରିନେବାରେ ଚୋରି କିମ୍ବା ଅନଧିକାର ପ୍ରବେଶର ଅପରାଧ ହୋଇ ନ ପାରେ । ଅସିଷ୍ଟାଣ୍ଟମାଜିଷ୍ଟ୍ରେଟ ଲୁଇସ ସାହେବ ଆଇନ ନ ବୁଝି ନିର୍ଦୋଷିଲୋକଙ୍କୁ ଏତାଦୃଶ କଷ୍ଟକର ଓ ଅପମାନଜନକ ଦଣ୍ଡ ଯାହା ଫେରିବାର ନୁହଇ ଦେଇଥିବାରୁ ଜଜମାନେ ତାହାଙ୍କର ଯଥୋଚିତ ନିନ୍ଦା କରି ତାହାଙ୍କୁ ଏବଂ ତାହାଙ୍କପରି ଅନଭିଜ୍ଞ ହାକମଙ୍କୁ ଭବିଷ୍ୟତରେ ସାବଧାନ ହେବା କାରଣ କଠିନରୂପେ ସତର୍କ କରି ଦେଇଅଛନ୍ତି । ଲୁଇସ ସାହେବ ଏକଥାରେ ହାଇକୋର୍ଟର ବିଚାରକୁ ନ ମାନି ସେପରି କଷ୍ଟକର କାର୍ଯ୍ୟ କରୁଅଛନ୍ତି ତହିଁରୁ ସ୍ପଷ୍ଟ ଜଣା ଯାଉଅଛି ଯେମନ୍ତ ସେ ଉନ୍ନ ଜନ୍ମ ହାହାଇକ ଗଣିବାର ଲୋକ ନୁହନ୍ତି । ଏପରି ବ୍ୟକ୍ତି ଅଦ୍ୟାପି ମାଜିଷ୍ଟ୍ରେଟର ଯୋଗ୍ୟ ନୁହନ୍ତି କୋଇବା ଅଧିକ । ଗବର୍ଣ୍ଣମେଣ୍ଟ ଏହାଙ୍କୁ ଉଚିତ-ଦଣ୍ଡ ନ ଦେଇ ଏପର୍ଯ୍ୟନ୍ତ କାର୍ଯ୍ୟରେ ରଖି-ଅଛନ୍ତି ଆଶ୍ଚର୍ଯ୍ୟର ବିଷୟ ଅଟଇ । ସରି ଷ୍ଟୁଅର୍ଟ ବେଲି ଏ ବିଷୟରେ କ ବିଚାର କରିବେ ତାହା ଦେଖିବାକୁ ଅମ୍ଭେମାନେ ଉତ୍ସୁକ ଅଛୁଁ ଏବଂ ଷ୍ଟେଟ୍ସମାନ ଯଥାର୍ଥ କହୁଅଛନ୍ତି ଯେ ଭାରତୀୟ ଗେଟଲଟ ଏପରି ଅତ୍ୟାଚାରୀ ଏବଂ ଅବାଧ୍ୟହାକମଙ୍କ ଉପରେ ବିଷୟରେ ଯେବେ ଶାସ୍ତି ଜରିମାନା କରିବେ ନାହିଁ ତେବେ ତାହାଙ୍କ ଶାସନପ୍ରତି ଦେଶୀୟଲୋକଙ୍କର ଭକ୍ତି ହେବ ନାହିଁ ଏବଂ ଇଂରାଜ ଶାସନପ୍ରଣାଳୀର କଳଙ୍କ ସର୍ବତ୍ର ରଟିତ ହେବ । ସେ ଅତ୍ୟନ୍ତ ଦେଶୀୟଲୋକଙ୍କୁ ପରାମର୍ଶ ଦେଉଅଛନ୍ତି ଯେ ସେମାନେ ନିଶ୍ଚିନ୍ତ ନ ରହି ଏଥିର ପ୍ରତୀକାର ନିମିତ୍ତ ଶୀଘ୍ର ଭାରତୀୟ ଗବର୍ଣ୍ଣମେଣ୍ଟରେ ଓ ଆବଶ୍ୟକ ହେଲେ ପାର୍ଲିମେଣ୍ଟରେ ଆବେଦନ କରନ୍ତୁ । ବାସ୍ତବରେ ଅମ୍ଭେମାନେ ଯେବେ ଆପଣା ରକ୍ଷା ବିଷୟରେ ସ୍ୱୟଂ ଚେଷ୍ଟା ନ କରିବା ତେବେ କେବଳ ସମ୍ବାଦପତ୍ରର ଲେଖାଦ୍ୱାରା ଅମ୍ଭମାନଙ୍କର ସଫଳ କଷ୍ଟ ନିବାରଣ ହେବ ନାହିଁ । ଅତ ।ନ୍ୟା ହାକମର ଦମନ ବିଷୟରେ ଏ ଦେଶୀୟ ସଭା ସମିତି ଓ ଅପରଲୋକଙ୍କୁ ଅବିଶ୍ରାନ୍ତ ଭାବରେ ଚେଷ୍ଟା କରିବା ଉଚିତ ।

---

ଦାରଜିଲିଂ ଶୀତଳ ଶ୍ରମ ।

ପାଠକମାନଙ୍କର ଅବଶ୍ୟ ସ୍ମରଣ ଥିବ ଯେ ମହାରାଣୀଙ୍କ ଜୁବିଲି ଜୟନ୍ତୀ ଚିରସ୍ମରଣୀୟ କରିବାର ନିମନ୍ତେ ଦାନମଧ୍ୟରେ ଦାର୍ଜିଲିଂ-ପର୍ବତରେ ଦେଶୀୟଲୋକଙ୍କ ସ୍ୱାସ୍ଥ୍ୟ ବିଧାନ-ନିମିତ୍ତ ଗୋଟିଏ ଆଶ୍ରମ ନିର୍ମାଣ କରିବାର କଥା ହୋଇଅଛି । ଦାର୍ଜିଲିଂ ବଙ୍ଗଦେଶମଧ୍ୟରେ ଅତି ସ୍ୱାସ୍ଥ୍ୟକରସ୍ଥାନ ଅନେକଲୋକ ନାନା ପୀଡ଼ାଗ୍ରସ୍ତ ହୋଇ ଚିକିତ୍ସାଦ୍ୱାରା କୌଣସି ଉପ-କାର ନ ପାଇଲେ ଅଥବା ଶୀଘ୍ର ବଳ ନ ହେଲେ ଉକ୍ତ ସ୍ଥାନରେ କେତେଦିନ ରହିଲେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ଲାଭ କରନ୍ତି । ଇଂରେଜମାନଙ୍କ ସକାଶେ ସେଠାରେ ଗୋଟିଏ ଆଶ୍ରମ ପ୍ରସ୍ତୁତ ହୋଇଅଛି ଓ ତଦ୍ୱାରା ସେମାନଙ୍କର ବହୁତ ଉପକାର ହେଉଅଛି । ମାତ୍ର ଦେଶୀୟଲୋକଙ୍କ ନିମିତ୍ତ ସେପରି କିଛି ବନ୍ଦୋ-

Digitized by srujanika@gmail.com

ବସ୍ତୁ ନାହିଁ ଏବଂ ସେ ସ୍ଥାନରେ ବସାଘର ଅତ୍ୟନ୍ତ ଦୁଷ୍ପ୍ରାପ୍ୟ ଓ ଦୁର୍ମୂଲ୍ୟ ହୋଇଥିବାରୁ ଭଦ୍ରଲୋକ ବିନା ଅନ୍ୟ କାହାର ରହିବାର ଉପାୟ ନାହିଁ । ଏହି ହେତୁରୁ ଅନେକ ରୋଗୀ ଇଚ୍ଛା କଲେ ସୁଦ୍ଧା ସେଠାକୁ ଯାଇ ପାରୁ ନାହାନ୍ତି ସୁତରାଂ କରୁଣାସ୍ପଦ ହୋଇ ପ୍ରାଣ ହରାଉ ଅଛନ୍ତି ଅଥବା କଷ୍ଟ ଭୋଗ କରୁଅଛନ୍ତି । ଏପରି ଅବସ୍ଥାରେ ଦାରଜିଲିଂରେ ଗୋଟିଏ ଦେଶୀୟ ସ୍ୱାସ୍ଥ୍ୟାଶ୍ରମ ହେଲେ ବଡ ଉପକାର ହେବ ସନ୍ଦେହ ନାହିଁ । କେତେକ ଜଣ ସଦାଶୟ ବ୍ୟକ୍ତି ଏହି ଅଭାବ ମୋଚନ ବିଷୟରେ ଅଗ୍ରସର ହୋଇ ଗୋଟିଏ କମିଟୀ ସ୍ଥାପନ କରିଅଛନ୍ତି ଏବଂ ରାଜସାହୀର କମିଶ୍ନର ସାହେବ ଉକ୍ତ କମିଟୀର ସଭାପତି ହୋଇ ସର୍ବସାଧାରଣଙ୍କ ଠାରୁ ସାହାଯ୍ୟ ପ୍ରାର୍ଥନା କରିଅଛନ୍ତି । ଦାରଜିଲିଂରେ ଆଶ୍ରମ ହେଲେ ଦେଶୀୟଲୋକଙ୍କର ଅନେକ ଉପକାର ହେବ ସନ୍ଦେହ ନାହିଁ କାରଣ ବଙ୍ଗଳାର ବିଖ୍ୟାତ ଡାକ୍ତରମାନେ ଯଥା ମାନ୍ୟବର ମହେନ୍ଦ୍ରଲାଲ ସରକାର ସିଏ ଲଖାଇଲାଲ ଦେବ ବାହାଦୁର ବାବୁ ସୂର୍ଯ୍ୟକୁମାର ଅଧିକାରୀ ପ୍ରଭୃତି ଏଥି ସପକ୍ଷରେ ମତ ଦେଇଅଛନ୍ତି । ଇଂରେଜଙ୍କ ନିମିତ୍ତ ଯେଉଁ ଆଶ୍ରମ ପ୍ରସ୍ତୁତ ହୋଇଅଛି ତହିଁରେ ଦୁଇଲକ୍ଷ ଟଙ୍କା ବ୍ୟୟ ହୋଇଅଛି । ମାତ୍ର ଦେଶୀୟଲୋକଙ୍କ ସଂଖ୍ୟା ଇଂରେଜଙ୍କଠାରୁ ବହୁତ ଅଧିକ ପୁଣି ଦେଶୀୟଙ୍କର ଯେଉଁ ଆଶ୍ରମ ହେବ ତହିଁରେ ହିନ୍ଦୁ ମୁସଲମାନ ଓ ଖ୍ରୀଷ୍ଟିୟାନଙ୍କ ସକାଶେ ପୃଥକ ଘରମାନ ନିର୍ମାଣ କରିବାକୁ ହେବ । ଅତଏବ ଏ ପ୍ରସ୍ତାବଟି ଅତ୍ୟନ୍ତ ବ୍ୟୟଶୀଳ ଏବଂ ସମସ୍ତଲୋକ ଏକତ୍ରିତ ହୋଇ ଚେଷ୍ଟା ନ କଲେ ସଫଳ ହୋଇ ନ ପାରେ । ଏହି ପରୋପକାର ବ୍ରତରେ ଯୋଗଦାନ କରିବାକୁ ଓଡିଶାର ରାଜା ଜମିଦାର ଓ ଅପର ଧନାଢ୍ୟ ବ୍ୟକ୍ତିଙ୍କୁ ଆମ୍ଭେମାନେ ସବିନୟରେ ଅନୁରୋଧ କରୁଅଛୁଁ । କଲିକତାରୁ ଦାରଜିଲିଂକୁ ରେଲବାଟ ଅଛି ଏବଂ ଗୃହବାଳ ବାଟେ କଲିକତା ଦୂର ନୁହଇ । ସୁତରାଂ ଏ ଦେଶୀୟ ପୀଡିତ ଲୋକମାନେ ଦାରଜିଲିଂକୁ ଅନାୟାସରେ ଯାଇ ଉକ୍ତ ଆଶ୍ରମର ସାହାଯ୍ୟ ନେଇ ପାରିବେ । ଆମ୍ଭମାନଙ୍କ ମଧ୍ୟରୁ କେହି' କହିପାରନ୍ତି ଯେ ଓଡିଶାରେ ଅନେକ ବିଷୟର ଅଭାବ ଥିବା ସ୍ଥଳେ ଦାରଜିଲିଂ ଆଶ୍ରମ ନିମିତ୍ତ ଚାନ୍ଦା ଦେବାର ବିଶେଷ ଆବଶ୍ୟକତା ଦେଖାଯାଉନାହିଁ । ମାତ୍ର ଶରୀରରକ୍ଷା ସର୍ବାପେକ୍ଷା ଗୁରୁତର କାର୍ଯ୍ୟ ଏବଂ ଡାକ୍ତରଙ୍କ ମତରେ ଦାରଜିଲିଂ ଛଡ଼ା ଅନ୍ୟସ୍ଥାନରେ ବାଞ୍ଛିତ ଉପକାର ପାଇବାର ସମ୍ଭାବନା ନ ଥିବାରୁ ତହିଁ ନିମିତ୍ତ ଚାନ୍ଦା ଦେବାର ପ୍ରୟୋଜନ ହେଉଅଛି । ଏ ପ୍ରଦେଶୀୟ ଲୋକମାନେ ସ୍ଥାନୀୟ ହିତକର କାର୍ଯ୍ୟରେ ଅଧିକ ବ୍ୟୟ କଲେ ଏ କାର୍ଯ୍ୟରେ ଅଳ୍ପବ୍ୟୟ କରିପାରନ୍ତି ଏବଂ ସଙ୍ଗତିପନ୍ନ ବ୍ୟକ୍ତିମାନେ କିଛି' ସାହାଯ୍ୟ କଲେ ଅବଶ୍ୟ ଏ ଗୁରୁତର କାର୍ଯ୍ୟଟି ସାଧିତ ହୋଇ ସମସ୍ତଙ୍କର ଉପକାର ହେବ ।

---

## ବିବାହସତ୍ୱରେ ଦଖଲପାଇବାର ମୋକଦ୍ଦମା ।

ବମ୍ବେଇବାସିନୀ ରୁକ୍ମିଣୀବାୟୀଙ୍କ ମୋକଦ୍ଦମାରେ ଭାରତବର୍ଷରୁ ବିଲାତ ପର୍ଯ୍ୟନ୍ତ ଯେଉଁ ଘୋର ଆନ୍ଦୋଳନ ଲାଗିଅଛି ତାହା କର୍ତ୍ତୃପକ୍ଷଙ୍କ ମନୋଯୋଗ ଆକର୍ଷଣ କରିବାରେ ବହୁତ ବିଳମ୍ବ ହେଲା ନାହିଁ । ବମ୍ବେଇର ଗବର୍ଣ୍ଣର ଏଥିମଧ୍ୟରେ ବୈବାହିକ ସ୍ୱତ୍ୱରେ ଦଖଲପାଇବା ଡିକ୍ରୀଜାରି ସମ୍ପର୍କୀୟ ଦେୱାନୀ କାର୍ଯ୍ୟବିଧିର ଧା ୨୫୯ ଓ ୨୬୦ ସ ମାନ ସଂଶୋଧନ ନିମିତ୍ତ ଇଣ୍ଡିଆଗବର୍ଣ୍ଣମେଣ୍ଟଙ୍କୁ ପତ୍ର ଲେଖି ଏ ବିଷୟରେ ବିଲାତରେ ପ୍ରଚଳିତଥିବା ବିଧିମାନ ଏ ଦେଶରେ ଜାରି କରିବା କାରଣ ଅନୁରୋଧ କରିଅଛନ୍ତି ଏବଂ ଇଣ୍ଡିଆଗବର୍ଣ୍ଣମେଣ୍ଟ ଏ ବିଷୟରେ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଏବଂ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କର ମତ ଜାଣିବା କାରଣ ଏକ ସରକ୍ୟୁଲର ବାହାର କରିଅଛନ୍ତି । ବମ୍ବେଇ ଗବର୍ଣ୍ଣମେଣ୍ଟ ଲେଖିଅଛନ୍ତି କି ଯେ ସ୍ଥଳେ ସ୍ତ୍ରୀ ସ୍ୱାମୀ ସହିତ ସହବାସ କରିବାକୁ ଅନିଚ୍ଛୁକ ହେଲେ ତହିଁ ପାଇଁ କାରାବାସ ଦଣ୍ଡ ଭୋଗ କରିବାର ନିୟମ ବିଲାତରୁ ଉଠି ଯାଇଅଛି ସେ ସ୍ଥଳେ ଉକ୍ତ ନିଷ୍ଠୁର ନିୟମକୁ ଏ ଦେଶରେ ଜାରି ରଖିବା ଉଚିତ ନୁହଇ । ବିଲାତର ଆଇନ ଏ ଦେଶୀୟଲୋକଙ୍କୁ ଜଣା ନ ଥିବାରୁ ତହିଁର ସଂକ୍ଷେପ ମର୍ମ ଯେପରି ଗବର୍ଣ୍ଣମେଣ୍ଟଙ୍କ ସରକ୍ୟୁଲରରେ ପ୍ରକାଶିତ ହୋଇଅଛି ନିମ୍ନରେ ପ୍ରକାଶ କରୁଅଛୁଁ ଯଥା ।—

୧ । ବିବାହ ସତ୍ୱରେ ଦଖଲପାଇବାର ଡିକ୍ରୀ ଗିରପ୍ତାରୀ ଓ୍ୱାରଣ୍ଟ ଅର୍ଥାତ୍ କାରାବାସଦଣ୍ଡଦ୍ୱାରା ଜାରି ହେବ ନାହିଁ ।

୨ । ସ୍ତ୍ରୀ ପକ୍ଷରୁ ଦରଖାସ୍ତ ହେଲେ ଯେବେ ଡିକ୍ରୀର ଆଜ୍ଞା ପ୍ରତିପାଳିତ ନ ହେବ ତେବେ ଅଦାଲତ ସ୍ୱାମିପ୍ରତି ଖୋରାକୀ ଦେବାର ଆଜ୍ଞା ଦେଇ ପାରିବେ ।

୩ । ସ୍ୱାମିପକ୍ଷରୁ ଦରଖାସ୍ତ ହେଲେ ଅଦାଲତ ଆଜ୍ଞା ଦେଇ ପାରିବେ ଯେ ସ୍ତ୍ରୀର ସମ୍ପତ୍ତି ଦରଖାସ୍ତକାରୀ ଏବଂ ବିବାହଦ୍ୱାରା ଜାତ ହୋଇଥିବା ସନ୍ତାନମାନଙ୍କୁ ଦିଆଯିବ ।

୪ । ଅଦାଲତ ଆପଣା ଇଚ୍ଛାମତେ ସମ୍ପତ୍ତି ଦେବା ବିଷୟରେ ଆପଣା ଆଜ୍ଞା ପରିବର୍ତ୍ତନ କରିପାରିବେ ।

୫ । ଡିକ୍ରୀର ଆଜ୍ଞା ପ୍ରତିପାଳିତ ନ ହେଲେ ଅବସ୍ଥାନୁସାରେ ସ୍ତ୍ରୀ ସ୍ୱାମିଙ୍କ ଅଥବା ସ୍ୱାମୀ ସ୍ତ୍ରୀକ ପରିତ୍ୟାଗ କରିବାତୁଲ୍ୟ ଜ୍ଞାନ ହେବ ଏବଂ ବିଗୃହ ସଙ୍ଗତ ଭିନ୍ନ ହେବା ଦାବିରେ ମୋକଦ୍ଦମା ଦାଏର ହୋଇ ପାରିବ । ଯଦ୍ୟପି ସ୍ୱାମୀ ପରସ୍ତ୍ରୀଗମନ ଅପରାଧରେ ଦୋଷୀ ହୋଇଥିବ ତେବେ ଛାଡ଼ପତ୍ରର ଦରଖାସ୍ତ ସ୍ତ୍ରୀ ଦେଇ ପାରିବ ।

୬ । ସନ୍ତାନମାନଙ୍କର ରକ୍ଷଣାବେକ୍ଷଣ ପ୍ରତିପାଳନ ଏବଂ ଶିକ୍ଷା ବିଷୟରେ ଅଦାଲତ ଆଜ୍ଞା ଦେଇପାରିବେ ।

ଉପରଲିଖିତ ବିଧିମାନଙ୍କ ସହିତ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଆଉ ଗୋଟିଏ ବିଧି ଯୋଗ କରିବାକୁ ପ୍ରସ୍ତାବ କରିଅଛନ୍ତି । ତାହା ଏହିକି ଯାହାକୁ ଛାଡ଼ପତ୍ର ଦେବାର ଇଚ୍ଛା ହେବ ତାହାକୁ କ୍ଷତିପୂରଣ ଦିଆ ଯାଇଥିଲେ ଏବଂ ସନ୍ତାନମାନଙ୍କ ବିଷୟରେ ଉପଯୁକ୍ତ ବନ୍ଦୋବସ୍ତ ହୋଇଥିଲେ ଡିକ୍ରୀର ଆଜ୍ଞା ପ୍ରତିପାଳିତ ନ ହେଲେ କୌଣସିପକ୍ଷ ଛାଡ଼ପତ୍ର ସକାଶେ ଦରଖାସ୍ତ ଦେଇ ପାରିବ କାରଣ ମୁସଲମାନଙ୍କ ମଧ୍ୟରେ ଛାଡ଼ପତ୍ରର ବନ୍ଦୋବସ୍ତ ଅତି ସହଜରେ ହୋଇପାରେ ଏବଂ ହିନ୍ଦୁମାନଙ୍କ ବ୍ୟବସ୍ଥାରେ ବିଧି ନ ଥିଲେହେଁ ଅନେକଜାତୀୟ ହିନ୍ଦୁଙ୍କମଧ୍ୟରେ ଛାଡ଼ପତ୍ରର ନିୟମ ପ୍ରଚଳିତ ଅଛି ।

ଉପରଲିଖିତ ପ୍ରସ୍ତାବମାନ ଏ ଦେଶରେ ଆଇନଦ୍ୱାରା ବିଧିବଦ୍ଧ ହେଲେ ଆମ୍ଭମାନଙ୍କର ଉପକାର ହେବ କି ନାହିଁ ସମସ୍ତଙ୍କର ବିବେଚନା କରିବା ଉଚିତ । କିନ୍ତୁ ଆମ୍ଭମାନଙ୍କ ବିବେଚନାରେ ଏ ସମସ୍ତର ପ୍ରୟୋଜନତା କିଛି ମାତ୍ର ପ୍ରମାଣିତ ହୋଇ ନାହିଁ । ରୁକ୍ମିଣୀବାଈ ପତି ସହବାସ କରିବାକୁ ସମ୍ମତ ନ ହେଲେ ପ୍ରଚଳିତ ଆଇନାନୁସାରେ କାରାଦଣ୍ଡ ଭୋଗ କରିବେ । ଏହି ଦଣ୍ଡରୁ ତାହାଙ୍କୁ ଉଦ୍ଧାର

ଦୂରକାର ଅବଶ୍ୟକ ହୋଇଅଛି । ଯେବେ ଉଦ୍ଦେଶ୍ୟ ଏଉଳି ହେଲା ତେବେ ଉକ୍ତଜାତି ସମୟରେ ଗିରସ୍ତଙ୍କ ଓଁ ଆରଷର ପ୍ରାର୍ଥନା ହେଲେ ଅଦାଲତ ବିବେଚନା ପୂର୍ବକ ଯୁକ୍ତ ପ୍ରାର୍ଥନା ଅଗ୍ରାହ୍ୟ କରିପାରନ୍ତେ ଏଉଳି କ୍ଷମତା ଅଦାଲତକୁ ଦେଲେ ଯଥେଷ୍ଟ ହେବ । କ୍ଷତିପୂରଣ ଖତ୍‌ପତ୍ର ନେଆଦ ବ୍ୟବସ୍ଥା କରିବାର ପ୍ରୟୋଜନ କି ଅଛି ? ଯଦ୍ୟପି ଏହି ଯଥାର୍ଥ ବନ୍ଦଅଛନ୍ତି ନ ଖତପତ୍ର ବଦଳର ବିରୋଧୀ ଅଟଇ । ଖତପତ୍ରର ଯେଉଁ ସୁବିଧା ହେବ ବୋଲି କହନ୍ତି ତେଣେ ଶିଥିଳ ହେବ ଏବଂ ପ୍ରଜାମାନଙ୍କର ଅଧିକ କ୍ଷତି ବିନା ଅଳ୍ପଫଳ ନାହିଁ । ସୁତରାଂ ସ୍ଥିରଙ୍କ ନ୍ୟାୟକାର ଉଚିତ୍ ଗବର୍ଣ୍ଣମେଣ୍ଟ ଆଇନ କରିବାକୁ ବସି ସେମାନଙ୍କର ଅଧିକ ଅନିଷ୍ଟ କରିବେ ।

---

# ସାପ୍ତାହିକ ସଂବାଦ ।

ଅସ୍ମାନଙ୍କର କମିଶନର ସାହେବ ଅଳ କାଲି ବାଲେଶ୍ୱରରୁ ଫେରି ଆସିବେ । ସାହେବ ମହୋଦୟଙ୍କର କୋଠଦେଶକୁ ଯିବାର କଥା ଅଛି ଅଣାବଶ୍ୟ ଛୁଟିରେ ଯିବା ପୂର୍ବରୁ କୋଠଦେଶଜମିଦାର ପ୍ରଜାଙ୍କର ବିବାଦ ଶେଷ କରିଦେବେ ।

ଏ ସପ୍ତାହରେ ଗତ କାଲି ପର୍ଯ୍ୟନ୍ତ ଦିବାରାତ୍ର ଆକାଶ ମେଘାଚ୍ଛନ୍ନ ରହିଥିଲେହେଁ ବର୍ଷା ଅତ୍ୟନ୍ତ ଉଣା ହୋଇଅଛି । ଛଳ ଜନା ବଲ ବେହୁନା ହୋଇ ପାରୁ ନାହିଁ । କେବଳ ଛିଟିକିଛି ଏକପ୍ରକାର ଭଲ ହୋଇଅଛି ।

ପଞ୍ଚାମୃତର ଜାଲନମିକୁ ଗାଜର ପରଗଣାରେ ମା ୨୬ଣ ଜମି ସରକାରୀ ସର୍ତ୍ତରେ ଛଡ଼ାଯିବ ବୋଲି ଗବର୍ଣ୍ଣମେଣ୍ଟ ବିଜ୍ଞାପନ ଦେଇଅଛନ୍ତି ।

ହାଇଲେଭେଲ କେନାଲର ନ ୪ ନୂଆ ଶାଖାଉପରେ କଲ୍ୟାଣୀ ମୌଜାଠାରେ ଏବଂ ନ ୨ ନୂଆ ଶାଖାଉପରେ ମୌଜାପୁର ଘାଟରେ ଗୋଟିଏ ଲେଖାଏଁ ବଖାସର ଉଠାଇ ବସିବା ନିମନ୍ତେ ସରକାରୀ ସର୍ତ୍ତରେ ଅଳ୍ପ ଜମି ଛଡ଼ାଯିବାର ବିଜ୍ଞାପନ ଦିଆଯାଇଅଛି ।

ଗୁଣ୍ଡିଚା ଯାତ୍ରା ଶେଷ ହେଲା । ଗତ ମଙ୍ଗଳବାର ରତ୍ନ ସିଂହାସନରେ ପହଞ୍ଚ ବହୁଁ ଅଳକା ଦୁଧିବାର ଠାକୁରମାନେ ବଡ଼ଦେଉଳକୁ ବିଜେ କଲେ ।

ସମ୍ବାଦ ବାହକରେ ପାଠକଙ୍କୁ ନ ଯୋଗେ କେଦାରପୁର ଜମିଦାର ବାବୁ ଜଗନ୍ନାଥ ସିଂହଙ୍କ ଏକମାତ୍ର ପୁତ୍ର ଯାଜପୁର ଅନ୍ତର୍ଗତ କଲ୍ୟାଣ ଗ୍ରାମକୁ ବିବାହ ହେବାକୁ ଯାଇଥିଲେ । ବିବାହର ପରଦିନ କନ୍ୟା ଘରଠାରେ ବସନ୍ତ ରୋଗ ହୋଇ ବରର ଜୀବନଲୀଳା ଶେଷ ହେଲା ଓ ବିବାହର ସୂତା ହାତରୁ ପିଟିବା ପୂର୍ବରୁ କନ୍ୟା ବିଧବା ହେଲା । ଏହା ନ ସାମାନ୍ୟ ଦୁଃଖର କଥା । ବରର ମାତା ବର କନ୍ୟା ଦେଖିବାକୁ ବାଟଚାହିଁ ବସିଥିଲେ ପୁତ୍ର ବସନ୍ତରୋଗ ଦ୍ୱାରା ମୃତ୍ୟୁ ହେବାର ସମ୍ବାଦ ପାଇଲେ ଏବଂ କନ୍ୟାର ପିତା ଶୁଣିଲେ ଏହି ଘଟଣା ଦେଖି ହତଜ୍ଞାନ ହୋଇ

ନ ପାରି ଉନ୍ମତ୍ତ ହୋଇଅଛନ୍ତି । ଯେଉଁ ଦେଶରେ ମନୁଷ୍ୟର ଅଧିକ କଷ୍ଟ ?

ଗତ ତୋଫାନରେ ଜଗନ୍ନାଥ ଜଙ୍ଗଲମଧ୍ୟରେ ଦୁଇଟି ହାତୀ ମରିଯାଇ ଅଛନ୍ତି । ଗୋଟିଏ ବଡ଼ ଓ ଅନ୍ୟଟି ମାଈ । ବାହକ

ବାଲେଶ୍ୱରର ସ୍କୁଲ ଡେପୁଟୀ ଇନସ୍ପେକ୍ଟର ବାବୁ ପ୍ୟାରୀମୋହନ ସେନ ପୁରୀକୁ ବଦଳି ହୋଇଥିବାରୁ ଏହି ସପ୍ତାହରେ ସେଠାକୁ ଯାତ୍ରା କରିବେ । ଏହାଙ୍କ ବଦଳିରେ ବାଲେଶ୍ୱରବାସିମାନେ ବଡ଼ ଦୁଃଖିତ ଅଛନ୍ତି—ବାହକ ।

## କଲିକତା ଗେଜେଟ ।

ବଙ୍ଗଳାଗବର୍ଣ୍ଣମେଣ୍ଟଙ୍କ ଚିଫ୍ ସେକ୍ରେଟରୀ ପିକକ ସାହେବ ଗତ ତା ୧ ଦିନରୁ ଛମାସର ଛୁଟୀ ଗ୍ରହଣ କରିବାରୁ ତାଙ୍କ କାର୍ଯ୍ୟରେ ଚଟ୍ଟଗ୍ରାମର କମିଶନର ଏଡଗାର ସାହେବ ତାଙ୍କ ଅନୁପସ୍ଥିତ କାଳରେ ଅବା ଅନ୍ୟାଜ୍ଞା ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

ବାବୁ ସଞ୍ଜିବହାରି ନାୟକ ପ୍ରଥମଶ୍ରେଣୀର ସବ୍‌ଡେପୁଟି କଲେକ୍ଟରରେ ଉନ୍ନତରେ କଲେ ବଲୁ ବର୍ତ୍ତମାନପରି ଏକ୍‌ଟିଂସ୍ୱରୂପ ଡେପୁଟୀମାଜିଷ୍ଟ୍ରେଟକାର୍ଯ୍ୟ କରୁଥିବେ ।

ଡେରିଅନ ସାହେବ ଡେପୁଟୀମାଜିଷ୍ଟ୍ରେଟ କଟକାଇନମନ୍ତେ ପଞ୍ଚମଶ୍ରେଣୀକୁ ଉନ୍ନତ କଲେ ।

ଓଡ଼ିଶାଡିଭିଜନକମିଶନର ଓ ଗଡ଼ଜାତମହାଲର ସୁପରିଣ୍ଟେଣ୍ଡେଣ୍ଟ ସି, ଟି ମେଟକାଫ ସାହେବ ସି, ଏସ, ଆଇ ଆଗାମି ଅଗଷ୍ଟମାସର ତା ୧୮ ଦିନରୁ ଛଅମାସର ଛୁଟୀ ପ୍ରାପ୍ତ ହେଲେ । ତାଙ୍କ ଅନୁପସ୍ଥିତକାଳରେ ଅବା ଅନ୍ୟାଜ୍ଞା ପର୍ଯ୍ୟନ୍ତ ଢାକାଡିଭିଜନର ଏକ୍‌ଟିଂ କମିଶନର ୱି, ଏଫ୍, ଓର୍ଡ଼ି ସାହେବ କାର୍ଯ୍ୟ କରିବେ ।

ବାଲେଶ୍ୱରର ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ କାଳୀପଦ ମୁଖର୍ଜୀ ଓ ବାବୁ ପ୍ରାଣକୃଷ୍ଣ ସମ୍‌ଯୋଗାଙ୍କ କାର୍ଯ୍ୟାବଧି ୪ା ୨୭୦ ପର୍ଯ୍ୟନ୍ତ ସରସରି ବିଚାର କରିବାର କ୍ଷମତାପ୍ରାପ୍ତ ହେଲେ ।

ମୁସଲମାନମାନଙ୍କ ସ୍ୱଦେଶ ସ୍ଥାପିତ କରେଣ ସରକାରୀ ବୃତ୍ତିମଧ୍ୟରୁ କେନ୍ଦ୍ରାପଡ଼ାସ୍କୁଲରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର କବଦଉଦ୍ଦିନ ମହମ୍ମଦକୁ ଗୋଟିଏ ବୃତ୍ତି ପ୍ରଦତ୍ତ ହୋଇଅଛି ।

---

ଲଣ୍ଡନ ନଗରରୁ ଅହିଥିବା ଗତମାସ ତା ୧ ଦିନର ତାରସମ୍ବାଦରୁ ପ୍ରକାଶ ଯେ ଜୁବିଲି ଉପଲକ୍ଷରେ ଭାରତର ଶ୍ରୀମତୀ ମହାରାଣୀ ଜଗତେଶ୍ୱରୀ ହୋଲକାର, କଚ୍ଛର ରାଓ, କୁଚବିହାରର ମହାରାଜା, ହାଇଦରାବାଦର ନବାବ ଏବଂ ବରଦାର ଯୁବରାଜଙ୍କୁ ଭାରତନକ୍ଷତ୍ର ଏବଂ ଭାରତସାମ୍ରାଜ୍ୟର ଉପାଧିମାନ ପ୍ରଦାନ କରିଅଛନ୍ତି । କିନ୍ତୁ ଏମାନଙ୍କଠାରେ ଯଥାଯୋଗ୍ୟ ମର୍ଯ୍ୟାଦା ପ୍ରଦର୍ଶିତ ନ ହେବାରୁ ଏମାନଙ୍କର ମନଃକଷ୍ଟ ଜାତ ହୋଇଅଛି ଏବଂ ସେହିଦିନ ସାମ୍ରାଜ୍ୟସମିତର ଶୁଭ ଉତ୍ସବର ଭୋଜନ ମହାରାଣୀ ହୋଲ୍‌କାର ଫାଟକରେ ବାହାରେ କରି ସେ ସ୍ଥାନକୁ ଗଲେ ନାହିଁ, ଅସ୍ମେମାନେ କହୁଁ ଇଂରେଜମାନେ ଦେଶୀୟରାଜାମାନେ ସ୍ୱଦେଶୀୟ ପ୍ରଜାମାନଙ୍କୁ ଯଥାଯୋଗ୍ୟ ସମ୍ବର୍ଦ୍ଧନା କରିବାକୁ ସମର୍ଥ ହେବେ ନାହିଁ ଏବଂ ଏତେବଡ଼ ଉତ୍ସବ କାର୍ଯ୍ୟରେ ଏଉଳି ତ୍ରୁଟି ଲକ୍ଷ୍ୟ ହେବା ବଡ଼ ଅସନ୍ତୋଷର ବିଷୟ ଅଟଇ ।

ନେପାଳସାମ୍ରାଜ୍ୟ ସମିତରୁ ଯୋଧପୁରର ମହାରାଜା ୧୦୦୦୦ ପାଉଣ୍ଡ ଅର୍ଥାତ୍ ଏକଲକ୍ଷ ଟଙ୍କା ଦେଇଥିବାର ସମ୍ବାଦ ମିଳଇ । ଏହାକୁ ଉତ୍ତର ବେଳେଟଙ୍କା ଦରଖାସ୍ତ ଅନୁକୂଳ ପାଇଥିବା ବୋଲି କହନ୍ତି ।

ଗତମାସ ତା ୩ ଦିନରେ କଲିକତାରେ ଶ୍ରୀମତୀ ମହାରାଣୀଙ୍କ ସାମ୍ରାଜ୍ୟ ସମିତର ଶୁଭଉତ୍ସ କାର୍ଯ୍ୟ ସମ୍ପନ୍ନ କଲେ । ଏ ସମୟରେ ପ୍ରାୟ ୧୧୦୦୦ ଦର୍ଶକ ଉପସ୍ଥିତ ହୋଇଥିଲେ ।

ପେଟ୍ରପିଟର୍ସବର୍ଗରୁ ଅହିଥିବା ଗତମାସ ତା ୪ ଦିନର ତାରସମ୍ବାଦରୁ ପ୍ରକାଶ ଯେ ଅଫଗାନ ସୀମା ଅଧିକ ସ୍ଥିର କରିବା ନିମନ୍ତେ ରାଇଜ ୱେ ସାହେବ କମିଶନରୁ ଫେରଯାଇ ସେଠାରେ ପହଞ୍ଚି ଅଛନ୍ତି ଏବଂ ଇଂରେଜ ଓ ରୁଷୀୟାନମାନଙ୍କ ମଧ୍ୟରେ ଅଫଗାନସ୍ଥାନ ସୀମା ବିଷୟରେ ସନ୍ଧି ସ୍ଥାପନ ହେବାର ଆଶା ଅଛି ।

ଜର୍ମାନୀ ଉପନିବେଶର କାମାରୁନରେ ଓଲଟା ଘଟିଥିବାର ସମ୍ବାଦ ମିଳଇ ଏବଂ ଏହି ଦେଶରେ ଜର୍ମାନଙ୍କୁ ପ୍ରତିରୋଧ କରୁଥିବା ସେଠା ଡାକ୍ତର ସାହେବ ମରିଯାଇଥିବାର କଥିତ ହୁଏ ।

ଇଂରେଜ ଏବଂ ରୁଷୀୟମଧ୍ୟରେ ଯେଉଁ ସନ୍ଧି ହେବାର କଥା ହୋଇଅଛି ତହିଁର ରୁଷିୟାର ମୂଳଭାବ ଏପର୍ଯ୍ୟନ୍ତ ସ୍ଥିର ଅଥବା ଅସ୍ପଷ୍ଟ ପ୍ରକାଶକରୁ ନ ଥିବାର ମତ ସାଲିସବରି ମହୋଦୟ ପାର୍ଲିଆମେଣ୍ଟ ମହାସଭାରେ ବ୍ୟକ୍ତ କରିଅଛନ୍ତି ।

ଲଣ୍ଡନ ନଗରର ହଜେଣ୍ଡ ପାର୍କଠାରେ ଭୂମାପକା ସନ୍ନ୍ୟାସୀ ଗୋଟିଏ ବାଲକା ମନ ଅଭ୍ୟାସ କରି ଅନେକ ଦିନରୁ ଯାଏ ରହିଥିବାରୁ ତାହାକୁ ଧରି କଏଦ କରି ଅଛି । ଏତଦ୍ ସମ୍ପର୍କର ଅନୁସନ୍ଧାନ କରିବାକାରଣ ପାର୍ଲିଆମେଣ୍ଟରେ ପ୍ରସ୍ତାବ ହେବାରୁ ହୋମ ସେକ୍ରେଟରୀ ତହିଁରେ ଅସମ୍ମତି ପ୍ରଦାନ କଲେ । ସୁତରାଂ ପାର୍ଲିଆମେଣ୍ଟ ବନ୍ଦହେବାର ପ୍ରସ୍ତାବ ହୋଇ ତାହା ଗବର୍ଣ୍ଣମେଣ୍ଟ ବିରୁଦ୍ଧରେ ଅଧିକ ତ ୪ ଣ ମେମ୍ବରଙ୍କ ମତାନୁଯାୟୀ ଧାର୍ଯ୍ୟ ହେଲା । କିନ୍ତୁ ଏଥିରେ ମନ୍ତ୍ରୀ ପରିବର୍ତ୍ତନ ଘଟିବାର ସମ୍ଭବ ।

ଲଣ୍ଡନ ନଗରରୁ ଅହିଥିବା ଗତମାସ ତା ୭ ଦିନର ତାରବାର୍ତ୍ତାରୁ ପ୍ରକାଶ ଯେ ମହାରାଜା ହୋଲକାର ଦେଶକୁ ପାରିସଅଡ଼କୁ ଯାତ୍ରା କରିଅଛନ୍ତି ।

ସଙ୍ଗୋଟ ନାମକ ଗୋଟିଏ ଜାହାଜ ବୋମ୍ବାଇଠାରୁ ଗତ ଜୁନମାସ ତା ୪ ଦିନରେ ବାହାରି ଦରଦମଣ୍ଡକୁ ଯାଉଥିଲା । କିନ୍ତୁ ଜାହାଜର ଅଦ୍ୟାପି କୌଣସି ସମ୍ବାଦ ଆସି ନାହିଁ ସମ୍ଭବ ହୁଏ ତାହା କେଉଁଠି ଜଳରେ ବୁଡ଼ିଯାଇ ଅଛି । ଏ ଜାହାଜରେ ସତୁମଲଦାଣ ଅନେକ ମାଲ ବୋଝାଇ ହୋଇଥିଲା ଏବଂ କେବଳ ଜଣେ ବାବୁଲୋକ ଥିଲେ ।

ଏ ସପ୍ତାହରେ ସମ୍ବାଦ ମିଳଇ ଯେ ଅମୀର ସିଲଲାଟସାହେବଙ୍କ ସଙ୍ଗେ ଗୋ ୨୮ ୫ା ଦିବସରେ ଭେଟିଅଛନ୍ତି ।

ବମ୍ବାଇ ବାଜାର ଗତ ମା ୭ ଦିନ ହେଉଥିବାରୁ ଉଠାଯାଏ ଯେ ଉକ୍ତ ସମୟମଧ୍ୟରେ ସାଢ଼େ ପଚାଶଲକ୍ଷ ଟଙ୍କା ଲାଭ ହୋଇଅଛି । ଏଥମଧ୍ୟରୁ ପଚାଶ ଟଙ୍କା କଂପିତାଙ୍କୁ ଲାଭସ୍ୱରୂପ ଦିଆଯିବା । ଲାଭ ପ୍ରତିକ ଟ ୧୦୮ ଶେୟାର୍ ପଡ଼ଇ । ବଙ୍ଗଳାବାଜାର କଂପିତାମାନଙ୍କୁ ବଡ଼ ଲାଭବାନ୍ ହୋଇବାକୁ ଦେଇ ।

ଅମୃତସରର ଜଣେ ଦରବାରରେ ରେଶମ ବ୍ୟବସାୟୀ ଇଂରେଜ ଉପସ୍ଥିତିରେ ସେମାନଙ୍କ ଏକର୍ଣ୍ଣ ଭୂଷଣ ଉପହାରରେ ଦେଇ ସ୍ୱସ୍ଥାନରେ ପାସବନ୍ଦ ଦିଆ ଯାଇଅଛି ।

ନେପାଳର ସାମ୍ରାଜ୍ୟ ସମିତ ଫଣ୍ଡରୁ ଏପର୍ଯ୍ୟନ୍ତ ଅନେକ ପାଉଣ୍ଡ ଅର୍ଥାତ୍ ୩୦୦୦ ଟଙ୍କା ଚାନ୍ଦା ସଂଗୃହୀତ ହୋଇଥିବାର ସମ୍ବାଦ ମିଳଇ ।

Split by PDF Splitter

Digitized by srujanika@gmail.com

Split by PDF Splitter



## ବରହମପୁର ସମ୍ବାଦ ।

ଅତ୍ର ବରହମପୁର ଜିଲ୍ଲାନ୍ତର୍ଗତ ଖୋରେଇ ମୌଜାଗତେର ବସନ୍ତ ନାମକ ଜଣେ ତଣ୍ଡା ଆପଣା ସ୍ତ୍ରୀକୁ ବଣକୁ କାଠ ନିମନ୍ତେ ନେଇ ଯାଇ ନିର୍ଜନେ ପ୍ରାଣବଧ କରି ଗ୍ରାମରେ କହିଲା ସର୍ପାଘାତରେ ମଲା ତହୁଁ ଗ୍ରାମବାସି ବଣକୁ ଯାଇ ଲାଶ ଆଣି ଥାନାରେ ରପୋର୍ଟ ଦେଲା ପୁଲିସରେ ତଦନ୍ତ ହେବାରୁ ସବଇନସ୍ପେକ୍ଟର ଶ୍ରୀ ସର୍ବେଶ୍ୱରବାବୁଙ୍କ ସାହାଯ୍ୟ ନେଇ ତଦନ୍ତ କରିବାରୁ ଜଣାଗଲା ଯେ ଏ ନାରୀପତିଦ୍ୱାରା ହତ୍ୟା ହୋଇଅଛି ।

ଅତ୍ର ସ୍କୁଲଇନସ୍ପେକ୍ଟର ରାଧାମୋହନବାବୁଙ୍କର ନାତୁଣୀ ଉପଲକ୍ଷେ ତାଙ୍କର ପିତା ଠାକୁର ବାଲୁଙ୍କେଶ୍ୱର ମହାଦେବଙ୍କ ଠାରେ ମହୋତ୍ସବ କରି ବ୍ରାହ୍ମଣ ଓ ବୈଷ୍ଣବ ଓ ଗ୍ରାମବାସୀ ଅନ୍ୟୂନ ୬୦ ଜଣ ଓ ସ୍କୁଲର ଶିକ୍ଷକମାନଙ୍କୁ ଭୋଜନ ଦେଇଥିଲେ । ସେସକାଳ ତାଙ୍କ ବହୁ ହୋଇଥିଲା ସାମନ୍ତଙ୍କର ଏକ ମାତ୍ର ସନ୍ତାନ ପରମେଶ୍ୱର ବାବୁଙ୍କୁ ଦୀର୍ଘଜୀବୀ କରନ୍ତୁ ।

ଅତ୍ରସ୍ଥ ସ୍କୁଲଶିକ୍ଷକଙ୍କ ନାମେ ଧର୍ମଶାଳା ପୁଲିସ ସବଇନ୍ସପେକ୍ଟର ମିଥ୍ୟାରେ ସେହି ଗୋପନ କରି ୮୨୮ ଙ୍କା ଲାଞ୍ଚ ନେଇଥିବା ମୋକଦ୍ଦମା ଦାଏର ଥିଲା । ଏହାର ଦ ୧୨୬ ଦା ଧା । ଜେଲାର ମେଜିଷ୍ଟ୍ରେଟରେ ଅଗତ କରିଥିଲେ ମାତ୍ର ଶ୍ରୀଯୁକ୍ତ ତପୋ ଷ୍ଟିବାବୁଙ୍କ ସୁବିଚାରରେ ଶିକ୍ଷକ ମୁକ୍ତ ପାଇଲେ ଶିକ୍ଷକମାନେ ଯେରୂପ ଅନନ୍ୟ ଜାଣନ୍ତି ତାହା ସାଧାରଣରେ ଜଣା ଅଛି ଯାହା ହେଉ ସବଇନସ୍ପେକ୍ଟର ଜଣେ ଲମ୍ପଟ ଲୋକ । ୧୪।୭।୮୭

## ରଣପୁର ସମ୍ବାଦ ।

ଏବର୍ଷର ରଥଯାତ୍ରା ସମୟରେ ଗତବର୍ଷମାନଙ୍କ ପରି ଉତ୍ସାହ ହୋଇଥିଲା ଯାତ୍ରିସଂଖ୍ୟା ମଧ୍ୟ ଅନ୍ୟାନ୍ୟବର୍ଷଠାରୁ ନ୍ୟୂନ ନ ଥିଲେ ବେତେକ ମେଳା ନାଟ ସଙ୍ଗୀତ ଅଧି ନାଟ ତାମାସା ହୋଇଥିଲେ ଏପରି ପୂର୍ବବର୍ଷମାନଙ୍କ ପରି ଦେବାନବାବୁଙ୍କ ଦାଣ୍ଡ ପ୍ରାଙ୍ଗଣ ବୈଠକଖାନା ସହିତ ହରହର ଲକ୍ଷ୍ମୀନାରାୟଣ ପ୍ରଭୃତି ବହୁରୂପିମାନ ପ୍ରଦର୍ଶନ ହୋଇଥିଲା । ଏଠାରେ ମଧ୍ୟେ ୨ ସହରେ ବୈଠକ, ସଙ୍ଗୀତାଦି ହେଉଥିବାରୁ ରାଜପରିବାର ମଜଲିସ ଦେଖିବା ସକାଶେ ଉପବେଶନ କରୁଥିଲେ ।

ଏଠାର ଶ୍ରୀ ଜଗନ୍ନାଥଦେବଙ୍କ ମନ୍ଦିରର ସେବାଦାୟରେ ଯେଉଁ ୬ ଜଣ ସେବାୟତ ସେହି ଏ ଜେଲରେ ହାଜତରେ ଥିଲେ ସେମାନଙ୍କ ମଧ୍ୟରୁ ଏକଜଣ ସେହି ଜରିଥିବାର ସ୍ୱୀକାର ଓ କେତେକମାଲମାନ ବାହାର କରିଦେଇ ବାକି ସୁନାର ମାଲ ବ୍ରହ୍ମପୁରରେ ପୋଡା ହୋଇଥିବାର କହି ଜଳ୍ପ ସ୍ଥାନକୁ ପୁଲିସବାଲେଙ୍କ ସହିତ ଯାଇଥିଲା ପ୍ରବେଶ ମାତ୍ର ସେ ବସ୍ତ୍ରବାଲେଙ୍କରେ ଅକାନ୍ତ ଡୁବନ୍ତେ ତାକୁ ଫେରାଇ ଅଣା ୨ ରସ୍ତାରେ ସ୍ତ୍ରୀଶରୀର କଲା ମାଲ ଥିବାସ୍ଥାନ କହି ନ ଥିବାରୁ ସେ ମାଲମାନ ମିଳିଲା ନାହିଁ । ୬ ୫ ଜଣଙ୍କ ମଧ୍ୟରୁ ୬ ୨ ଣ ଚଉତମାସ ତା ୫ ରାତ୍ରି ରାତ୍ରରେ ଜେଲଘର ଭଙ୍ଗା କରି ସୁ ୧୬ ଟ ପାଚେରିରୁ ଡେଇଁ ପଳାୟନ କରିଅଛନ୍ତି ଏପର୍ଯ୍ୟନ୍ତ ଧୃତ ହୋଇ ନାହାନ୍ତି । ଅନ୍ୟ ୬ ୨ ଣ ସେହି ରାତ୍ରରେ ପଳାଇଯିବାର ଚେଷ୍ଟା କରିଥିଲେ କିନ୍ତୁ ଅପର କଏଦିମାନେ ତାହାଙ୍କୁ ଧରିବାରୁ ଯାଇପାରିଲେ ନାହିଁ । ମୋକଦ୍ଦମାଟି କର୍ତ୍ତମାନ ମାଜିଷ୍ଟ୍ରେଟଙ୍କ ବିଚାରାଧୀନରେ ଅଛି ।

ଏ ଅଞ୍ଚଳରେ ଏପର୍ଯ୍ୟନ୍ତ ଉତ୍ତମରୂପେ ବର୍ଷା ଆରମ୍ଭ ହୋଇ ନାହିଁ ।

ଅନେକାଳ ସରଜମିରେ ଭୂଅ ବେଳୁଡ଼ାକାର୍ଯ୍ୟ ଲାଗିଅଛି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ-
ମହାଶୟ ସମୀପେଷୁ ।

ମହାଶୟ,

ଅମ୍ଭମାନଙ୍କର ବଡ଼େ ଆହ୍ଲାଦର ବିଷୟ ଯେ ଜଣେ ଓଡ଼ିଆ ଗଡଜାତମାହାଲର ପ୍ରଧାନ ଅଧିଷ୍ଠାତା ସୁପରିଣ୍ଟେଣ୍ଡେଣ୍ଟ ଜଣେ ଓଡ଼ିଆ ଓଡ଼ିଶାର ଜଏଣ୍ଟଇନସ୍ପେକ୍ଟର ଓ ଜଣେ ଓଡ଼ିଆ ପ୍ରଧାନ ଟ୍ରାନସ୍‌ଲେଟର ।

କେନ୍ତୁ ସମ୍ପାଦକ କହୁଅଛନ୍ତି ଯେ ଓଡ଼ିଆକୁ ବହିଷ୍କୃତ କରି ଦେଇ ଇଉରୋପୀୟାନ୍ ଏକ ଜଣଙ୍କୁ ଜଏଣ୍ଟଇନ୍‌ସ୍ପେକ୍ଟର କାର୍ଯ୍ୟ ଦଆହେଉ ଯେତେବେଳେ ସମ୍ପାଦକ ଓ ଦୀପିକାରେ "ସ୍ୱାସ୍ଥ୍ୟବିଧାନ" ସମ୍ବନ୍ଧରେ ଘୋର ବିବାଦ ଉପସ୍ଥିତ ହୋଇଥିଲା ସେତେବେଳେସୁଦ୍ଧା ଦୀପିକା ଏପ୍ରକାର ଜଘନ୍ୟ ପ୍ରସ୍ତାବ କରି ନ ଥିଲେ ।

ଗତବର୍ଷ ରାଧାନାଥବାବୁ "ସ୍ୱାସ୍ଥ୍ୟବିଧାନ" ପୁସ୍ତକ ସ୍କୁଲର ପାଠ୍ୟପୁସ୍ତକରୂପରେ ନିର୍ବାଚିତ କରିଥିଲେ ଅତଏବ ସମ୍ପାଦକ ତାହାଙ୍କୁ ଅବଧ୍ୟ ଦେବତା ବୋଲି ପୂଜା କରୁଥିଲେ । ଚଳିତବର୍ଷ "ସ୍ୱାସ୍ଥ୍ୟବିଧାନ" ପାଠ୍ୟପୁସ୍ତକ ତାଲିକାରେ ନାହିଁ ସୁତରାଂ ରାଧାନାଥବାବୁଙ୍କୁ ବହିଷ୍କୃତ କରି ଦେଇ ଜଣେ ଇଉରୋପୀୟାନ୍‌କୁ ନ ଆଣିଲେ ଚଳୁ ନାହିଁ । ଏପ୍ରକାର ସ୍ୱଦେଶଦ୍ରୋହୀପତ୍ରିକା ଗ୍ରହଣ ଅବା ପାଠ କଲେ ମହାପାତକ ହୁଏ ।

କଣମତ
ସତ୍ୟବାଦୀ

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ପତ୍ରିକାରେ ସ୍ଥାନଦାନ କରି ବାଧିତ କରିବା ହେବେ ।

ପଟ୍ଟାମୁଣ୍ଡାଇ ଗ୍ରାମରେ ଗୋଟିଏ ମଧ୍ୟମଶ୍ରେଣୀ ବିଦ୍ୟାଳୟ ପ୍ରାୟ କୋଡ଼ିଏବର୍ଷ ହେବ ସ୍ଥାପିତ ହେଲାଣି ଏବଂ ସେହି ବିଦ୍ୟାଳୟରୁ ଆଜପର୍ଯ୍ୟନ୍ତ ପ୍ରାୟ ୪୦ ଜଣ ଛାତ୍ର ଉତ୍ତୀର୍ଣ୍ଣ ହେଲେଣି ସତ୍ୟ କିନ୍ତୁ ସେମାନେ କେହି ଓଡ଼ିଶାରେ କିମ୍ବା କଟକ ଜିଲ୍ଲାରେ କିମ୍ବା କେନ୍ଦ୍ରାପଡ଼ା ସବ୍‌ଡିବିଜନରେ ଉଚ୍ଚସ୍ଥାନ ଅଧିକାର କରି ନାହାନ୍ତି କିମ୍ବା ଆଜି ପର୍ଯ୍ୟନ୍ତ କେହି ଜଣେ ଇଂରାଜୀ ଜାଣି ନାହାନ୍ତି । ତାହାର କାରଣ ଏହି ଯେ ସେମାନେ ଯେପରି ଉତ୍ସାହ ସହିତ ଉଚ୍ଚ ବିଦ୍ୟାଳୟରେ ପଢ଼ିବାକୁ ମନସ୍ଥ କରି ନାହାନ୍ତି ଦରିଦ୍ରତା ହେତୁରୁ ସେମାନଙ୍କ ଆଶା କୌଣସି ପ୍ରକାରେ ଫଳଦାୟକ ହୋଇ ନ ପାରେ । ସେମାନେ ଅବଶେଷରେ ବହୁ ଦୁର୍ଦ୍ଦଶାପନ୍ନ ହୋଇ ନିଜ ୨ ଅଦୃଷ୍ଟକୁ ସ୍ମରଣକରି ବିସ୍ମୟସାଗରରେ ନିମଗ୍ନ ହୁଅନ୍ତି । ଏ ଅଭାବ ଆମ୍ଭମାନଙ୍କ ମନକୁ ବିଚଳିତ କରୁଅଛି । ଯେବେ ଜମିଦାର ମହାଶୟ ଏ ବିଷୟରେ କିଞ୍ଚିତ୍ ମାତ୍ର ଯତ୍ନ କରନ୍ତେ ତେବେ ଏ ଅଭାବ କେତେକ ପରିମାଣରେ ଦୂରୀଭୂତ ହୁଅନ୍ତା । ଜମିଦାରଙ୍କର ଏପରି ସୁଦକ୍ଷ କର୍ମଚାରୀ ଯୋଗେନ୍ଦ୍ରନାଥନୃସିଂହମହାଶୟ ଥାଉଁ ୨ ଏ ଅଭାବ ପୂର୍ଣ୍ଣ ହେଉ ନାହିଁ ଏହା ଶ୍ରବଣକଲେ କାହାର ହୃଦୟ ବିଦୀର୍ଣ୍ଣ ନ ହେବ ? ନାଏବ ମହାଶୟଙ୍କ ପରି ସଚ୍ଚରିତ୍ର ନ୍ୟାୟପରାୟଣ, ଧାର୍ମିକ, ବୁଦ୍ଧିମାନ୍ ଓ କାର୍ଯ୍ୟଦକ୍ଷ ବ୍ୟକ୍ତି ଥାଉଁ ୨ ଏପରି ଦୁର୍ଦ୍ଦଶା ଘଟିବା ସାମାନ୍ୟ ଦୁଃଖର ବିଷୟ ନୁହେ । ଯେଉଁମାନଙ୍କ ହୃଦୟରେ ପ୍ରକୃତଜ୍ଞାନ ପ୍ରବେଶ କରି ଅଛି ଯେଉଁମାନେ ଧର୍ମର ପବିତ୍ରତା ହୃଦୟଙ୍ଗମ କରିଅଛନ୍ତି ସେମାନେ କଦାପି ଏପରି କାର୍ଯ୍ୟରେ ଅଧ୍ୟବସାୟ କରିବାକୁ କୁଣ୍ଠିତ ହେବେ ନାହିଁ । ଏବର୍ଷ ମଧ୍ୟ ଉକ୍ତ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ୫ ଟି ଛାତ୍ର ନିରୁପାୟ ହୋଇ କପାଳରେ ହସ୍ତ କ୍ଷେପ କରି ସ୍ୱ ୨ ଗୃହରେ ଉପବେଶନ କରିଅଛନ୍ତି । ଯାହା ହେଉ ଜମିଦାର କିମ୍ବା ତାଙ୍କର ସୁଦକ୍ଷ କର୍ମଚାରୀ ନାଏବ ମହାଶୟଙ୍କର ଭ୍ରୂକ୍ଷେପ ନିକ୍ଷିପ୍ତ ହେଲେ ଏ ଶୋଚନୀୟ ବିଷୟ ସହସା ତିରୋହିତ ହେବ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

ଦୁଃଖର ସହିତ ଅବଗତ ହେଲୁଁ ଯେ ଅଞ୍ଚଳର ଅନ୍ତର୍ଗତ ଷଣ୍ଢପଲ୍ଲୀଗ୍ରାମରେ କାଶୀନାଥ ଧଳ ନାମକ ଜଣେ ଛାତ୍ର ପଟ୍ଟାମୁଣ୍ଡାଇ ବିଦ୍ୟାଳୟରୁ ବର୍ଣ୍ଣାକ୍ୟୁଲର ପରୀକ୍ଷାରେ ଉତ୍ତୀର୍ଣ୍ଣହୋଇ ଦରିଦ୍ରତା ହେତୁରୁ କୌଣସି ବିଦ୍ୟାଳୟରେ ପଢ଼ି ପାରୁ ନାହାନ୍ତି ଏ ଦେଶରେ ଅନେକ ରାଜା ଅଛନ୍ତି ସେମାନେ ସମସ୍ତେ ନିଜ ୨ ଅଧିକାର ପ୍ରଦେଶରେ ବାଳକମାନଙ୍କ ପଢ଼ିବାନିମିତ୍ତ କେତେକ ବୃତ୍ତି ଖଞ୍ଜି ଦେଇଅଛନ୍ତି ଏବଂ ସେମାନଙ୍କ ଅଧିକାର ପ୍ରଦେଶରେ ମଧ୍ୟ ଅନେକ ବିଦ୍ୟାଳୟ ଅଛି । କିନ୍ତୁ ଅଳ ରାଜାଙ୍କର ଅଧିକାର ପ୍ରଦେଶରେ ଗୋଟିଏମାତ୍ର ମଧ୍ୟମଶ୍ରେଣୀ ବିଦ୍ୟାଳୟ ନାହିଁ କିମ୍ବା ରାଜାମହୋଦୟ କୌଣସି ଦରିଦ୍ର ବାଳକକୁ

Digitized by srujanika@gmail.com

ଅନ୍ଧପାଏ ଗୋଟିଏ ମାସି ବୃତ୍ତି ପ୍ରଦାନ କରିବାକୁ ମନସ୍ଥ କରି ନାହାନ୍ତି । ଏଥିରୁ ନିତନରୂପେ ପ୍ରତୀୟମାନ ହେଉଅଛି ସେହି ମହୋଦୟ ଜନସାଧାରଣର ଉନ୍ନତି ନିମିତ୍ତ ଯତ୍ନଶୀଳ ନୁହନ୍ତି । ଏହ ସାମାନ୍ୟ ଦୁଃଖର ବିଷୟ ! ପଦ୍ମନାଭଦେବ ଅଦ୍ୟପର୍ଯ୍ୟନ୍ତ ଏପରି ସତ୍କାର୍ଯ୍ୟରେ ମନୋନିବେଶ କରି ନାହାନ୍ତି । ଭଗବତ ଏକାଦଶସ୍କନ୍ଧରେ ଉକ୍ତି ଅଛି ଯେ "ଧନ ଅର୍ଜିଲେ ଧର୍ମ କର । ଧର୍ମେ ପ୍ରୀତିଭ ନରହରି ।" ପଦ୍ମନାଭଦେବ ଏପରି ଧାର୍ମିକ ଓ ଦାନଶୀଳ ହୋଇ ମଧ୍ୟ ଏପରି କାର୍ଯ୍ୟରେ ଅଗ୍ରସର ନ ହେବାର ଶ୍ରବଣ କରି ଅମ୍ଭେମାନେ ବଡ଼ ଦୁଃଖିତ ହୋଇଅଛୁଁ । ଆଶା କରୁଁ ମହାଶୟ ଏ ଅନୁରୋଧ ଉପର ଦୃଷ୍ଟି ଦେଇ ତାହାର ଅବଶ୍ୟ ଯତ୍ନ କରି ଦରିଦ୍ର ବିଦ୍ୟାର୍ଥୀ ବାଳକମାନଙ୍କର ସନ୍ତାପ ଅପନୋଦନ କରନ୍ତୁ ଅମ୍ଭମାନଙ୍କର ବିନୀତଭାବରେ ଏହି ପ୍ରାର୍ଥନା ।

ବଶମ୍ବଦ

---

### ହିନ୍ଦୁସନ୍ତାନର ସର୍ବନାଶ ।

ହାୟ ! କି ଦୁଃଖର ବିଷୟ ! ଉତ୍କଳସ୍ଥ ହିନ୍ଦୁ ବାଳକମାନେ କୁହୁକରେ ପଡ଼ି ସ୍ୱଧର୍ମତ୍ୟାଗୀ ହେଉଅଛନ୍ତି । ଧର୍ମସମ୍ବନ୍ଧରେ ବହୁମାନ ନ ବୁଝି ଧର୍ମର ଗୁରୁତ୍ୱ ନ ବୁଝି ଅଳ୍ପବୟସ୍କ ବାଳକମାନେ ନାନାପ୍ରକାର ଭ୍ରମପ୍ରମାଦରେ ପଡ଼ି କୁପଥଗାମୀ ହେଉଅଛନ୍ତି । ସମ୍ପ୍ରତି ଏ ନଗରର ଗୋଟିଏ ଘଟନା ସାଧାରଣଙ୍କର ଆଲୋଚନା ଏବଂ ଅନୁତାପର ବିଷୟ ହୋଇଅଛି । ଏକଗଣସ୍ଥ ଏକାଡେମୀର କତିପୟ ବ୍ରାହ୍ମଣପୁତ୍ର ଦଠାରୁ ଉପବୀତ ପରିତ୍ୟାଗ କରୁଅଛନ୍ତି ! ଏହାଠାରୁ ଅଧିକ ଦୁଃଖ ଏବଂ ଅନୁତାପର ବିଷୟ ଆଉ କି ହୋଇପାରେ ? ତରଳମତିବାଳକ କଲମନ ବିବେଚନା ନ କରି କେବଳ ଭ୍ରାନ୍ତି କୁହୁକରେ ପଡ଼ି ସ୍ୱେଚ୍ଛାଚାରରେ ପ୍ରବୃତ୍ତ ହେଲେ । ପିତା ମାତା, ଅଭିଭାବକ ବିଦ୍ୟୋପାର୍ଜନ ନିମିତ୍ତ ସେମାନଙ୍କୁ ଏଠାରେ ରଖିଥିଲେ କି " ଦେବତା ଗଢ଼ି ବାନର ହେଲା "—ସେମାନେ ସ୍ୱଧର୍ମ, କୁଳ ଏବଂ ସମାଜର ସର୍ବନାଶ ଓ ଅନିଷ୍ଟରେ ପ୍ରବୃତ୍ତ ହେବେ ଏହା କଣ ଜାଣିଥିଲେ ? ପୁତ୍ର ପିତାମାତାଙ୍କର ଏକମାତ୍ର ସମ୍ବଳ; ସେମାନଙ୍କର ଆଶା ପୁତ୍ର ଅସମର୍ଥାବସ୍ଥାରେ ପାଳନ ପୋଷଣ ଏବଂ ପୁନ୍ନାମ ନରକରୁ ଉଦ୍ଧାର କରିବ ବୋଲି ସେହି ପୁତ୍ର ଧର୍ମଭ୍ରଷ୍ଟ ଏବଂ ଜାତିଭ୍ରଷ୍ଟ ହେଲେ ଓ ଅମ୍ଳାନବଦନରେ ଉପବୀତ ସହିତ ଆହାର ବ୍ୟବହାରାଦି କରିବାକୁ ଲାଗିଲେ ସେ ପୁତ୍ରଦ୍ୱାରା କୁଳରକ୍ଷା ହେଲେ ମଧ୍ୟ ତାହାକୁ ଲୋପ ବୋଲି ଜ୍ଞାନ କରିବାକୁ ହେବ ଏବଂ ସେ ପୁତ୍ର କଦାପି ପିତୃପିଣ୍ଡଦାନର ଯୋଗ୍ୟ ନୁହେଁ । ଏହି ଘଟନା ନିରୀକ୍ଷଣ କରି ସେମାନଙ୍କର ପିତାମାତା ବନ୍ଧୁବାନ୍ଧବ ଏବଂ ସମାଜ ଶୋକାକୁଳିତ ହୋଇଅଛନ୍ତି ।

ଉପରୋକ୍ତ ବାଳକମାନେ ଯେ ଏପରି ହେଲେ ଏଥିର କାରଣ ଅନୁସନ୍ଧାନ ମଧ୍ୟ ସାଧାରଣଙ୍କର ଗୋଟିଏ ଚର୍ଚ୍ଚାର ବିଷୟ ହୋଇଅଛି । ତାହା ନିଶ୍ଚୟ କରିବା ସହଜ ହେଲେ ମଧ୍ୟ କଠିନ । ଅମ୍ଭେମାନେ ଜାଣୁ ଯେ ଏକାଡେମୀରେ ଦୁଇଜଣଶିକ୍ଷକ ଜଣା ଓ ଅଧିକାଂଶ ବ୍ରାହ୍ମ ଅଟନ୍ତି । ଏବଂ ବ୍ରାହ୍ମଧର୍ମର ପୁଷ୍ଟିସାଧନ ସେମାନଙ୍କର ଉଦ୍ଦେଶ୍ୟ ସମ୍ଭବ? ସେଠାରେ ଧର୍ମଚର୍ଚ୍ଚା ହୁଏ ବୋଲି ଅମ୍ଭେମାନେ ଶୁଣିଅଛୁଁ । ଆଉ ମଧ୍ୟ ଅନେକ ଭଦ୍ରଲୋକ ସେ ବିଦ୍ୟାଳୟରୁ ଓ ଟ୍ରେନିଙ୍ଗସ୍କୁଲକୁ ବାଳକ ପଠାଇବା ନିମିତ୍ତ ସଶଙ୍କିତ ହେଉଅଛନ୍ତି । ପୂର୍ବୋକ୍ତ ବାଳକମାନେ ସେହି ଶିକ୍ଷକଙ୍କ ଗୃହକୁ ଗତାୟାତ କରନ୍ତି ବୋଲି ଜଣାଅଛି । ଏପରିସ୍ଥଳେ ତରଳମତି ଓ ଅଦୂରଦର୍ଶୀ ବାଳକମାନେ କେବଳ ସେମାନଙ୍କ ଓ ଭ୍ରାନ୍ତି କୁହୁକରେ ପଡ଼ିଅଛନ୍ତି, ଏହା ବିଶ୍ୱାସ ନ କରିବାପକ୍ଷରେ କିଛି କାରଣ ଅଛି କି ?

ପାଠକବର୍ଗ ! ଅଲ୍ଲ ଡଫ୍‌ସାହେବଙ୍କ ଘଟନା ସ୍ମରଣ କର ! ଡ଼ାକ୍ତର ମିଷ୍ଟ୍ରେକ୍ସ ଗୋଟିଏ ବାଳକକୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରିବାର ଚେଷ୍ଟା କରିଥିବାରୁ ଯେଉଁ ଆନ୍ଦୋଳନ ଉପସ୍ଥିତ ହୋଇଥିଲା ତାହା ଥରେ ସ୍ମରଣ କର । ଆଜି ଏହି ଘଟନାରେ ନୀରବ ହେବା ଭଲ କି ? ଶିକ୍ଷକମାନଙ୍କ ସମ୍ବନ୍ଧରେ ଅମ୍ଭେମାନେ ଯେରୂପ ଅନୁମାନ କରିଅଛୁଁ, ଏକାଡେମୀର ହେଡ଼ ମାଷ୍ଟର ସମ୍ପାଦକ ଏବଂ କମିଟୀ ଇହିଁର ତତ୍ତ୍ୱାନୁସନ୍ଧାନ କରନ୍ତୁ । ହିନ୍ଦୁସମାଜ ଏଥିର ପ୍ରତିକାର ନିମିତ୍ତ ଚେଷ୍ଟିତ ହେଉନ୍ତୁ । ହିନ୍ଦୁଧର୍ମର ଏତେ ଅବମାନନା ଦେଖି ଶୁଣି କି ହିନ୍ଦୁସମାଜ ନୀରବ ହେବେ ? ଅଚିରାତ୍ ଏଥିର ପ୍ରତିକାର ନ କଲେ ସମୟରେ ବଡ଼ ଅନିଷ୍ଟ ଜାତ ହେବ । ଧର୍ମର ଏବଂ ସମାଜର ମର୍ଯ୍ୟାଦା ରକ୍ଷାକରିବା ନିମିତ୍ତ ଅଚିରାତ୍ ଚେଷ୍ଟିତ ହେବା ଉଚିତ । ଅତି ସମୟ ନାହିଁ ସତ୍ୱର ମହାଶୟଗଣ ଏବଂ ଅନ୍ୟ ବନ୍ଧୁବର୍ଗ ଉପସ୍ଥିତ !!!

କଟକ ଶ୍ରୀ [illegible]

---

### ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ କାମିନୀକାନ୍ତ ସର୍ବାଧିକାରୀ | | ବଙ୍ଗଳା | ଟ ୧୪୯ |
| " ସଦାନନ୍ଦ ମହାନ୍ତି | କଟକ | " | ଟ ୪୯ |
| " ଚୈତନ୍ୟ ସାହୁ | ପୁରୀ | ଅଗ୍ରୀମ | ଟ ୩୯ |
| ମ୍ୟାନେଜର | କଣ୍ଟେଇ | " | ଟ ୩୯ |
| " | " | ବକେୟା | ଟ ୧୯୶୯ |
| ବାବୁ ମଧୁସୂଦନ ଦାସ | କଟକ | ଅଗ୍ରୀମ | ଟ ୩୯ |
| ମ୍ୟାନେଜର ନରସିଂହପୁର | | ବକେୟା | ଟ ୬୶ |
| ବାବୁ ବୈଦ୍ୟନାଥ ପଣ୍ଡିତ ରାୟ ବାହାଦୁର | କଟକ | ବକେୟା | ଟ ୬୯ |
| " ଜଗନ୍ନାଥ ଦାସ | " | ଅଗ୍ରୀମ | ଟ ୧୯ |
| " ଜଗନ୍ନାଥ ମହାପାତ୍ର ସୂର | | " | ଟ ୩୯ |
| " ରଘୁନାଥ ମିଶ୍ର | କଟକ | ବକେୟା | ଟ ୬୯ |
| " ରମାକାନ୍ତ ଦାସ | " | ଅଗ୍ରୀମ | ଟ ୩୯ |

---

## ବି ଜ୍ଞା ପ ନ ।


**SCHOOL BOOKS! SCHOOL BOOKS!**

English and Uriya for Entrance Minor and Vernacular schools of all grades, sold at the book shop of the Cuttack Printing Company, Dargha Bazar Cuttack.

ନାନାପ୍ରକାର ଇଂରାଜୀ ଏବଂ ଓଡ଼ିଆ ବିଦ୍ୟାଳୟର ପାଠ୍ୟପୁସ୍ତକ ସ୍ୱଳ୍ପ ମୂଲ୍ୟରେ କଟକ-ପ୍ରିଣ୍ଟିଂ-କମ୍ପାନୀର ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

ଛାପା ! ଛାପା !! ଛାପା !!!

## ଓଡ଼ିଶା ମିଶନ ପ୍ରେସ୍ ।

ଉତ୍ତମ କାଗଜରେ ୧୦୦୦ ପୁସ୍ତକର ଛପାଇ ମୂଲ୍ୟ କାଗଜର ମୂଲ୍ୟର ତାରତମ୍ୟାନୁସାରେ ପ୍ରତି ପେଜକୁ ଟ ୦ ୮୶ ; ଟ ୧ ୶ ଅବା ଟ ୧ । ଏହା ୧୦୦୦ ଠାରୁ ନ୍ୟୁନସଂଖ୍ୟାର ପୁସ୍ତକ ଛପାଇବ ଲାଗିବ

---

ଜମିଦାର,—ପଟ୍ଟା, ପାଲ୍‌ଟା, କବୁଲିୟତ ରସିଦ୍ ଫାରମ୍ ଅଳ୍ପ ଦରରେ ଛପି ।

---

ଏହାଛଡ଼ା ତୁଲାଇ ଦରେ ଯାଉଅଛି ମ ହେଲେହେଲେଶ ହୋଇ ବନ୍ଧୁବର୍ଗ ଓ ଜଣେ ଅବକାଶ ବାଟେସା ଅଡ଼ ମୟୂରଭଞ୍ଜ ରାଜ-


Digitized by srujanika@gmail.com

ଉଲଙ୍କାରେ ମୁହରର ହେବା ବିଷୟରେ ଏଥି- ପୂର୍ବେ ଯାହାକି ନୋଟିସ ଦିଆ ଯାଇଥିଲା ତହିଁ- ମଧ୍ୟରୁ ଅବକାରୀ ଦାରୋଗାକର୍ମରେ ଏକଜଣ ଲୋକ ନିଯୁକ୍ତ ହୋଇଅଛି ଓ ହେଡ଼ କନଷ୍ଟବଲ- କର୍ମ ସକାଶେ ଯେତେବା କେତେକଜଣଙ୍କ ଦରଖାସ୍ତ ଦାଖଲ ହୋଇଅଛି ତହିଁ ମଧ୍ୟରେ ଖଣ୍ଡେମାତ୍ର ଦରଖାସ୍ତ ଯେ କି ବଙ୍ଗାଳପୁଲିସରେ କାର୍ଯ୍ୟ କରିଅଛି କିମ୍ବା ଉକ୍ତ ପୁଲିସରେ କାର୍ଯ୍ୟ କରି ଇସ୍ତଫା ଅଛି ଦେଇଥିବା କାରଣରୁ ବରଖାସ୍ତ ହୋଇଅଛି କିମ୍ବା ଅନ୍ୟ କୌଣସି କାରଣରୁ ବରଖାସ୍ତ ହୋଇଅଛି ଏପରି ଲେଖା ହୋଇ ଦାଖଲ ହୋଇ ନ ଥିବାରୁ କାହାରିକୁ ଉକ୍ତ ହେଡ଼ କନଷ୍ଟବଲ କର୍ମରେ ମୁହରର କରାଯାଇ ନାହିଁ ଅତଏବ ଆଦେଶ ଯେ ଯେ କେହି ବଙ୍ଗାଳ ପୁଲିସରେ କାର୍ଯ୍ୟ କରି ଉକ୍ତ ମତ- ପ୍ରକାରେ ବରଖାସ୍ତ ହୋଇଥିବ ସେ ଉକ୍ତ ହେଡ଼ କନଷ୍ଟବଲ କର୍ମ ପାଇବା ସକାଶେ ପ୍ରାର୍ଥନା ଦରଖାସ୍ତ ଏ ଅଫିସକୁ ପଠାଇଲେ ତାକୁ ମୁହରର କରାଯିବା ପକ୍ଷେ ବିଚାର କରା ଯିବ ।

ଇତି ତା ୫।୭।୮୭ ଜୁଲାଇ

H. P. WYLLY.
*Manager.*

---

ଶ୍ରୀଯୁକ୍ତ ରାଜା ରାଜଧାନୀ ତାଳଚେରଙ୍କର ବଡ଼ସ୍ଥାନପୁରୁ ଶ୍ରୀ ଗଜପ୍ରାସାଦ ବକ୍‌ସେଣ୍ଟଙ୍କ

୭ ଜୁଲାଇ ୧୮୮୭

ଅତ୍ର ରାଜଧାନୀସ୍ଥ କଚେରୀକାର୍ଯ୍ୟାର୍ଥ ୨ ଜଣ ମୁକ୍ତାର ଆବଶ୍ୟକବୃତ ହୋଇଅଛି । ପ୍ରେରକ କାର୍ଯ୍ୟାକାଂକ୍ଷୀଗଣଙ୍କୁ ଆଦେଶବୃତ ଦେଉଅଛି ଯେ,ସେମାନେ ପୂରସ୍ଥ ମାସର ୧୦ ଦିବସ ବା ତତ୍ପୂର୍ବେ ଶ୍ରୀ ଦପ୍ତରକୁ ଆବେଦନ କରିବେ ମାତ୍ର ସେମାନେ ଯଦ୍ୟପି କୌଣସି ଦେଶ ଦେଉଳ କୌଣସି ଅଦାଲତରୁ ଅଭିଦଣ୍ଡ୍ୟ ହୋଇଥିବେ ବା ଆଚରଣ ସିଦ୍ଧ ଥିଲେ ଅଭି- ହୁତ କାର୍ଯ୍ୟ ଅଭିଫଲିତ୍ୟ କରିବାକୁ ପାରିବେ ନାହିଁ ମଧ୍ୟ ବିଜ୍ଞପ୍ତ କରାଇ ଦିଆ ଯାଉଅଛି ଯେ, ସେମାନଙ୍କର ସୁଖ୍ୟାତି ପଶ୍ଚାତ ଥିଲେ ଅତ୍ର ନଜ ଦୁର୍ଗରେ ଧାର୍ଯ୍ୟ ହୋଇଥିବା ପରୀକ୍ଷା ସ୍ଥାନୋପସ୍ଥ ହୋଇ ତାହାଙ୍କର ଉକ୍ତ କର୍ମର ପରୀକ୍ଷୋତ୍ତୀର୍ଣ୍ଣତା ଅଭି ସନ୍ଦର୍ଶନ କରାଇ ନିଯୁକ୍ତ ହେବେ ।

R. R. B. HURRI CHANDAN
Raja Killah Talchair,

---

**NOTICE.**

Wanted a substitute to act for the Head Clerk of the Kanika Tehsil Office for three months with prospect of being confirmed in the appointment, on expiration of the period. Salary Rs. 50 per mensem. Candidates for the post must know English fairly well, besides the local language. Preference will be given to the candidate who besides the above qualifications has some experience in Zemindari accounts.

Applications will be received up to the 25th Instant.

Cuttack Collectorate } E. R. HENRY.
The 12th July 1887. } Offg. Collector.

---

କବିରାଜ ଶ୍ରୀ କେଦାରନାଥ ଚଟ୍ଟୋପାଧ୍ୟାୟଙ୍କର ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।

ନଂ ୯୦ ମିର ଜେ ଷ୍ଟ୍ରିଟ, ଶ୍ୟାମପୁଖୁର, କଲିକତା ।

ଏହି ଚିକିତ୍ସାଳୟରେ ୧୨୯୪ ସାଲର ଦନ- ପଞ୍ଜିକା ସବୁ ପୀଡ଼ା ସମୁଦାୟର ସ୍ୱାସ୍ଥ୍ୟବିଧାନ ଓ ପ୍ରତ୍ୟକ୍ଷ ଫଳପ୍ରଦ ଔଷଧ ସମୂହର ତାଲିକା- ପୁସ୍ତକ ବିନାମୂଲ୍ୟରେ ବିତରଣ ହୁଏ ଏବଂ ବିଦେଶସ୍ଥ ରୋଗିମାନଙ୍କର ପୀଡ଼ାର ଅବସ୍ଥା ସମସ୍ତ ଲେଖି ପଠାଇଲେ ବ୍ୟବସ୍ଥା ଦିଆଯାଏ ।

ଯୋଗହିତରସ ।

ଏହି ପ୍ରସିଦ୍ଧ ଔଷଧ ସେବନ କଲେ ନିଶ୍ଚୟ ସକଳପ୍ରକାର ମେହ ରୋଗ ଏକସପ୍ତାହ ମଧ୍ୟରେ ନିଃଶେଷରୂପେ ଆରୋଗ୍ୟ ହୁଏ ।

ପ୍ରସ୍ରାବକାଳୀନ ଜ୍ୱାଳା, ପୂୟ ସହିତ ଧାତୁ- ନିର୍ଗମ, ସରକ୍ତ ପ୍ରସ୍ରାବ, ଖଡ଼ିଜଳବତ ପ୍ରସ୍ରାବ ମୂତ୍ରକୃଚ୍ଛ୍ର, ମୂତ୍ରାଶୟର ବେଗ, ଶୂଳ ଏବଂ ଜ୍ୱରାଦି ଉପଦ୍ରବ ସଂଯୁକ୍ତ ହେଲେ ସୁଦ୍ଧା ପୀଡ଼ା ଶୀଘ୍ର ସମୂଳେ ବିନଷ୍ଟ ହୁଏ ।

ଶ୍ଳେଟ ୧ ଶିଶିର ମୂଲ୍ୟ ଟ ୨ ୧ ବଡ଼ ୧ ଶିଶିର ମୂଲ୍ୟ ଟ ୩ ୟ ପ୍ୟାକିଂ ଖର୍ଚ୍ଚା ଟ ୦।୵

ପ୍ରଦରାରି-ଘୃତ ।

ଏହା ସେବନ କଲେ ଗର୍ଭାଶୟ ଅଖିଳ ଦୋଷ ସମସ୍ତ ସଂଶୋଧିତ ହୋଇ ଶ୍ୱେତପ୍ରଦର ରକ୍ତପ୍ରଦର, କଷ୍ଟରଜଃ ଅକାଳରେ ଅଧିକ ପରିମାଣରେ ରକ୍ତସ୍ରାବ, ହାତଭଙ୍ଗା, ବାଧକ ବେଦନାଦି ପୀଡ଼ା ସମସ୍ତ ନିଃଶେଷରୂପେ ଆରୋଗ୍ୟ ହୁଏ । ବିଶେଷତଃ ଉପରୋକ୍ତ ପୀଡ଼ାଜନିତ ଅକାଳରେ ଗର୍ଭସ୍ରାବ, ମୃତବତ୍ସା ଓ ବନ୍ଧ୍ୟାଦି ରୋଗ ସମୁଦାୟ ଶାନ୍ତ ହୋଇ ଗର୍ଭୋତ୍ପତ୍ତିର ବ୍ୟାଘାତ ନଷ୍ଟ କରେ ।

୧ ଶିଶିର ମୂଲ୍ୟ ଟ ୨ ୧ ଓ ପ୍ୟାକିଂ ଖର୍ଚ୍ଚା ଟ ୦।୵

---

ବିଶେଷ ଦ୍ରଷ୍ଟବ୍ୟ ।

କେନ୍ଦ୍ରାପଡ଼ାସ୍ଥ କବିରାଜ ଶ୍ରୀବାବୁ ଲକ୍ଷ୍ମୀନା- ରାୟଣ ଗୁପ୍ତ ସୁକଠିନ ରୋଗଗ୍ରସ୍ତ ମନୁଷ୍ୟମାନଙ୍କ ରୋଗରୁ ମୁକ୍ତ କରିବା ନିମିତ୍ତ ପ୍ରସ୍ତୁତ ଅଛନ୍ତି । ଗତ ତିନିବର୍ଷମଧ୍ୟରେ କୌଣସି ରୋଗୀ ଆରୋଗ୍ୟ ନ ହୋଇ ଫେରିଯିବାର ଦେଖାଯାଇ ନାହିଁ । ରୋଗରୁ ମୁକ୍ତ ପାଇବାର ବାଞ୍ଛା ଯେବେ ତୁମ୍ଭର ଥାଏ ତେବେ ତାହାଙ୍କୁ ରୋଗର ବିବରଣ ଜଣାଇଲେ ଅତି ଅଳ୍ପବ୍ୟୟରେ ଅଳ୍ପଦିନ- ମଧ୍ୟରେ ତୁମ୍ଭଙ୍କୁ ଆରୋଗ୍ୟ କରିଦେବେ । ସେ ଅନେକଲୋକଙ୍କୁ ଆରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି ।

---

# ବାଲିକାଗଜ ।

ଉଲ୍ଲିଖିତ ଶସ୍ତା ଦରରେ ସଦର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ତ୍ତବଲ୍ଲଭ କର ବକ୍ସୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | | | |
|---|---|---|---|---|---|---|
| ୧୭ | ପଣି | ବାଲି | ପ ୧୬ | ଟ ୨୷ | ବ ୧୬ | ଟ ୦ ।୭ |
| ୧୮ | ପଣି | ,, | ,, | ଟ ୨୩ | ,, | ଟ ୦ ।୩ |
| ୧୨ | ପଣି | ,, | ,, | ଟ ୨। | ,, | ଟ ୦ ।୵ |
| ୩୦ | ପଣି | ,, | ,, | ଟ ୭। | ,, | ଟ ୦ ।୭ |

ବେପାରିମାନେ ଅର୍ଥାତ୍ ଯେଉଁମାନେ ଏକ- ତରେ ୧ ୫ ମ ବା ଅଧିକ କ୍ରୟ କରିବେ ଅଟ୍ଟରୁ ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ନଗଦ ।

---

# ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୭ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନିର୍ଗତ ହୋଇଯାଏ । ପାରଦ ଘା, ଗରମୀ ଘା, ନାଲି ଘା, କେବ ଓ ନାକ- ଭିତରର ଘା, ଶୋଲ ଘା, କାନ ଘା, କାନରୁ ପୂଜ, କୋଷ୍ଠ-କାଠିନ୍ୟ ଅଜୀର୍ଣ୍ଣତା, ପେଟଫୁଲା ଶିତବାଥା, କାଶ, କ୍ଷୟକାଶ, ପ୍ରସ୍ରାବପୀଡ଼ା, କୁଷ୍ଠିଆ, ଧାତୁଦୌର୍ବଲ୍ୟ ଏବଂ ଉତ୍କଳନିତ ଜ୍ୱର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରାମ ହୁଏ ।

Split by PDF Splitter

Digitized by srujanika@gmail.com

ଔଷଧର ମାତ୍ରା ବୋତଲ ଦେହରେ ଚିହ୍ନ- ଦ୍ୱାରା ଦେଖାଇ ଦିଆଯାଇଅଛି ଏବଂ ଠିକ ସକାଳେ ଓ ସନ୍ଧ୍ୟାବେଳେ ଖାଇବାକୁ ହେବ । ପଥ୍ୟାପଥ୍ୟର ନିୟମ ବୋତଲର ଟିକଟରେ ଲେଖା ଅଛି । ପରୀକ୍ଷାଦ୍ୱାରା ଏଥିର ଗୁଣ ଦେଖା ଯାଇଅଛି ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ଶିଶିକୁ ଟ ୧ ।

# ମେହରୋଗ ।

ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉପାର୍ଜ୍ଜିତ ରୋଗାଣ କରିବାର କେବଳ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁନାହିଁ ।

ଏହି ଔଷଧ ଯଥାଶାସ୍ତ୍ରରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଏହାର ବିଷୟରେ ପଢ଼ଣ ନ ହେଲେ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରସ୍ତୁତ ହେବ କଲିକତା ଅହେରିଟୋଲା ନମ୍ବର ଭବନରେ ସ, ବେ, ଘଯ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ୨୲ ଟା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ୍ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ- ଯାଉଅଛି ଯେ ନାବାଲଗ ବାବୁ ନଗେନ୍ଦ୍ରନାଥ ରାଏ ଚଉଧୁରୀଙ୍କର ଷ୍ଟେଟର ମହାମାନ୍ୟ ହାଇ କୋର୍ଟ ଅଦାଲତଙ୍କ ନିଯୁକ୍ତ ଏଡ୍‌ମିନିଷ୍ଟ୍ରେଟ୍ରିକ୍ସ ଶ୍ରୀମତୀ ଚମତ୍କାରମୋହିନୀ ଦେବ୍ୟା ତାଙ୍କ- ଲଲତା ଉକ୍ତ ଷ୍ଟେଟସମ୍ପର୍କୀୟ ଜମିଦାରୀ କାର୍ଯ୍ୟ- ମାନ ଚଲାଇବା ନିମନ୍ତେ ଶ୍ରୀଯୁକ୍ତ ବାବୁ ମହେ- ଶଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟଙ୍କୁ ମେନେଜର ପଦରେ ନିଯୁକ୍ତ କରିଥିଲେ ଉକ୍ତ ବନ୍ଦ୍ୟୋପାଧ୍ୟାୟଙ୍କ ଇସ୍ତ- ଫାମାସ ଅଦ୍ୟରୁ ଉକ୍ତ ମେନେଜର କର୍ମରୁ ବରଖାସ୍ତ କରି ତାଙ୍କ କର୍ମରେ ଶ୍ରୀଯୁକ୍ତ ବାବୁ ଶଶୀଭୂଷଣ ବୋଷଙ୍କୁ ନିଯୁକ୍ତ କରିଅଛନ୍ତି ଓ ମଧ୍ୟ ଉକ୍ତ ବନ୍ଦ୍ୟୋପାଧ୍ୟାୟ ଏଡ୍‌ମିନିଷ୍ଟ୍ରେଟ୍ରିକ୍ସ- ଙ୍କଠାରୁ ସନ ୧୮୮୪ ମସିହା ମାର୍ଚ୍ଚମାସ ତା ୧୩ ରଖେ ଯେଉଁ ଷମତାପତ୍ରମାନ ଲେଖାଇ ନେଇଥିଲେ ସେହି ଷମତାପତ୍ରମାନଙ୍କୁ ଉକ୍ତ ଏଡ୍‌ମିନିଷ୍ଟ୍ରେଟ୍ରିକ୍ସ ରହିତ କରିଅଛନ୍ତି ତା ୨୯ ରଖ ମାହେ ଜୁନ ସନ ୧୮୮୭ ମସିହା ।

Lucksmee Narayan Roy Chowdhry<br>
Hury Ballabh Bose<br>
Legally constituted attorneys of Chumutkar Mohoni Debi adminstratrix of the estate of Baboo Nogendra Nath Roy Choudhury Minor.

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସ୍ତା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ ବଲଗା ଓ ଭେଷମୀଓରେଗର ଲୁଗା ଓ ଷ୍ଟେସନରୀ ଓ କଳ- କଣା ଇତ୍ୟାଦି ସଉଦାଗର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଇଦାନିନ୍ତ ଅତ୍ ବେଳେବେ ଫେଲନ୍ କିନିସାରୁ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେ- ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ- ପାରିବେ । ଏତଦ୍‌ଭିନ୍ନ ଆମ୍ଭେମାନେ ବଲୋର ଶାଢ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖି- ଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ସଦ ଉକ୍ତ ଶାଢ଼ିମାନ ବିକ୍ରୟ ହେବା ପର୍ଯ୍ୟନ୍ତ ଆପଣା ମଫସଲ ସକାଶେ ବଡ଼ା ଚାହାନ୍ତି ତେବେ ଏକ ବାହକୁ ଟଙ୍କା ଟ୦୲୬ ହିସାବରେ ବଡ଼ା ଦେଲେ ପାଇ ପାରିବେ । ଶାଢ଼ି ତାହାର ଷଡ ଖଷ୍ଟାନଠର ଭାବ ଧାଙ୍କ ଉପରେ ଥିବ । ଷଡ ହେଲେ ଶାଢ଼ିର ଦସ୍ତ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

## ଲଫସିଲ ।

| | |
|---|---|
| କଲମ ଶେଲଣା ତ ଅନ୍ଥିରେ ସ୍ୱଦ ଦେଲେ ସ୍ୱଲେ । | କାଗ ପିସର ଓ କଲ୍ଲ ଓଲିନ ଓ ସ୍ୱତ |
| ଦରେସରଶୀଭ | ଦସ୍ତଗ ବେବେଗ |
| କେରୋସିନ୍ ତେଲ ଜଳିବା ପେଜ ସ୍ୱାଦ ଓ ଚୋନ ସହିତ । | ଇକର୍ଣ ହୁରଫସସ୍ତେସ ,ବେଫସ ଜୁସ ନେଲସନ ଉପୋର ସମ କେନ୍ଦ୍ରର; ଅଦଲ |

ହୁଇ ଅର୍ଥାତ ଚକସା କଟିବା କାଗଜ ପେନ୍- ସିଲ ଓ କଲମ ।<br>
ପେନସିଲ କାଟିବା ଛୁରୀ ।<br>
ଜାନା ପ୍ରକାରର ଦଦ- କାଗଜ ଓ ଲଫାଫା<br>
ଦୋହାଇ ଛୁରୀ ।<br>
ରୈଲର ଛୁରୀ ।<br>
ଦରଜ ଷାବୁନ ।<br>
ତାକାଇ ଷାକାନ ଗହଁ ଲେ ଲୁଗା ପରଷାର ଛୁଏ ।<br>
ଅଟୋର ରେଡ—ଅର୍ଥାତ ସୁରଜ ଡୁବ ।<br>
ଫଏର ଲୁଠ ।<br>
ଓ-ାଟର ସୁଫ୍ ଛତା ।<br>
ବଟ ଲ ଅବ ।<br>
ହ୍ରୋରେସାଇଟ୍ ।<br>
ପୋଲସ୍କ୍ରୁରଲ ବେଣ୍ଟର- ନେଲ ଓ ଲକର ସୋ- ଭରେ ସରେ<br>
ଟ୍ରାଣ୍ଡ କାଠ ଅର୍ଥାତ ଲେଟିକାରେରେ ଘଲ ଓ ଶୁଟିରେ କଣା ହେବ ।<br>
ଅଲକା ଚମ୍ବ ୧୨×୧୦ ଇଞ୍ଚ ୧୪×୧୨ ଇଞ୍ଚ<br>
ପଲେଟକୁନ ସଂରଣ ପାଇଁ ସକୃତ ଟ ୦ ।୲୬<br>
ମୋଜା ଓ ମୋଜାକର ଭରମ ଧୁଆ କରସଂଖ୍ୟା<br>
ବଗଣ ଷାଟ୍ଟ କଣ<br>
ଚରିଓ ,ପାଇକର ରୌକ ଫିତା

ମାର୍କ୍ଲିଂ କାଳି ଲୁଗାରେ ଚିହ୍ନ ଦେଲେ ଧୋଇ ଦେଲେ ନଯାଇ ନେଇ ଯାଏ ।<br>
ଏ, ସୋଷକ ଷଷ୍ଟକେସ କାଗଜ ଓ ବହୁତା ।<br>
ବଗଣ ଅଷ୍ଟରୋଶ<br>
ଏନ୍ଥ କାଗଜ ।<br>
ଷ୍ଟାମ୍ପ ପେଜ ।<br>
ଅଟମେଟିକ ପେନ୍‌ସିଲ ଅର୍ଥାତ ଏ ପେନ୍‌ସିଲକେ କେଉଁ କଟିଙ୍ଗ ପେଡ ଭର ଛୁଆଇ ସେହି ପେନ୍‌ସିଲ୍ ଲେଖା ର ପରେ ଲେଡ ବଦଳ ହେଲେ ବହୁଁଲ ନ୍ଦ ନ ଲଦେ ।<br>
କଟିଙ୍ଗ ପେପର ।<br>
କପିଇଙ୍ଗ ପେନସେ ଲି- କାଲ କାଠ ।<br>
କପଡ଼ର ସୋପର ଅର୍ଥାତ ଡଠୀର କରଣ ଖାଇବାର ଉଦର ।<br>
ନମଖାନା ।<br>
ରେଡ୍ ବ୍ଲୁ ପେନ୍‌ସିଲ୍<br>
ଷମ ହୋଦର<br>
ବନାରସୀ ଶାଢ଼ୀ ଓ ଯୋଡ଼ ଓ ଜଡ଼ୁ<br>
ମଷ୍ଟରାଭାଷ ଓ ଅଣ୍ଡି- ପାଠ ପାଟଶୋଡ ଓ ଶାଢ଼ୀ ।<br>
ଚ୍ରିକିଂ କାଠ

ଅତ୍ୟଚରହିତ ଜନ୍ କମ୍ପାନି

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ପ୍ରତି- ପଂକ୍ତି ପ୍ରଥମ ଥର ଟୋଡାଇବାର ହାର —

ପ୍ରଥମଥର ସକାଶେ

| | |
|---|---|
| ଆଠ ପଂକ୍ତି | ଟ ୦୲ |
| ଅତ ଅଧିକ | ଟ ୧୲ |
| ତିନିଥର ଅଧିକ | ଟ ୦ |

[illegible] ଟ ୧୲୲ କ ଇଣା ହେବ ନାହିଁ ।

[illegible]

[illegible]

[illegible]

[illegible]

Split by PDF Splitter

REGISTERED NO. 1

24

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।


ଖ ୨୨ ଶ
ସ ୩୦ ସଂଖ୍ୟା

ତା ୨୩ ଶେ ମାହେ ଜୁଲାଇ ସନ ୧୮୮୭ ମସିହା । ମୂ । ଶ୍ରାବଣ ଦ ୯ ନ ସନ ୧୨୯୪ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ପଶ୍ଚାଦେୟ ଟ ୬୯


ଏ ସପ୍ତାହରେ ଏ ନଗରରେ ଓଲାଉଠା ରୋଗ ବହୁତ ଅଧିକ ହୋଇଅଛି ଓ ବଜାରରେ ଠାକୁରାଣୀପୂଜା ନାମସଂକୀର୍ତ୍ତନ ଇତ୍ୟାଦି ଦୈବା-ଅନୁଷ୍ଠାନର ଧୂମ ଲାଗିଅଛି । କୌଣସି ଠାକୁ-ରାଣୀଙ୍କ ଆଜ୍ଞାରେ ଅନେକ ଲୋକ ଚଉଦଙ୍ଗ-ଅନ୍ନାଚାସ୍ୟାଦନ ପିଠା କରି ଖାହାନ୍ତି । ପୁଣି ପୁରୁଷଣବେଗୀ ରୋଗ ଆରମ୍ଭ ହେବାର ଅନ୍ତ-ରାଳରେ ମରଣିବାରୁ ଅଧିକ ଦସ୍ତୁର କାରଣ ହୋଇଅଛି । କେତେଦିନ ଅତ୍ୟନ୍ତ ଗ୍ରୀଷ୍ମ ଓ ବର୍ଷା ନାମ ମାତ୍ର ହେବାରୁ ରୋଗ ବଢ଼ିବାର ଜଣା-ଯାଏ । ଶ୍ରାବଣମାସରେ ଏପରି ଅବସ୍ଥା ଦେଖି ଲୋକେ ଚିନ୍ତାଯୁକ୍ତ ଥିଲେ । ଦୁଇଦିନ ହେଲା ଲଗାଣ ବର୍ଷା ହେଉଅଛି ।

---

ମଧ୍ୟପ୍ରଦେଶର ଯୁଡସିଏଲ କମିଶନର ସାହାବ ଅଧୀନସ୍ଥ ହାକିମାନଙ୍କର ଫଇସଲାମାନ ନଥି ଓ କାଗଜପତ୍ର ଦେଖିବା ବିଷୟରେ ଚଳିତମାସରେ କେତେଗୁଡ଼ିଏ ନିୟମ କରୁଅଛନ୍ତି । ନଥି ଓ ରେଜିଷ୍ଟରୀ ବହି ଇତ୍ୟାଦି ଯେ କେହି ଇଚ୍ଛା-କରିବ ହାକିମଙ୍କ ଅନୁମତି ନେଇ ଦେଖି ପାରିବ । ଦେଖିବାକୁ ଯେତେ ସମୟ ଲାଗିବ ନଥି-ନିମିତ୍ତ ଘଣ୍ଟାକୁ ଟ ୦୯ ଲେଖାଏଁ ଏବଂ ରେଜି-ଷ୍ଟରୀ ବହି ଇତ୍ୟାଦି ନିମିତ୍ତ ଟ ୦। ଲେଖାଏଁ ଫିସ ଦେବାକୁ ହେବ । କେବଳ ସରକାରୀ-କାର୍ଯ୍ୟ ନିମିତ୍ତ ସରକାର ଓକିଲ ଅଥବା ଅନ୍ୟ କ୍ଷମତା ପ୍ରାପ୍ତ ଲୋକ ଓ ଆସାମୀ ଜମା ଭାବାର ଓକିଲକୁ ଉକ୍ତ ଫିସ ଦେଣା ପଡ଼ିବ ନାହିଁ ।

---

ବାଲେଶ୍ୱର ଟାଉନହଲ ନିମିତ୍ତ ଟ ୬୦୦୦ଙ୍କା ଇଷ୍ଟିମେଟ ହୋଇଥିଲା । ତହିଁମଧ୍ୟରୁ ଟ ୩୫୦୦ଙ୍କା ବେଦାଦ୍ୱାରା ସଂଗୃହୀତ ହୋଇ ଅନୁନ ଦୁଇବର୍ଷ ହେଲା କାର୍ଯ୍ୟାରମ୍ଭ ହୋଇ କାନ୍ଥକର୍ମ୍ମ ଶେଷ ହୋଇଅଛି କେବଳ ଛାତକର୍ମ ବାକି ଅଛି । ସ୍ୱାକ୍ଷରିତ ବେଦାମଧ୍ୟରୁ ଟ ୫୦୦ ଙ୍କା ଉସୁଲ ହୋଇ ନାହିଁ । ଏଣେ ଖର୍ଚ୍ଚ ପ୍ରାୟ ଟ ୪୦୦୦ଙ୍କା ହେଲଣି । ଅଧିକାଂଶଙ୍କା ଋଣ ହୋଇଅଛି । ସ୍ୱାକ୍ଷରିତ ବେଦା ଆଦାୟ ଏବଂ ନୂତନ ବେଦା ନିମିତ୍ତ ଟାଉନହଲ କମିଟୀର ସମ୍ପାଦକ ପ୍ରାର୍ଥନା କରୁଅଛନ୍ତି । ବାଲେଶ୍ୱରପରି ଧନଶାଳୀ ନଗରରେ ଗୋଟିଏ ସାଧାରଣ ଅଟ୍ଟାଳିକା ଦୁଇବର୍ଷରେ ଶେଷ ହୋଇ ନ ପାରିବା ବଡ଼ ଦୁଃଖର ବିଷୟ ଅଟଇ । ଆମ୍ଭେମାନେ ଆଶା କରୁଁ କି ସର୍ବସାଧାରଣ ଏ ବିଷୟରେ ତତ୍ପର ହେବେ ।

---

ପୁରୀ ରଥଯାତ୍ରା ଶେଷ ହେଲା ହସ୍ତରୁ ତହିଁର ବିସ୍ତାରିତ ବିବରଣ ଅମ୍ଭମାନଙ୍କ ହସ୍ତ-ଗତ ହେଲା । ବର୍ତ୍ତମାନ ସେ ସବୁ ଲେଖିବାର ପ୍ରୟୋଜନ ନାହିଁ । ରଥ ନିର୍ମାଣ କାର୍ଯ୍ୟ ଯଥା-ସମୟରେ ଶେଷ ହୋଇ ନ ପାରିବାରୁ ଗୁଣ୍ଡିଚା-ବିଜେରେ ବହୁତ ବିଳମ୍ବ ହୋଇଥିଲା । ସେହିପରି ରଥମାନ ଦକ୍ଷିଣମୂର୍ତ୍ତି ହେବାରେ ବିଳମ୍ବ-ହେବାରୁ କାହୁଡ଼ା ଯାତ୍ରାର ଅଠଦିନ ଉତ୍ତାରୁ ଠାକୁରମାନେ ରଥରୁ ବିଜେ କଲେ । ଯାତ୍ରିମା-ନଙ୍କ ଦର୍ଶନରେ ବହୁତ ଅସୁବିଧା ଘଟି ନ ଥିଲା ଓ ସେମାନେ ଫେରିବା ପରେ ପୁରୀରେ ଓଲା-ଉଠାର ପ୍ରାଦୁର୍ଭାବ ହେଲା । ରଥଯାତ୍ରାର ଦୁର୍ଘଟଣା ମଧ୍ୟରେ କେବଳ ଜଣେ ଚୋଳିଆ (ଚୋଳିଆମାନେ ରଥଦୋଉଡ଼ି ପ୍ରସ୍ତୁତ କରି-ବାର ପ୍ରଥା ଅଛି) ଦୋଉଡ଼ି ବନ୍ଧ ଖାଇଥିବା ସ୍ଥିତ ତାହା ମୁଣ୍ଡରେ ପଡ଼ିବାରୁ ଅଚାନକରେ ମୂର୍ଚ୍ଛିତ ହେଲା ଓ ପରେ ତାହାର ମୃତ୍ୟୁ ହେବାର କଥିତ ହୁଅଇ । ରାଣୀଙ୍କ ତରଫରୁ ସ୍ନାନଯାତ୍ରା ଦିନ-ଠାରୁ ରଥଯାତ୍ରା ଶେଷ ପର୍ଯ୍ୟନ୍ତ ଜ ୫୦ ଣ ଠିକା କନଷ୍ଟବଲ ନିଯୁକ୍ତ ହୋଇଥିଲେ ।

---

ଖାଙ୍କିଜିଲ୍ଲାର ବନ୍ଦୋବସ୍ତ ଆଗାମି ଶୀତକା-ଳରେ ହେବାର ନିଶ୍ଚୟ ହେଲା । ଅନୁଗୁଳପରି ଏ ଜିଲ୍ଲାର ବନ୍ଦୋବସ୍ତ କାର୍ଯ୍ୟ କୃଷିବିଭାଗର ଡାଇରେକ୍ଟର ଫିନ୍ୟୁକେନ ସାହେବଙ୍କ ତତ୍ତ୍ୱାବ-ଧାରଣରେ ହେବ ସେ ଏ କାର୍ଯ୍ୟ ଅତି ଅଳ୍ପ ବ୍ୟୟ ଅର୍ଥାତ୍ [illegible]ହଜାର ଟଙ୍କା ମଧ୍ୟରେ ନିର୍ବାହ କରିବେ ବୋଲି ନିଶ୍ଚୟ କରିଅଛନ୍ତି । ଜରିପକାର୍ଯ୍ୟ ସର୍ଭେ ମହକୁମାଦ୍ୱାରା ହେବ ଓ ସରବରାହକାରମାନେ ଆପଣା ଏଲାକାରେ ଜରିପ କରିବେ । ଏଥିପାଇଁ ସେମାନଙ୍କୁ ଜଙ୍ଗିସ ଜରିବମାପ ଶିକ୍ଷା ଦେବାର ବନ୍ଦୋବସ୍ତ ହୋଇଅଛି । ଏହି ବର୍ଷାକାଳରେ ସେମାନେ ମାପ ଶିକ୍ଷା କରି ଶୀତକାଳରେ କାର୍ଯ୍ୟ କରିବେ । ବନ୍ଦୋବସ୍ତ ସକାଶେ ଭଲ ହାକିମ ନ ରହି

Digitized by srujanika@gmail.com

Split by PDF Splitter



କଲ୍ଲାର ସବଡେପୁଟୀ ସେ କାର୍ଯ୍ୟ କରିବେ ବୋଲି ପ୍ରସ୍ତାବ ହୋଇଅଛି । ଜରିପ ସଙ୍ଗେ ୨ ବନ୍ଦୋବସ୍ତ କର୍ମଚାରୀ ଦ୍ୱାରା ପରଚାଲ କରି ଉଠାଣ ଲଗାଇ ଦେବେ । ଜମାବନ୍ଦି ନିମିତ୍ତ ଆଉ ପୃଥକ୍ ମାପ ହେବ ନାହିଁ । ଅନୁଗୁଳରେ ଏହି ନିୟମରେ କାର୍ଯ୍ୟ ହେଉଅଛି । ଏଡ଼େ ସହଜରେ ବନ୍ଦୋବସ୍ତକାର୍ଯ୍ୟ ନିର୍ବାହ ହୋଇ ପାରିଲେ ବଡ଼ ସୁଖର କଥା ହେବ ।

———

ପୁରୀରୁ ଜଣେ ପତ୍ରପ୍ରେରକ ଷ୍ଟେଟ୍ସମାନରେ ଲେଖିଅଛନ୍ତି କି ସେଠା ମେଉନିସିପାଲିଟୀର କାର୍ଯ୍ୟ ଉତ୍ତମରୂପେ ଚଳୁ ନାହିଁ । ଚେୟାରମାନ ଓ ଭାଇସଚେଅରମାନ ଉଭୟ ସରକାରୀଅମଲା-ଶ୍ରେଣୀର ବ୍ୟକ୍ତି ଅଟନ୍ତି ଏହି ମହକୁମାର କାର୍ଯ୍ୟ ଏପରି ଶୋଚନୀୟରୂପେ ନିର୍ବାହ ହେଉଅଛି ଯେ ତାହାର ବର୍ଣ୍ଣନା କରିବା କଠିନ । ଏଥିପାଇଁ ପତ୍ରପ୍ରେରକ ମିଉନିସିପାଲ କମିଶନରମାନଙ୍କୁ ଉପଦେଶ ଦେଇଛନ୍ତି କି ସେମାନେ ଜାଗ୍ରତ ହୋଇ କାଜିମଶ୍ରେଣୀର ଲୋକଙ୍କୁ ଆପଣାର ଚେଅରମାନ ଓ ଭାଇସଚେଅରମାନ ପଦରେ ନିଯୁକ୍ତ ହେବା କାରଣ ଅନୁରୋଧ କରନ୍ତୁ । ଓଡ଼ିଶାର ଅନ୍ୟାନ୍ୟ ମିଉନିସିପାଲିଟୀ ପରି ପୁରୀ ମିଉନିସିପାଲିଟୀର ସୁଖ୍ୟାତି ନ ହେବାରୁ ଅମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହୋଇଅଛୁଁ ଏବଂ ଆମ୍ଭମାନଙ୍କର ଭୟ ହେଉଅଛି ଯେ କମିଶନରମାନେ ଜାଗ୍ରତ ନ ହେଲେ ଉକ୍ତ ନଗରବାସିମାନେ ଯେଉଁ ନିର୍ବାଚନ ଅଧିକାର ପାଇଅଛନ୍ତି ତାହା ରକ୍ଷା କରିବାକୁ ସମର୍ଥ ହେବେ ନାହିଁ । କମିଶନରମାନେ ଯେବେ କାର୍ଯ୍ୟ କରିବାକୁ ଅକ୍ଷମ ବା ଅସମ୍ମତ ହେବେ ସେମାନଙ୍କର ଇଚ୍ଛାପୂର୍ବକ ଇସ୍ତଫା ଦେବାର ଉଚିତ ତାହା ହେଲେ ଲୋକେ ଅନ୍ୟ କମିଶନର ନିଯୁକ୍ତ କରିବେ । କୌଣସିମତେ ସ୍ୱାୟତ୍ତଶାସନପକ୍ଷରେ ଏ କଥା ଗୌରବର ବିଷୟ ନୁହଇ ।

———

ଏବ.ଦ ପ୍ରଥମ ଅଙ୍କରେ ପାଠକଙ୍କୁ ଯେ ବିଦ୍ୟାଳୟର ପାଠ୍ୟପୁସ୍ତକ ନିର୍ବାଚନ ସମ୍ବନ୍ଧରେ କସ୍ତୁର ଅନିୟମ ଓ ଅନ୍ୟାୟ କାଣ୍ଡ ଘଟିବାରୁ ଶିକ୍ଷାବିଭାଗର ଡାଇରେକ୍ଟର ସାହେବ ଅନ୍ୟ ଉପାୟ ନ ଦେଖି ଆଗାମି ବର୍ଷରୁ ବଙ୍ଗପ୍ରଦେଶର ବର୍ଣ୍ଣାକ୍ୟୁଲର ବିଦ୍ୟାଳୟମାନଙ୍କର ପୁସ୍ତକ ନିର୍ବାଚନ କାର୍ଯ୍ୟ ସ୍କୁଲ ଇନ୍ସପେକ୍ଟର ମାନଙ୍କଠାରୁ ଆପଣା ହାତକୁ କାଢ଼ିନେବାକୁ ସ୍ଥିର କରିଅଛନ୍ତି । ପାଠ୍ୟପୁସ୍ତକ ନିର୍ବାଚନ ଘଟିତ ଅନ୍ୟାୟକାଣ୍ଡମାନ ଏତେଦିନେ ଡାଇରେକ୍ଟର ମହୋଦୟ ହୃଦୟଙ୍ଗମ କରି ପାରିଲେ ଅବଶ୍ୟ ସୁଖର ବିଷୟ ବୋଲିବାକୁ ହେବ ମାତ୍ର ସେ ଯେଉଁ ଉପାୟ ଚିନ୍ତା କରିଅଛନ୍ତି ତାହା ଯଥାର୍ଥ ପ୍ରତୀକାର ହେବ କି ନାହିଁ ନିଶ୍ଚୟ ବୋଲିଯାଇ ନ ପାରେ କାରଣ ଅଧୀନସ୍ଥ କର୍ମଚାରୀଙ୍କ ପରାମର୍ଶ ବିନା ସେ ଚଳିପାରିବେ କି ? ଏ ବିଷୟରେ ଗତ କେତେବର୍ଷରୁ ଓଡ଼ିଶାରେ ଯେତେ ଗୋଳମାଳ ହୋଇଅଛି ଏବଂ ଯାହାର ବିବରଣ ଅମ୍ଭେମାନେ ଲେଖି ୨ ହାରି ହୋଇଅଛୁଁ ଯେବେ ଡାଇରେକ୍ଟର ମହାଶୟ ସେ ସମସ୍ତ ଉତ୍ତମରୂପେ ବିବେଚନା କରନ୍ତେ ତେବେ ଜାଣିପାରନ୍ତେ ଯେ କେମନ୍ତ ଚକାନ୍ତରେ ସ୍ୱାର୍ଥବାନ୍ ବ୍ୟକ୍ତିମାନେ ଆପଣା ଅଭୀଷ୍ଟ ସିଦ୍ଧ କରନ୍ତି ଏବଂ ଉଦ୍ଦେଶ୍ୟରେ ବହୁତ ଉପାୟ ଅବଲମ୍ବନ କରନ୍ତି । ଔଷଧ ପ୍ରୟୋଗ ପୂର୍ବରେ ରୋଗର ନିଦାନ ବିଶେଷରୂପେ ଜାଣିବାର ଉଚିତ ନଚେତ୍ ସଫଳ ହେବା ବଡ଼ କଠିନ ଅଟଇ ।

———

ବାଲ୍ୟବିବାହ ନିବାରଣ ଉଦ୍ଦେଶରେ କେହି ସମାଜ ସଂସ୍କାରକ ପ୍ରସ୍ତାବ କରିଥିଲେ କି ଯେଉଁ ହିନ୍ଦୁଛାତ୍ର ବିବାହ ହୋଇଥିବ ତାହାକୁ ବିଶ୍ୱବିଦ୍ୟାଳୟର ପରୀକ୍ଷାରେ ଉପସ୍ଥିତ ହେବାକୁ ଅନୁମତି ଦିଆଯିବ ନାହିଁ ଏବଂ ସରକାରୀ ଚାକିରି ଲୋଡ଼ିବା ବ୍ୟକ୍ତିଙ୍କମଧ୍ୟରେ ବିବାହିତ ଉମେଦବାରଙ୍କ ଅପେକ୍ଷା ଅବିବାହିତ ଉମେଦବାରଙ୍କ ଦାବି ଅଗ୍ରଗଣ୍ୟ ହେବ । ଗବର୍ଣ୍ଣମେଣ୍ଟ ଏ ବିଷୟରେ ଜଷ୍ଟିସ୍‌ମାନଙ୍କ ମତ ଜାଣିବାକୁ ଇଚ୍ଛା କରିବାରେ ସାହାବାଦର କଲେକ୍ଟର ନୋଲାନ ସାହେବ ଏହିପରି ମତ ପ୍ରଦାନ କଲେ କି ଯେବେ ଶୀଘ୍ର ବିବାହକରିବା ଦୋଷରେ ହିନ୍ଦୁମାନେ ସରକାରୀ ଚାକିରିରୁ ବଞ୍ଚିତ ହେବେ ତେବେ ଅଧିକ ବିବାହ କରିବା ହେତୁରୁ ଇଂରାଜଙ୍କୁ, ପୁନଃ ବିବାହ କରିବା ହେତୁରୁ ମୁସଲମାନଙ୍କୁ, ଏକାଧିକାର-ବଳା ବିବାହ ନ କରିବା ହେତୁରୁ ବୌଦ୍ଧମାନଙ୍କୁ ଏବଂ ଅବିବେଚନାପୂର୍ବକ ବିବାହହେବା ଓ ବୈବାହିକ ସମ୍ବନ୍ଧ ରକ୍ଷା କରିବାକୁ ଅକ୍ଷମ ହେବା ସମସ୍ତବ୍ୟକ୍ତିଙ୍କୁ ସରକାରୀ କାର୍ଯ୍ୟରୁ ନୈରାଶ୍ୟ କରିବାର ଉଚିତ ହେଉଅଛି । ନୋଲାନ ସାହେବ ଏକ ସମୟରେ ଏ ବିଷୟର କଟେଲକ୍ଟର ହୋଇ ଆସିଥିବାରୁ ତାହାଙ୍କର ଯୋଗ୍ୟତା ଓ ନ୍ୟାୟପରତାର କଥା ଏଠାଲୋକଙ୍କ ମନରୁ ପାଶୋରି ଯାଇ ନାହିଁ । ଯେମନ୍ତ ପ୍ରଶ୍ନ ତାହାଙ୍କର ବିଲକ୍ଷଣ ସଦୁତ୍ତର ଦେଇଅଛନ୍ତି । ଦେଶ ସଂସ୍କାରକମାନେ ଏଥିର କି ବୋଲିବେ ଶୁଣିବାକୁ ବାକି ରହିଲା । ବାସ୍ତବରେ ହିନ୍ଦୁବିବାହ ନିୟମ ସମ୍ବନ୍ଧରେ ଯେମନ୍ତ ତର୍କବିତର୍କ ବର୍ତ୍ତମାନ ଲାଗିଅଛି ଅନେକ କୌତୁକ ଶୁଣାଯିବ ।

———

ବାଲେଶ୍ୱରର ଏକ୍‌ଟିଂ ମାଜିଷ୍ଟ୍ରେଟ ଟୁଇଟ ସାହେବ ଯଶୋରରେ ଥିବା ସମୟରେ ଜଣେ ଦୁଃଖିତଲୋକ ସେଠା ମିଉନିସିପାଲ କମିଶନରମାନଙ୍କଠାରୁ ଅନୁମତି ନେଇ ତାହାଙ୍କ ସରହଦ୍ଦ ଏକ ପଡ଼ିଆରେ ଘର ନିର୍ମାଣ କରିଥିଲା । ସାହେବଙ୍କୁ ସେ କଥା ଭଲ ନ ଲାଗିବାରୁ ସେ ଘର ଉଠାଇଦେବା କାରଣ ଚେଅରମାନଙ୍କ ନିକଟକୁ ପତ୍ର ଲେଖିଲେ । କମିଶନରମାନେ ବିବେଚନାପୂର୍ବକ ଅନୁମତି ଦେଇଥିବାରୁ ତାହା ରହିତ ହୋଇ ନ ପାରିବାର ଚେଅରମାନ ଉତ୍ତର ଦେଲେ । ତହୁଁ ସାହେବ ଶାନ୍ତିଭଙ୍ଗ ଉତ୍ପାତ କାରଣ ବର୍ଣ୍ଣିତ ମିଉନିସିପାଲ ଆଇନର ଧା ୬୪ ସ୍ଥ ଅନୁସାରେ ଗଭର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କରିବାରୁ ସେଠାରୁ ଘର ଉଠାଇ ଦେବାର ଆଦେଶ ଅଣାଇ କାର୍ଯ୍ୟବିଧି ଆଇନାନୁସାରେ ଉକ୍ତ ବ୍ୟକ୍ତି ପ୍ରତି ଏକସପ୍ତାହମଧ୍ୟରେ ଘର ଉଠାଇନେବ ଓ ନ ନେଲେ ଫୌଜଦାରୀ ସୁପର୍ଦ୍ଦ ହେବାର ଆଜ୍ଞା ପ୍ରଚାର କଲେ । ଯେତେବେଳକୁ ସେ ବ୍ୟକ୍ତି ନୂତନଘରେ ବାସ କରୁଥିଲା । ସେ ଆଜ୍ଞା ନ ମାନିବାରୁ ଫୌଜଦାରୀ ସୁପର୍ଦ୍ଦ ହେଲା ଓ ସେ ମୋକଦ୍ଦମା ଜଣେ ଡେପୁଟୀମାଜିଷ୍ଟ୍ରେଟଙ୍କୁ ଅର୍ପିତ ହେବାରୁ ଡେପୁଟୀମହାଶୟ ବିଚାରରେ ଆସାମୀକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଦେଲେ । ଅପିଲରେ ଜଜସାହେବ ସେହି ବାହାଲ ରଖିଲେ ମାତ୍ର ହାଇକୋର୍ଟରେ ମୋସନ ହେବାରୁ ମାନ୍ୟବର ଜଷ୍ଟିସ୍‌ମାନେ ନିଷ୍ପତ୍ତି କଲେ କି ମିଉନିସିପାଲ କମିଶନରମାନେ ଆଇନାନୁସାରେ କାର୍ଯ୍ୟ କରିଥିବାରୁ ଧା ୬୪ ସ୍ଥ ଅନୁସାରେ ମାଜିଷ୍ଟ୍ରେଟଙ୍କର ହସ୍ତକ୍ଷେପ କରିବାର ଅଧିକାର ନ ଥିଲା, ସୁତରାଂ ତାହାଙ୍କ ପ୍ରଥମକାର୍ଯ୍ୟ ବେଆଇନ ଥିବାରୁ ଆସାମୀ ଦୋଷୀ ହୋଇ ନ ପାରେ । ଅତଏବ ଆସାମୀ ଖଲାସ ପାଇଲା । ବଡ଼ସା ହୁଅଇ

Digitized by srujanika@gmail.com

Split by PDF Splitter



ଟ୍ୟୁଟସାହେବ ମିଉନିସିପାଲ ଅଫିସର ଏପରି ଭ୍ରମାତ୍ମକ ଅର୍ଥ କରିବାଦ୍ୱାରା ଅନ୍ୟ କାହାରିକି କଷ୍ଟ ହେବ ନାହିଁ ।

---

ସମ୍ବାଦ ବାହିକାରେ ପାଠ କଲୁଁ ଯେ ବାଲେଶ୍ୱର ଜିଲ୍ଲାର ଜଗନ୍ନାଥ ରୋଡ ଫଣ୍ଡରେ ଜମା ଥିବା ଛଅ ହଜାର ଟଙ୍କା ମଧ୍ୟରୁ ଶ୍ରୀଯୁକ୍ତ କମିସନର ସାହେବଙ୍କ ମଞ୍ଜୁରୀମତେ ନଅଶ ଟଙ୍କା ଗୁନବାଲ ଚିକିତ୍ସାଳୟ ନିମିତ୍ତ ଦିଆ ଯାଇଅଛି ଏବଂ ଅବଶିଷ୍ଟ ଟଙ୍କା ଭଦ୍ରଖଠାରୁ ବାଲେଶ୍ୱରର ଉତ୍ତରସୀମା ପର୍ଯ୍ୟନ୍ତ ବଡ ସଡକ ପାର୍ଶ୍ୱରେ ଥିବା ଚଟିମାନଙ୍କର ଅବସ୍ଥା ତଦାରଖ କରିବା ଏବଂ ସେ ସବୁ ପରିଷ୍କାର ରଖିବା କାର୍ଯ୍ୟରେ ବ୍ୟୟ କରିବାକୁ ସେଠା କଲେକ୍ଟର ଟ୍ୟୁଟସାହେବ ସ୍ଥିର କରିଅଛନ୍ତି । ଏ କାର୍ଯ୍ୟ ନିର୍ବାହ ନିମିତ୍ତ ଜଣେ ଗସ୍ତି ଡାକ୍ତର ଓ ୧୯ ଜଣ ମେହେନ୍ତର ନିଯୁକ୍ତ ହେବେ । ଡାକ୍ତରଙ୍କ ବେତନ ଟ ୩୦ ଙ୍କା ଓ ଗସ୍ତଖର୍ଚ୍ଚା ଟ ୧୦୯ ଙ୍କା ଧାର୍ଯ୍ୟ ହୋଇଅଛି । ଏ ବନ୍ଦୋବସ୍ତଦ୍ୱାରା ଯାତ୍ରୀମାନଙ୍କର ଅନେକ ଉପକାର ହେବ ସନ୍ଦେହ ନାହିଁ । ଜଗନ୍ନାଥ ରୋଡ଼ଫଣ୍ଡ ନାମରେ ଗୋଟିଏ ପାଣ୍ଠି ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଥିବାର ଜଣା ଯାଉଅଛି ମାତ୍ର ଏ ପାଣ୍ଠି କିରୂପେ ଗଠିତ ହୋଇଅଛି ଓ ଏଥିର ଆୟ ବ୍ୟୟ କାହାଦ୍ୱାରା କିପରି ହୁଅଇ ଆମ୍ଭେମାନେ ନ ଜାଣୁ । ଶ୍ରୀଯୁକ୍ତ ଟ୍ୟୁଟସାହେବଙ୍କର ଯାତ୍ରିଙ୍କ କଷ୍ଟପ୍ରତି ଦୃଷ୍ଟି ପଡିବାରୁ ଏ ଫଣ୍ଡର କଥା ବାହାରିଲା ଏବଂ ଏଥିରେ ଜମା ଥିବା ଟଙ୍କା ଉଚିତ କାର୍ଯ୍ୟରେ ବ୍ୟୟ ହେବାର ଆରମ୍ଭ ହେଲା ଏଥିପାଇଁ ସାହେବ ପ୍ରଶଂସିତ ଧନ୍ୟବାଦର ପାତ୍ର ଅଟନ୍ତି । ଭରସା କରୁଅଛୁ କଟକ ଓ ପୁରୀଜିଲ୍ଲାର ମାଜିଷ୍ଟ୍ରେଟମାନେ ଏହି ପାଣ୍ଠିର ସଦ୍‌ବ୍ୟୟ କରିବାକୁ ପ୍ରବୃତ୍ତ ହେବେ । ଏବଂ ତଦ୍ୱାରା ଟ୍ୟୁଟସାହେବଙ୍କ ଅନୁଷ୍ଠିତ କାର୍ଯ୍ୟର ବିଶେଷ ସାହାଯ୍ୟ ହେବ । ଆମ୍ଭମାନଙ୍କ ବିବେଚନାରେ ଜଗନ୍ନାଥ ରୋଡ ଫଣ୍ଡକୁ ଡିଷ୍ଟ୍ରିକ୍ଟ ବୋର୍ଡଙ୍କ ଜିମା କରି ଦେଲେ ତହିଁର କାର୍ଯ୍ୟ ଉତ୍ତମରୂପେ ଚଳିବ ଭିନ୍ନ କମିଟୀ ନିଯୁକ୍ତ କରିବାର କିଛି ପ୍ରୟୋଜନ ନାହିଁ ।

---

ଆଜିକାଲି ଏ ନଗରରେ ଚୋରମାନେ ଅଧିକ ମାତିବାର ଜଣାଯାଏ । ଏ ସପ୍ତାହରେ ଏକସ୍ଥାନରେ ସିନ୍ଧଚୋରି ଏବଂ ଅନ୍ୟ ଏକସ୍ଥାନରେ ଗୃହ ଭଙ୍ଗି ଘରେ ପଶି ଚୋରି ହୋଇଅଛି । ଏପରି ଏ ନଗରବାସୀ ଜଣେ ଧନାଢ୍ୟ ମଠଧାରୀ ଶ୍ରୀ ଜଗନ୍ନାଥ ଭାରତୀ ଗୋସାଇଙ୍କ ମଠରୁ ଜାହାନଖାନ ନାମରେ ଜଣେ କାବୁଲି ବେପାରୀ ନିଶାଘରେ ଧରାପଡ଼ି ହାକିମଙ୍କୁ ଆସିଅଛି ଓ ମୋକଦ୍ଦମାର ତଦାରଖ ହେଉଅଛି । ଏ ବ୍ୟକ୍ତି ଏଠାରେ ପ୍ରାୟ ଦୁଇବର୍ଷ ହେଲା ରହି ଲୁଗା ଇତ୍ୟାଦି ଅନେକଦ୍ରବ୍ୟର କାରବାର କରୁଥିଲା । ଏବଂ ଭଲ ପୋଷାକ ପିନ୍ଧି ଜଣେ ବଡ଼ ମହାଜନପରି ବୁଲୁଥିଲା । ଏଥିମଧ୍ୟରେ କେତେଲୋକଙ୍କର ଟଙ୍କା ଧାରି [illegible] ଅଦୃଶ୍ୟ ହୋଇଥିଲା ଏବଂ ସେ ପଳାଇଗଲା ବୋଲି ଅନେକଲୋକ ବିଶ୍ୱାସ କରିଥିଲେ । ଶେଷରେ ଉପରଲିଖିତମତେ ଧରା ପଡିଅଛି । ଗତ ଶୀତକାଳରେ ବାଲେଶ୍ୱରରେ ଅଳ୍ପଦିନ ତଳେ ରଣପୁରରେ ଓ ବର୍ତ୍ତମାନ ଏ ନଗରରେ କାବୁଲିମାନେ ଚୋରି ଅପରାଧରେ ଧରା ପଡିବାରୁ ଅନୁମାନ ହେଉଅଛି ଏମାନଙ୍କଦ୍ୱାରା ବହୁତ ଚୋରି ହେଉଅଛି । ପୁଲିସ କି ପର୍ଯ୍ୟନ୍ତ ଏଥିରେ କୃତକାର୍ଯ୍ୟ ହେବେ ଦେଖିବାରେ ଆସିବ ।

ଅଳ୍ପକାଳ ହେଲା ଏ ନଗରବାସୀ ଓ ଅନ୍ୟ କେତେଲୋକ ସଙ୍ଗ ହୋଇ ଯାଇ ଖୋର୍ଦ୍ଧା ଏଲାକାରେ ଏକବ୍ୟକ୍ତି ଘରେ ଡକାଇତି କରିଥିଲେ । ପୁଲିସ ତହିଁର ଅନୁସନ୍ଧାନରେ ଏଠାକୁ ଆସି କେତେଲୋକଙ୍କୁ ଗେରଫ୍ତାର ଏବଂ ସେମାନଙ୍କଠାରୁ ମାଲ ବରାମଦ କରିଅଛି । ଦାଗିମାନେ ଧରା ପଡିବାରୁ ଭରସା ହୁଅଇ କିଛି ଦିନ ଚୋରି ବନ୍ଦ ହୋଇଯିବ । ମାତ୍ର ଆମ୍ଭମାନଙ୍କର ସନ୍ଦେହ ହେଉଅଛି ଯେ ଦାଗିଙ୍କପ୍ରତି ପୁଲିସର ଦୃଷ୍ଟି ସର୍ବଦା ଏକଭାବରେ ରହୁ ନାହିଁ ନ ହେବା ମଧ୍ୟରେ ଚୋରି ବୃଦ୍ଧି ହେବାର କାରଣ ଅନ୍ୟ କି ହୋଇପାରେ ?

---

ଓଡ଼ିଶା କୋଷ୍ଟକେନାଲ ସମ୍ପର୍କରେ ନିମ୍ନଲିଖିତ ବିଜ୍ଞପ୍ତି ସର୍ବସାଧାରଣଙ୍କ ଜାଣିବା କାରଣ ବାଲେଶ୍ୱର ସମ୍ବାଦ ବାହିକାରୁ ଉଦ୍ଧୃତ ହେଲା ।

“ଆଗାମୀ କାଲିଠାରୁ ବଙ୍ଗଳନଦୀର ଗୃହଗଛିଆଠାରୁ ଗୃହବାଟିଆ ପର୍ଯ୍ୟନ୍ତ କୋଷ୍ଟକେନାଲ ଫିଟିବାର ଘୋଷଣା ନଗର ମଧ୍ୟରେ ଦିଆ ଯାଇଅଛି । ଏବେ ମହାଜନମାନେ ନୌକାରେ ଆପଣାର ବାଣିଜ୍ୟଦ୍ରବ୍ୟ ନେବା ଆଣିବା କରି ପାରିବେ । ଗୃହବାଟିଆଠାରୁ ଚେଣିଚ ଗ୍ରାନ୍ଧାଲ କାଟି କଟକ ପର୍ଯ୍ୟନ୍ତ ଷ୍ଟିମର ଗତାୟାତ କରୁଅଛି । ବଙ୍ଗଳଘାଟାରୁ ଗୃହବାଟିଆ ପର୍ଯ୍ୟନ୍ତ ଅଗ୍ନିବୋଟ ଶୀଘ୍ର ଯିବା ଆସିବା କରିବ ତାହା ହେଲେ କଟକ ଓ ବାଲେଶ୍ୱର ନଗରମଧ୍ୟରେ ଆଉ ଦୂରତା ରହିବ ନାହିଁ । ହୋରମିଲର କୋମ୍ପାନୀ କୋଷ୍ଟକେନାଲରେ ଅଗ୍ନିବୋଟ ଚଳାଇବାର ସନନ୍ଦ ପାଇଥିବାର ଶୁଣିଲୁଁ । ସପ୍ତାହରେ ଥରେଲେଖାଏଁ ଷ୍ଟିମର ଗତାୟାତ କରିବ । ଆହୁରି ଶୁଣିଲୁଁ, ଉକ୍ତ କୋମ୍ପାନୀ କେଣ୍ଟ ଲେଗସାଇଠାରୁ ପଞ୍ଚପାଳ ପର୍ଯ୍ୟନ୍ତ କେନାଲରେ ଷ୍ଟିମର ଚଳାଉଅଛନ୍ତି, ଏଣୁ ବଲଙ୍ଗ ଜମିରେ ସୋଲପଟ୍ଟା ଲକ ପର୍ଯ୍ୟନ୍ତ କେନାଲର କାଟ ଫିଟି ଯାଇଅଛି, କେବଳ ସୋଲପଟ୍ଟାର ଲକ ସମ୍ପୂର୍ଣ୍ଣରୂପେ ପ୍ରସ୍ତୁତ ହୋଇ ନ ଥିବାରୁ ଲକର ମଧ୍ୟ ଦେଇ ଅଗ୍ନିବୋଟ ବର୍ତ୍ତମାନ ଜମନ୍ତେ ଯିବା ଆସିବା କରି ପାରିବ ନାହିଁ ; କିନ୍ତୁ ସେଥିଲାଗି ଯିବା ଆସିବା ବନ୍ଦ ହେବ ନାହିଁ । ଲକ ପ୍ରସ୍ତୁତ ନୋହିବା ପର୍ଯ୍ୟନ୍ତ ତେତିକ ବାଟ ସ୍ଥଳ ପଥରେ ଅତିକ୍ରମ କରିବାକୁ ହେବ । ଯେଉଁଦିନ କଲିକତାଠାରୁ କଟକ ପର୍ଯ୍ୟନ୍ତ ଅଗ୍ନିବୋଟ କେନାଲରେ ଚଳିବ, ସେହିଦିନକୁ ସମସ୍ତେ ଏକଧ୍ୟାନରେ ଚାହିଁ ରହିଅଛନ୍ତି ।”

ଓଡ଼ିଶାର କୋଷ୍ଟ କେନାଲ ଫିଟିବ ବୋଲି ଯେଉଁ ଦୃଢ଼ସହି ହେଉଥିଲା ଓ ବାଉକମାଷ୍ଟ ଇଲାକାର କର୍ମଚାରୀମାନେ ଯହିଁନିମନ୍ତେ ସର୍ବଦା ବ୍ୟସ୍ତ ଥିଲେ, ତାହା ଏତେଦିନେ କାର୍ଯ୍ୟକାରୀ ହେଲା । ହୋରମିଲର କୋମ୍ପାନୀ କେବେ ଅଗ୍ନିବୋଟ ଚଳାଇବେ ଓ ସେଥିରେ ମାଲ ଓ ଲୋକମାନଙ୍କ ଯିବା ଆସିବାରେ କେତେ ମାସୁଲ ଲାଗିବ, ତାହା ପରେ ପାଠକବର୍ଗଙ୍କୁ ଜଣାଇବୁଁ ।

---

## ଧର୍ମ ବିଷୟରେ ସାଧାରଣ ସ୍କୁଲର କର୍ତ୍ତବ୍ୟ ।

ସ୍କୁଲପିଲା ବ୍ରାହ୍ମଧର୍ମ ଗ୍ରହଣକଲେ ଶିକ୍ଷାପ୍ରତି ବ୍ୟାଘାତ ହେବାର ଆମ୍ଭେମାନେ ଯାହା ଆଶଙ୍କା କରିଥିଲୁଁ ତାହା ନିତାନ୍ତ ଅମୂଳକ ନୁହଇ । ଶୁଣିଲୁଁ ଯେ ଏକାଡେମିର ଦୁଇଜଣ ପିଲା ପଇତା ପକାଇଦେବାରୁ ଏକଜଣ ଅଭିଭାବକ ଆପଣା ପିଲାର ନାମ କଟାଇ ନେଇଅଛି ଓ ଅନ୍ୟ ଏକଜଣ ସେହି ଉଦ୍ଦେଶ୍ୟରେ ଏଠାରୁ

Digitized by srujanika@gmail.com

ଅସିଥିଲେ ମାତ୍ର ପେନ୍‌ସ ବୃତ୍ତି ପାଉଥିବା ଦାମ୍ଭି-
କତାରେ ପିତାର କଥା ନ ମାନିବାରୁ ତାହାକୁ
ତ୍ୟାଗକରି ଗଲେ । ଶୁଣିବାରେ ଉକ୍ତ
ପିଲାର ମାତା ପୁଣି ଏପରି କାର୍ଯ୍ୟରେ ଏମନ୍ତ
ଦୁଃଖିତ ହୋଇଅଛି ଯେ ପ୍ରାଣ ହରାଇଦେବାକୁ
ବସିଥିଲା । ସମସ୍ତେ ଆପଣା ପୁତ୍ରଠାରେ
ସ୍ନେହ ରଖିବାର ପ୍ରତ୍ୟାଶା କରନ୍ତି ଏଠା ହିନ୍ଦୁମା-
ନଙ୍କର ସେ ଆଶା ଅତ୍ୟନ୍ତ ପ୍ରବଳ ଏମନ୍ତସ୍ଥଳେ
ପୁତ୍ର ଅନ୍ୟ ଧର୍ମ ଗ୍ରହଣପୂର୍ବକ କୁଳ ତ୍ୟାଗ
କଲେ ପିତା ମାତା ଓ ବନ୍ଧୁ କୁଟୁମ୍ବଙ୍କର କେତେ
ଦୁଃଖ ହେବ ତାହା ଅନାୟାସରେ ଅନୁଭବ
ହୋଇପାରେ ବର୍ଣ୍ଣନ କରିବାର ପ୍ରୟୋଜନ
ନାହିଁ । କେହି ପିଲା ଧର୍ମତ୍ୟାଗୀ ହେଲେ
ଯେ ସ୍କୁଲମାନ ବନ୍ଦ ହୋଇଯିବ ଏ କଥା
ଅମ୍ଭେମାନେ କହୁ ନାହୁଁ କିମ୍ବା ତାହା ସମ୍ଭବପର
ନୁହଇ ମାତ୍ର କେହି ଅଭିଭାବକ ଧର୍ମ ହରା-
ଇବା ଭୟରେ ଆପଣା ପିଲାଙ୍କୁ ସ୍କୁଲକୁ ନ
ପଠାଇଲେ ସେ ପିଲାଙ୍କର କ୍ଷତି ହେବ ଓ
ସାଧାରଣ ବିଦ୍ୟାଳୟର ଦୋଷରୁ ସେପରି
ଘଟିବା ଉଚିତ ନୁହଇ । ବିଶେଷତଃ ଖ୍ରୀଷ୍ଟ
ହେଉ ବା ନ ହେଉ ସ୍କୁଲଛାତ୍ରମାନେ ଇଚ୍ଛା
ମତେ ଧର୍ମ ବଦଳାଇ ପାରିବେ ଓ ସ୍କୁଲର
କର୍ତ୍ତୃପକ୍ଷମାନେ ତହିଁରେ କିଛି କହିବେ ନାହିଁ
ଏ କଥା ଉଚିତ ହେଉଅଛି କି ? କେହି
କହନ୍ତି ଯେ ଧର୍ମ ବିଷୟରେ ପିଲାଙ୍କର ମନ
ଯାହା ହେବ ତାହା କରିବେ ସ୍କୁଲସ୍ୱାମିଙ୍କର
ତହିଁରେ କିଛି କହିବାର ପ୍ରୟୋଜନ ନାହିଁ
ସେମାନେ କେବଳ ଶିକ୍ଷାର ବିଷୟ ବୁଝିବେ ।
ଅମ୍ଭମାନଙ୍କ ମତରେ ଏ ଯୁକ୍ତି ଅଛି ନାହିଁ । ଅପ୍ରାପ୍ତ-
ବୟସ୍କ ପିଲାମାନଙ୍କର ନ୍ୟାୟ ଓ ଆଇନ
ଅନୁସାରେ ପିତା ମାତା ବା ଅଭିଭାବକଙ୍କ ମତ-
ବିରୁଦ୍ଧରେ ଚାଲିବାର ଅଧିକାର ନାହିଁ ଓ
ପିତା ମାତା ଓ ଅପର ଗୁରୁଜନଙ୍କୁ ମାନ୍ୟ କରି
ବା ଏବଂ ସେମାନଙ୍କ ଆଦେଶମତେ ଚାଲିବାକୁ
ପିଲାଙ୍କୁ ଶିକ୍ଷା ଦେବା ବିଦ୍ୟାଳୟର ପ୍ରଧାନ
କାର୍ଯ୍ୟ ହେଉଅଛି । ପିଲାମାନେ ସ୍କୁଲମାନଙ୍କରେ
ଆଉ କିଛି ଶିକ୍ଷା କରିବେ ବୋଲି ଅଭିଭାବକ-
ମାନେ ସେମାନଙ୍କୁ ସ୍କୁଲରେ ବସାଇଅଛନ୍ତି ।
ଯେବେ ସ୍କୁଲରେ ପଢ଼ି ପିଲାମାନେ ସ୍ୱେଚ୍ଛାଚାରୀ
ହେବେ ଓ ଅଭିଭାବକମାନଙ୍କ ନିର୍ଦ୍ଦିଷ୍ଟମାର୍ଗ
ତ୍ୟାଗ କରିବେ ତେବେ ଶିକ୍ଷକ ତହିଁରେ
ହସ୍ତକ୍ଷେପ କରିବେ ନାହିଁ ଏକଥା କେଉଁ
ଯୁକ୍ତିରେ ହୋଇପାରିବ । ଯେଉଁଠାରେ ଅପ୍ରା-
ପ୍ତବୟସ୍କ ପିଲାଙ୍କର ସ୍ୱାଧୀନତା ନାହିଁ ସେଠା-
ରେ ସେମାନେ ଅଭିଭାବକଙ୍କ ମତବିରୁଦ୍ଧରେ
କୌଣସି କାର୍ଯ୍ୟ କଲେ ତାହା ଦୁଷ୍କର୍ମ ବୋଲି
ଜ୍ଞାନ ହେବ ଏବଂ ତାହାକୁ ସଂଶୋଧନ କରିବାର
ଭାର ଅବଶ୍ୟ ସ୍କୁଲ ଉପରେ ପଡ଼ୁଅଛି ।
ଶିକ୍ଷକ ଯେବେ ସଦୁପଦେଶଦ୍ୱାରା ସେ ପିଲାକୁ
ସଂଶୋଧନ କରି ନ ପାରିବେ ତେବେ ତାହାକୁ
ସ୍କୁଲରୁ ବାହାର କରିଦେବାକୁ ହେବ ।
ଅମ୍ଭମାନଙ୍କ ବିବେଚନାରେ ସମସ୍ତ ସାଧାରଣ
ବିଦ୍ୟାଳୟରେ ଏପରି ନିୟମ ହେବାର
ଉଚିତ । ଅତଏବ ଅମ୍ଭେମାନେ ଆଶା କରୁଁ
କି ପ୍ୟାରୀମୋହନ ଏକାଡେମୀର କମିଟି ଏ
ବିଷୟ ବିବେଚନା ପୂର୍ବକ କୌଣସି ନିୟମ ପ୍ରଚାର
କରିବେ ନୋହିଲେ ସେ ସ୍କୁଲପ୍ରତି ଲୋକ-
ଙ୍କର ଆଦର ରହିବ ନାହିଁ । ଆଉ ଯେବେ
ଉକ୍ତ ସ୍କୁଲର କୌଣସି ଶିକ୍ଷକର ଦୋଷରୁ
ଏପରି ଘଟିଥିବ କିମ୍ବା ଘଟିବାର ସମ୍ଭାବନା
ଥାଏ ଯାହା କି ଜଣେ ପତ୍ରପ୍ରେରକ ଗତ
ସପ୍ତାହରେ ପ୍ରକାଶ କରିଅଛନ୍ତି ତେବେ ତହିଁର
ମଧ୍ୟ ପ୍ରତିକାର ଆବଶ୍ୟକ । ସ୍କୁଲ ସମୟ ଅଥବା
ଅନ୍ୟ ସମୟରେ କୌଣସି ସ୍କୁଲପିଲାକୁ ଉକ୍ତ
ସ୍କୁଲର କୌଣସି ଶିକ୍ଷକ ବିଶେଷ ଧର୍ମର
ଉପଦେଶ ଦେଇ ନ ପାରେ ।

———

## ସାପ୍ତାହିକ ସଂବାଦ ।

ଆଗାମି ସୋମବାରଠାରୁ ଏଠା ଦୌରାସେସନ ଆରମ୍ଭ ହେବ ।

ଅମ୍ଭମାନଙ୍କ କମିଶନରସାହେବ ଗତ ସୋମବାର ଦିବସ ବାଲେଶ୍ୱରରୁ କେନ୍ଦ୍ରାପଡ଼ା ବାଟେ ଆସି ଏଠାରେ ଉପସ୍ଥିତ ହୋଇଅଛନ୍ତି । ଶୁଣାଯାଏ ଶୀଘ୍ର ପୁରୀ ଯାତ୍ରା କରିବେ ।

ସବଡେପୁଟୀ ବାବୁ କଇଲାସ ଦାସ ବଙ୍ଗଳାରେ ଛୁଟିରୁ ଫେରିଥାଇ ହେଡକ୍ଲର୍କ ବାବୁ ... ପଦ ତାହାଙ୍କ କର୍ମରେ ନିଯୁକ୍ତ ହୋଇ ଆସିଅଛନ୍ତି ।

ସମ୍ପ୍ରତି ଏଠା ଫଉଜଦାରୀ ଅଦାଲତରେ ଗୋଟିଏ ଅଦ୍ଭୁତ ମୋକଦ୍ଦମା ଉପସ୍ଥିତ ହୋଇଅଛି । ଏ ନଗରସ୍ଥ ମୁସଲମାନର ୧୩।୧୪ ବର୍ଷ ବୟସ୍କା ଗୋଟିଏ ଝିଅକୁ ବାଟରୁ ଜଣେ ସାହେବ ଜାନରେ ନାଇସ କରି-ଅଛନ୍ତି ଯେ, ସେ ଅପ୍ରାପ୍ତବୟସ୍କା ଥିବା ସତ୍ତ୍ୱେ ସାହେବ ତାହାକୁ କୋଠି ମଧ୍ୟରେ ବଳକରି ରଖି ବଳାତ୍କାର ଅନାୟାସ ସଂସର୍ଗରେ ପ୍ରବୃତ୍ତ ହେଲେ ଏବଂ ତାହାର ଆଦର ଗତ କଲେ । ଡାକ୍ତର ସାର୍ଟିଫିକେଟ ଦେଇଅଛନ୍ତି । ମୋକ-ଦ୍ଦମା ଜଇଣ୍ଟମାଜିଷ୍ଟ୍ରେଟସାହେବଙ୍କ ବିଚାରାଧୀନରେ ଅଛି ।

ଫଉଜଦାରୀରେ ଜଣମାନ ଦେବା ଅସ୍ୱୀକାରରେ ଜଣେ ଲୋକ ତାହାର ସମ୍ପତ୍ତି କାର୍ଯ୍ୟପାଳବାକୁ ନ ଦେବାରୁ ଗତ ସୋମବାର ତାହା କଲେକ୍ଟରରେ ନିଲାମ ହେଲା । ଜଣେ ବାଂଗାଲୀ ନିଲାମ ଧରିବାକୁ ଉଦ୍ୟତ ହେବାରୁ ...

କେତେକ ଜଣ ଅମର ଘଡ଼ା କରି ସେଣ୍ଟିକୁ ମୁସଲମାନ ନେଇ ମକାନମାନଙ୍କରେ ପ୍ରବେଶ ଥିଲେ । ଆମ୍ଭମାନେ ସାମାନ୍ୟ ହେଲେ ମଧ୍ୟ ସେମାନଙ୍କ ଉଦାରତା ଏବଂ ଧର୍ମବିଶ୍ୱାସ ପ୍ରଶଂସନୀୟ ।

କାଠଯୋଡ଼ୀ ନଦୀରେ ପଥର ପକାଇବା ବାବଦ ଅନେକମାନେ ଲେଖି ଥୋକସ୍ ହୋଇ ନାହିଁ ତଥାପି ତହିଁର କର୍ତ୍ତୃପକ୍ଷ ଅଥବା ମିଉନିସିପାଲିଟୀର ଏଥିପ୍ରତି ଦୃଷ୍ଟି ପଡ଼ିବାର ଦେଖାଯାଇ ନାହିଁ । ବର୍ତ୍ତମାନ ଡାକ୍ତରର ଜାଗାମାନରେ ଜଳ ବଢ଼ିଅଛି । ଏ ସମୟରେ ସହର ପଥରର ରଖିବାର କି ଉଚିତ ନୁହଇ ? ଏହାର ବାଧା ଦୂର ହେଲେ ଉଭୟ ପକ୍ଷର ଅନେକ ସୁବିଧା ନାହିଁ କି ? ତେଲଙ୍ଗା ବଜାରରେ ଓସାରଠା ସରିବା ପ୍ରତିବର୍ଷର ଏକ ପ୍ରକାର ସାଧାରଣ ନିୟମ ଅଟଇ । ଏଥିପାଇଁ ମ୍ୟୁନିସିପାଲିଟୀ ଏଠାକୁ ବନ୍ଦକରି ପୁଣି ସାହାଯ୍ୟ ପଥରର ପକାଇବା କାର୍ଯ୍ୟ ଶୀଘ୍ର ଉପାୟବିଧାନ କରିବାର ଉଚିତ ଅବଧାନ ହୋଇ ଅଛି ।

ଏଣୁ ପୂର୍ବ ଜନରବ ହୋଇଥିଲା ଓ ବର୍ତ୍ତମାନ ହୋଇ ଅଛି ଯେ ଅମ୍ଭମାନଙ୍କ ନୂତନ ଷ୍ଟେସନ ବାହାଦୁର ଆଗାମି ନବେମ୍ବର ମାସରେ ଓଡ଼ିଶା ଗସ୍ତରେ ଯାତ୍ରା କରିବେ ।

ଜଗତସିଂହପୁରରେ ସବ୍‌ଡିଭିଜନ ଖୋଲିବାର ମଞ୍ଜୁର ହୋଇଅଛି । ସେ ସ୍ଥାନର ସବ୍‌ଡିଭିଜନଙ୍କୁ ତହିଁର ଘର ବନାଇବାର ପ୍ରସ୍ତାବ ହୋଇଅଛି ।

ଜଗତସିଂହପୁର ଅଞ୍ଚଳରେ ବଡ଼ ଓଡ଼ଅଠା ଲାଗିଅଛି ।

ଗତ ରବିବାର ଅପରାହ୍ଣ ୪ ଘଣ୍ଟା ସମୟରେ ଜଗତସିଂହ-ପୁର ଅନ୍ତର୍ଗତ ଗାଲୁପଡ଼ା ମଉଜାର ଗୋଟିଏ ସ୍ତ୍ରୀ ବଜ୍ରାଘାତରେ ମୃତ୍ୟୁ ପ୍ରାପ୍ତ ହୋଇଅଛି । ତାହାର ୧ବର୍ଷ ବୟସ୍କ ଗୋଟିଏ ସନ୍ତାନ ଥା ୭ ଦିନ ପୂର୍ବରେ ସ୍ୱର୍ଗଗତ ହୋଇଥିଲା ।

### କଲିକତା ଗେଜେଟ୍ ।

ଅଫିସିଏଟ ଇଞ୍ଜିନିୟର ମିଃ ପି, ଡି, କାର୍ଡ଼ସାହେବ ବାଲେଶ୍ୱରରୁ ହଜାରିବାଗକୁ ସ୍ଥାନାନ୍ତରିତ ହୋଇଅଛନ୍ତି ।

କଟକ ଟ୍ରେନିଂ ସ୍କୁଲ ହେଡମାଷ୍ଟର ଶ୍ରୀ ରାମଶଙ୍କର ରାୟ ମଧ୍ୟଭାରତ ପ୍ରତି ଗତ ତା ୧୬ ରିଖରୁ ତିନିମାସର ଅନୁପସ୍ଥିତ ଛୁଟି ପ୍ରାପ୍ତ ହୋଇଅଛନ୍ତି ତାହାଙ୍କ କାର୍ଯ୍ୟରେ ଡେପୁଟି ଇନ୍‌ସପେକ୍ଟର ବାବୁ ଜଗନ୍ନାଥ ଘୋଷ ନିଯୁକ୍ତ ହୋଇଅଛନ୍ତି ଏହା କହିବା ଅବ ଜଣମ ।

ଶ୍ରୀକଣ୍ଠା ଡାକ୍ତରର ଅପ୍ରାର୍ଥ ପାଇବା ଷ୍ଟେସନ ତାହାର ସାଧାରଣ ପାଠ ବୋଲି ଘୋଷଣା କରିଅଛନ୍ତି ।

ମୁଦ୍ରାର ପ୍ରତ୍ୟୁତ ବୋର୍ଡର ଅଧୀନ ସ୍ଥଳରେ ନିମ୍ନ ଲିଖିତ ବ୍ୟକ୍ତିମାନେ ନିଯୁକ୍ତ ହୋଇଅଛନ୍ତି ।

| ଘରିକାଳାଶଲ ନାମ । | ସେମାନେ ସ୍ଥାନର ବୋର୍ଡ ନାମ ଜଣାଅ |
| --- | --- |
| ମିଃ ଉଇଲିୟମ ସି ଟେଲର, ସୃକମ୍ବଜେନ ଫ୍ରୀମ୍ୟାନ, ବାବୁ ରାଧାଶ୍ୟାମ ପଟ୍ଟନାୟକ | ଡୋମ୍ବା |
| ବାବୁ ଗଉରଚରଣ ଦାସ, „ ଉଦୟନାଥ ରାୟ, „ ଅମୃତଲାଲ ସିଂ ଚୌଧୁରୀ, „ ଲାଲ୍ମଣ ମିତ୍ର | ପୁରୀ |

ନିମ୍ନ ଲିଖିତ ବ୍ୟକ୍ତିମାନେ ଏକଜିଷ୍ଟେଣ୍ଟ ସଭାପତି ନିଯୁକ୍ତ ହୋଇଅଛନ୍ତି ।

ଛାଉଣି ପିଟିଲବର୍ଗର ।
ଶିକ୍ଷାବିଭାଗର ଡେ । ଇନସ୍ପେକ୍ଟର ।
ବାବୁ ଗଙ୍ଗାଗୋପାଳ ଘୋଷ ।
„ ଗୋପୀନାଥ ବନ୍ଦ୍ୟୋପାଧ୍ୟାୟ ।
„ ଲୋକନାଥ ଦାସ ।
ପଣ୍ଡିତ ଦାମୋଦରମିଶ୍ରଙ୍କୁ ଦାସ ।

Digitized by srujanika@gmail.com

ପୁରୀର ମାଜିଷ୍ଟ୍ରେଟ ସେଠା ଡିଷ୍ଟ୍ରିକ୍ଟ ବୋର୍ଡର ଚେୟାରମ୍ୟାନ ନିଯୁକ୍ତ ହେଲେ ।

ଦୁର୍ଭିକ୍ଷ ଉତ୍ସବର ସ୍ମରଣାର୍ଥେ ପୁରୀର ମଧ୍ୟଶ୍ରେଣୀ ଇଂରେଜୀ ସ୍କୁଲ ଉଚ୍ଚ ସ୍କୁଲରେ ପରିଣତ ହେବାରୁ ଉକ୍ତ ସ୍କୁଲର ରକ୍ଷାର୍ଥେ ସେଠା ଜମିଦାର ବାବୁ ହରଚନ୍ଦ୍ର ଚୌଧୁରୀ ମାସିକ ଏକଶତ ଟଙ୍କା ପ୍ରଦାନ କରିବା ପାଇଁ ପ୍ରତିଜ୍ଞା କରିଅଛନ୍ତି ଗୋଟିଏ ବାହାଦୁର ତାହାଙ୍କ ବଦାନ୍ୟତା ନିମନ୍ତେ ତାହାଙ୍କୁ ଧନ୍ୟବାଦ ଦେଉଅଛନ୍ତି ।

———

ପୁରୀନଗ୍ରୀ ଅତୀବ ଦୁର୍ଗନ୍ଧ ହୋଇଅଛି । ହଠାତ ଜଳ ବୃଷ୍ଟି ହେବାରୁ ପୁରୀର ସାତ ଆଠ ମାଇଲ ଅନ୍ତରର ଜଳବସ୍ତ୍ରା ଘାଇ ଖାଇଯାଇଅଛି ଓ ଧନ ଗୃହମୋଟ ନଷ୍ଟ ହୋଇଅଛି ସୁତରାଂ ନଗ୍ରୀ ଅତୀବ ଶୋଚନୀୟ ଓ ପଥିକମାନଙ୍କ ପ୍ରତି ଅଗମ୍ୟ ହୋଇଅଛି । ଶୁଣାଯାଏ ଶ୍ରୀ ସେଠା କଲେକ୍ଟର ସାହେବଙ୍କର ଏଥିପ୍ରତି ନଜର ପଡ଼ିଅଛି । ଏପ୍ରକାର କାର୍ଯ୍ୟରେ ତତ୍ପର ହେବାର ଦେଖି ସାଧାରଣ ଅତୀବ ଅହ୍ଲାଦିତ ହେବେ ।

ପୁରୀର ଫସଲ ବଡ଼ ଆଶାଜନକ ନୁହେ । ଅନାବୃଷ୍ଟି ହେତୁ ଶସ୍ୟ ବେଶି ବୃଦ୍ଧି ହୋଇ ନାହିଁ । ଏପ୍ରକାର ଅବସ୍ଥାରେ ହଠାତ୍ ଜଳବୃଷ୍ଟି ହେବାରୁ ଭବିଷ୍ୟତ ଶସ୍ୟମାନଙ୍କ ପ୍ରତି ଲୋକମାନଙ୍କର ଆଶା ଅତୀବ କମ୍ ହୋଇଅଛି ।

ଏ ସପ୍ତାହରେ କାବୁଲସମ୍ବନ୍ଧୀୟ ଯେଉଁ ସମ୍ବାଦମାନ ଆସି ଅଛି ତାହା ଆଶାପ୍ରଦ ଏବଂ ଶୁଭସୂଚକ ଅଟଇ । ଅମୀରଙ୍କ ଶରୀର [illegible] ସୁସ୍ଥ ହୋଇଅଛି ଓ ସେ ବିଦ୍ରୋହିଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରା କରି ଜୟଯୁକ୍ତ ହୋଇଅଛନ୍ତି । ଅମୀରଙ୍କ ଅଧୀନରେ କୋଷଗଣସମେତ କାବୁଲ ଗେଜେଟରେ ଏକ ଘୋଷଣାପତ୍ର ପ୍ରକାଶିତ ହୋଇଅଛି ଯେ ତତ୍ପରେ ଅମୀର ଅପରାଧ ଶତ୍ରୁମାନଙ୍କୁ କ୍ଷମା ଦେବା ସଙ୍ଗେ ସଙ୍ଗେ ଦୁର୍ବିବର୍ତ୍ତନମିତ୍ତ ସମସ୍ତପ୍ରକାର କର ମାଫିଦେବାର ପ୍ରକାଶ କରିଅଛନ୍ତି ।

ଉଦାର ଗାମ୍ଭୀର୍ଯ୍ୟ ସମିତିକୁ ମହାରାଣୀ ଇଂଲଣ୍ଡେଶ୍ୱରୀ [illegible] ଭିକ୍ଟୋରିଆ ଭେଟ ଦେଇଥିବାର ସମ୍ବାଦ ମିଳଇ ।

ବିଲାତଠାରୁ ଆସିଥିବା ସମ୍ବାଦମାନଙ୍କରୁ ପ୍ରକାଶ ଯେ ଗ୍ଲାଡଷ୍ଟୋନ ମହୋଦୟ ଆୟର୍ଲାଣ୍ଡର ଫୌଜଦାରି ଆଇନ ଅଗ୍ରାହ୍ୟ କରିବା ମର୍ମରେ ପାର୍ଲିମେଣ୍ଟ ମହାସଭାରେ ପ୍ରସ୍ତାବ କରିଥିଲେ ମାତ୍ର ଅଧିକାଂଶ ସଭ୍ୟଙ୍କ ମତ ତାହାଙ୍କ ବିପକ୍ଷରେ ହେବାରୁ ସୁତରାଂ ଉକ୍ତ ପ୍ରସ୍ତାବ ଅଗ୍ରାହ୍ୟ ହେଲା । ବର୍ତ୍ତମାନ ଫୌଜଦାରି ଆଇନଟି କମନ୍ସ ସଭାରେ ଧାର୍ଯ୍ୟ ହୋଇ ଲର୍ଡସମାନଙ୍କ ସଭାକୁ ଯାଇ ସେଠାରେ ୨ଥର ପାଠ ହୋଇ ଯାଇଥିବାର ସମ୍ବାଦ ମିଳଇ । ଆୟର୍ଲାଣ୍ଡର ଜମିସମ୍ବନ୍ଧୀୟ ଆଇନ ମଧ୍ୟ ଲର୍ଡମାନଙ୍କ ଦ୍ୱାରା ଧାର୍ଯ୍ୟ ହୋଇ କମନ୍ସ ସଭାକୁ ଆସି ସେଠାରେ ୨ଥର ପାଠ ହୋଇ ଯାଇଅଛି । ପାର୍ଲିଆମେଣ୍ଟ ଓ ଆୟର୍ଲାଣ୍ଡରେ ଜବରଦସ୍ତି ଚଳାଇବାକୁ ଚାହାନ୍ତି ତାହାର ମାତ୍ର ପରିଣାମ କି ହେବ ତାହା ଧୀରବ୍ୟକ୍ତି ବିବେଚିତ ହୋଇଅଛନ୍ତି ?

ଆୟର୍ଲଣ୍ଡ ବେଲଫାଷ୍ଟ ନଗରରେ ବିଦ୍ରୋହ ଘଟିଥିବାର ସମ୍ବାଦ ମିଳଇ । ଏ ବିଦ୍ରୋହ ନିବାରଣ କରିବାକାରଣ ପୁଲିସକୁ ବନ୍ଧୁକ ଫାୟର କରିବାକୁ ହୋଇଥିଲା ।

ବ୍ରହ୍ମଦେଶରୁ ଯେ ସମ୍ବାଦମାନ ଆସିଅଛି ତହିଁରୁ ଉକ୍ତ ଦେଶରେ ପୂର୍ବପ୍ରାୟ ଡକାଇତି ଓ ହତ୍ୟାକାଣ୍ଡ ଘଟି ଉତ୍ପାତର ପ୍ରକାଶ । କେତେ ସ୍ୱଦେଶଦ୍ରୋହୀ ଡକାଏତ ନାମରେ ଅଭିହିତ ଓ ଧୃତ ହୋଇ କାରାଗାରରେ ଉତ୍ପୀଡ଼ନ ଯନ୍ତ୍ରଣା ଓ ଅପମାନ ସହ୍ୟ କରୁଅଛନ୍ତି ତାହା କେବେ ଠିକଣା କହିବ । ଇଂରେଜଙ୍କ ଭୟରେ ବ୍ରହ୍ମବାସିମାନେ ବର୍ତ୍ତମାନ ମନୁଷ୍ୟମଧ୍ୟରେ ଗଣ୍ୟ ହୋଇ ନାହାନ୍ତି ପରି ?

ଘାଟଶିଳା ରାଜାମାନେ ଜୁବିଲି ଉପଲକ୍ଷରେ ବଡ଼ଲାଟଙ୍କ ସ୍ୱଦେଶୀୟ ପହରଣରେ ଉପସ୍ଥିତ ରହିଥିଲେ ।

କ୍ରୀଟର ଖ୍ରୀଷ୍ଟିୟାନ ବାସିନ୍ଦାମାନେ ଟାକ୍ସ ଦେବାକୁ ଯାହା ଅସ୍ୱୀକୃତ ଥିଲେ ବର୍ତ୍ତମାନ ତହିଁରୁ ବହିଃଭୂତ ତୁର୍କିମାନଙ୍କର ଦୟା ରକ୍ଷା କରୁଥିବାର ସମ୍ବାଦ ମିଳଇ । ଉତ୍ତମ ।

## ପୁରୀର ସମ୍ବାଦ ।

କାଉଁକା ବିଦ୍ୟାଳୟର ଛାତ୍ରମାନଙ୍କର ବାର୍ଷିକ ପରୀକ୍ଷା ଶେଷ ହୋଇ ସ୍ନାନପୌର୍ଣ୍ଣମୀ ଦିନଠାରୁ ଜୁଲାଇମାସ ତା ୨ ରଖ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ହୋଇଥିଲା । ତା ୩ ରଖଠାରୁ ଖୋଲିଅଛି । ମାତ୍ର ସ୍କୁଲ ହେଡପଣ୍ଡିତ ସ୍କୁଲ ବନ୍ଦଠାରୁ ଆପଣା ସ୍ୱଦେଶକୁ ଯାଇ ଅଦ୍ୟପର୍ଯ୍ୟନ୍ତ ଆସି ନାହାନ୍ତି । ବୋଧହୁଏ ସେ ଆଉ ଆସିବେ ନାହିଁ । କାରଣ ବଙ୍ଗାଳିବାଳକ ସଂଖ୍ୟା କ୍ରମେ ୨ ନ୍ୟୁନ ହୋଇଯିବାରୁ ତାଙ୍କ ରହିବା ଅବଶ୍ୟକ ନ ଥିବାର ଶ୍ରୀଯୁତ ଇନ୍‌ସ୍ପେକ୍ଟର ମନ୍ତବ୍ୟ ଦେଇଥିଲେ । ଉକ୍ତ କର୍ମ ଅଳ୍ପକାଳ ୨ୟ ଶିକ୍ଷକ ଚଳାଉଅଛନ୍ତି ।

କଲିକତା ନିବାସୀ ବାବୁ ଯୋଗେନ୍ଦ୍ରନାଥ ଦତ୍ତ ମାସିକ ଟ ୧୦୦୦ ଙ୍କା ବେତନରେ ପୁରୀର ଅସିଷ୍ଟେଣ୍ଟ ହେଲଥ ଅଫିସର କର୍ମରେ ନିଯୁକ୍ତ ହୋଇଅଛନ୍ତି । ବାବୁ ମହାଶୟଙ୍କ ପ୍ରଶଂସାପତ୍ର ଦେଖିବାରୁ ଜଣାଯାଏ ବାବୁ ଉକ୍ତ କର୍ମର ଯୋଗ୍ୟ ଅଟନ୍ତି ।

ବାବୁ ନଗେନ୍ଦ୍ରଚନ୍ଦ୍ର ଦତ୍ତ ଖୋର୍ଦ୍ଧାର ସବ୍‌ଡେପୋଷ୍ଟ ପଦରେ ନିଯୁକ୍ତ ହେବାରୁ ତାଙ୍କ କର୍ମରେ ବାବୁ ହରମୋହନ ରାୟ ଶଜାସ୍ତ ନିଯୁକ୍ତ ହେବା ପାଇଁ ଶ୍ରୀଯୁକ୍ତ ମେଜିଷ୍ଟ୍ରେଟ ସାହେବ ହୁକୁମ ଦେଇଅଛନ୍ତି ।

---

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ରମାଇବଲ୍ଲଭ ଭଟ୍ଟାଚାର୍ଯ୍ୟ—କାନ୍ଥୀର ସବ୍‌ଡେପୁଟୀ ବଳରାମ ବାବୁ ସେଠାରେ ସୁଖ୍ୟାତି ସହିତ କାର୍ଯ୍ୟ କରୁଥିବାରୁ ତାହାଙ୍କର ଜନମାନଙ୍କୁ ବଦଳି ହେବାର କଥା ଶୁଣି ଦୁଃଖିତ ହୋଇଅଛନ୍ତି । ବାବୁଙ୍କର ବନ୍ଦୋବସ୍ତ ବଦଳ କଥା ସ୍ଥଗିତ ହୋଇଅଛି ।

ଶ୍ରୀ ତଣାଦଷ୍ଟା—ଚୌଧୁରୀ ନନ୍ଦାନନ୍ଦ ଦାସ ଓ ଚୌଧୁରୀ ଯୋଗେନ୍ଦ୍ର ଦାସ ଉକ୍ତସ୍ଥାନର ଭର୍ଣ୍ଣାକ୍ୟୁଲର ସ୍କୁଲଗୃହ ନିର୍ମାଣ ଏବଂ ବେଞ୍ଚ ଚୌକି ଇତ୍ୟାଦି ଖରିଦ କରିଦେବାରେ ଟ ୪୯୬/୨ ଖର୍ଚ୍ଚ କରି ବିଶେଷ ପ୍ରଶଂସନୀୟ ହୋଇଅଛନ୍ତି । ଚୌଧୁରୀମାନେ ସେଠା ବାଳକାବିଦ୍ୟାଳୟକୁ ଖଣ୍ଡେ ବେଞ୍ଚ ଓ ଖଣ୍ଡେ ଚୌକି ଦେଲେ ସେମାନଙ୍କର ଅଧିକତର ଯଶ ଓ ଉକ୍ତ ବିଦ୍ୟାଳୟର ବିଶେଷ ଉପକାର ହେବ ।

ଶ୍ରୀ ନାରାୟଣଚନ୍ଦ୍ର ପଟ୍ଟନାୟକ—ଗତସଂଖ୍ୟା ଦୀପିକାରେ ପ୍ରକାଶିତ ସତ୍ୟବାଦୀଙ୍କ ପ୍ରେରିତପତ୍ରରେ ଛାପା ଭୁଲ ଲିଖିତ ସଂଶୋଧନ କରି ଲେଖିଅଛନ୍ତି, ଯଥା ସ୍ୱାସ୍ଥ୍ୟବିଧାନ ସ୍ଥଳରେ ସ୍ୱାସ୍ଥ୍ୟସାଧନ ହେବ ପ୍ରକୃତ କର୍ମଚାରୀ କମିଟୀ କରୁଅଛନ୍ତି ଯଥାନାଥବାବାବୁ କରନ୍ତି ନାହିଁ । ଶିକ୍ଷାବିଭାଗରେ ଜଣେ ଇଉରୋପୀୟାନ୍ ରହିବାର ଉଚିତ ବୋଲି ସମ୍ପାଦକ ଲେଖିଥିଲେ ଜଣେ ଇନ୍‌ସ୍ପେକ୍ଟରଙ୍କ କାର୍ଯ୍ୟରେ ରହିବ ଏପରି ଲେଖି ନାହାନ୍ତି ।

ଶ୍ରୀ ଭୋଳାନାଥ କର ଓ ଶ୍ରୀ ବଳଭଦ୍ର କର ଉପବୀତ ପରିତ୍ୟାଗ କରିବା ସମ୍ବନ୍ଧରେ ଛୁଆଣି ପକ୍ଷୀ ସ୍ୱାକ୍ଷରିତ ପ୍ରେରିତପତ୍ରର ପ୍ରତିବାଦ କରି ଲେଖିଅଛନ୍ତି କି ସେମାନେ ସ୍ୱଇଚ୍ଛା ବୁଝି ତାହା କରିଅଛନ୍ତି କାହାର ଶିକ୍ଷାରେ ତାହା କରି ନାହାନ୍ତି । ଧ୍ରୁବ ଓ ପ୍ରହ୍ଲାଦ ୭।୮ ବର୍ଷର ବାଳକ ଥାଇ ଧର୍ମର ସୂକ୍ଷ୍ମ ତତ୍ତ୍ୱ ବୁଝି ପାରିଥିଲେ ସେମାନେ ୧୭।୧୮ ବର୍ଷ ବୟସରେ ତାହା ବୁଝିବାକୁ ଅସମର୍ଥ ହେବାର କାରଣ ନାହିଁ

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ !

ନିମ୍ନଲିଖିତ କତିପୟ ପଂକ୍ତିକୁ ଆପଣଙ୍କ ବିଖ୍ୟାତ ପତ୍ରିକାରେ ସ୍ଥାନଦାନ କରି ବାଧିତ କରିବେ ।

ଉତ୍କଳଧର୍ମ୍ମସ୍ଥାନଠାରୁ ପୂର୍ବପ୍ରକାଶିତାନନ୍ତର; ଉକ୍ତ ମହାଶୟଙ୍କ କଥିତ, ଈଶ୍ୱରଙ୍କର ନିଃଶ୍ୱାସଭୂତ ବେଦଚତୁଷ୍ଟୟ ଏବଂ ସେମାନଙ୍କର ମନ୍ତ୍ର ଅର୍ଥାତ୍ ସଂହିତାଭାଗ ଆଉ ତାହାର ବ୍ୟାଖ୍ୟାନରୂପ ବ୍ରାହ୍ମଣଭାଗ; ଏହି ଦୁଇ (ଯେ କି ଉକ୍ତ ବେଦଚାରୁର ବିବିଧ ଶାଖାସମଷ୍ଟି, ସଂହିତା ଏବଂ ବ୍ରାହ୍ମଣ ନାମରେ ବିଖ୍ୟାତ ଅଟେ) ଭାଗ ଭଗବାନ୍ ବ୍ରହ୍ମାଙ୍କଦ୍ୱାରା ପ୍ରାଦୁର୍ଭୂତ ହୋଇ ଅଛି । ବୈଦିକ ଶ୍ୱେତାଶ୍ୱତରରୁ ପ୍ରମାଣ ଯଥା; "ଯୋ ବୈ ବ୍ରହ୍ମାଣଂ ବିଦଧାତି ପୂର୍ବଂ ଯୋ ବୈ ବେଦାଂଶ୍ଚ ପ୍ରହିଣୋତି ତସ୍ମୈ" ଅର୍ଥ ଯେଉଁ ଈଶ୍ୱର ପୂର୍ବରୁ ବ୍ରହ୍ମାଙ୍କୁ ବିଧାନ କରିଥିଲେ; ଯେ, ବ୍ରହ୍ମାଙ୍କୁ ବେଦ ଉପଦେଶ ଦେଇ ଥିଲେ, ଏତାଦୃଶ ବୈଦିକ ପ୍ରମାଣରୁ ସ୍ପଷ୍ଟ ପ୍ରତୀତ ହେଉ ଅଛି ଯେ ବେଦ ସ୍ୱତଃସିଦ୍ଧ ପଦାର୍ଥ; ଈଶ୍ୱର ଏବଂ ବ୍ରହ୍ମା ବା ଅନ୍ୟାନ୍ୟ ମହର୍ଷିମାନେ, ବେଦଚତୁଷ୍ଟୟ ରଚନା କରି ନାହାନ୍ତି । କିନ୍ତୁ କମ ପରମ୍ପରାରେ ପ୍ରକଟ କରି ଅଛନ୍ତି । ହେ ବେ ପାଠକେ ! ଧୀରେ ଧୀରେ ହୃଦୟଙ୍ଗମ କର । ଯେଉଁସ୍ଥଳରେ ଈଶ୍ୱର ରଚିତ କୁହା ନ ଯାଇ ପ୍ରାଦୁର୍ଭୂତ ପ୍ରୟୋଗ କରାଯାଇ ଅଛି, ସେସ୍ଥଳେ ଅମ୍ଭେମାନେ

Split by PDF Splitter

Digitized by srujanika@gmail.com

Split by PDF Splitter



ଲଳିତମୋହନ ଚକ୍ରବର୍ତ୍ତୀଙ୍କ କଥନାନୁସାରେ ମନୁଷ୍ୟ ରଚିତ କହି ପାରୁଁ କି ?

କ୍ରମଶଃ ୧୯।୭।୮୭

---

ମହାଶୟ !

ଏହିକ ଯେ ଆପଣଙ୍କ ୨।୭।୮୭ ଲିଖିତ ସଂ୨୮ ଖ୍ୟକ ପତ୍ରିକାରେ ଅବଗତ ହେଲୁଁ ଯେ, ଢେଙ୍କାନାଳରୁ ଜଣେ ପତ୍ରପ୍ରେରକ ଶିକ୍ଷାକମିଟୀ ଅଧିବେଶନସମ୍ବନ୍ଧୀୟ ଏକ ପ୍ରବନ୍ଧ ଲେଖିଥିଲେ ସେ ଅମୂଳକ ମାତ୍ର । କାରଣ ଏଠାରେ କମିଟୀ ସ୍ଥାପନବଦଧାବଧି ଓଡ଼ିଆରେ ଅଧିବେଶନ ହୋଇ ଆସୁଥିଲା । ମେମ୍ବରମାନଙ୍କ ମଧ୍ୟରୁ ଅର୍ଦ୍ଧେକ ଇଂରାଜୀ ଜାଣନ୍ତି, ଆଉ ଅର୍ଦ୍ଧେକ ଓଡ଼ିଆ ପଢ଼ା ଅଟନ୍ତି । ଓଡ଼ିଆ ପଢ଼ା ମେମ୍ବରମାନେ ଯୁଗ ବହିଗଲେ ସୁଦ୍ଧା ଇଂରାଜୀ ଜାଣି ପାରିବେ ନାହିଁ । ଏମାନଙ୍କ ନିକଟରୁ ବିଜ୍ଞାପନ ଗଲେ କେହି ଉପସ୍ଥିତ ହୁଅନ୍ତି କେହି ବା ଉପସ୍ଥିତ ହୁଅନ୍ତି ନାହିଁ । ଏକ ବର୍ଷ ହେଲା କମିଟୀର କାର୍ଯ୍ୟାବଳୀ ଇଂରାଜୀରେ ଲେଖା ହୋଇ ଆସୁ ଅଛି । ଶ୍ରୀଯୁକ୍ତ ମେକମିଲନ ସାହେବ କମିଟୀରେ ମେମ୍ବର ଯେଉଁ ଦିନୁ ନିଯୁକ୍ତ ହୋଇ ଅଛନ୍ତି ଅରେ ମାଝ କମିଟୀ ହୋଇଥିଲା । ତହିଁରେ ଇଂରାଜୀରେ କଥୋପକଥନ ହେଉଥାଏ, ସଭ୍ୟମାନଙ୍କୁ ଓଡ଼ିଆରେ ବୁଝାଇଦିଆ ଯାଉଥାଏ ସଭ୍ୟମାନେ ମଞ୍ଜୁର କରୁଥାନ୍ତି । ଆଉ ଅନ୍ୟାନ୍ୟ ଦର୍ଶକମାନେ ବୁଝିଲେ କେତେ ବା ନ ବୁଝିଲେ କେତେ ? ଆମ୍ଭେ ଜଣେ ମେମ୍ବର ଅପମାନରତ କହୁ କାରଣ ଦେଖି ନାହୁଁ । ମଧ୍ୟ ସେଦିନ ଶ୍ରୀଯୁକ୍ତ ମେନେଜର ବାବୁ ଶ୍ରୀ ସୁଦାମଚରଣ ନାୟକ ଉପସ୍ଥିତ ନ ଥିଲେ ।

ଆମ୍ଭେ ଏସ୍ଥାନରେ ଥିବାସମୟରେ କମିଟୀ ଅଧିବେଶନରେ ଉପସ୍ଥିତ ଥାଉଁ ମାତ୍ର କେହି ଓଡ଼ିଆ ଜାଣିଥିବା ମେମ୍ବର କୌଣସି ଦିନ କୌଣସି ଭାବ ବ୍ୟକ୍ତ କରିବା ଆମ୍ଭେ ଜାଣି ନାହୁଁ । ଆମ୍ଭେ ଜାଣିବାରେ ସେମାନେ ସାକ୍ଷୀଗୋପୀନାଥ ପରି ବସିଥାନ୍ତି । ଏପରସ୍ଥଳରେ ପତ୍ରପ୍ରେରକଙ୍କ ଆପତ୍ତି କେତେଦୂର ଯଥାର୍ଥ ଅଟଇ ଆପଣ ବୁଝିପାରିବେ । ଇତି ।

। ନଂ। ଶ୍ରୀ ଗୌରୀଶଙ୍କର ପଟ୍ଟନାୟକ

---

ମହାଶୟ !

ପ୍ରତିବର୍ଷ ଏହି ନଗରବାସୀମାନେ ଲେକ ଦହୂଡାରେ ପ୍ରାଣତ୍ୟାଗ କରୁଅଛନ୍ତି । ଯାତ୍ରିମାନେ ଫେରିବା ସମୟରେ ଏହି ରୋଗ ଅଧିକ ହୁଏ, ଏବେ ସେମାନେ ସହର ମଧ୍ୟରେ ପ୍ରବେଶ କରିପାରୁଁ ନାହାନ୍ତି ଏବଂ ମିଉନିସିପାଲିଟୀ ନାନାପ୍ରକାର ସୁବିଧା କରି ଦେଇ ଅଛନ୍ତି କିନ୍ତୁ ଅନେକ ନଗରବାସିଙ୍କ ଦୋଷରୁ କସୂତତା ଜାତ ହୁଏ । ଏବର୍ଷ ରୋଗର ଆରମ୍ଭ ଦେଖି-କାମାନେ ମିଉନିସିପାଲିଟୀ ଯେରୂପ ଯତ୍ନବାନ ହୋଇଅଛନ୍ତି ସେଥିନିମନ୍ତେ ସମସ୍ତେ ଧନ୍ୟବାଦ ଦେଉଅଛନ୍ତି କିନ୍ତୁ ଆଉ କେତେକ ଗୋଟି ଆବଶ୍ୟକୀୟ ନିୟମ ପ୍ରଚାର କଲେ ଭଲ ହେବ ।

ପ୍ରତିବର୍ଷ ସର୍ବପ୍ରଥମେ ତେଲଙ୍ଗାବଜାରରେ କସୂତତା ଦେଖାଯାଏ । ସେହି ବଜାରର କେତେକ ଅପରିଷ୍କୃତ ସ୍ଥାନ ମିଉନିସିପାଲିଟୀଙ୍କ ଦ୍ୱାରା ପରିଷ୍କୃତ ହୋଇଅଛି ଏବଂ ଆଉ କେତେକଗୋଟି ସୁବିଧାଜନକ କାର୍ଯ୍ୟ କରାଯାଇ ଅଛି ତଥାପି ସେସ୍ଥାନରେ କସୂତତା ବସା କରି ରହିଲାପରି ବୋଧ ହୁଏ । ବାସ୍ତବକ ତହିଁର କେତେକଗୋଟି ଗୁରୁତର କାରଣ ଅଛି ସେହି ବଜାରର ଅଧିକାଂଶ ସ୍ଥାନରେ ପଙ୍କମାଟି ଓ ଦୁର୍ଗନ୍ଧମୟଶୁଖୁଆ ବଳଦ ଅନବରତ ଦେଖାଯାଏ; ବିଶେଷତଃ ଏହି ଋତୁରେ ସ୍ତୂପ ସ୍ତୂପ ଶୁଖୁଆର ଆମଦାନି ହୁଏ—ସମୟେ ସମୟେ ଦୁର୍ଗନ୍ଧରେ ବାଟ ଚାଲି ହୁଏ ନାହିଁ । ଏହା ଛଡ଼ା ଅନେକ ମେଫସଲରଲୋକ ସେହି ବଜାରରେ ବସାକରି ରହନ୍ତି; ସ୍ଥାନ ବିଶେଷ ପରିଷ୍କୃତ ନୁହେ, ପୁଣି ଗୋଟିଏ ଘରରେ ୧୦।୧୨ଜଣ ବସାକରି ରହିବାର ଦେଖାଅଛି । ଏମାନଙ୍କଦ୍ୱାରା ନାନାପ୍ରକାର ମଇଳା ହୁଏ । କେତେକଗୋଟି ପରିଷ୍କୃତ ଜଳାଶୟ ଏବଂ ପଡ଼ିଆପ୍ରତି ମିଉନିସିପାଲିଟୀଙ୍କର ଦୃଷ୍ଟିପାତ ନାହିଁ । ଲୋକମାନଙ୍କ ସୁବିଧା ନିମନ୍ତେ ପାଇଖାନା କରାଯାଇଥିଲେ ସୁଦ୍ଧା ସେମାନେ ନିୟମାନୁସାରୀ ନ ହୋଇ ଅନେକସ୍ଥାନ ମଇଳା କରନ୍ତି । ସେହି ବଜାର ମଧ୍ୟରେ କେତେକସ୍ଥାନ ଓ ଲାଲବାଗ ନିକଟବର୍ତ୍ତୀ ପଡ଼ିଆପ୍ରଭୃତିର ଦର୍ଶ—ଅବସ୍ଥା ଦେଖିଲେ ସବୁ ଜଣାଯିବ ।

ଆମ୍ଭମାନଙ୍କ ବିବେଚନାରେ ମିଉନିସିପାଲିଟୀ ଉପରୋକ୍ତ କାର୍ଯ୍ୟମାନଙ୍କର ପ୍ରତିବନ୍ଧକତା ଏବଂ ଅସୁବିଧା ଥିଲେ ତାହା ନିବାରଣ କରିବା ପକ୍ଷରେ ଯତ୍ନବାନ ହେବା ଉଚିତ । ପଙ୍କମାଟି ଓ ଦୁର୍ଗନ୍ଧମୟ ଶୁଖୁଆ ବଳଦ ଏବଂ ବଜାର-ମଧ୍ୟସ୍ଥ ସ୍ଥାନ ଓ ପଡ଼ିଆପ୍ରଭୃତି ମଇଳା କରିବା-ବିରୁଦ୍ଧରେ ସବିଶେଷ ନିୟମ କରିବା ଉଚିତ ।

କଟକ ୧୩-୭-୮୭ } କସ୍ୟଚିତ ଶ୍ରୀ—ମ—

---

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ବୈଦ୍ୟନାଥଚରଣ ବାନାର୍ଜୀ | | ଅଗ୍ରୀମ | ଟ ୩୧ |
| ରଜା କଣ୍ଟେ ଦୌଡ | | „ | ଟ ୩୧ |
| ବାବୁ ଶ୍ରୀନାଥଚନ୍ଦ୍ର ଦାସ ମଣ୍ଡଳ | | „ | ଟ ୩୧ |
| ରେଃ, ମିଲର ସାହେବ | କଟକ | „ | ଟ ୩୧ |
| ବାବୁ ଦ୍ୱାରକାନାଥ ଅଗ୍ରୱାଲ | „ | „ | ଟ ୧୧ |
| „ କଲେମ ଦାସ ଜମିଦାର | „ | „ | ଟ ୧୧ |
| „ ଚରଣବନ୍ଧୁ କର୍ | „ | ବକେୟା | ଟ ୫୧ |
| „ ନାରାୟଣ ମିଶ୍ର | ପିପିଲି | ଅଗ୍ରୀମ | ଟ ୧୧ |
| କଲେକ୍ଟର | କଟକ | „ | ଟ ୩୧ |
| ବାବୁ ମାଧବ ବେହେରା | „ | „ | ଟ ୧୧ |
| „ ସର୍ବେଶ୍ୱର ଦାସ | „ | „ | ଟ ୧୧ |
| „ ମଦନଧର ମହାନ୍ତି | „ | „ | ଟ ୧୧ |
| „ ପୁରୁଷୋତ୍ତମ ଦାସ | „ | „ | ଟ ୩୧ |
| „ | „ | ବକେୟା | ଟ ୫୧ |
| ରମଣୋହନ ଭଗତେର | | „ | ଟ ୮।୭ |
| „ | | ଅଗ୍ରୀମ | ଟ ୩୧ |

---

# ବି ଜ୍ଞା ପ ନ ।

---

**SCHOOL BOOKS! SCHOOL BOOKS!**

English and Uriya for Entrance Minor and Vernacular schools of all grades, sold at the book shop of the Cuttack Printing Company, Dargha Bazar Cuttack.

ନାନା ପ୍ରକାର ଇଂରାଜୀ ଏବଂ ଓଡ଼ିଆ ବର୍ଣ୍ଣାଳୟର ପାଠ୍ୟପୁସ୍ତକ ସୁଲଭ ମୂଲ୍ୟରେ କଟକ-ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

ଛପା ! ଛପା !! ଛପା !!!

## ଓଡ଼ିଶା ମିଶନ ପ୍ରେସ୍ ।

ଡମାଇ ଚାର ପେଜ ୧୦୦୦ ପୁସ୍ତକର ଛପାଇ ମୂଲ୍ୟ କାଗଜର ମୂଲ୍ୟର ତାରତମ୍ୟାନୁସାରେ ପ୍ରତି ପେଜକୁ ଟ ୦ ।୵ ; ଟ ୧ ୵ ଅବା ଟ ୧ । ଏହା ୧୦୦୦ ଠାରୁ ଊର୍ଦ୍ଧ୍ୱ ସଂଖ୍ୟାର ପୁସ୍ତକ ଛାପାହେଉ ଅଛଇ

---

ଜନିବାସ,—ପଟ୍ଟା, ପାଲକ, କବୁଲିୟତ ରସିଦ ଫାରଖ୍ ଅନ୍ୟାନ୍ୟ ଭଣ୍ଡା ବଉରେ ଛପେ ।

Digitized by srujanika@gmail.com

Split by PDF Splitter



PUBLIC WORKS [torn]MENT
SOUTH WEST[torn]
BALASORE[torn]
IRRIG[torn]

NOTI[torn]

The Orissa Coast C[torn] Range IV B between Soolpatta on [torn] Panchpara river and Nulcool on the Burabolong River measuring 6¼ miles will be opened to traffic on the 10th August 1887.

With reference to the notice published at page 2101 Part II of the Calcutta Gazette of the 1st December 1886, it is hereby notified that the Orissa Coast Canal Range IV A between Jamcoonda on the Suberna-rekha River and Panchpara on the Panchpara river and Range V between Chargachia on the Burabolong River and Charbatia on the Motai River will be opened to traffic on the 15th July 1887.

A. HAYES,
*Executive Engineer*
*Balasore Division*

ବଙ୍ଗଦେଶର ପୂର୍ତ୍ତକାର୍ଯ୍ୟ ବିଭାଗ
ଜଳସେଚନ
ବିଜ୍ଞାପନ

ପଞ୍ଚପଡ଼ା ନଦୀ ଉପରେ ସ୍ଥିତ ସୁଲପଟ୍ଟା ଓ ବୁଢ଼ାବଲଙ୍ଗ ନଦୀ ଉପରସ୍ଥ ନଲକୁଲ ମଧ୍ୟସ୍ଥିତ ୬¼ ମାଇଲ ପରିମିତ ଓଡ଼ିଶା କୋଷ୍ଟକେନାଲର ୪ଥ (B) ରେଞ୍ଜ ୧୮୮୭ ସାଲ ଅଗଷ୍ଟମାସ ୧୦ ତାରିଖରେ ବେପାରନିମିତ୍ତ ଫିଟିବ ।

୧୮୮୬ ସାଲ ଡିସେମ୍ବରମାସ ୧ ତାରିଖର କଲିକତା ଗେଜେଟର ୨ ଖଣ୍ଡର ୨୧୦୧ ପୃଷ୍ଠାରେ ପ୍ରକାଶିତ ବିଜ୍ଞାପନ କ୍ରମେ ଏତଦ୍ୱାରା ବିଜ୍ଞାପନ ଦିଆଯାଉଅଛି ଯେ ସୁବର୍ଣ୍ଣରେଖା ନଦୀ ଉପରେ ଜାମକୁଣ୍ଡା ଓ ପଞ୍ଚପଡ଼ା ନଦୀ ଉପରେ ପଞ୍ଚପଡ଼ା ମଧ୍ୟରେ ଥିବା ଓଡ଼ିଶା କୋଷ୍ଟକେନାଲର ୪ଏ (A) ରେଞ୍ଜ ଏବଂ ବୁଢ଼ାବଲଙ୍ଗ ନଦୀ ଉପରେ ଚାରଗଛିଆ ଓ ମତାଇ ନଦୀ ଉପରେ ଚାରବାଟିଆ ମଧ୍ୟରେ ଥିବା ୫ ରେଞ୍ଜ ୧୮୮୭ ସାଲ ଜୁଲାଇମାସ ୧୫ ତାରିଖରେ ବେପାରନିମିତ୍ତ ଫିଟିବ ।

A. HAYES,
*Executive Engineer*
*Balasore Division*

ଏତଦ୍ୱାରା ଜଣାଇ ଦିଆ ଯାଉଅଛି ଯେ କେତେକଜଣ ହେଡ଼ କନଷ୍ଟେବଲ ଓ ଜଣେ ଅବକାରୀ ଦାରୋଗା ଅତ୍ର ମୟୂରଭଞ୍ଜ ରାଜ୍ୟରେ ମୁକରର ହେବା ବିଷୟରେ ଏଥିପୂର୍ବେ ଯାହାକି ନୋଟିସ ଦିଆ ଯାଇଥିଲା ତହିଁମଧ୍ୟରୁ ଅବକାରୀ ଦାରୋଗା କର୍ମରେ ଏକଜଣ ଲୋକ ନିଯୁକ୍ତ ହୋଇଅଛି ଓ ହେଡ଼ କନଷ୍ଟେବଲକର୍ମ ନିମନ୍ତେ ଯେତେ କେତେକଖଣ୍ଡ ଦରଖାସ୍ତ ଦାଖଲ ହୋଇଅଛି ତହିଁ ମଧ୍ୟରେ ଖଣ୍ଡେମାତ୍ର ଦରଖାସ୍ତ ଯେ କି ବଙ୍ଗାଳପୁଲିସରେ କାର୍ଯ୍ୟ କରିଅଛି କିମ୍ବା ଉକ୍ତ ପୁଲିସରେ କାର୍ଯ୍ୟ କରି ଇସ୍ତଫା ଦେଇଥିବା କାରଣରୁ ଦରଖାସ୍ତ ହୋଇଅଛି କିମ୍ବା ଅନ୍ୟ କୌଣସି କାରଣରୁ ଦରଖାସ୍ତ ହୋଇଅଛି ଏପରି ଲେଖା ହୋଇ ଦାଖଲ ହୋଇ ନ ଥିବାରୁ କାହାରିକୁ ଉକ୍ତ ହେଡ଼ କନଷ୍ଟେବଲ କର୍ମରେ ମୁକରର କରାଯାଇ ନାହିଁ ଅତଏବ ଆଦେଶ ଯେ ଯେ କେହି ବଙ୍ଗାଳ ପୁଲିସରେ କାର୍ଯ୍ୟ କରି ଉକ୍ତ ମତପ୍ରକାରେ ଦରଖାସ୍ତ ହୋଇଥିବେ ସେ ଉକ୍ତ ହେଡ଼ କନଷ୍ଟେବଲ କର୍ମ ପାଇବା ନିମନ୍ତେ ପ୍ରାର୍ଥନା ଦରଖାସ୍ତ ଏ ଅଫିସକୁ ପଠାଇଲେ ତାଙ୍କୁ ମୁକରର କରିଯିବା ପକ୍ଷେ ବିବେଚନା କରାଯିବ ।
ଇତି ତା ୫।୭।୮୭ ଜୁଲାଇ

H. P. WYLLY.
*Manager.*

ଶ୍ରୀଯୁକ୍ତ ରାଜା ରାଜଧାନୀ ତାଳଚେରଙ୍କର
କଚେରୀରୁ ଶ୍ରୀ ରାଜପ୍ରାସାଦ ସେରସ୍ତାଙ୍କ
୭ ଜୁଲାଇ ୧୮୮୭

ଅତ୍ର ରାଜଧାନୀସ୍ଥ କଚେରୀ ନିମନ୍ତେ ୨ ଜଣ ମୁକ୍ତାର ଆବଶ୍ୟକ ହୋଇଅଛି । ପ୍ରୋକ୍ତ କାର୍ଯ୍ୟାକାଂକ୍ଷୀଗଣଙ୍କୁ ଆଦେଶ ଦିଆଯାଉଅଛି ଯେ, ସେମାନେ ପ୍ରସ୍ତୁତ ମାସର ୧୦ ଦିବସ ବା ତତ୍ପୂର୍ବେ ଶ୍ରୀ ହଜୁରକୁ ଆବେଦନ କରିବେ ମାତ୍ର ସେମାନେ ଯଦ୍ୟପି କୌଣସି ଦୋଷ ହେତୁକ କୌଣସି ଅଦାଲତରୁ ଅଭିଦଣ୍ଡ୍ୟ ହୋଇଥିବେ ବା ଆଚରଣ ସିଦ୍ଧ ଥିଲେ ଅଭିହିତ କାର୍ଯ୍ୟ ଅଭିଳାଷ କରିବାକୁ ପାରିବେ ନାହିଁ ମଧ୍ୟ ବିଜ୍ଞପ୍ତ କରାଇ ଦିଆ ଯାଉଅଛି ଯେ, ସେମାନଙ୍କର ସୁଖ୍ୟାତିପତ୍ରାଦି ଥିଲେ ଅତ୍ର ନଜରରେ ଧାର୍ଯ୍ୟ ହୋଇଥିବା ପରୀକ୍ଷା ସ୍ଥାନୋପସ୍ଥିତ ହୋଇ ତାହାଙ୍କର ଉକ୍ତ କର୍ମର ପରୀକ୍ଷୋତ୍ତୀର୍ଣ୍ଣତା ଅତି ସନ୍ଦର୍ଶନ କରାଇ ବୁଝେଇ ଦେବେ ।

R. R. B. HURRI CHANDAN
Raja Killah Talchair.

କବିରାଜ ଶ୍ରୀ କେଦାରନାଥ ଚଟ୍ଟୋପାଧ୍ୟାୟଙ୍କର
ଆୟୁର୍ବେଦୋକ୍ତ ଔଷଧାଳୟ ।
ନଂ ୯୦ ନମ୍ବର ଗ୍ରେ ଷ୍ଟ୍ରିଟ, ଶ୍ୟାମପୁଖୁର,
କଲିକତା ।

ଏହି ଔଷଧାଳୟରେ ୧୨୯୪ ସାଲର ନବପଞ୍ଜିକା ସହ ପୀଡ଼ା ସମୁଦାୟର ସ୍ୱାସ୍ଥ୍ୟବିଧାନ ଓ ପ୍ରତ୍ୟକ୍ଷ ଫଳପ୍ରଦ ଔଷଧ ସମୂହର ତାଲିକାପୁସ୍ତକ ବିନାମୂଲ୍ୟରେ ବିତରଣ ହୁଏ ଏବଂ ବିଦେଶସ୍ଥ ରୋଗୀମାନଙ୍କର ପୀଡ଼ାର ଅବସ୍ଥା ସମସ୍ତ ଲେଖି ପଠାଇଲେ ବ୍ୟବସ୍ଥା ଦିଆଯାଏ ।

ଯୋଗସିଦ୍ଧରସ ।

ଏହି ସୁସିଦ୍ଧ ଔଷଧ ସେବନ କଲେ ନିଶ୍ଚୟ ସକଳପ୍ରକାର ମେହ ରୋଗ ଏକସପ୍ତାହ ମଧ୍ୟରେ ନିଃଶେଷରୂପେ ଆରୋଗ୍ୟ ହୁଏ ।

ପ୍ରସ୍ରାବକାଳୀନ ଜ୍ୱାଳା, ପୂଯ ସହିତ ଧାତୁନିର୍ଗମ, ସରକ୍ତ ପ୍ରସ୍ରାବ, ଖଡିଜଳବତ୍ ପ୍ରସ୍ରାବ, ମୂତ୍ରକୃଚ୍ଛ୍ର, ମୂତ୍ରାଶୟର ବେଗ, ଶୂଳ ଏବଂ ଜ୍ୱରାଦି ଉପଦ୍ରବ ସଂଯୁକ୍ତ ହେଲେ ସୁଦ୍ଧା ପୀଡ଼ା ଶୀଘ୍ର ସମୂଳେ ବିନଷ୍ଟ ହୁଏ ।

ଛୋଟ ୧ ଶିଶିର ମୂଲ୍ୟ ଟ ୨୲ ବଡ଼ ୧ ଶିଶିର ମୂଲ୍ୟ ଟ ୩୲ ପ୍ୟାକିଂ ଖର୍ଚ୍ଚା ଟ ୦।୵

ପ୍ରଦରାରି-ବଟୀ ।

ଏହା ସେବନ କଲେ ଗର୍ଭାଶୟ ଅଶୁଦ୍ଧି ଦୋଷ ସମସ୍ତ ସଂଶୋଧିତ ହୋଇ ଶ୍ୱେତପ୍ରଦର ରକ୍ତପ୍ରଦର, କଷ୍ଟରଜଃ, ଅକାଳରେ ଅଧିକ ପରିମାଣରେ ରକ୍ତସ୍ରାବ, ଜଳଭଙ୍ଗା, ବାଧକ ବେଦନାଦି ପୀଡ଼ା ସମସ୍ତ ନିଃଶେଷରୂପେ ଆରୋଗ୍ୟ ହୁଏ । ବିଶେଷତଃ ଉପରୋକ୍ତ ପୀଡ଼ାଜନିତ ଅକାଳରେ ଗର୍ଭସ୍ରାବ, ମୃତବତ୍ସା ଓ ବନ୍ଧ୍ୟାଦି ରୋଗ ସମୁଦାୟ ଶାନ୍ତ ହୋଇ ଗର୍ଭୋତ୍ପତ୍ତିର ବ୍ୟାଘାତ ନଷ୍ଟ କରେ ।

୧ ଶିଶିର ମୂଲ୍ୟ ଟ ୨୲ ଓ ପ୍ୟାକିଂ ଖର୍ଚ୍ଚା ଟ ୦।୵

## ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୭ ପ୍ରକାର ବିଲାତୀ ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରକୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନିର୍ଗତ ହୋଇଯାଏ । ପାରଦ ଘା, ଗରମୀ ଘା, ନାଲି ଘା, ବେକ ଓ ନାକଭିତରର ଘା, ଗୋଲ ଘା, କାନ ଘା, କାନର ପୂଯ, କୋଷ୍ଟ-କାଠିନ୍ୟ, ଅଜୀର୍ଣ୍ଣତା, ପେଟଫୁଲା ଛାତିବଥା, କାଶ, ଖଯକାଶ, ପ୍ରସ୍ରାବପୀଡ଼ା, କୁଣ୍ଡିଆ, ଧାତୁଦୌର୍ବଲ୍ୟ ଏବଂ ଉନ୍ମତ୍ତ ଜ୍ୱର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରାମ ହୁଏ ।

Digitized by srujanika@gmail.com

ଔଷଧର ମାତ୍ରା ବୋତଲ ଦେହରେ ଚିହ୍ନଦ୍ୱାରା ଦେଖାଇ ଦିଆଯାଇଅଛି ଏବଂ ତାହା ସକାଳେ ଓ ସନ୍ଧ୍ୟାବେଳେ ଖାଇବାକୁ ହେବ । ପଥ୍ୟାପଥ୍ୟର ନିୟମ ବୋତଲର ଟିକଟରେ ଲେଖା ଅଛି । ପରୀକ୍ଷାଦ୍ୱାରା ଏଥିର ଗୁଣ ଦେଖା ଯାଇଅଛି ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ସିସିକୁ ଟ ୧ ।

## ମେହରୋଗ ।

୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଚିକିତ୍ସା ଗୌଣ କରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟସକାଶେ ଜୀବନର ମାୟା ପରିତ୍ୟାଗ କର୍ତ୍ତବ୍ୟ ନୁହେ ।

ଏହି ଔଷଧ ଯଥାଶାସ୍ତ୍ରରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଦୁର୍ବଳରେ ପରିଣତ ନ ହେଲେ ଅଦ୍ୟ ଯାଏ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅଦେୟଘୋଷ ଲେନ ନମ୍ବର ଭବନରେ ସି, କେ, ଦାସ କମ୍ପାନୀଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ ୧|୦ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ ।

ବିଶେଷ ଦ୍ରଷ୍ଟବ୍ୟ ।

କେନ୍ଦ୍ରାପଡ଼ାସ୍ଥ ଚିକିତ୍ସକ ଶ୍ରୀବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ ଏକଠିନ ରୋଗଗ୍ରସ୍ତ ମନୁଷ୍ୟମାନଙ୍କ ରୋଗରୁ ମୁକ୍ତ କରିବା ନିମିତ୍ତ ପ୍ରସ୍ତୁତ ଅଛନ୍ତି । ଗତ ତିନବର୍ଷମଧ୍ୟରେ କୌଣସି ରୋଗୀ ଆରୋଗ୍ୟ ନ ହୋଇ ଫେରିଯିବାର ଦେଖାଯାଇ ନାହିଁ । ରୋଗରୁ ମୁକ୍ତ ପାଇବାର ବାଞ୍ଛା ଯେବେ ତୁମ୍ଭର ଥାଏ ତେବେ ତାହାଙ୍କୁ ରୋଗର ବିବରଣ ଜଣାଇଲେ ଅତି ଅଳ୍ପବ୍ୟୟରେ ଅଳ୍ପଦିନମଧ୍ୟରେ ତୁମ୍ଭଙ୍କୁ ଆରୋଗ୍ୟ କରିଦେବେ । ସେ ଅନେକଲୋକଙ୍କୁ ଆରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି ।

## ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟସ୍ଥ ବାବୁ ଅର୍ତ୍ତବଷ୍ଟବ ଦର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | |
|---|---|---|
| ୧୭ ପଣି ବାଲି | ର ୧୬ ଟ ୨|୬ | ର ୧୬ ଟ ୦|୬ |
| ୧୮ ପଣି ,, | ,, ଟ ୨|୩ | ,, ଟ ୦|୮ |
| ୧୨ ପଣି ,, | ,, ଟ ୨| | ,, ଟ ୦|୬ |
| ୩୦ ପଣି ,, | ,, ଟ ୨| | ,, ଟ ୦|୯ |

ବେପାରୀମାନେ ଅର୍ଥାତ ଯେଉଁମାନେ ଏକତରେ ୫ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ ବଲଗି ଓ ରେଶମୀଓଗେର ଲୁଗା ଓ ଷ୍ଟେସନରୀ ଓ କଲ୍‌କତା ଜିନାଷ ସତଗତର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉତ୍ସବ ଅଛି କେତେକ ଫେଲନ୍ ଜିନସାତ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ କଲେର ଗାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଗାଡ଼ିମାନ ବିକ୍ରୟ ହେବା ପରେ ଅପଣା ମଫସଲ ସକାଶେ ଭଡ଼ା ଚାହାନ୍ତି ତେବେ ଏକ ବର୍ଷକୁ ପ୍ରତି ବର୍ଷ ଟ ୦|୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଖଣ୍ଡ ଖଣ୍ଡଜିନିଷର ଭାର ତାଙ୍କ ଉପରେ ଥିବ । ଖଣ୍ଡ ହେଲେ ଗାଡ଼ିର ପରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ତଫସିଲ ।

ବନାର ସେସନୀ ବ
ଚଦ୍ଦରେ ସବ ଦେରେ
ଗୁଲେ ।
ଚଦେରାଣ୍ଡ
ଜେସେମିନ୍ ତେଲ ଇତ୍ୟାଦି
ଷେଡ ସାବା ଓ ହୋମ
ଷତ ।

ଖାଉ ସିପସ ଓ
ବଡ଼ ଜଗିନ ଓ ସାତ
ଦଲଗ ବେହେସ
ରକମ୍ ହ୍ୟାଣ୍ଡବ୍ୟାଗ
-ଏବଂସ ତୁସ
ନେଲସନ ଡପୋର ସମ
ଦେଶଲ୍ୟ ଶେଷ

ଦୁଇ ଅର୍ଦ୍ଧ [illegible]
କଠ [illegible]
ଡିଲ ଓ [illegible]
ପେନ୍‌ସିଲ ବାକ୍ସ [illegible]
ନାନା ପ୍ରକାରର [illegible]
କାଗଜ ଓ ନ [illegible]
ଟ୍ରେଶୀ ଭ୍ରାଶ ।
ତେଲର ଛଣ୍ଡ ।
କଲମ ଖାଲୁଚ ।
ଢାକାଇ ଖାବାଚ ସଣ୍ଟରେ
ଭୁଜା ପଡଣ୍ଡାର ଝୁଏ ।
ଅଟୋଗ୍ରାଫ ରୋଲ—ଅର୍ଥାତ
ସୁଗନ୍ଧୀ ତ୍ରବ୍ୟ ।
ଅଏଲ କ୍ଲଥ ।
ଓ୍ୟାଟର ପ୍ରୁଫ୍ ଛତା ।
ବଟିଲ ଅର୍ଦ୍ଧ ।
କ୍ରୋକେରୀଇତ୍ୟାଦି ।
ପୋରସ୍ଲିନର ବେଷ୍ଟନ
ମେଜ ଓ ତବକ ଗୋ-
ଡରେ ସବେ
ଟ୍ରଙ୍କ ଭାଡ ଅର୍ଥାତ
ଲେଖିବାବେଳେ ପାଦ
ଓ ଶୁଣିଲେ ଭଲ
ହେବ ।
ଅଲଜା ଚଳ୍ମା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
ପକେଟବୁକ ଫାଇଲ ପାଷ୍ଟ
ସହିତ ୨ ୦ ଲାଗ
ମୋଜା ଓ ମୋଜାକର
ଲଗନ ଖଣ୍ଡ କଳଗାଦଟ
କଲମ ଷାଣ୍ଡ କଲା
କଳି ଓ ପାଇଲେ ଗୌଡ଼
ଟିଭା

ମାର୍ବଲ ଓ କାଠ ଗୁଳାରେ
ତାଲ ଖେଳର ଖୋଳ
ସରେ ଡଲନ ହେବ
ଖାତ୍ ।
ଏ, ଭୋଷନ ଲସ୍କେନ
ଭାର୍ନିଶ ଓ ସୁତୁଳା ।
ତରଗ ଅଗ୍ରେସ
ଏହନ ବାରସ
ସୁଅନ ପେନ ।
ଅଟମେଟିକ ପେନ୍‌ସିଲ୍ ।
ଥାତ ଏ ପେନ୍‌ସିଲରେ
ଲେଡ଼ ଭରିଦେ ଦେଇ
ସବୁ ସ୍ୱାଇଁ ଖେଳି
ପେନ୍‌ସିଲ୍ ଲେଖା ହ
ଇବେ ବେଦ ତଥାପି
ତେଲେ ଦନ୍ତିର ରହି
ଲ ରହେ ।
କଟିଙ୍ଗ ପେପର ।
କଷ୍ଟିକ ପେନ୍‌ସିଲ ଚକ-
କାର ଖାତ ।
ଲୁକଇନ ଗ୍ଳାସ ଅଟଲି
ଦଠୀର ଡଲ
ଖାତା-ଲି ରେକ ।
ମନିବାଗ୍ଲା ।
ରେଡ୍ ତୁ ପେନ୍‌ସିଲ୍
ଗନ ବୋଟଲ
କଳାକପା ଜାଗ୍ତ ଓ ଗୋର
ଓ ଜଣ
ନିବୃତ୍ତାଗାର ଓ ଓଡ଼-
ପାନ୍ ଗାଇଡୋର ଓ
ଶାଙ୍ଗି ।
ଡ୍ରିଙ୍କିଂ କାପ

ଅନ୍ତରଙ୍ଗତ୍ର ଉଲି କମ୍ପାନୀ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ପ୍ରତି ପଙ୍‌କ୍ତି ପ୍ରଥମ ଥର ଦୋଇଅଛୁଁ କିମ୍ବା—

ପ୍ରଥମଥର ସକାଶେ

| | |
|---|---|
| ଶାଳ ଦଶ | ଟ ୦|୪ |
| ଅଳ୍ପ ଗ୍ରାହକ | ଟ ୨|୧ |
| ପ୍ରତ୍ୟେକ ଗ୍ରାହକ | ଟ ୦ |

ମାତ୍ର କୌଣସି ବିଜ୍ଞାପନ ଯେତେ ଅଳ୍ପ ହେଲେହେଁ ତହିଁର ଦର ଟ ।। ରୁ ଊଣା ହେବ ନାହିଁ ।

ବ୍ରାହ୍ମ ଓ ଉପାସକର ସକାଶେ ଏକ ଅଧିକ ଥର ବେଳା ଓ ଅଧିକ ଶତାଂଶରେ ହେବ ।

ଅଧିକ ଥର ସକାଶେ ହିସାବ କରିବାକୁ ହେବ ଖାତର ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା କଟକ ଛାପା ଦରଖାସ୍ତ ଖାତା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

Digitized by srujanika@gmail.com

ISTERED NO. 1

25

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।


ଗ ୨୨ ଶ
ସ ୩୧ ଖ୍ୟା

ତା ୩୦ ଦିନ ମାହେ ଜୁଲାଇ ସନ ୧୮୮୭ ଇସ୍ୱୀ । ମୁ । ଶ୍ରାବଣ ଦ ୧୬ ଜ ସନ ୧୨୯୪ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ପଶ୍ଚାଦେୟ ଟ ୬୯


ମେହେରପୁରର ଜଏଣ୍ଟମାଜିଷ୍ଟ୍ରେଟ ଲୁସନ ସାହେବ ଏବଂ ବୋର୍ଡ ରେବନ୍ୟୁର ମେମ୍ବର ...ମ୍ପ୍ର କ୍ୱାମସ୍ ସାହେବ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ଭର-...ତ ଏବଂ ଦଣ୍ଡିତ ହୋଇଅଛନ୍ତି, ଲୁସନସାହେବ ...ଜନିବଜନ ଯାର ପାଇବାର ଯୋଗ୍ୟ ବିବେ-ଚନା ନ ହେବାରୁ ମାଜିଷ୍ଟ୍ରେଟଙ୍କ ଅଧୀନରେ ...ବାକାରଣ ସବରମୁକାମକୁ ବଦଳ ହେଲେ ଏବଂ ସମ୍ପର ଉଜବକ ଓ ବେହାଦାଉ ଦଣ୍ଡର କ୍ଷମତା ୬ ମାସ ନିମିତ୍ତ ତାହାଙ୍କଠାରୁ କାଟି ନିଆଗଲା । କ୍ୱାମସ୍ ସାହେବ ବୋର୍ଡର ମେମ୍ବରୀରୁ ବହିଷ୍କୃତ ହୋଇ ଭାଗଲପୁର ଜିଲ୍ଲାର କମିଶ୍ନର ହେଲେ ବର୍ଦ୍ଧମାନକୁ ଫେରିଯିବାର ଅନୁମତି ତାହାଙ୍କୁ ଦିଆଗଲା ନାହିଁ ଭାଗଲପୁରର କମିଶ୍ନର ...ଲେକ୍‌ଜଣ୍ଡରସାହେବ ବର୍ଦ୍ଧମାନକୁ ବଦ-ଳ ହେଲେ । ଗବର୍ଣ୍ଣମେଣ୍ଟଙ୍କ ନିଷ୍ପତ୍ତିର ସାରାଂଶ ...ନାଉବରୁ ଏ ସପ୍ତାହରେ ଦେବାକୁ ଅକ୍ଷମ ହେଲୁଁ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖରସହିତ ପାଠ-କମାନଙ୍କୁ ଜଣାଉଅଛୁଁ ଯେ ବଙ୍ଗପ୍ରଦେଶର ...ତମ ଲେପ୍ଟେନାଣ୍ଟ ସର୍ ଆସିଲି ଇଡ଼ନ ସାହେବ ଯେ ବର୍ତ୍ତମାନ ଇଂଲଣ୍ଡରେ ଭାରତୀୟ ସେକ୍ରେଟେରୀଙ୍କ ସଭାର ଜଣେ ସଭ୍ୟ ହୋଇ-...ଲେ ଏହିମାସରେ ମାନବଲୀଳା ଶେଷ କରି-ଛନ୍ତି । ଇଡନ ସାହେବ ପ୍ରାୟ ବ ୨୬ ବର୍ଷ ...ଲେ ଏ ଜିଲ୍ଲାରେ ହେଡେ ମାସ କଲେକ୍ଟର ମାଜିଷ୍ଟ୍ରେଟ ହୋଇଥିଲେ ତେଣୁ ସେ ଆମ୍ଭମା-ନଙ୍କର ପୁରାତନ ବନ୍ଧୁ ଏବଂ ଯଦ୍ୟପି ଲେପ୍ଟେନାଣ୍ଟ ଥିବା ସମୟରେ ତାହାଙ୍କର କେତେକକାର୍ଯ୍ୟ ଯେନ ଦେଶୀୟ ଲୋକଙ୍କର ମତଭେଦ ହୋ-ଇଥିଲା ମାତ୍ର ତହିଁପୂର୍ବ ସେ ଯେତେ ସରକାରୀ କାର୍ଯ୍ୟ କରିଥିଲେ ତହିଁରେ ଯଥୋଚିତ ସୁଖ୍ୟାତିଲାଭ କରିଥିଲେ ଭାରତବର୍ଷର ଜଣେ ବନ୍ଧୁ ବୋଲି ପରିଚିତ ହୋଇଥିଲେ । ସୁତରାଂ ତାହାଙ୍କ ମୃତ୍ୟୁ ସାଧାରଣ ଶୋକର କାରଣ ହୋଇଅଛି ।

---

ଆଫଗାନ ସୀମା ଘଟିତ ରୁଷିୟା ଏବଂ ଇଂଲଣ୍ଡର ବିବାଦ ସମ୍ପୂର୍ଣ୍ଣରୂପେ ନିଷ୍ପତ୍ତି ହେବାର ଆନନ୍ଦଜନକ ସମ୍ବାଦ ଆସିଅଛି । ଲଣ୍ଡନ ନଗରରୁ ଆସିଥିବା ତାରସମ୍ବାଦରେ ଲେଖାଅଛି ଯେ ଇଂରାଜ ଅମୀନ ଅକ୍ଷସନଦୀ-ଠାରେ ଯେଉଁ ସୀମା ନିର୍ଣ୍ଣୟ କରିଥିଲେ ତାହା ଉଭୟପକ୍ଷଙ୍କ ସମ୍ମତିରେ ସ୍ଥିର ରହିଲା । ମୁର୍ଗାବ ଏବଂ କୁସ୍କନଦୀମଧ୍ୟସ୍ଥ ଭୂମିଖଣ୍ଡ ରୁଷିୟା ପ୍ରାପ୍ତ ହେଲେ ଏବଂ ସନ ୧୮୭୩ ମସିହାରେ ରୁଷିୟା ଯେଉଁ ଭୂମିଖଣ୍ଡ ପାଇଥିଲେ ତହିଁର ଦାବୀ ପରିତ୍ୟାଗ କଲେ । ଏହି ବନ୍ଦୋବସ୍ତରେ ଖୋଯାସାଲେ ଅମୀରଙ୍କୁ ପ୍ରାପ୍ତ ହେଲା । ଅମୀର ଏଥିରେ ସନ୍ତୁଷ୍ଟ ହେଲେ କି ନାହିଁ ଜଣାଯାଇ ନାହିଁ ମାତ୍ର ଦୁଇ ପ୍ରବଳ ସମ୍ରାଟଙ୍କ ବିବାଦ ନିଷ୍ପତ୍ତି ହେଲା ବଡ଼ ଆନନ୍ଦର ବିଷୟ । ଭରସା କରୁଁ ଏଥର ଇଂରାଜ ଗବର୍ଣ୍ଣମେଣ୍ଟ ନିଶ୍ଚିନ୍ତ ହୋଇ ଭାରତର ଉନ୍ନତି କାର୍ଯ୍ୟରେ ମନୋ-ଯୋଗୀ ହେବେ ।

---

କେ:ଷ୍ଟେକେନାଲ ଫିଟଲେ ବୃନ୍ଦାବନର କାରବାର ଅନେକ ଉଣାପଡିବ ସନ୍ଦେହ ନାହିଁ । ଅତଏବ ଯେପ୍ରକାର ଚତ୍ରଶାଳୀୟ ଶ୍ରୀଯୁକ୍ତ ଟ୍ୟୁଟ ସାହେବ ସେଠାରେ ବସାଇ-ବାର କଳ୍ପନା କରିଅଛନ୍ତି ସେପ୍ରକାର କରିବା ଉଚିତ କି ନୁହଇ ସାହେବ ପ୍ରଶଂସିତଙ୍କୁ ତହିଁର ବିଶ୍ଚାରକରିବା ଆବଶ୍ୟକ । ଏଥିମଧ୍ୟରେ ଉକ୍ତ ଚତ୍ରଶାଳୟନିମିତ୍ତ ଚାନ୍ଦାଦ୍ୱାରା ପ୍ରାୟ ଟ ୧୯୦୦୯ ଙ୍କା ଏବଂ ଜଗନ୍ନାଥ ରୋଡ଼-ଫଣ୍ଡରୁ ଟ ୯୦୦୯ ଙ୍କା ଏପର ଟ ୨୮୦୦୯ ଙ୍କା ସଂଗୃହୀତ ହୋଇଅଛି । ଏ ଟଙ୍କା ଯାତ୍ରିଙ୍କ ଉପକାରନିମିତ୍ତ ଦିଆଯାଇଥିବା ଓ ଯାତ୍ରିଙ୍କର ବୃନ୍ଦାବନକୁ ଯିବାର ଆବଶ୍ୟକ ନ ଥିବାରୁ ଆମ୍ଭମାନଙ୍କ ବିବେଚନାରେ ଅଲଗ୍ନ ଅଥବା ଅନ୍ୟ ଯେଉଁସ୍ଥାନରେ ଯାତ୍ରିଙ୍କର ଅଧିକ ଉପ-କାର ହୋଇପାରିବ ସେଠାରେ ଖର୍ଚ୍ଚକଲେ ଭଲହେବ । ନବସମ୍ବାଦ ଏ ବିଷୟରେ ଯେ ପ୍ରସ୍ତାବ କରିଅଛନ୍ତି ତାହା ଭଲ ଅଟଇ ।

---

ଏଠା ମେଡିକେଲସ୍କୁଲର ଦୁଇଜଣ ଛାତ୍ର ବ୍ରାହ୍ମ ହେବା ଏବଂ ଆକାଡେମିର ଜଣେ ଛାତ୍ର ପଇତା ପକାଇଦେବା ଉପଲକ୍ଷରେ କଟକ-

Digitized by srujanika@gmail.com

ତାର ଷ୍ଟେଟ୍‌ସମାନରେ ଏ ନଗରରୁ ପ୍ରେରିତ ଏକ ତାରସମ୍ବାଦ ପ୍ରକାଶିତ ହୋଇଅଛି । ତହିଁରେ ଲେଖାଅଛି କି ଖ୍ରୀଷ୍ଟିୟାନ ପ୍ରଚାରକମାନେ ଶିକ୍ଷାବିଭାଗରେ କାର୍ଯ୍ୟ ପାଇବାର ନିଷେଧ ଥିବା ସ୍ଥଳେ ଅନ୍ୟାନ୍ୟ ଧର୍ମର ପ୍ରଚାରକ ବା ପ୍ରବର୍ତ୍ତକମାନଙ୍କର ସେ ବିଭାଗରେ ରହିବାର କୌଣସି କାରଣ ନାହିଁ । ବିଶେଷତଃ ସ୍କୁଲ ଡେପୁଟୀ ଇନସ୍‌ପେକ୍ଟର ବାବୁ ମଧୁସୂଦନ ରାଓ ଏଠାରେ ପାଞ୍ଚବର୍ଷରୁ ଅଧିକକାଳ ରହିଥିବାରୁ ନିୟମାନୁସାରେ ତାହାଙ୍କର ବଦଳ ହେବାର ଉଚିତ । ଏ ସମ୍ବନ୍ଧରେ ଆମ୍ଭେମାନେ ଅବଗତହେଲୁଁ ଯେ ଭାଗବତ ଭକ୍ତିପ୍ରଦାୟିନୀସଭାରେ ଏଥିର ବିଚାର ଲାଗିଅଛି । ଏଥିରୁ ସ୍ପଷ୍ଟ ପ୍ରକାଶ ଯେ ହିନ୍ଦୁ ଓ ବ୍ରାହ୍ମଙ୍କମଧ୍ୟରେ ଅଧିକ ବିଚ୍ଛେଦର ସୂତ୍ରପାତ ହେଲା । ସମ୍ବାଦଦାତା ଯଥାର୍ଥ କହିଅଛନ୍ତି ଯେ କୌଣସି ବିଷୟର 'ଅତି' ଭଲ ନୁହେ ।

---

ଆଗାମିମାସ ତା୧୦ଂରିଖରେ କୋଷ୍ଟକେନାଲ ସମ୍ପୂର୍ଣ୍ଣରୂପେ ଫିଟିବାର ନିଶ୍ଚୟ ହୋଇଅଛି । ଅର୍ଥାତ୍ ଉକ୍ତ ତାରିଖଠାରୁ କଟକରୁ କଲିକତାପର୍ଯ୍ୟନ୍ତ ଜଳପଥ ଫିଟିବ ଓ କଳାପାଣିର ଯିବାର ଆବଶ୍ୟକ ହେବ ନାହିଁ ଏଥିମଧ୍ୟରେ କେହି କମ୍ପାନି ଏହି କେନାଲରେ ନିୟମିତରୂପେ ଜାହାଜ ଚଳାଇବାର ବନ୍ଦୋବସ୍ତ ନ କଲେ ଆମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରୁଅଛୁଁ କି ସରକାରୀ ଜାହାଜରେ ପଥିକ ଓ ମାଲ ନେବା ଆଣିବାର ବନ୍ଦୋବସ୍ତ କରନ୍ତୁ । ଦୁଇମାସ ମଧ୍ୟରେ ଗୃନବାଲ ଓ କଲକତାବାଇଟ ଦୁଇଖଣ୍ଡ ଜାହାଜ ମଗ୍ନ ପଡ଼ିବାରୁ ସମୁଦ୍ରବାଟେ ଯିବାଆସିବା ବିଷୟରେ ଲୋକଙ୍କର ଭାରି ଭୟ ହୋଇଅଛି ଓ ମହାଜନମାନେ ମାଲ ନେବା ଆଣିବାକୁ ମଧ୍ୟ ସାହସୀ ହେଉ ନାହାନ୍ତି । କୋଷ୍ଟକେନାଲରେ ବ୍ୟବସାୟ ଅରମ୍ଭ କରିବାର ବଡ଼ ସୁବିଧା ହୋଇଅଛି ଏବଂ ଏ ବାଟରେ ବ୍ୟବସାୟ ଚଳିଲେ ମ୍ୟନକାଲିର କାରବାର ଅନେକ ପରିମାଣରେ ଉଣା ପଡ଼ିବାର ବିଷୟ ଜଣାଯାଉ ଅଛି ।

---

ଗତ ତୋଫାନରେ ବୃଦବାଲିବ ଅପୃଥିବା ସଲିକନ ମିଲେନ୍ତି ଜାହାଜ ମାଡଖାଇବାରୁ ଅମୁମାନଙ୍କ ଗୌହଜଙ୍କ ଆଦେଶମତେ ତହିଁର ଅନୁସନ୍ଧାନ ସାମୁଦ୍ରିକବିଚାର ଅଦାଲତରେ ହେଉଅଛି । ସରକାରଙ୍କ ପକ୍ଷରୁ ଶ୍ରୀଯୁକ୍ତ ଡିଲ୍‌ବାସାହେବ ମାକନଲ କମ୍ପାନୀଙ୍କ ପକ୍ଷରୁ ଶ୍ରୀଯୁକ୍ତ ଓରସାହେବ ଏବଂ କେତେକଜଣ ମୃତକର୍ମ୍ମିଙ୍କ କୁଟୁମ୍ବଙ୍କ ପକ୍ଷରୁ ଶ୍ରୀଯୁକ୍ତ ଇନ୍‌କ୍ଲୋଦନ ଘୋଷ ବାରିଷ୍ଟରମାନେ ନିଯୁକ୍ତ ହୋଇ ମୋକଦ୍ଦମା ଚଳାଉଅଛନ୍ତି । ମୋକଦ୍ଦମା ଶେଷ ହେଲେ ତହିଁର ବୃତ୍ତାନ୍ତ ପାଠକମାନଙ୍କୁ ଜଣାଇବୁଁ । ସାକ୍ଷିଙ୍କ ଯୋବାନବନ୍ଦିରୁ ଜାହାଜବାଲ୍ଲିଙ୍କର ଦୁର୍ଦ୍ଦଶା ଏବଂ ଜାହାଜରକ୍ଷାର୍ଥାବସ୍ଥା ସମ୍ବନ୍ଧରେ ଯେ ସମସ୍ତ କଥା ପ୍ରକାଶପାଉଅଛି ସେ ସମସ୍ତ ବିଶ୍ୱାସଯୋଗ୍ୟ ହେଲେ ଭବିଷ୍ୟତରୁ ବିଶେଷ ଉପକାର ହେବାର ଆଶା ହେଉଅଛି । ନ୍ୟୁସ୍ପିନ ନାମରେ ଏକଜଣ ସାହେବ ଏକବର୍ଷ ଏହି ଜାହାଜରେ କର୍ମ କରିଥିଲେ ସେ ଯନ୍ତ୍ରଙ୍କର କଷ୍ଟ ସମ୍ବନ୍ଧରେ ଅନେକ କଥା କହିଅଛନ୍ତି ଯାହା ଅନୁଭବ କରିଥିବା ଲୋକଙ୍କଠାରେ ପ୍ରକୃତ ବୋଲି ଜଣାଯାଉଅଛି ଓ ସେ ଏମନ୍ତ ସାହସ ପୂର୍ବକ ସାକ୍ଷ ଦେଉଅଛନ୍ତି ଯେ କାଉଣ୍ଟରଙ୍କ କ୍ରସ୍ ପ୍ରଶ୍ନମାନ ତାହାଙ୍କୁ ଅଳ୍ପହୀ ଅସ୍ଥିର କରି ପାରି ନାହିଁ ।

---

କପ୍ତାନ ବୁଲକସାହେବଙ୍କ ଜାହାଜ ଇତ୍ୟାଦି ଚୋରିକ ହେବା କଥା ପାଠକମାନଙ୍କୁ ଜଣାଇଅଛୁଁ । ବାବୁ କହ୍ନାଇଲାଲ ପଣ୍ଡିତଙ୍କ ତକ୍ଷୀଜାଙ୍କରେ ସେ ସବୁ ଚୋରିକ ହେବାରୁ ତିନିଜଣ ଦାବିଦାର ଉପସ୍ଥିତ ହୋଇଥିଲେ । ଦୁଇଜଣ ଦାବିଦାରଙ୍କ ମୋକଦ୍ଦମା ଡିକ୍ରୀ ହେବାରୁ ତାହାଙ୍କ ଦାବିକୃତ ମାଲ ଖଲସ ପାଇଲା । ଅପର ଏକ ଦାବିଦାର ନେପାଳର ଜଣେ ଜଙ୍ଗବାହାଦୁର ଥିଲେ । ସେପ୍ରାୟ ଅଶୀହଜାର ଟଙ୍କା ଋଣ ଦେଇ ଅନେକ ମାଲ ବନ୍ଧକ ରଖିବାର ଆପତ୍ତି କରିଥିଲେ ମାତ୍ର ତାହାଙ୍କ ଆପତ୍ତି ପ୍ରମାଣ ଅଭାବରୁ ଅଗ୍ରାହ୍ୟ ହେଲା । ଏହି ଦାବିବରୁଦ୍ଧରେ ମୋକଦ୍ଦମାର କାର୍ଯ୍ୟ ଶେଷ ହେଲା ଉତ୍ତାରୁ ପ୍ରତିପକ୍ଷ ଏକଖଣ୍ଡ ଚିଠିର ନକଲବହି ଦାଖଲ କଲେ । ଉକ୍ତ ଚିଠିମାନ ବୁଲକସାହେବଙ୍କର ପ୍ରଧାନ କର୍ମଚାରୀ ଡନ ସାହେବ ଲେଖିଥିବାର କଥିତ ହୁଅଇ ଏବଂ ସେ ସବୁରୁ ପ୍ରକାଶ ଯେ ଜଙ୍ଗବାହାଦୁରଙ୍କଠାରୁ ଋଣ ନେବା କଥା ଯଥାର୍ଥ ନୁହଇ କେବଳ ସ୍ୱାର୍ଥରକ୍ଷା ନିମିତ୍ତ ରଚନା ହୋଇଅଛି । ଏବହି କରୂପେ ପ୍ରତିପକ୍ଷର ହସ୍ତଗତ ହୋଇ ଅଦାଲତରେ ଉପସ୍ଥିତ ହେଲା କିଛି ବୁଝା ଯାଉ ନାହିଁ । ଯେବେ ବାସ୍ତବରେ ସେ ସବୁ ଡନ ସାହେବଙ୍କ ଚିଠିର ନକଲ ହୋଇଥିବ ତେବେ ଚେଷ୍ଟାଉପରେ ବାଂ ପାର ହୋଇଅଛି । ସନ୍ଦେହ ନାହିଁ । ଆଉ ଯେବେ ପ୍ରକୃତ ନକଲ ନ ଥିବ ତେବେ ଏତେଗୁଡ଼ାଏ କଥା ରଚନା କରିବା ସାମାନ୍ୟ କଥା ନୁହଇ । କୌଣସିରୂପେ କାଣ୍ଡଟି ବଡ ରହସ୍ୟଜନକ ଅଟଇ ଏବଂ ସ୍ୱୟଂ ସରକାର ଓକୀଲ ଏହାକୁ ଦାଖଲ କରିଥିବାରୁ ଏ ରହସ୍ୟ ଭେଦ କରିବା ତାହାଙ୍କର କର୍ତ୍ତବ୍ୟ ହେଉଅଛି ।

---

ରେଇସ ଏବଂ ରାୟତନାମକ ପତ୍ରିକାରେ ଲେଖାଅଛି କି ଉତ୍ତର ବଙ୍ଗର ଜଣେ ଯୁବା ଜମିଦାର କି ସେ ରାଜାଉପାଧି ପାଇଅଛନ୍ତି ଏବଂ ବ୍ରାହ୍ମଧର୍ମରେ ଦୀକ୍ଷିତ ଆପଣା କୈବ ଡାକ୍ତରଙ୍କ ସ୍ତ୍ରୀପ୍ରତି ଆସକ୍ତ ହୋଇ ରାଣୀଙ୍କ ନାମରେ ତାହାକୁ ଆମନ୍ତ୍ରଣକରି ପଠାଇଲେ । ଶିକ୍ଷିତ ପାଲିକବେହେରାମାନେ ଅନ୍ତଃପୁର ନିକଟକୁ ପାଲିକି ନ ନେଇ ବାବୁଙ୍କ ବୈଠକ ଖାନାରେ ଡାକ୍ତରଙ୍କ ସ୍ତ୍ରୀକି ଓହ୍ଲାଇ ଦେଲେ । ଡାକ୍ତରଙ୍କ ସ୍ତ୍ରୀ ସ୍ୱୟଂ ରାଜାଙ୍କୁ ସମ୍ମୁଖରେ ଦେଖି ଅତ୍ୟନ୍ତ ଭୀତ ହେଲେ ଏବଂ କ୍ରମେ ଷଡ଼ଯନ୍ତ୍ର ହେବାର ବୁଝି ମନରେ ଦମ୍ ବାନ୍ଧି ରାଜାଙ୍କସହିତ କଥାବାର୍ତ୍ତା କରୁଁ ରାଜାଙ୍କର ଅନ୍ୟଚେଷ୍ଟା ଦେଖି ଦେହ ଅଶୁଚି ଥିବାର ଛଳ କରି ଉନବିଂଶ ଦିନରୁ ଚତୁର୍ଥଦିନରେ ଆସିବାର କହିଲେ ରାଜା ତହିଁରେ ସମ୍ମତ ହୋଇ ସେଦିନ ବିଦାୟ ଦେଲେ । ଡାକ୍ତରାଣୀ ଘରକୁ ଯାଇ ଆପଣା ସ୍ୱାମିଙ୍କୁ ସମସ୍ତ କଥା କହିବାରୁ ଡାକ୍ତର ତାହାକୁ ବାପଘରକୁ ପଠାଇଦେଇ ଚତୁର୍ଥଦିନରେ ମୋଟା ଦାଢି କମାଇ ସ୍ତ୍ରୀବେଶ ଧରିଲେ ଓ ପାଲିକି ଆସନ୍ତେ ତହିଁରେ ଚଢି ରାଜାଙ୍କ ବୈଠକଖାନାକୁ ଗଲେ । ରାଜା ଆନନ୍ଦରେ ଆଲିଙ୍ଗନ କରିବାମାତ୍ରକେ ଡାକ୍ତର ରାଜାଙ୍କର ଗାଲ ଏମନ୍ତ ସଶକ୍ତରୂପେ କାମୋଡିଲେ ଯେ ଦାନ୍ତଫୁଟି ରକ୍ତ ବାହାରିଲା । ତତ୍କ୍ଷଣାତ୍ ଅନ୍ୟଗାଲକୁ ସେହିପରି କାମୋଡି କଥା ଗୃପତ ଇତ୍ୟାଦି ଦକ୍ଷିଣା ଦେଇ ବାହାରି ଆସିଲେ । ରାଜା ପୀଡା ଓ ଲଜ୍ଜାହେତୁ ମାସେପର୍ଯ୍ୟନ୍ତ ଦାଣ୍ଡକୁ ବାହାରିପାରିଲେ ନାହିଁ । କଥିତ ହୋଇଅଛି କି ରାଜାଙ୍କ ଯା ଶୁଣିବାରୁ ଜଣେ ବ୍ରାହ୍ମଧର୍ମଯାଜକ ତାହାଙ୍କ ନିକଟରେ ଉପସ୍ଥିତ ହୋଇ ଅନ୍ୟାନ୍ୟ କଥାମଧ୍ୟରେ ତାହାଙ୍କୁ ବୁଝାଇଥିଲେ ଯେ ପୁରୁଷର ସ୍ତ୍ରୀବେଶ ଧରିବା

Split by PDF Splitter



ମହାପାପ ଅଟଇ । ଈଶ୍ୱର ସ୍ତ୍ରୀ ପୁରୁଷର ଭେଦାଭେଦ କରିଥିବାରୁ ସେପରି ବେଶ ଧରିବା ତାହାଙ୍କ ଆଜ୍ଞାଲଙ୍ଘନ ଅଟଇ ।

---

## ମରହଟ୍ଟା ଜାହାଜ ବୁଡ଼ିଗଲା ।

ସରକଳଙ୍କରେଳୁର ହୃଦୟବିଦାରକ ଦୁର୍ଘଟନା । ମନରୁ ପାସୋର ନ ଯାଉଣୁ ପୁଣି ଏକ ଶୋକାବହ ସମ୍ବାଦ ଅତ୍ୟନ୍ତ ଦୁଃଖର ସହିତ ଲେଖିବାକୁ ବାଧ୍ୟ ହୋଇଅଛୁଁ । ପାଠକମାନେ ଜାଣନ୍ତି ଯେ ଉକ୍ତ ଜାହାଜ ମରାମତ ହେବାରୁ ମାକନାଲ କମ୍ପାନୀ ମରହଟ୍ଟା ନାମକ ଏକ ଜାହାଜ କଲିକତା ଓ ଚାନ୍ଦବାଲି କ୍ଷେପରେ ନିଯୁକ୍ତ କରିଥିଲେ । ଏହି ଜାହାଜ କେତେକ ଟର ଯିବା ଅସୁବିଧା କରିବାରୁ ଚାନ୍ଦବାଲିଠାରୁ କଲିକତାକୁ ଯାଉଁ ୨ ଗତ ଶନିବାର ବେଳ ଘ ୧୦ ୪୫ ମିନିଟ ସମୟରେ ଗଙ୍ଗାନଦୀରେ ହୁଗୁଳି ପଏଣ୍ଟଠାରେ ବୁଡ଼ିଗଲା । କିପରି ଏ ଦୁର୍ଘଟଣା ହେଲା ତହିଁର ବିବରଣ କିଛି ଜଣା ଯାଇ ନାହିଁ । କେବଳ ଏତିକି ଜଣା ଯାଇଅଛି ଯେ ଜାହାଜ ଏତେ ଶୀଘ୍ର ବୁଡ଼ିବାକୁ ଲାଗିଲା ଯେ କପ୍ତାନ ତର ୨ ହୋଇ ଦେହର ଲୁଗା କାଢ଼ି ପ୍ରାଣରକ୍ଷା ନିମିତ୍ତ ଜଳରେ ପଡ଼ି କୂଳକୁ ପହଁରି ଆସିଲେ ଏବଂ କୂଳରେ ଥିବା କେତେ ଖଣ୍ଡ ସରକାରୀ ନୌକା ଏ ବିପଦ ଦେଖି ଜାହାଜ ନିକଟକୁ ଯାଇଁ ଦେଢ଼ଶ ଲୋକ ରକ୍ଷା କଲେ ପାଣିର ସୋଡ଼ ଅତ୍ୟନ୍ତ ଅଧିକ ଥିବାରୁ ଏଥିରୁ ଅଧିକ ସାହାଯ୍ୟ କରି ପାରିଲେ ନାହିଁ । ଏହି ସମୟରେ ଲଡ଼ଫ୍ରାଷ୍ଟସ ଓ ଅରକଟ ନାମକ ଦୁଇ ଜାହାଜ ସେଠାରେ ପହଞ୍ଚି ଅଉ କେତେକ ପଥିକ ଓ ଖଲାସି ପ୍ରଭୃତିଙ୍କୁ ପାଣିରୁ ଟାଣି ନେଲେ ଘାଟ ଲଗୁ ଫେରି ଆସୁଥିବା ଅମ୍ବିକା ଜାହାଜ ମଧ୍ୟ ୫୩ ଲୋକଙ୍କର ପ୍ରାଣରକ୍ଷା କରିଅଛି । ରକ୍ଷା ପାଇଥିବା ଲୋକ ପ୍ରାୟ ସମସ୍ତେ ପୁରୁଷ । ଏମାନଙ୍କମଧ୍ୟରୁ କେତେକ ଲୋକ ପାଣିରେ ଭାସୁ ଥିଲେ ଓ କେହି ୨ ମାସ୍ତୁଲର ଦୌଡ଼ି ଧରି ଝୁଲୁଥିଲେ । ସର୍ବସୁଦ୍ଧା ପ୍ରାୟ ଅଢ଼େଇଶ ଲୋକ ରକ୍ଷା ପାଇଅଛନ୍ତି ମାତ୍ର କେତେ ଲୋକ ମରିଅଛନ୍ତି ତାହା ଜଣାଯାଇ ନାହିଁ, ଅନୁମାନ ୨୫୦ ୩୦୦ରୁ ଊଣା ହେବେ ନାହିଁ । ଜାହାଜର ଉପରଭାଗରେ ଯେଉଁମାନେ ଥିଲେ ସେମାନେ ପ୍ରାୟ ରକ୍ଷା ପାଇ ନାହାନ୍ତି କାରଣ ତହିଁରେ ଆଗେ ପାଣି ପଶିଥିବ । କେତେ ଲୋକ ଅନୁମାନ କରୁଅଛନ୍ତି କି ଜାହାଜ ଧସା ବାଲିରେ ପଡ଼ିବାରୁ ଏତେ ଶୀଘ୍ର ବୁଡ଼ିଗଲା ଓ ବାଲିରେ ପଶିଯାଇ ଅଦୃଶ୍ୟ ହେଲା । ଜୁଆରର ବଳ ସେଠାରେ ଏତେ ଅଧିକ ହୋଇଥିଲା ଯେ ଆରକଟ ଜାହାଜ ଆପଣା ବୋଟମାନ ଖଡ ଆସିବାକୁ ବାଧ୍ୟ ହୋଇଥିଲା । ପାଷ୍ଟାର ଲଡ଼ଫ୍ରାଷ୍ଟସ ସେ ସମସ୍ତଙ୍କୁ ଆଣିଲା । କଲିକତାର ପୋର୍ଟ ଅଫିସର ଏ ସମ୍ବାଦ ପାଇ ସେହିଦିନ ସରକାରୀ ଦୁଇଖଣ୍ଡ ଜାହାଜ ନେଇ ଘଟଣାସ୍ଥଳକୁ ଯାଇଥିଲେ । ତାହାଙ୍କଠାରୁ ସବିଶେଷ ବୃତ୍ତାନ୍ତ ଦୁଇ ଏକଦିନରେ ଜଣାଯିବ ଓ ଆଗାମି ସପ୍ତାହରେ ପାଠକମାନଙ୍କୁ ଜଣାଇବୁଁ । ଉପର୍ଯ୍ୟୁପରି ଦୁଇ ଜାହାଜ ମରା ପଡ଼ିବାରୁ ବୋଲିବାକୁ ହେଉଅଛି ଯେ ମାକନାଲ କମ୍ପାନୀଙ୍କର କପାଳ ଫାଟିଅଛି ଏବଂ ଚାନ୍ଦବାଲି ବାଟେ ମନୁଷ୍ୟ କିମ୍ବା ମାଲ ଯାତାୟାତ ପକ୍ଷରେ ଲୋକଙ୍କର ଭାରି ଭୟ ହେଉଅଛି । ଏବା ଚାନ୍ଦବାଲି କାହିଁକ ଗତ ଦୁଇମାସ ମଧ୍ୟରେ ଅନେକଗୁଡ଼ିଏ ଜାହାଜ ମରା ପଡ଼ିବାରୁ ସମୁଦ୍ରବାଟରେ କାରବାର କରିବାପାଇଁ ଲୋକଙ୍କର ଭାରି ଭୟ ହେଉଅଛି । କାହିଁକି ଜାହାଜଉପରେ ଏବର୍ଷ ଏତେ ବିପଦ ପଡ଼ିଅଛି କିଏ କହିପାରିବ ? ।

---

## ବଳଦେବଜୀଉଙ୍କ ମଠ ।

କେନ୍ଦ୍ରାପଡ଼ା ବଳଦେବଜୀଉଙ୍କ ସଦାବର୍ତ୍ତ ମଠ ସମ୍ପର୍କରେ ବଙ୍ଗଳାର ସମ୍ବାଦପତ୍ରମାନଙ୍କରେ ଏଠାରୁ ପ୍ରେରିତ ଏକ ତାରସମ୍ବାଦ ପ୍ରକାଶ ହୋଇଅଛି ତହିଁର ମର୍ମ ଏହି କି ଏ ମଠରେ ଭାରି ଗୋଲମାଲ ଉପସ୍ଥିତ ହୋଇଅଛି । ରାମପ୍ରସନ୍ନ ଦାସ ନାମରେ ଏକବ୍ୟକ୍ତି ଉକ୍ତ ମଠର ଜଣେ ମେମ୍ବର ଓ କେନ୍ଦ୍ରାପଡ଼ାର ଜଣେ ବଡ଼ ଜମିଦାର ବାବୁ ଜଗନ୍ନାଥ ଭ୍ରମରବରଙ୍କ ନାମରେ ଉକ୍ତ ମଠ ତହବିଲରୁ ପ୍ରାୟ କୋଡ଼ିଏ ହଜାର ଟଙ୍କା ଆତ୍ମସାତ କରିଥିବା ମର୍ମରେ ଫଉଜଦାରୀରେ ନାଲିଶ କରି ପ୍ରମାଣସ୍ୱରୂପ କେତେକ ହିସାବପତ୍ର ତଲବ କରିବାର ପ୍ରାର୍ଥନା କରିଥିଲା । ଉକ୍ତ ହିସାବପତ୍ର ବାବୁଙ୍କ ହୁକୁମରେ ତାହାଙ୍କ ଲୋକଙ୍କଦ୍ୱାରା ପୋଡ଼ି ଦିଆ ଯାଇଥିବାର କଥିତ ହୁଅଇ । ମୋକଦ୍ଦମା ବିଚାରାଧୀନରେ ଥିବାରୁ କୌଣସି ମତାମତ ଦିଆଯାଇ ନ ପାରେ ବାବୁ ଜଗନ୍ନାଥ ଭ୍ରମରବର ଓଡ଼ିଶାରେ ଜଣେ ବିଖ୍ୟାତ ବ୍ୟକ୍ତି ତାହାଙ୍କ ତରଫରୁ ଶ୍ରୀଯୁକ୍ତ କଷ୍ଟସାହେବ ମାଜିଷ୍ଟ୍ରେଟ ମାନ୍ୟବର ଗୋଟଲାଟଙ୍କର ନିକଟରେ ଯେଉଁ ଦରବାର ହୋଇଥିଲା ତହିଁରେ ଉପସ୍ଥିତ ହେବାକୁ ଅନୁମତି ଦେଇ ନ ଥିଲେ । ତାହାଙ୍କୁ ମେମ୍ବରରୁ ଖାରଜ କରିବା ସକାଶେ ଦେବାନୀ ଅଦାଲତରେ ଏକ ମୋକଦ୍ଦମା ଏବଂ ତାହାଙ୍କ ପ୍ରିୟ ଚାକରଙ୍କ ନାମରେ ଶ୍ରୀଯୁକ୍ତ ଫ୍ରେଜରସାହେବଙ୍କ ନିକଟରେ ଏକ ଫଉଜଦାରୀ ମୋକଦ୍ଦମା ଦାଏର ହୋଇଅଛି । ସଦାବର୍ତ୍ତମଠର ଅନେକ ଟଙ୍କା ଚାରିଆଡ଼େ ଆତ୍ମସାତ ହେଉଅଛି । ଗବର୍ଣ୍ଣମେଣ୍ଟଙ୍କର ଏ ବିଷୟରେ ଟାଣ ଔଷଧ ପ୍ରୟୋଗ କରିବା ଏବଂ ସର୍ବସାଧାରଣଙ୍କର ଜାଗର୍ତ୍ତି ହେବାର ଉଚିତ ।

କିଛିକାଳପୂର୍ବେ ଏହି ମଠର ଉଦ୍ୱର୍ତ୍ତଙ୍କାରୁ ଖଣ୍ଡିଏ ବଡ଼ ଜମିଦାରୀ ଅଦାଲତର ନିଲାମରେ ଖରିଦ ହେବାର ଦେଖି ଆମ୍ଭେମାନେ ଆନନ୍ଦିତ ହୋଇ ଏହି ସଦାବର୍ତ୍ତ ମଠର ଅବସ୍ଥା ଅତି ଉତ୍ତମ ଥିବା ଏବଂ ଏଥିର କାର୍ଯ୍ୟ ଉତ୍ତମରୂପେ ଚାଲିବା କଥା ପାଠକମାନଙ୍କୁ ଜଣାଇଥିଲୁଁ । ମାତ୍ର ଉପରଲିଖିତ ଦେବାନୀ ଓ ଫଉଜଦାରୀ ମୋକଦ୍ଦମାମାନ ଉପସ୍ଥିତ ହେବା ଏବଂ ଏକବର୍ଷ ହେଲା ମଠର ମହନ୍ତ ମରି ଯାଇଥିବା ପ୍ରତ୍ୟକ୍ଷେ ଅବଧି କେହି ସେ ପଦରେ ନିଯୁକ୍ତ ନ ହେବାରୁ ବୋଲିବାକୁ ହେଉଅଛି ଯେ ମଠର କାର୍ଯ୍ୟ ଯେପ୍ରକାର ନିର୍ବାହ ହେବାର ଉଚିତ ସେପ୍ରକାର ହେଉ ନାହିଁ । ସୁତରାଂ ଏଥିରେ ମଠର ଟଙ୍କା ବରବାଦ ହେଉଥିଲେ ଆଶ୍ଚର୍ଯ୍ୟର ବିଷୟ ହେବ ନାହିଁ । ବାବୁ ଜଗନ୍ନାଥ ଭ୍ରମରବର ଏପ୍ରଦେଶର ଜଣେ ବିଖ୍ୟାତ ହିନ୍ଦୁ ଏବଂ ପ୍ରଧାନ ଜମିଦାର ଅଟନ୍ତି । ତାହାଙ୍କ ବିରୁଦ୍ଧରେ ସଦାବର୍ତ୍ତମଠର ସମ୍ପତ୍ତି ଆତ୍ମସାତ କରିବାର ଅଭିଯୋଗ ଭାରି କଳଙ୍କ ଅଟଇ । କିନ୍ତୁ ପ୍ରାୟ ଏକବର୍ଷ ହେଲା ଏପରି ଅଭିଯୋଗ ତାହାଙ୍କ ବିରୁଦ୍ଧରେ ଫଉଜଦାରୀ ଓ ଦେବାନୀରେ ହୋଇ ଆସୁଥିବା ପ୍ରତ୍ୟକ୍ଷେ ଅବଧି ତହିଁର କିଛି ବିଚାର ନ ହେବା କି ବାବୁଙ୍କ ପକ୍ଷରୁ ଏପରି କଳଙ୍କ ଧୋଇବାର କୌଣସି ଉପାୟ ନ ହେବା ଗାମ୍ଭୀ ଭଲ କଥା ନୁହଇ । ବାବୁ ଅବା ମନେ କରିଥିବେ ଯେ ସେ ନିର୍ଦ୍ଦୋଷୀ ଥିବାସ୍ଥଳେ ତାହାଙ୍କ ବିରୁଦ୍ଧରେ ଶତ୍ରୁତା କରି କେହି କିଛି କହିଲେ ତହିଁରେ ତାହାଙ୍କର ଆପତ୍ତି କିସ ? ମାତ୍ର ଏ କଥାରେ ଆମ୍ଭେମାନେ ଐକ୍ୟ ନୋହୁଁ । ଯେବେ ତାହାଙ୍କର ମେମ୍ବରୀ ପାଞ୍ଚଜଣଙ୍କ ମନକୁ ନ ରୁଚିଲା ତେବେ ତାହା ତ୍ୟାଗ କରିବା ନଚେତ ଯେଉଁ

Digitized by srujanika@gmail.com

Split by PDF Splitter

258



ବ୍ୟକ୍ତି ଦୁର୍ନାମ ରଟାଉଅଛନ୍ତି ତାହାଙ୍କୁ ଦଣ୍ଡରେ ପହଞ୍ଚାଇବାର ବହିତ ଉପାୟ କରିବା ଉଚିତ । ସେ ଭୁଲ ହୋଇ ବସିଲେ ସାଧାରଣଙ୍କର ସନ୍ଦେହ ହୋଇପାରେ ଆଉ ହାକିମମାନଙ୍କର ଉଚିତ ଯେ ସଦାବର୍ତ୍ତ ସମ୍ପତ୍ତିର ଭାରପ୍ରାପ୍ତ କୌଣସିବ୍ୟକ୍ତିଙ୍କ ପ୍ରତି ଏପ୍ରକାର ଅଭିଯୋଗ ଉପସ୍ଥିତ ହେଲେ ତହିଁର ବିଚାର ଶୀଘ୍ର କରିବେ କାରଣ ବ୍ୟକ୍ତି ବିଶେଷର ମୋକଦ୍ଦମାଠାରୁ ଏହା ଅତି ଗୁରୁତର ଅଟଇ ।

# ସାପ୍ତାହିକ ସଂବାଦ ।

ଓଲଉଠାସେଲ ଏ ନଗରରେ ଅଦ୍ୟାପି ଭଲ ହୋଇ ନାହିଁ । ପ୍ରତଦିନ ଲୋକ ମରି ପଡ଼ୁଅଛନ୍ତି ।

ଏ ସପ୍ତାହରେ ପ୍ରଚୁର ବୃଷ୍ଟି ହୋଇଅଛି ଏବଂ ମହାନଦୀ ଓ ତହିଁର ଶାଖାମାନ ସମ୍ପୂର୍ଣ ବୃଦ୍ଧି ହୋଇଅଛି । ଗତବର୍ଷ ଏପରି ବଢ଼ି ହୋଇ ନ ଥିଲା ।

ଏ ସପ୍ତାହର ବୃଷ୍ଟି ଓ ନଈବଢ଼ିରେ ମୋଫସଲର ଭୂଅଁ କେଦୁଆବାର୍ଯ୍ୟଙ୍କୁ ଯଥୋଚିତ ଉପକାର କରିଅଛି ।

ଆମ୍ଭମାନଙ୍କ କମିଶନର ମେଟକାଫ ସାହେବ ଅସନ୍ତାମାସ ତା ୧୩ ରିଖପର୍ଯ୍ୟନ୍ତ ଏଠାରେ ନ ରହି ଏକସପ୍ତାହ ମଧ୍ୟରେ ଛୁଟୀ ନେଇ କଲିକତା ଯିବେବୋଲି ଶୁଣାଯାଉଅଛି । ସେଠାରେ ନୂତନ କମିସ୍ନରଙ୍କୁ ଭାର ଦେବେ ।

ପ୍ରସ୍ତରଙ୍କ ବାବୁ ନବଲାଲ ବନ୍ଦ୍ୟୋପାଧ୍ୟାୟ ଯେ କି ଗତ ଶୀତକାଳରେ ଏଠାକୁ ଅସିଥିଲେ ପୁନର୍ବାର ଅସିଅଛନ୍ତି । ଏଥର ଏଠାରେ ବସବାସ କରିବେ ବୋଲି ମନସ୍ଥ କରିଅଛନ୍ତି ।

ବ୍ରାହ୍ମଣୀ ଖରସ୍ରୋତ ବୈତରଣୀ ନଦୀମାନ ବିଶେଷ ବୃଦ୍ଧି ହୋଇ କେନ୍ଦ୍ରାପଡ଼ାରେ ପାଣି ମାଡ଼ି ଦେଉଅଛି । ଗୁହାଳ ନଦୀ ସରକାରି ବନ୍ଧରେ କଡ଼ବାଇ ଫାଟିବାହାରି ଅନେକ କ୍ଷତିର ଭୟ ହୋଇଅଛି ।

## କଲିକତା ଗେଜେଟ ।

ଓଡ଼ିଶା ଟ୍ରାନସଲେଟର ବାବୁ ଜଗନ୍ନାଥ ପଟ୍ଟନାୟକ ଦୁଇମାସର ଛୁଟୀ ପ୍ରାପ୍ତ ହୋଇଅଛନ୍ତି । ତାଙ୍କ ଅନୁପସ୍ଥିତ କାଳରେ ଏକା ଏକ୍‌ଟିଙ୍ଗ ପର୍ଯ୍ୟନ୍ତ ବାବୁ ଯଜ୍ଞେଶ୍ୱର ମହାପାତ୍ର ତାଙ୍କ କାର୍ଯ୍ୟରେ ନିଯୁକ୍ତ ହେବେ ।

ସାହାବାଦଜିଲାର ଭୂସ୍ୱାମୀ ଶ୍ରୀଯୁତ ହରିହରନାଥଚନ୍ଦ୍ରସିଂହଙ୍କ ଶ୍ରାଦ୍ଧକ୍ରିୟା ତାହାଙ୍କ ବଂଶଗତ ଶ୍ରୀଯୁକ୍ତ ସ୍ୱୟଂ ସମ୍ମତି ଅତି ସମାରୋହପୂର୍ବକ କରିଥିବାର ସମ୍ବାଦପତ୍ରରେ ପାଠକଲୁଁ । ଏକଶୋଟି ବୃଷୋତ୍ସର୍ଗ ଓ ଷୋଳଗୋଟି ଷୋଡ଼ଶ ହୋଇଥିଲା ଏବଂ ଲକ୍ଷସଂଖ୍ୟ ବ୍ରାହ୍ମଣ ଭୋଜନକୁ ହେତୁ ଓ ଦକ୍ଷିଣା ଦିଆ ଯାଇଥିଲା ।

ଗତମାସ ତା ୧୨ ରିଖ ପ୍ରାତଃକାଳରେ ମିଶରଦେଶ, ମାଲ୍‌ଟାଦ୍ୱୀପ ଏବଂ ଇଟାଲି ଦେଶରେ ସାଧାରଣ ପ୍ରକାର ଭୂମିକମ୍ପ ଅନୁଭୂତ ହୋଇଥିବାର ସମ୍ବାଦ ମିଳଇ ।

ଅଳ୍ପଦିନରେ ସୈନ୍ୟ ବନ୍ଧୁତାସୂତ୍ରରେ କୋଟିଏ ଅଦ୍ଭୁତ କ୍ରିୟା ଷ୍ଟିଲେକ କରଣୀଗିରି କାର୍ଯ୍ୟ କରୁଥିଲା । ତାହାର ଉକାଦ ହେବା ଉଚିତ ଉଚ୍ଚା ହେବାକୁ ସେ ଛୁଟିଲେଇ ଦରଖାସ୍ତ ଦେବାକୁ ଗଲା । ଦରଖାସ୍ତରେ ଏ କ୍ରିୟାର ପ୍ରତାପ ନାମ ପରିବର୍ତ୍ତନ ହୁଅଇ । ଷ୍ଟିଲେକ ଉକାଦ ହେଉଥିଲା ଅପଣା କାର୍ଯ୍ୟକ୍ଷେତ୍ରରେ ଉପସ୍ଥିତ ହୋଇ ପିତ୍ତଳ ଦରମାହିଁ ନେଇ ଦେଖିଲ୍ ଏହିରୂପେ ଲୋକମାନେ ଉପସ୍ଥିତ ହୋଇଅଛ

ଯେ ଷ୍ଟିଲେକଟ ଅପଣାର ପୂର୍ବନାମ ଦସ୍ତଖତ ନ କଲେ ଦରମାହିଁ ପାଇ ନ ପାରେ ମାତ୍ର ଦରଖାସ୍ତରେ ନାମର ପରିବର୍ତ୍ତନ ହେବା ଉଚିତ୍ ସେ ପୂର୍ବତନ ନାମ ସ୍ୱାକ୍ଷର କରିବାର ଅଧିକାରୀ ନୁହଇ । ପାଠକେ ଏ ଗୋଳମାଳ ମେଣ୍ଟାଇ ପାରିବେ କି ?

ମାଜାଇନ ଅବା ଗଭୋନବର୍ଗ ବାଇବଲ ଅତ୍ୟନ୍ତ ପୁରାତନ କାଳର ଛପା ଅଟଇ । ବର୍ତ୍ତମାନ କଲିକତାରେ ସେ ପୁସ୍ତକ ନିଲାମ ହେବାରୁ ଜଣେ ଲୋକ ତାହାକୁ ୨୭୫୦ ପାଉଣ୍ଡ ମୂଲ୍ୟରେ କ୍ରୟ କରିଅଛି ଅର୍ଥାତ୍ ତରିଶିବର୍ଷ ପୂର୍ବରେ ଏଥିର ଯେଉଁ ମୂଲ୍ୟ ହୋଇଥିଲା ତହିଁରୁ ବର୍ତ୍ତମାନକୁ ଦୁଇହଜାର ପାଉଣ୍ଡ ଅଧିକା ହୋଇଅଛି । ଅଧିକ ସଞ୍ଚ ହେଲେ ଲୋକେ ଅଧିକ ଲୋଭୀ ହୁଅନ୍ତି ?

ଚୁଦନ୍ଦେସ୍‌ସାହ ଲେଖିଅଛନ୍ତି ଯେ ଭାରତବର୍ଷର ପରିମାଣ ୧୩୮୨୭୨୪ ବର୍ଗମାଇଲ ଓ ଲୋକସଂଖ୍ୟା ୨୫୩୮୯୧୮୨୧ ଜଣ ବୋଲି ସ୍ଥିର ହୋଇଅଛି । ଏବଂ ଯଦ୍ୟପି କି ଭାରତବର୍ଷ ଅନେକ ଭୂମି କର୍ଷିତ ହେଉଅଛି ତଥାପି କର୍ଷଣଯୋଗ୍ୟ ଏକକୋଟି ମାଣ ଭୂମି କର୍ଷିତ ହୋଇ ନାହିଁ ଓ ତହିଁର ଦଶଗୁଣ ଭୂମି ପଡ଼ିଆ ପଡ଼ିଅଛି ।

କଲିଗେଇସ୍ପା ସିଂହାସନ ଜର୍ମାଣ ରାଜପୁତ୍ର ପ୍ରିନ୍‌ସ ଫର୍ଡିନାଣ୍ଡଙ୍କୁ ଯାଚିବାରେ ତୁରସ୍କ ସୁଲତାନ ଏବଂ ୟୁରୋପୀୟ ଅନ୍ୟାନ୍ୟ ରାଜାଙ୍କର ଆପତ୍ତି ନ ଥିଲେ ସେ ଗ୍ରହଣ କରିବାକୁ ସମ୍ମତ ହୋଇଥିଲେ । ମାତ୍ର ରୁଷିଆ ଏ ପ୍ରସ୍ତାବରେ ସମ୍ମତ ହୋଇ ନାହାନ୍ତି । ସୁତରାଂ ଗୋଳମାଲ ପୂର୍ବପ୍ରାୟ ରହି ରହିଲା ।

କଲିକତା ଭବାନୀପୁର ମେଡ଼ିକେଲ ସ୍କୁଲର ଶିକ୍ଷକ ବାବୁ କାଳୀକୁମାର ଦାସଙ୍କ ପିତା କି ୧୧୩ ବର୍ଷ ବୟସରେ ମରିଯାଇଥିବାର ସମ୍ବାଦ ମିଳଇ । ଏ ବୟସରେ ମୃତ୍ୟୁ ତାଙ୍କର ବୁଦ୍ଧିବୃତ୍ତି ତୀକ୍ଷ୍ଣ ଏବଂ ଶାରୀରିକ ବଳ ଅକ୍ଷୁର୍ଣ୍ଣ ପ୍ରକାର ଥିଲା । ସଂସାର ମାୟା ଏହାଙ୍କୁ ଅନେକଦିନ ଅବଦ୍ଧ କରି ରଖିଥିଲା !

ବୋମ୍ବାଇ ଗଜଣାଟାଳରେ ଟମାସାନାମକ ଏକ ଅସ୍ତ୍ରଦିଗ୍ଧ ସାହେବ ତହିଁର ଦେ ଖରପ ଉପସ୍ଥରେ ଦୌଡ଼ ଦର୍ଶିଲେ ପଚିଶ ବର୍ଷ ଜୀବନାନ୍ତ ଦଣ୍ଡପ୍ରାପ୍ତ ହୋଇଥିବାର ସମ୍ବାଦ ମିଳିଲା । ବିଚାର ସମୟରେ ବମ୍ବେସ୍ଥ ଜର୍ମ ତଦବାର ନିୟମରେ ଅନେକ ତ୍ରୁଟି ପ୍ରକାଶିତ ହେଲା । ସାହେବମାନେ ପରି ନେବଡ଼ା ପଡ଼ନ୍ତି ଜାଣ୍ଣ ନାହିଁ ?

## ପଞ୍ଚାମୃତ୍ରାଇ ସମ୍ବାଦ ।

ଭୌତକୁଇଟ ଅନ୍ତର୍ଗତ ତରକସ୍ୱର ଗ୍ରାମରେ ଜଣେ ଗୋଷ୍ଠ ସନ୍ତରେ ମାଛ ଧରୁଥିବାରେ ଦୁଇଗୋଟି ସର୍ପଙ୍କୁ ପୋଗୁହରେ ମାରିଦେଇ ଓ ୨ଗୋଟିଏ ସର୍ପ ତାହାର ପାଦରେ ଦଂଶିବାରୁ ସେ ତାହା ଜାଣିପାରି ଗୃହକୁ ଯାଉଁ ପଥରେ ପ୍ରାଣତ୍ୟାଗ କଲା ।

ଅଳସରେ ପ୍ରତି ସପ୍ତାହରେ କଲିକତା ପିବାନମିତ୍ର ଏତେ ସାଟ୍ଟି ହେଉଅଛନ୍ତି ଯେ ସ୍ଥାନ ନ ପାଇ କେତେଲୋକ ଫେରି ଯାଉଅଛନ୍ତି ।

ଅମ୍ଭେ ଗତ ସପ୍ତାହରେ ପଞ୍ଚାମୃତ୍ରାଇ ସ୍କୁଲର ସମ୍ପାଦକ ନାଏବ ମହାଶୟଙ୍କ ସମ୍ବନ୍ଧରେ ଯାହା ଲେଖିଥିଲୁଁ ତାହା ମହାଶୟଙ୍କ କର୍ଣ୍ଣଗୋଚର ହୋଇଅଛି । ପରଶେଷରେ ମହାଶୟଙ୍କୁ ବିନୟପୂର୍ବକରେ ଅମ୍ଭମାନଙ୍କର ପ୍ରାର୍ଥନା ଏହି ଯେ ପଞ୍ଚାମୃତ୍ରାଇ ସ୍କୁଲର ଉନ୍ନତି ନିମିତ୍ତ ଜମିଦାରବୃତ୍ତି ଫଣ୍ଡରୁ ଦୁଇଏକ ଗୋଟି ବୃତ୍ତି ଅନୁମୋଦନ କରି ଉତ୍ତୀର୍ଣ୍ଣ ଛାତ୍ରମାନଙ୍କର ନୈପୁଣ୍ୟ ବର୍ଦ୍ଧିତ ହୃଦୟରେ ଅନନ୍ତ କାଳ ବର୍ଦ୍ଧନ କରନ୍ତୁ

## ଢେଙ୍କାନାଳର ସମ୍ବାଦ ।

ଏଠା ଇଞ୍ଜିନିୟର ଶ୍ରୀ ମାକମିଲନ ସାହେବ ଏ କଷ୍ଟାଳ ଯେତେଲୋକ ତାହାଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ ସେମାନଙ୍କୁ ବଦାୟ ଦେଇ ସବଡ଼ିଭିଜ କୁଲି କାଣ୍ଟ୍ରାକ୍ଟରମାନଙ୍କ ମାରଫତରୁ ଖଟାଉଅଛନ୍ତି । କଷ୍ଟାଳ ଲୋକମାନେ କାର୍ଯ୍ୟ କରିବାକୁ ଅକ୍ଷମ ନ ଥିବାପ୍ରତ୍ୟୟେ ଅନ୍ୟ ସ୍ଥାନରୁ ଲୋକ ଅଣି ତାହାଙ୍କ ଦାନା ମଜୁରି କଟ ଅନ୍ୟାୟ ଅଟଇ । ଖାନସ୍ଥ ଲୋକଙ୍କ ଖାନସୁଖଲାଙ୍କ ସହାନୁଭୂତି କଲାଇ ନ ପାରିଲେ ଫଳ ମିଳିବ ନାହିଁ ।

ଗଜଗତି ପ୍ରଦେଶର ସଦର ନୂତନ ଡେଙ୍କାନାଳଠାରେ ହେବାକୁ ପୂର୍ବରୁ ସୂଚନାପତ୍ର ଅପଣା ଉଚ୍ଚବଳ ଯେନ ଏଠାରେ ପହଞ୍ଚି ଅଛନ୍ତି । କୋର୍ଟ୍‌ଅବାର୍ଡସ ଅଧୀନରେ ଏବା ଗଡ଼ଜାତ ମୁନସଫ ତତ୍ତ୍ୱାବଧାରଣ ଏହିଠାରୁ ହେବ । ଭରସା କରୁଁ ଏ ମହାଶୟ ଉତ୍କଳୀୟଲୋକଙ୍କ ଦାନାଦିତ ବୃଦ୍ଧି କରିବେ ।

ଅଫିସ୍ତ ବାବୁ ନନ୍ଦକିଶୋର ଦାସ ଏଥର ସର୍ବକାଳ ଏ ଗଡ଼ରେ ରହିବାରୁ ତାହାଙ୍କର ସାଧୁସ୍ୱଭାବ ନମ୍ରତା ଉଦାରତ ଅଧିକତର ପରିଚୟ ପାଇ ଏଠାଲୋକେ ସୁଖସ୍ୱଚ୍ଛନ୍ଦ ତାହାଙ୍କୁ ଧନ୍ୟବାଦ ଦେଉଅଛନ୍ତି । ଲବଣାଭାବ ମଧ୍ୟ ଅନୁମତିରୁ କି ୬୬ ଏ ଅସାମି ଦଣ୍ଡ ପାଇଲେ ଏହାଙ୍କ ମଧ୍ୟରୁ କେହୁ କ ୧୦ ଟି ପର୍ଯ୍ୟନ୍ତ ମିଶ୍ରିତ ପାଇଅଛନ୍ତି । ଲୁଣ ମୋକଦ୍ଦମା ସବୁ ବୁଝିବା କାରଣ ସ୍ୱୟଂ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବ ନିକଟରେ ଏଠାକୁ ଅସିବାର କଥା ଅଛି ।

ସ୍ୱେରି ଉଚ୍ଚାର ତର ଶିକ୍ଷା କରୁଥିବା ପାଣପିଲମାନେ କମିଶ୍ନର ସାହେବଙ୍କ ଅଦେଶାନୁସାରେ ସଦରକୁ ପ୍ରେରିତ ହେଉଅଛନ୍ତି ।

ଏ କଷ୍ଟାରେ ଓଲଉଠା ବଡ଼ ପ୍ରବଳ ହୋଇଅଛି । ରାମପୁରରେ ୭ ୧୫ ଦିନ ମଧ୍ୟରେ ୬ ୧୦୦ ଜଣ ମରି ଯାଇଅଛନ୍ତି । ସେଠାକୁ ଜଣେ ଡାକ୍ତର ଔଷଧ ସହିତ ଯାଇଅଛି । ଜଣକର ଅଠପାଣି ବୁଝିବା ମଧ୍ୟରୁ କି ୭ ଏ ମାସ କୁହେବାଳ କୋଟିଏ ପିଲା କାଟିଲା । ସେ ଅପଣାକୁ ଅସହାୟ ଦେଖି ଗଳାରେ ଫାଶିଦେଇ ପ୍ରାଣତ୍ୟାଗ କଲା ।

ଗତମାସ ତା ୮ ରିଖରେ ଶିକ୍ଷା କମିଟିର ଅଧିବେଶନ ହୋଇଥିଲା । କମିଟିର କାର୍ଯ୍ୟବିବରଣ ଦେଖାଗଲା ମାତ୍ର କଥାକାର୍ଯ୍ୟ ଓ ତର୍କବିତର୍କ ଓଡ଼ିଆ ହେବାର ସ୍ଥିର ହେବାରୁ ସମସ୍ତେ ସନ୍ତୁଷ୍ଟ ହୋଇଅଛନ୍ତି । ଏହାର ଆଗରେ ଓଡ଼ିଆ ମେମ୍ବରମାନେ ଗୁଙ୍ଗେ ଭଳି ପାଇ ଦୂରରେ ବସି କଲ୍ଲୁସେ ତର୍କବିତର୍କ କରୁଥିଲେ । ଜଣେ ଉଚ୍ଚପ୍ରାଇମେରି ଶିକ୍ଷକ ଜଣେ ପାସ୍ କରିବାରୁ ଶିକ୍ଷକକୁ ୫ ୨୦୦ ଟା ଏବଂ ଛାତ୍ରବୃତ୍ତି ପ୍ରଦତ୍ତ ହେଲା ।

## ଯଥେଷ୍ଟରକୁ ପତ୍ର ।

ଜଣେ ଅନୁଗତବ୍ୟକ୍ତି ତଣାଦନ୍ତା—ଜଗଦ୍ୟାନୟର ସବୁ ଅଭାବ ଏକଦିନରେ ପୂର୍ଣ୍ଣ ହୋଇ ନ ପାରେ । ସେପରି ଅନ୍ଦୋଳନରେ କିଛି ଫଳ ନାହିଁ ।

ଜଣେ ହିନ୍ଦୁଧର୍ମାବଲମ୍ବୀ—ଶ୍ରୀଜଗନ୍ନାଥଙ୍କ ମନ୍ଦିରର ମୋକଦ୍ଦମାରେ ବାବୁ ମଧୁସୂଦନ ଦାସ ଅନୁପମ ବକ୍ତୃତା ସାହସ ଓ ଯତ୍ନସହକାରେ ଖୋରଧା ରାଣୀଙ୍କ ମର୍ଯ୍ୟାଦା ରକ୍ଷା କରିଥିବାରୁ ତାହାଙ୍କ ପ୍ରଶଂସାପୂର୍ଣ୍ଣ ଗୋଟିଏ କବିତା ଲେଖି

Digitized by srujanika@gmail.com

ଠାଉଅଛନ୍ତି ସ୍ଥାନାଭାବରୁ ତାହା ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ।

ଅଭିଧାନଚିନ୍ତାମଣି—ବାବୁ ଭଗବତୀଚରଣ ସିଂହ ଡେପୁଟୀ ଇନ୍‌ସ୍ପେକ୍ଟରଙ୍କ ପୁସ୍ତକରୁ ବଦଳ କରିବାକୁ ଗୋଟିଏ କବିତାଦ୍ୱାରା ଦୁଃଖ ପ୍ରକାଶ କରିଅଛନ୍ତି ।

ପତ୍ରପ୍ରେରକମାନଙ୍କ ପ୍ରାର୍ଥନା ଯେ କାଗଜର ଏକପୃଷ୍ଠେ ଲେଖି ଅନ୍ୟପୃଷ୍ଠେ ସାଦା ରଖିବେ । ଦୁଇପୃଷ୍ଠେ ଲେଖାରୁ ଛାପାକରିବା ସୁବିଧାଜନକ ନ ହେବାରୁ ସେହିମାନେ ସେପରି ଲେଖିବେ ସେମାନଙ୍କ ପତ୍ର ପ୍ରକାଶ ହୋଇପାରିବ ନାହିଁ ।

---

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ

---

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ନିମ୍ନଲିଖିତ କତିପୟ ପଂକ୍ତିକୁ ଆପଣଙ୍କ ଉତ୍କୃଷ୍ଟ ପତ୍ରିକାରେ ସ୍ଥାନଦାନ କରି ବାଧିତ କରିବେ ।

ଗତସପ୍ତାହର ଉତ୍କଳ ଦୀପିକାରେ "ଛଞ୍ଚାଣ-ପକ୍ଷୀ" ନାମକ ଜଣେ ପତ୍ରପ୍ରେରକ ଏ ନଗରସ୍ଥ ଏକାଡେମୀ ନାମକ ବିଦ୍ୟାଳୟର ଦୁଇଗୋଟି ବ୍ରାହ୍ମଣ ବାଳକ ଉପବୀତ ପରିତ୍ୟାଗ କରି ବ୍ରାହ୍ମଧର୍ମାବଲମ୍ବନ କରିଥିବାର ଜାଣି ଦୁଃଖପ୍ରକାଶ କରିଅଛନ୍ତି ।

ଭିନ୍ନ ୨ ଲୋକ ଓ ପୁସ୍ତକ ସଂସର୍ଗ ହେତୁରୁ ମନର କେତେପ୍ରକାର ପରିବର୍ତ୍ତନ ସମ୍ଭବ, କେଉଁଧର୍ମସମାଜର କିପ୍ରକାର ଅବସ୍ଥାରେ କେତେ ଉପଯୋଗୀ, କେଉଁଧର୍ମ ଆଚରଣ କରିବାକୁ ଗଲେ କି ୨ ଆବଶ୍ୟକ, ଏବଂ ଧର୍ମା-ବଲମ୍ବନକାରୀର ସର୍ବପ୍ରକାର ଉପଯୁକ୍ତତା କେତେ ଅଛି କେତେପ୍ରକାର ଲୋକ କି ୨ ଉଦ୍ଦେ-ଶ୍ୟରେ ଏ ସଂସାରରେ ବିଚରଣ କରୁଅଛନ୍ତି, ତାହାର କଥା କିପ୍ରକାର ଗ୍ରହଣ କରିବାକୁ ହେବ, କୌଣସି ଧର୍ମର ସତ୍ୟ-ମିଥ୍ୟା ପ୍ରତିପା-ଦନ କରିବାନିମନ୍ତେ କେବଳ ଏକପକ୍ଷ କି ଉଭୟପକ୍ଷଙ୍କଠାରୁ ଶୁଣିବାର ଆବଶ୍ୟକ କି ନା, ଆଉ ଏକପକ୍ଷ ଯେବେ ଆପଣାର ମତକୁ ସଜାଇ କହେ ତେବେ ଅନ୍ୟପକ୍ଷ କିପାଇଁ ସେହିରୂପ କରିବାକୁ ଚେଷ୍ଟା କରୁ ନାହିଁ ଓ ସେପୋକ୍ତ ପକ୍ଷ ଚେଷ୍ଟା ନ କଲେହେଁ ସତ୍ୟା-ନୁସନ୍ଧିତ୍ସୁ ବ୍ୟକ୍ତିର ଅନୁସନ୍ଧାନ କରିବା ଆବଶ୍ୟକ କି ନା, ଆଉ ଅଗପଛ ବିଚାର ନ କରି କୌଣସି କାର୍ଯ୍ୟ କଲେ ଭବିଷ୍ୟତରେ କେତେଦୂର ଶାରୀରିକ ଓ ମାନସିକ କଷ୍ଟ ପାଇବାକୁ ହେବ ଇତ୍ୟାଦି ବିଷୟ ବିଚାର କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ ଓ ଚପଳମତି ଅସ୍ଥିରଚିତ୍ତଯୁକ୍ତ ବାଳକ ମାନେ ଆପଣା ୨ ଜାତି କୁଳରେ ଜଳାଞ୍ଜଳି ଦେଇ ପିତାମାତା ଆତ୍ମୀୟ କୁଟୁମ୍ବଙ୍କପ୍ରତି ଜୀବନ୍ ମୃତ ହେବାର ଦେଖି କେଉଁ ସହୃଦୟ ବ୍ୟକ୍ତିର ଦୁଃଖ-ସମୁଦ୍ର ଉଦ୍‌ବେଳିତ ନ ହେବ ? ଧର୍ମ-ଭ୍ରଷ୍ଟ ଓ ଜାତିଭ୍ରଷ୍ଟ ଏହି ବାଳକମାନେ ଯଦି ବୟୋବୃଦ୍ଧି ଓ ଜ୍ଞାନ ବୃଦ୍ଧି କ୍ରମେ ମତ ପରିବ-ର୍ତ୍ତନ ହେତୁରୁ ଏହି ବାଲସୁଲଭ ଅଦୂରଦର୍ଶୀ କାର୍ଯ୍ୟନିମନ୍ତେ ଅନୁତାପ କରନ୍ତି ଓ ନାନାବିଧ କଷ୍ଟଭୋଗ କରନ୍ତି ତେବେ ସେମାନଙ୍କୁ ଏବ-ମ୍ବିଧ ଅସୁଖୀ କରିବାସ୍ୱରୂପ ମହାପାପନିମନ୍ତେ କିଏ ଦାୟୀ ତାହା ଆପଣ ଓ ଆପଣଙ୍କ ବିଜ୍ଞ ପାଠକମାନଙ୍କର ଆଲୋଚନାର ବିଷୟ । ଛଞ୍ଚାଣପକ୍ଷୀଙ୍କସଙ୍ଗେ ଐକ୍ୟ ହୋଇ ଅମ୍ଭେ ମଧ୍ୟ ଜନସାଧାରଣଙ୍କୁ ଅନୁରୋଧ କରୁଅଛୁଁ ଯେ ସମସ୍ତେ ପୁଙ୍ଖାନୁପୁଙ୍ଖରୂପେ ଅନୁସନ୍ଧାନ କରି ଦେଖନ୍ତୁ ଯେ ପ୍ରକୃତରେ ଏକାଡେମୀରେ ବ୍ରାହ୍ମଧର୍ମ କି ଅନ୍ୟ କୌଣସି ସାମ୍ପ୍ରଦାୟିକ ଧର୍ମର ଚର୍ଚ୍ଚା ହୁଏ କି ନା ଅଥବା ଉପରୋକ୍ତ ବ୍ରାହ୍ମଣଶିଶୁ ଦୁହେଁ ବିଧର୍ମୀ ହେବାର କାରଣ ଏକାଡେମୀ କୌଣସିପ୍ରକାରେ ହୋଇଅଛି କି ନା ଏପରି କୌଣସି ଅନୁସନ୍ଧାନ ନ କରି ବା ଅନୁସନ୍ଧାନଦ୍ୱାରା ସ୍କୁଲର ଦୋଷ ପ୍ରତିପନ୍ନ ନ କରି ଓଡିଶାର ଗୋଟିଏ ସହୃଦୟର ଚିର ସ୍ମରଣୀୟ କୀର୍ତ୍ତି ଓ କେତେ ଅନାଥ ନିଃସମ୍ବଳ ବାଳକଙ୍କ ଉଚ୍ଚଶିକ୍ଷାର ଆଶ୍ରୟ ସ୍ଥାନ ଗୋଟିଏ ଇଂରାଜୀ ସ୍କୁଲପ୍ରତି ଅନାସ୍ଥା କରି ଦୋଷା ରୋପ କରିବା ଉଚିତ କି ? ପ୍ୟାରୀମୋହନ ଏକାଡେମିରୁ ଦୁଇ ଗୋଟି ବ୍ରାହ୍ମଣବାଳକ ଉପ-ବୀତ ପରିତ୍ୟାଗ କରି ବ୍ରାହ୍ମହେବା ଉକ୍ତ ସ୍କୁଲ-ଶିକ୍ଷାର ଫଳ ହୋଇପାରେ କି ? ମେଡିକଲ ସ୍କୁଲର ଜଣେ ଛାତ୍ର ସେଦିନ ପ୍ରକାଶ୍ୟରୂପେ ବ୍ରାହ୍ମଧର୍ମରେ ଦୀକ୍ଷିତ ହୋଇଅଛି ଓ କଲେ-ଜୟେଟ ସ୍କୁଲର କେହି ୨ ବ୍ରାହ୍ମଣବାଳକ ଉପବୀତ ତ୍ୟାଗ କରିଥିଲେ । ତେବେ ଏଥିରୁ ପ୍ରୋକ୍ତ ସ୍କୁଲମାନଙ୍କରେ ଶିକ୍ଷାର ଫଳ ବୋଲି ବୋଲାଯାଇପାରେ କି ? ବର୍ତ୍ତମାନ ପ୍ରଚଳିତ ନିୟମାନୁସାରେ ଯେତେବେଳପର୍ଯ୍ୟନ୍ତ ବାଳକ-ମାନେ ବିଦ୍ୟାଳୟରେ ଥାନ୍ତି ସେତେବେଳ-ପର୍ଯ୍ୟନ୍ତ ସେମାନଙ୍କ ଶିକ୍ଷା ଓ ଚରିତ୍ରର ଦୋଷ ଗୁଣନିମନ୍ତେ ସ୍କୁଲର ଶିକ୍ଷକ ଦାୟୀ ଅଟନ୍ତି କିନ୍ତୁ ସ୍କୁଲରୁ ଆସିଲାରୁ ସେମାନଙ୍କ ଶିକ୍ଷା ଓ ଆଚ-ରଣପ୍ରତି ଦୃଷ୍ଟି ରଖିବା ଅଭିଭାବକମାନଙ୍କର କାର୍ଯ୍ୟ ଅଟେ ।

ଛଞ୍ଚାଣପକ୍ଷୀ ଲେଖିଅଛନ୍ତି ଯେ "ଅମ୍ଭେମାନେ ଜାଣୁ ଯେ ଏକାଡେମୀରେ ଦୁଇଜଣ ଶିକ୍ଷକ କଷ୍ଟା ଓ ଅଧକଷ୍ଟା ବ୍ରାହ୍ମ ଅଟନ୍ତି ଏବଂ ବ୍ରାହ୍ମଧ-ର୍ମର ପୁଷ୍ଟିସାଧନ ସେମାନଙ୍କର ଉଦ୍ଦେଶ୍ୟ ସମୟେ ୨ ସେଠାରେ ଧର୍ମର ଚର୍ଚ୍ଚା ହୁଏବୋଲି ଅମ୍ଭେମା ନ ଶୁଣିଅଛୁଁ" । ଏକାଡେମୀରେ ଦୁଇଜଣ ବ୍ରାହ୍ମଶିକ୍ଷକ ଥାଇପାରନ୍ତି । ବ୍ରାହ୍ମଧ-ର୍ମର ପୁଷ୍ଟିସାଧନ କରିବା ସେମାନଙ୍କର ଉଦ୍ଦେ-ଶ୍ୟ ହୋଇପାରେ । ବ୍ରାହ୍ମ ହେଉ ବା ହିନ୍ଦୁ ହେଉ ବା ମୁସଲମାନ ହେଉ କେଉଁଧର୍ମାବ-ଲମ୍ବୀ ଆପଣାର ଅବଲମ୍ବିତ ଧର୍ମର ପୁଷ୍ଟିସାଧନ ନ ଚାହନ୍ତି କି ? ଏହାବୋଲି ଯେ ସ୍କୁଲର ପ୍ରଧାନ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକମାନେ ସ୍ୱ ୨ ଗୁରୁତର ଦାୟିତ୍ୱକୁ ବିସ୍ମରଣ କରି ଉପରୋକ୍ତ ଦୁଇ ବ୍ରାହ୍ମଶିକ୍ଷକଙ୍କୁ ବ୍ରାହ୍ମଧର୍ମଚର୍ଚ୍ଚା କରିବାର ଦେଖି ତୁନିହୋଇ ରହିବେ ଓ ଗୋଟିଏ ଉଚ୍ଚଶ୍ରେଣୀର ଇଂରାଜୀସ୍କୁଲକୁ ବ୍ରାହ୍ମମନ୍ଦିର-ରୂପେ ପରିଣତ ହେବାର ଦେଖିଲେ ହେଁ ସ୍କୁଲର କର୍ତ୍ତୃପକ୍ଷୀୟଙ୍କ ଜ୍ଞାତସାରେ ଆଣିବେ ନାହିଁ । ସ୍କୁଲର କର୍ତ୍ତୃପକ୍ଷମାନେ କିମ୍ବା ଛାତ୍ର-ମାନଙ୍କର ଅଭିଭାବକମାନେ କି କେବେ ଏପରି କାଣ୍ଡର କିଛି ବାସ ଗନ୍ଧ ପାଆନ୍ତି ନାହିଁ ? ଅଥବା ଏପରି ନିୟମବିରୁଦ୍ଧ କାର୍ଯ୍ୟ ହେଉ-ଥିବାର ଦେଖି ଚୁପହୋଇ ରହିଥାନ୍ତି କି ?

ଉପରୋକ୍ତ ବ୍ରାହ୍ମଣଶିଶୁ ଦୁଇଗୋଟି ହଠାତ୍ ଉପବୀତ ପରିତ୍ୟାଗ କରିବାର ଦେଖି ଅମ୍ଭେ ସ୍କୁଲରେ ଏ ବିଷୟର ଅନୁସନ୍ଧାନ କରିଅଛୁଁ ମାତ୍ର ସ୍କୁଲ ସମୟରେ ଏଥିର କୌଣସି କାରଣ ଥିବାର ଜଣାଗଲା ନାହିଁ । ତହିଁର କାରଣ ଅନ୍ୟତ୍ର ଥିବାର ସ୍ପଷ୍ଟ ପ୍ରକାଶ ହେଲା ।

| | |
|---|---|
| ତା ୨୧ ଶେ ଜୁଲାଇ<br>ସନ ୧୮୮୭ ସାଲ | ବଶମ୍ବଦ<br>ଶ୍ରୀ ବୈକୁଣ୍ଠ ନାଥ<br>ଦତ୍ତ । |

☞ ସ୍କୁଲ ସମୟ ଛଡ଼ା ଅନ୍ୟ ସମୟରେ କୌଣସି ସ୍କୁଲର ଶିକ୍ଷକ ଉକ୍ତ ସ୍କୁଲର କେହି ଛାତ୍ରକୁ ଧର୍ମବିଶେଷ ବା ମତବି-ରୁଦ୍ଧ ଉପଦେଶ ଦେଲେ ବା ପ୍ରବୃତ୍ତ କରାଇଲେ ସ୍କୁଲର ନିୟମାନୁସାରେ ଦୋଷୀ ହେବ ନାହିଁ ଏ ଯୁକ୍ତି ଅସ୍ମମାନଙ୍କ ମନକୁ ଗଲା ନାହିଁ । ସମ୍ପାଦକ ।

Split by PDF Splitter

Digitized by srujanika@gmail.com

ମହାଶୟ !

ବର୍ତ୍ତମାନ ଏହି ଜିଲ୍ଲାସ୍ଥ ରାଜାମାନଙ୍କ ମଧ୍ୟରୁ ଶ୍ରୀମାନ୍ ଶ୍ରୀ ମହାରାଜାଧିରାଜ ଶ୍ରୀ ଶ୍ରୀ ଶ୍ରୀ ପାରଲା ଖେମୁଣ୍ଡି ମହାରାଜ ମହୋଦୟ ଏବଂ ଶ୍ରୀମାନ୍ ଶ୍ରୀ ଶ୍ରୀ ଶ୍ରୀ ମନସା ମହାରାଜ ମହୋଦୟ ବହୋଦ୍ୟାନନ୍ଦର ଅସୀମ ଶ୍ରମ ଗ୍ରହଣପୂର୍ବକ ନିଜ ନିଜ ନଗରରେ ଯୁଫ୍ ଏ ଓ ମେଟ୍ରିକ୍ଲେସନ୍ କ୍ଲାସ ପର୍ଯ୍ୟନ୍ତ ସ୍ଥାପନ କରାଇ ବହୁ ଅର୍ଥବ୍ୟୟ ପୂର୍ବକ ନିଜ ପରଗଣାର ଦରିଦ୍ର ବାଳକଙ୍କୁ ଶିକ୍ଷିତ କରାଇ ଯଥେଷ୍ଟ ପ୍ରଶଂସନୀୟ ହୋଇଅଛନ୍ତି । ଉକ୍ତ ଉକ୍ତ ସ୍କୁଲସ୍ଥ ଛାତ୍ରମାନଙ୍କ ମଧ୍ୟ କେତେଗୋଟି ଛାତ୍ର ଯୁଫ୍ ଏ କ୍ଲାସରେ ଉତ୍ତୀର୍ଣ୍ଣ ହେବାର ସମ୍ବାଦ ମିଳଇ ପୁନଶ୍ଚ ଉକ୍ତ ମହାଶୟମାନଙ୍କ ବିଏକ୍ଲାସ ସ୍ଥାପନକୃତ ପ୍ରତିଜ୍ଞା ଶ୍ରବଣରେ ଭରସା କରୁ ଯେ; ପ୍ରତିଜ୍ଞାବିଷୟ ଅବଶ୍ୟ ସଫଳ ହୋଇବ ।

ପୁନର୍ବାର ଜାଲୁକେ ପ୍ରତାପଗିରି ପେନସନ୍ଦାର ବାବୁ ଶ୍ରୀ ସାରଥିଶ୍ଵର ପ୍ରତାପ ଶ୍ରୀ ମହାରାଜାଧିରାଜ ଶ୍ରୀ ଶ୍ରୀ ଶ୍ରୀ ବୈଷ୍ଣବଦେବ ମହାରାଜ ମହୋଦୟ ଜୟନଗରନାମ୍ନୀ ନିଜ ନଗରରେ ଏକ ଗର୍ଭମେଣ୍ଟ ଏଷ୍ଟ୍ରୁମ୍ ସ୍କୁଲ ସ୍ଥାପନକରାଇ ନିଜପରଗଣାର ଦରିଦ୍ର ବାଳକଙ୍କୁ ସ୍ୱହସ୍ତେ ପାଠ୍ୟପୁସ୍ତକ ଏବଂ ସ୍କୁଲବେତନ ପ୍ରଦାନପୂର୍ବକ ଶିକ୍ଷିତ କରାଉଅଛନ୍ତି । ପୁନଶ୍ଚ ଆଗାମିସାଲକୁ ମେଟ୍ରିକ୍ୟୁଲ୍ କ୍ଲାସ ସ୍ଥାପନକରିବା ପ୍ରତିଜ୍ଞା କରିଅଛନ୍ତି । ଏଣୁ ଭରସା କରୁଁ ତାହା ଅବଶ୍ୟ ସଫଳ ହୋଇବ । ଯଦି ଉକ୍ତ ମହୋଦୟ ସ୍ୱରାଜ୍ୟବିଶିଷ୍ଟ ହୋଇଥାନ୍ତେ ତେବେ ଅଧିକ ଶ୍ରେଣୀମାନ ସ୍ଥାପନ କରାଇଥାନ୍ତେ; ବିବେଚନା କରନ୍ତୁ ଯେ ଏହି ମହାଶୟ ସମୟକ ପେନସନ୍ ପ୍ରାପ୍ତ ହେଲେ ମଧ୍ୟ ବିଦ୍ୟୋନ୍ନତି ବିଷୟେ କେମନ୍ତ ଦୃଷ୍ଟି ନିକ୍ଷେପ କରିଅଛନ୍ତି । ଅତଏବ ପରମେଶ୍ୱରଙ୍କ ନିକଟେ ପ୍ରାର୍ଥନା ଏହି ଯେ, ଇଦୃଶ ମହୋଦୟଙ୍କୁ ସ୍ୱରାଜ୍ୟ ପ୍ରଦାନପୂର୍ବକ ପ୍ରଜାବର୍ଗଙ୍କ ସକଳ ଦୁଃଖ ମୋଚନ କରନ୍ତୁ ।

ପରଶେଷରେ ଗଞ୍ଜାମ୍ଜିଲ୍ଲାସ୍ଥ ରାଜା ମହୋଦୟମାନଙ୍କ ନିକଟରେ ଅନୁରୋଧ ଏହି ଯେ ବିଦ୍ୟାବିଭାଗ ବିଷୟେ ଉଲ୍ଲିଖିତ ମହୋଦୟମାନଙ୍କ ଦୃଷ୍ଟାନ୍ତ ଧାରଣପୂର୍ବକ ନିଜ ନିଜ ରାଜଐଶ୍ୱର୍ଯ୍ୟ ସ୍ୱ ସ୍ୱ ପରଗଣାର ପ୍ରଜାବର୍ଗଙ୍କୁ ପ୍ରଦାନପୂର୍ବକ ସୁଖିତ କରାଇବେ । ଇତି ।

Pattapuram 12th July, 1887. } G S. Narayan Naidu
Sub Post master.

---

ମହାଶୟ !

ଆମ୍ଭର ଏହି ନିମ୍ନ ଲିଖିତ କେତେକ ପଂକ୍ତି ଆପଣଙ୍କର ଜଗଦ୍ ବିଖ୍ୟାତ ପତ୍ରିକାର ଏକପାର୍ଶ୍ୱରେ ଅଙ୍କିତ କରି ଚିରବାଧିତ କରନ୍ତୁ ହେବେ ।

ମହାଶୟ ସର୍ବନାଶର ବିଷୟ ଅନ୍ତକୁ ଏକ ମାସ ହେଲା ଆମ୍ଭର ଜଗତସିଂହପୁର ଇଲାକାରେ ପ୍ରାୟ ଅନାବୃଷ୍ଟି, କାରଣ ମେଘ ଗୃହଠନ ବା ଅଠଦନ ହେଉରୁ ଦିନେ ଏହି ଦନ ଘୋରତର ଗର୍ଜ୍ଜନ ତର୍ଜ୍ଜନ କରି କେବଳ ମାତ୍ର ପଶ୍ଚେ ଦିନ କରିଯାଉଅଛି, କେଉଁଦିନ ବା ଦାଣ୍ଡରେ ପାଣି ବହିଯାଏ, କେଉଁ ଦିନ ବିଲକୁ ଟିକେ ପଡ଼େ ନାହିଁ, ଜ୍ୟେଷ୍ଠମାସ ଶେଷରେ ଯେ ବଡ଼ବର୍ଷା ହୋଇଥିଲା ସେଥିରେ ଉତ୍ତମ ଧାନଗଛ ହୋଇଥିଲା ସତ୍ୟ, ବର୍ତ୍ତମାନ ସେ ବୃଥା ଓ ଚଳଧାନଯାକ ତୋରୁ ତଉଗଲେ, ନାଳ କରୁପ୍ଲୀତ କଲଥିଲୁଁ ଯେ ଏଥିରୁ ନାଳ ଇଲାକା କର୍ମଚାରୀମାନଙ୍କୁ ଜଗତସିଂହପୁର ଓ ବାଲିଆ ଉପେରଙ୍କ ଯୁଥ ନିତ୍ୟ ପ୍ରଜାମାନେ ଯାଇଁ ଏବଂ ପ୍ରତି ମହଜାର ପେଁଚେଲ ଅଛନ୍ତି ସେମାନଙ୍କୁ ଜଣାଇବାରେ ସେମାନେ କିଛି ପାଣି ଛାଡ଼ଦେଲେ ଯେ ସେଥିରେ ଯଥା କଥାସ୍ତୁ, ବହଲପୁର, ପଳକା, ମାନପୁର ଇତ୍ୟାଦି କ୍ଷୁଦ୍ର ମହଜାରେ ବୃଥା ବେନ୍ତୁଡ଼ା ହେଲ ଜନ୍ତୁ ବାଁବରଡ଼ା ମହଜାରେ ଅର୍ଦ୍ଧାଂଶ ମଙ୍ଗଳପୁର ଓ ସୁନଗାଁ ମହଜାର ଏମାନଙ୍କୁ ମୋଟେ ପାଣି ଗଲା ନାହିଁ, ଉକ୍ତ କର୍ମଚାରୀମାନଙ୍କ କହିବାରେ ଜାଣନ୍ତି ଯେ ଆମ୍ଭେ ରିପୋର୍ଟ କରିଅଛୁଁ, ସାହେବ ଦେଖି ଗଲେଣି ବେଶୀ ପାଣି ଛାଡ଼ଦେଲେ ଏ ମହଜାକୁ ପାଣି ଯିବ, ଏହିପରି ପନ୍ଦରଦିନ ହେଲା କହୁଅଛନ୍ତି, କିନ୍ତୁ ଏତେବେଳେ ପାଣି ଦେଲେ ସୁଦ୍ଧା ଏସବୁ ମହଜାରେ ଫଳ ଲାଭ ହେବ ନାହିଁ, କାରଣ ବୃଥା ଓ ଚଳସବୁ ତୋରୁ ଉଡ଼ଗଲେ, ଯାହା ବା ଅଛି ସେସବୁ ପଚି ଅକର୍ମଣ୍ୟ ହୋଇଗଲା ପାଣିକର ଯେବେ ଗୃହଅଣା ତାଙ୍କ ରହିଲା ତେବେ ତାହା ଉପରେ ନେଟିଭ ଖର୍ଚ୍ଚା ଚାରିଅଣା ଓ ଡୋରଖି ୫ ୨ ଅଣା, ଏପରି ଛନ୍ଦ୍ରିକା ଗୃହଅଣା ପରିବାହାରେ ନିଲାମ କରି ନେଉଅଛନ୍ତି, ଏ କି ଅନ୍ୟାୟ ? ପାଣି ଦେଲାବେଳକୁ ଦଜାରେ ଖୋଷାମଦରେ ନାହିଁ ଏହା କେହି ବୁଝିବେ ନାହିଁ, ଗରିବ ପ୍ରଜାମାନେ କିପରି ବଞ୍ଚିବେ ଏବର୍ଷର ଆଗକର ବୋଧ ହୁଏ ଯେ ନଅଙ୍କରେ ଓଡ଼ିଶାରେ ଅନେକ ମନୁଷ୍ୟ ମରିଥିଲେ କିନ୍ତୁ ଏଅଙ୍କରେ ତାଙ୍କ ରହିବେ ନାହିଁ । ଇତି ।

ତା ୨୨ ଶେ ମାହେ ଜୁଲାଇ ସନ୍ ୧୮୮୭ମସିହା ।

ଶ୍ରୀ କମାର୍ଣ୍ଣଚନ୍ଦ୍ର କହ୍ନାଚାର୍ଯ୍ୟ
। ସା । ପୁଲଙ୍ଗ । ପ୍ର । ଜଗତରପୁର

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଭିଟଧାରୀ ପ୍ରସାଦ ଦାସ ଂମାଲେଜ୍ଟର | ଅଗ୍ରିମ | ୫ ୩୧ |
| ଉବନ୍ଦ ଲେଜର ସୋଲ ସ୍କୁଲର ସମ୍ବଲପୁର | „ | ୫ ୩୧ |
| ମୁନସି ମହମଦ୍ ଅଲି ଦଶପଲ୍ଲା | ଜେମ୍ସ | ୫ ୪୧ |
| ବାବୁ ପଦ୍ମନାଭ ମହାପାତ୍ର ଓ ବାବୁ ଅର୍ଜ୍ଜୁନ ମହାପାତ୍ର କଟକ | ଅଗ୍ରିମ | ୫ ୩୧ |
| „ ଦ୍ୱାରିକାନାଥ ମିତ୍ର ରଘୁନାଥପୁର | ବକେୟା | ୫ ୧୦/ |
| „ „ | ଅଗ୍ରିମ | ୫ ୩ |
| „ ଉଦୟଭାନୁ ଘୋଷ କଟକ | ବକେୟା | ୫ ୬ |
| „ „ | ଅଗ୍ରିମ | ୫ ୨ |
| „ ସୀତାନାଥ ଘୋଷ ମେ କ୍ଲାର „ | ବକେୟା | ୫ ୨ |

---

# ବି ଜ୍ଞା ପ ନ ।

NOTICE.

Wanted a Darogah for the Mourbhunj Police, salary Rs. 50 per mensem. Candidates must possess a fair knowledge in English, Bengalee and Urya and some experience of the duties of the Police Department. Applications will be received till the 10th August 1887. No one without good testimonials should apply.

CUTTACK The 25th July 1887. } N. K. Das
*Assist. Supdt of Tributary Mehals.*

---

। ଶ୍ରୀ । କଟକ ମିଉନିସପାଲିଟି ।

ଘୋଷଣା ।

। ମୁ । ସନ ୧୮୮୪ ସାଲ ବଙ୍ଗୀୟ ଆଇନର ୨ ୧୯୩ ଧା ।

ଯେହେତୁ ବର୍ତ୍ତମାନ ଏନଗରରେ ଅନେକ ଗ୍ରାମ୍ୟ କୁକୁର ହୋଇ ଗଡ଼ ଦାଣ୍ଡରେ ଓ ଜନବେଳେ ସର୍ବସାଧାରଣଙ୍କ ଗମନାଗମନ ପ୍ରତି ସଙ୍କଟଜନକ ଓ ପଶୁମାନଙ୍କୁ ମାଡ଼ଯାଉଥିବା ଓ ଦଂଶନ କରି ଆକ୍ରମଣ କରୁଥିବାରୁ ସେମାନଙ୍କୁ ବଧ କରିବା ଆବଶ୍ୟକ ଅତଏବ ଏଦ୍ୱାରାର ସର୍ବସାଧାରଣଙ୍କୁ ବିଶେଷରେ ଯାହାର ପୋଷା କୁକୁର ଅଛି ସେମାନଙ୍କୁ ସାବଧାନ କରାଯାଉଅଛି ଯେ ସେମାନେ ଆଗାମୀ ଅଗଷ୍ଟମାସ ତା ୧ ଲାଖ ପୂର୍ବ ଅପଣା

ପୋଷାକୁକୁରର ଦେହରେ ପିତଳର ଗଳା-ପଟା ବା ବକଲସ୍ ଲଗାଇ ପ୍ରସ୍ତୁତ ଚମଡ଼ାର ପଟ୍ଟୀ ଦେଇ ଆପଣା ହତା ମଧ୍ୟରେ ବାନ୍ଧି ରଖିବେ ଉକ୍ତ ତାରିଖରେ ଯଦି କୌଣସି କୁକୁର ଉପରଲିଖିତ ପଟ୍ଟୀ ନ ଥାଇ ବାହାରେ ବୁଲୁଥିବାର ଦେଖାଯିବ ସେ କୁକୁରମାନଙ୍କୁ ବଧ କରାଯିବ ଆସନ୍ତା ଅଗଷ୍ଟମାସ ତା ୧ ରିଖଠାରୁ ମାରିବାର ଆରମ୍ଭ ହେବ ।

J. C. CHUNDER.
V. Chairman.

PUBLIC WORKS DEPARTMENT
SOUTH WESTERN CIRCLE
BALASORE DIVISION
IRRIGATION

## NOTICE

The Orissa Coast Canal Range IV B between Soolpatta on the Panchpara river and Nulcool on the Burabolong River measuring 6½ miles will be opened to traffic on the 10th August 1887.

With reference to the notice published at page 2101 Part II of the Calcutta Gazette of the 1st December 1886, it is hereby notified that the Orissa Coast Canal Range IV A between Jamcoonda on the Subernarekha River and Panchpara on the Panchpara river and Range V between Chargachia on the Burabolong River and Charbatia on the Motai River will be opened to traffic on the 15th July 1887.

A. HAYES,
*Executive Engineer*
*Balasore Division*

ବଙ୍ଗଦେଶର ପୂର୍ତ୍ତକାର୍ଯ୍ୟ ବିଭାଗ
ଜଳସେଚନ
ବିଜ୍ଞାପନ

ପଞ୍ଚପଡ଼ା ନଦୀ ଉପରେ ସ୍ଥିତ ସୁଲପଟ୍ଟା ଓ ବୁଢ଼ାବଲଙ୍ଗ ନଦୀ ଉପରସ୍ଥ ନଲକୁଲ ମଧ୍ୟସ୍ଥିତ ୬½ ମାଇଲ ପରିମିତ ଓଡ଼ିଶା କୋଷ୍ଟକେନାଲର ୪ର୍ଥ (B) ରେଞ୍ଜ ୧୮୮୭ ସାଲ ଅଗଷ୍ଟମାସ ୧୦ ତାରିଖରେ ବେପାରନିମିତ୍ତ ଫିଟିବ ।

୧୮୮୬ ସାଲ ଡିସେମ୍ବରମାସ ୧ ତାରିଖର କଲିକତା ଗେଜେଟର ୨ ଖଣ୍ଡର ୨୧୦୧ ପୃଷ୍ଠାରେ ପ୍ରକାଶିତ ବିଜ୍ଞାପନ କ୍ରମେ ଏତଦ୍ୱାରା ବିଜ୍ଞାପନ ଦିଆଯାଉଅଛି ସୁବର୍ଣ୍ଣରେଖା ନଦୀ-ଉପରେ ଜାମକୁଣ୍ଡା ଓ ପଞ୍ଚପଡ଼ା ନଦୀ ଉପରେ ପଞ୍ଚପଡ଼ା ମଧ୍ୟରେ ଥିବା ଓଡ଼ିଶା କୋଷ୍ଟକେନାଲର ୪ଏ (A) ରେଞ୍ଜ ଏବଂ ବୁଢ଼ାବଲଙ୍ଗ ନଦୀ ଉପରେ ଗୁରଗଛିଆ ଓ ମତାଇ ନଦୀ ଉପରେ ଚାରବାଟିଆ ମଧ୍ୟରେ ଥିବା ୫ ରେଞ୍ଜ ୧୮୮୭ ସାଲ ଜୁଲାଇମାସ ୧୫ ତାରିଖରେ ବେପାରନିମିତ୍ତ ଫିଟିବ ।

A. HAYES,
*Executive Engineer*
*Balasore Division*

ଏତଦ୍ୱାରା ଜଣାଇ ଦିଆ ଯାଉଅଛି କି କେତେକଜଣ ହେଡ଼ କନଷ୍ଟବଲ ଓ ଜଣେ ଅବକାରୀ ଦାରୋଗା ଅତି ମୟୂରଭଞ୍ଜ ରାଜ-ଇଲାକାରେ ମୁକରର ହେବା ବିଷୟରେ ଏଥିପୂର୍ବେ ଯାହାକ ନୋଟିସ ଦିଆ ଯାଇଥିଲା ତହିଁମଧ୍ୟରୁ ଆବକାରୀ ଦାରୋଗାକର୍ମରେ ଏକଜଣ ଲୋକ ନିଯୁକ୍ତ ହୋଇଅଛି ଓ ହେଡ଼ କନଷ୍ଟବଲକର୍ମ ସକାଶେ ଯେତେ କେତେକଖଣ୍ଡ ଦରଖାସ୍ତ ଦାଖଲ ହୋଇଅଛି ତହିଁ ମଧ୍ୟରେ ଖଣ୍ଡେମାତ୍ର ଦରଖାସ୍ତ ଯେ କି ବଙ୍ଗାଲପୁଲିସରେ କାର୍ଯ୍ୟ କରୁଅଛି ତାହା ଉକ୍ତ ପୁଲିସରେ କାର୍ଯ୍ୟ କରି ଇସ୍ତଫା ଦେଇଥିବା କାରଣରୁ ଦରଖାସ୍ତ ହୋଇଅଛି ତାହା ଅନ୍ୟ କୌଣସି କାରଣରୁ ଦରଖାସ୍ତ ହୋଇଅଛି ଏପରି ଲେଖା ହୋଇ ଦାଖଲ ହୋଇ ନ ଥିବାରୁ କାହାକୁ ଉକ୍ତ ହେଡ଼ କନଷ୍ଟବଲ କର୍ମରେ ମୁକରର କରାଯାଇ ନାହିଁ ଅତଏବ ଆଦେଶ ଯେ ଯେ କେହି ବଙ୍ଗାଲ ପୁଲିସରେ କାର୍ଯ୍ୟ କରୁ ଉକ୍ତ ମତ-ପ୍ରକାରେ ଦରଖାସ୍ତ ହୋଇଥିବ ସେ ଉକ୍ତ ହେଡ଼ କନଷ୍ଟବଲ କର୍ମ ପାଇବା ସକାଶେ ପ୍ରାର୍ଥନା ଦରଖାସ୍ତ ଏ ଅଫିସକୁ ପଠାଇଲେ ତାକୁ ମୁକରର କରାଯିବା ପକ୍ଷେ ବିଚାର କରାଯିବ ।

ଇତି ତା ୯।୭।୮୭ ଜୁଲାଇ

H. P. WYLLY.
*Manager.*

**SCHOOL BOOKS! SCHOOL BOOKS!**

English and Uriya for Entrance Minor and Vernacular schools of all grades, sold at the book shop of the Cuttack Printing Company, Dargha Bazar Cuttack.

ନାନାପ୍ରକାର ଇଂରାଜୀ ଏବଂ ଓଡ଼ିଆ ବିଦ୍ୟାଳୟର ପାଠ୍ୟପୁସ୍ତକ ସୁଲଭ ମୂଲ୍ୟରେ କଟକ-ପ୍ରିଣ୍ଟିଂ-କମ୍ପାନିର ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ଭିଷଗ୍ବର ଶ୍ରୀ କେଦାରନାଥ ଚଟ୍ଟୋପାଧ୍ୟାୟଙ୍କର
ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।
ନଂ ୯୦ ମିର ଜେ ଷ୍ଟ୍ରିଟ, ଶ୍ୟାମପୁଷ୍କୁର,
କଲିକତା ।

ଏହି ଚିକିତ୍ସାଳୟରେ ୧୨୯୪ ସାଲର ନବପତ୍ରିକା ସହ ପୀଡ଼ା ସମ୍ବନ୍ଧୀୟ ସ୍ୱାସ୍ଥ୍ୟବିଧାନ ଓ ପ୍ରତ୍ୟକ୍ଷ ଫଳପ୍ରଦ ଔଷଧ ସମୂହର ତାଲିକାପୁସ୍ତକ ବିନାମୂଲ୍ୟରେ ବିତରିତ ହୁଏ ଏବଂ ବିଦେଶସ୍ଥ ରୋଗିମାନଙ୍କର ପୀଡ଼ାର ଅବସ୍ଥା ସମସ୍ତ ଲେଖି ପଠାଇଲେ ବ୍ୟବସ୍ଥା ଦିଆଯାଏ ।

ଯୋଗସିଦ୍ଧରସ ।

ଏହି ସୁସିଦ୍ଧ ଔଷଧ ସେବନ କଲେ ନିଶ୍ଚୟ ସକଲପ୍ରକାର ମେହ ରୋଗ ଏକସପ୍ତାହ ମଧ୍ୟରେ ନିଃଶେଷରୂପେ ଆରୋଗ୍ୟ ହୁଏ ।

ପ୍ରସ୍ରାବକାଳୀନ ଜ୍ୱାଳା, ପୂଯ ସହିତ ଧାତୁନିର୍ଗମ, ସରକ୍ତ ପ୍ରସ୍ରାବ, ଖଡ଼ଜଳବତ୍ ପ୍ରସ୍ରାବ, ମୂତ୍ରକୃଚ୍ଛ୍ର, ମୂତ୍ରାଶୟର ବେଗ, ଜ୍ୱର ଏବଂ କ୍ୱାଥାଦି ଉପଦ୍ରବ ସଂଯୁକ୍ତ ହେଲେ ସୁଦ୍ଧା ପୀଡ଼ା ଶୀଘ୍ର ସମୂଳେ ବିନଷ୍ଟ ହୁଏ ।

ଛୋଟ ୧ ଶିଶିର ମୂଲ୍ୟ ଟ ୨୮ ବଡ଼ ୧ ଶିଶିର ମୂଲ୍ୟ ଟ ୩୪ ପ୍ୟାକିଂ ଖର୍ଚ୍ଚା ଟ ୦୵

ପ୍ରଦରାରି-ଘୃତ ।

ଏହା ସେବନ କଲେ ଗର୍ଭାଶୟ ଅଶୁଦ୍ଧ ହେବାର ସମସ୍ତ ସଂଶୋଧିତ ହୋଇ ଶ୍ୱେତପ୍ରଦର ରକ୍ତପ୍ରଦର, କଷ୍ଟରଜଃ, ଅକାଳରେ ଅଧିକ ପରିମାଣରେ ରକ୍ତସ୍ରାବ, କଳବଙ୍ଗା, ବାଧକ ବେଦନାଦି ପୀଡ଼ା ସମସ୍ତ ନିଃଶେଷରୂପେ ଆରୋଗ୍ୟ ହୁଏ । ବିଶେଷତଃ ଉପରୋକ୍ତ ପୀଡ଼ାଜନିତ ଅକାଳରେ ଗର୍ଭସ୍ରାବ, ମୃତବତ୍ସା ଓ ବନ୍ଧ୍ୟାଦି ରୋଗ ସମୁଦାୟ ଶାନ୍ତ ହୋଇ ଗର୍ଭୋତ୍ପତ୍ତିର ବ୍ୟାଘାତ ନଷ୍ଟ କରେ ।

୧ ଶିଶିର ମୂଲ୍ୟ ଟ ୨୮ ଓ ପ୍ୟାକିଂ ଖର୍ଚ୍ଚା ଟ ୦୵

## ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୬ ପ୍ରକାର ବିଲାତି ମସଲଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନିର୍ଗତ ହୋଇଯାଏ । ପାରର ଘା, ଗରମୀ ଘା, ନାଳି ଘା, ଦଦ୍ରୁ ଓ ଖାଜ-ଭିତରର ଘା, ଶୋଲ ଘା, କାନ ଘା, କାନର ପୂଜ, କୋଷ୍ଠ-କାଠିନ୍ୟ, ଅଜୀର୍ଣ୍ଣତା, ପେଟଫୁଲା ଗଣ୍ଠିବ୍ୟଥା, କାଶ, କ୍ଷୟକାଶ, ପ୍ରସ୍ରାବପୀଡ଼ା, କୁଣ୍ଡିଆ, ଧାତୁଦୌର୍ବଲ୍ୟ ଏବଂ ତଜ୍ଜନିତ କୁଷ୍ଠ ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରାମ ହୁଏ ।

Split by PDF Splitter
Digitized by srujanika@gmail.com

Split by PDF Splitter



ଔଷଧର ମାଶ ବୋତଲ ଦେହରେ ଚଳ୍ଣ ଛାପ ଦେଖାଇ ଦଆୟାଇଅଛି ଏବଂ ତହିଁ ସକାଳେ ଓ ସନ୍ଧ୍ୟାବେଳେ ଖାଇବାକୁ ହେବ । ପଥ୍ୟାପଥ୍ୟର ନିୟମ ବୋତଲର ଟିକଟରେ ଲେଖା ଅଛି । ପଶ୍ଚାଦ୍ଭାଗ ଏଥିର ଗୁଣ ଦେଖା ଯାଇଅଛି ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ଶିଶିକୁ ଟ ୧ ।

# ମେହରୋଗ ।

୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରଅଛି ସେମାନଙ୍କର ତଦାର୍ଥେ ରୋଗୀଙ୍କ ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାଶାସ୍ତ୍ରରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଅରୋଗ୍ୟ ନ ହେବେ ତାହାଙ୍କ କବ୍ରଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଭସ୍ମଗ୍ରସ୍ତରେ ପରଣତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅପରସର୍କୁଲାର ରୋଡ ନମ୍ବର ଭବନରେ ସ, ଦେ, ଗୁପ୍ତ କମ୍ପାନୀଙ୍କଠାରେ ଏବଂ କଟକ ଦରଗାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ ୨୲ କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

ବିଶେଷ ଦ୍ରଷ୍ଟବ୍ୟ ।

କେନ୍ଦ୍ରାପଡ଼ାସ୍ଥ କବିରାଜ ଶ୍ରୀବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ ସୁକଠିନ ରୋଗଗ୍ରସ୍ତ ମନୁଷ୍ୟମାନଙ୍କୁ ରୋଗରୁ ମୁକ୍ତ କରିବା ନିମିତ୍ତ ପ୍ରସ୍ତୁତ ଅଛନ୍ତି । ଗତ ତିନିବର୍ଷମଧ୍ୟରେ କୌଣସି ରୋଗୀ ଆରୋଗ୍ୟ ନ ହୋଇ ଫେରିଯିବାର ଦେଖାଯାଇ ନାହିଁ । ରୋଗରୁ ମୁକ୍ତ ପାଇବାର ବାଞ୍ଛା ଯେବେ ତୁମ୍ଭର ଥାଏ ତେବେ ତାହାଙ୍କୁ ରୋଗର ବିବରଣ ଜଣାଇଲେ ଅତି ଅଳ୍ପବ୍ୟୟରେ ଅଳ୍ପଦିନମଧ୍ୟରେ ତୁମ୍ଭଙ୍କୁ ଆରୋଗ୍ୟ କରିବେ । ସେ

ଅନେକଲୋକଙ୍କୁ ଆରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି ।

# ବାଲିକାଗଜ ।

ଜଗନ୍ନାଥଙ୍କ ଶସ୍ତା ଦରରେ ଷହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ ଦର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୭ ପଣି ରାମ | ଦ ୧୮ ଟ ୨୲ | ଦ ୧୮ | ଟ ୦ ୮/୨ |
| ୧୦ ପଣି | ” | ” ଟ ୨୲ | ” ଟ ୦ ୬/୦ |
| ୧୨ ପଣି | ” | ” ଟ ୨୲ | ” ଟ ୦ ୪ |
| ୩୦ ପଣି | ” | ” ଟ ୩୲ | ” ଟ ୦ ୮/୨ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକାଥରେ ଉ ୫ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ଖାଇ ପାଇବେ । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ତନୁରବୋଣା ଓ କଲଗ ଓ ଭେଲ୍‌ଭେଟିଂଗେର ଲୁଗା ଓ ପ୍ଲେସନରୀ ଓ ଉନ୍ନତ କରି ଇତ୍ୟାଦି ସଭ୍ୟତାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଆଉ କେତେକ ଫେନସି ଜିନିଷରୁ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ବିଲାତି ଶାଢ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଶାଢ଼ିମାନ ବିକ୍ରୟ ହେବା ପୂର୍ବ ଅପଣା ମଫସଲ ସକାଶେ ନେବା ବାଞ୍ଛା ହେବେ ଏକ ବର୍ଷକୁ ୨ ଟଙ୍କା ୮୲ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଯତ୍ନ ଶୃଙ୍ଖଳାର ଭାର ତାଙ୍କ ଉପରେ ଥିବ । ନଷ୍ଟ ହେଲେ ଶାଢ଼ିର ପୂର୍ଣ୍ଣ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଫର୍ଦ୍ଦ ସୂଚୀ ।

କଲମ ଦେଶଣା ଓ ତହିଁରେ ଖୋଦିତ ହେଲେ ସ୍ଥଲେ ।
ଦରୋଇଶାଢ଼ି
ଭେଲେଟିନ୍ ଲେସ ନୂତନ ଯେତେ ସାଦା ଓ ଜୋନ ସହିତ ।
ବାଲ ରିଇଷ ଓ ବଢ଼ ଉଲିନ ଓ ସୂତ
ବସନ ବେବ୍ରେସ
ଲର୍ଣ୍ଣ ଫୁଲଫସ୍କେପ ଏକଫର ଫୁଲ
ନେଲସନ ଉପରେ ସମ ଦେହରୁ ଅବଲ
ଟୁପି ଅର୍ଥାତ୍ ବଳଖା କାଗଜ ପେନ୍‌ସିଲ ଓ କଲମ ।
ପେନ୍‌ସିଲ କାଟିବା ଛୁରୀ ।
ଚାମ ଗୁଡ଼ାଇବା ଚଟାଣ କାଗଜ ଓ ଇରେଜ ତେଜୀ ଲୁଗ ।
ଟେବିଲ ଢାଙ୍କ ।
ଚରଣ ଖାତୁକ ।
ତାକାରି ଖାବାନ ରହିଁବ ଲୁଗା ପଡ଼ିଆର ଜୁଗ ।
ପକେଟ ମୋତ—ଅର୍ଥାତ୍ ବୃଦ୍ଧଙ୍କ ଘଣ୍ଟା ।
ଅବଲ ଲୁଗ ।
ଓଏଟର ପ୍ରୁଫ୍ ଛତା ।
ବର୍ଦ୍ଧିତ ଅର୍ଦ୍ଧ ।
କ୍ରୋଚେଟକାନ୍ ।
ପୋଲଷ୍ଟ୍ରିଟର କେମ୍ବ୍ରିମେଜ ଓ ଭଲଳ ଲୋଟରେ ଘରେ
ଷ୍ଟାମ୍ପ ବାଡ ଅର୍ଥାତ୍ ଲେଟିବାବେଳେ ଘର ଓ ଶୁଣିଲେ କଲା ହେବ ।
ଅଲବା ଚକ୍ସା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
ପକେଟବୁକ ପଂଚଙ୍କ ପାଞ୍ଚ ସହିତ ୫ ୦ ୮/୦
ମୋଜା ଓ ମୋଜାଗଡ
ଲଗନ ଧୂପ କଳସଲଗ
ଚନ୍ଦନ ସାବୁନ କଳା
ଭଙ୍ଗି ଓ ପାରିକଲ ବୌଦ୍ଧିକ ଟିଣା
ମାର୍ବଲ କାଗଜ ଗୁଡ଼ାକେ ତକୁ ଦେଲେ ଖୋଲ ଘରେ ଭରତ ରହିବ ନାହିଁ ।
୧, ଗୋଲଣ ସାହେବଙ୍କ ବାଣିଜ ଓ ବସ୍ତୁତା ।
ଚମଡ଼ା ଅସବେଶ୍ଵା ।
ସବନ ଭାଉସ ।
ସୁଅନ ପେନ ।
ଅଟମେଟିକ ପେନ୍‌ସିଲ ଅର୍ଥାତ୍ ଏ ପେନ୍‌ସିଲ୍‌ରେ ଲେଖି କାଟିଲେ ପେନ୍‌ସିଲ୍ ଲେଖା ହ ଘରେ ଦେଇ ଚପାଇ ଦେଲେ ଚଢ଼ିଁ ହ ନ ଲାଗେ ।
କାଟିଙ୍ଗ ପେପର ।
ଲସ୍ତଷିକ ଜେଲ ଭଲ ଲାଗ ।
ଭଲଲର ସ୍କୋପର ଅର୍ଥାତ୍ ଧଠୀର କଣ୍ଢ ଭାଙ୍ଗିବାର ଉକଳ ।
ଘନଗାନା ।
ରେଡ୍ ବ୍ଲୁ ପେନ୍‌ସିଲ୍ ।
ଗମ ବୋତଲ
ବନାରସୀ ଶାଢ଼ୀ ଓ ଯୋଡ଼ ଓ ଉଢ଼
ମଲୁଦାକାସ ଓ ଓଡ଼ପାଇ ପାଟଯୋଡ଼ ଓ ଶାଢ଼ୀ ।
ଟ୍ରିଙ୍କ ବାଲ

ଅରୁଣଚନ୍ଦ୍ର କର କମ୍ପାନୀ ·

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ଉଲ୍ଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା —

ପ୍ରଥମଥର ସକାଶେ

| | |
|---|---|
| ଶାଡ଼ ସ୍ତମ୍ଭ | ଟ ୦୮ |
| ଅର୍ଦ୍ଧ ସ୍ତମ୍ଭ | ଟ ୨୲ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ଦର ଟ ॥ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଅର୍ଦ୍ଧ ମୂଲ୍ୟ ଅଧିକ ନେବା ଓ ଚତୁର୍ଥ ବାରାବଧିରେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା କଟକ ସହର ବଜାରକଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉ

Digitized by srujanika@gmail.com

ଅତିରକ୍ତ ଉତ୍କଳଦୀପିକା ତା ୩୦ ରଖ ମାହେ ଜୁଲାଇ ସନ ୧୮୮୭ ମସିହା ।

## ଉଣପୁର ଜେଲାର ସନ ୧୮୮୬।୮୭ ସାଲ । ବା ।
## ସାଧାରଣ ଶାସନ ସମ୍ପର୍କୀୟ ରିପୋର୍ଟ ।

---

୧ । ଗତବର୍ଷ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆମ୍ଭେ ଦେଓ୍ୱାନୀ କର୍ମର ଭାରଗ୍ରହଣ କରି ସମସ୍ତ କାର୍ଯ୍ୟ ଚଳାଉଅଛୁଁ ।

*ଭ୍ରମଣର ବିବରଣ* ୨ । ଗତବର୍ଷ ଆମ୍ଭେ ଦ ** ଡ ମଫସଲ ଗସ୍ତ କରିଥିଲୁଁ । ଏହି ସମୟରେ ଆମ୍ଭେ ଗ୍ରନ୍ଥପୁରଠାରୁ ସୁନାଖଲା ପର୍ଯ୍ୟନ୍ତ ଯାଇଥିବା ନୂତନ ସଡ଼କନିର୍ମାଣକର୍ମ, ବନ୍ଧ, ପୁଷ୍କରଣୀ ଏବଂ ଦୀର୍ଘା ପ୍ରଭୃତି କୃଷିର ଉନ୍ନତିସାଧନ ସମ୍ପର୍କୀୟ କର୍ମ ଏବଂ ଜଙ୍ଗଲରକ୍ଷା ସମ୍ବନ୍ଧୀୟ କର୍ମମାନ ବିଶେଷରୂପେ ତଦନ୍ତ କରିଥିଲୁଁ । ଗତ ଜାନୁଆରୀ ଓ ଫିବୃଆରୀ ମାସରେ ରାଜକୁମାରମାନଙ୍କର ବିବାହ ଓ କର୍ଣ୍ଣବେଧ କର୍ମମାନ ସମାପନ ହେବାରୁ ତନ୍ନିମନ୍ତେ ଆମ୍ଭେ ଗତ ନଭେମ୍ବର ମାସଠାରୁ ଏହି ଗଡ଼ଠାରେ ରହି ସମସ୍ତ ଆୟୋଜନ କରୁଥିବାରୁ କେତେକ ଶୀତକାଳୀନ ଗସ୍ତ କରି ପାରିଲୁଁ ନାହିଁ ।

*ବର୍ଷାଋତୁ ଓ ଫସଲର ବିବରଣ* ୩ । ଗତ ପୂର୍ବବର୍ଷ ୪୫.୯୭ ଇଞ୍ଚ ବୃଷ୍ଟିପତନ ହୋଇଥିଲା । ବର୍ତ୍ତମାନବର୍ଷରେ ୬୩.୫୯ ଇଞ୍ଚ ବୃଷ୍ଟିପତନ ହୋଇଅଛି । ଏ ଜିଲ୍ଲାର ପ୍ରଧାନ ଫସଲ ଧାନ ଅଟେ ଏବଂ ଏହି ଧାନ ନିମନ୍ତେ ଉକ୍ତ ବୃଷ୍ଟିପତନ ଯଥେଷ୍ଟ ହୋଇଥିଲା । ଗତ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ଗୁରୁତର ବୃଷ୍ଟିପତନ ହୋଇ ଥିବାରୁ ପକ୍ୱଶାଳୀ ଧାନ ଫସଲ, ରବି, କାର୍ପାସ, ମାଣ୍ଡିଆ ଏବଂ ତୈଳଜ ଫସଲମାନଙ୍କ ପ୍ରତି କେତେକ ହାନି ହୋଇଥିଲା । ଏପରି ବହୁକାଳ ପର୍ଯ୍ୟନ୍ତ ଭୂମିର ଆର୍ଦ୍ରତା ରହିବାରୁ ଶୀତକାଳୀନ ଫସଲର ମଧ୍ୟ ହାନି ହୋଇଥିଲା । ହାରାହାରି ୧୬ ଣ ଧାନ ଫସଲ ଓ ୧୮ ଣ ଅପରାପର ଫସଲ ଆମଦାନୀ ହୋଇଥିବାର ନିର୍ଦ୍ଧାରିତ କରାଯାଇ ପାରେ ।

*ସାଧାରଣ ସ୍ୱାସ୍ଥ୍ୟ* ୪ । ବର୍ଷର ଅଧିକଭାଗରେ ସାଧାରଣ ସ୍ୱାସ୍ଥ୍ୟ ଉତ୍ତମ ଥିଲା । ଲୋକମାନେ ବର୍ଷାକାଳର ପ୍ରଚୁର ବୃଷ୍ଟିରେ ଅନ୍ତ୍ର ଭୁକ୍ତ ସ୍ୱସ୍ଥ କର୍ମ କରୁଥିବାରୁ ଏବଂ ଭୂମିର ଆର୍ଦ୍ରତା ବହୁକାଳସ୍ଥାୟୀ ହେବାରୁ ସଞ୍ଚାର ସହିତ ନଭେମ୍ବର ମାସଠାରୁ ଜ୍ୱର ରୋଗର ବିଶେଷ ପ୍ରାଦୁର୍ଭାବ ହୋଇଥିଲା । ବସନ୍ତ ଏବଂ ବିସୂଚିକା ରୋଗଦ୍ୱାରା କୌଣସି କ୍ଷତି ହୋଇ ନାହିଁ ।

୫ । ପୂର୍ବବର୍ଷପରି ଗତବର୍ଷ ସ୍ୱାସ୍ଥ୍ୟ କାର୍ଯ୍ୟମାନ ମନୋଯୋଗ ପୂର୍ବକ କରାଯାଇ ଥିଲା ମାତ୍ର ବର୍ଣ୍ଣନାଯୋଗ୍ୟ କୌଣସି ପରିବର୍ତ୍ତନ ଘଟି ନାହିଁ ।

*ଟିକା* ୬ । ଗତ ଡିସେମ୍ବର ମାସରୁ ଏଠାକାର ନେଟିଭଡାକ୍ତରଙ୍କଦ୍ୱାରା ଗୋବୀଜ ଟିକା ଦିଆଯାଇ ଥିଲା । କେବଳ ମୋ ୬୮ ଟି ପିଲା ଟିକାଗ୍ରହଣ କରି ତ ୬୪ ଣ ମୁକ୍ତ ଏବଂ ତ ୪ ଣ ଅମୁକ୍ତ ହୋଇଥିଲେ । ଗତ ପୂର୍ବବର୍ଷ ତ ୩୬ ଣ ପିଲାଙ୍କୁ ଟିକା ଦିଆଯାଇ ଥିଲା । ବର୍ତ୍ତମାନବର୍ଷ ଦଠାରୁ ଜ୍ୱରରୋଗ ପ୍ରାୟ ପ୍ରତି ଗ୍ରାମରେ ବିଶେଷ ପ୍ରବଳ ହେବାରୁ ଅଗତ୍ୟା ଅକାଳେ ଟିକାକର୍ମ ସ୍ଥଗିତ ହୋଇଗଲା ।

*ଡାକ୍ତରଖାନା ।* ୭ । ବର୍ତ୍ତମାନବର୍ଷ ମଧ୍ୟରେ ୪୪୯୩ ଜଣ ବାହାର ରୋଗୀ ଡାକ୍ତରଖାନାରେ ଉପସ୍ଥିତ ହୋଇଥିଲେ । ତତ୍ପୂର୍ବବର୍ଷରେ କେବଳ ୩୬୩୨ ଜଣ ଏହିପରି ଚିକିତ୍ସାପ୍ରାପ୍ତ ହୋଇଥିଲେ । ରୋଗମାନଙ୍କ ମଧ୍ୟରେ ଆମବାତ, ଅମ୍ଳପିତ୍ତ, ଅମାଶୟ, ଝାଡ଼ା, ମେହ, ବ୍ରଣ ଏବଂ ଜ୍ୱର ପ୍ରଧାନ ଅଟେ । ଜ୍ୱରରୋଗୀ ସଂଖ୍ୟା ବହୁତର ହେବାରୁ ଡାକ୍ତର ସ୍ୱୟଂ ଗ୍ରାମ୨ ବୁଲି ଔଷଧ ବିତରଣ କରିଥିଲେ ଏତଦ୍ୱାରା ଡାକ୍ତରଖାନାର ବହୁତ ସୁଖ୍ୟାତି ମଧ୍ୟ ହୋଇଅଛି । ବର୍ଷ ମଧ୍ୟରେ କେବଳ ୨ ଜଣ ରୋଗୀଙ୍କୁ ଡାକ୍ତରଖାନାରେ ରଖାଯାଇ ଚିକିତ୍ସା କରାଯାଇଥିଲା । ମାତ୍ର କୌଣସି ବ୍ୟକ୍ତିଠାରେ ଅସ୍ତ୍ର ଚିକିତ୍ସା ହୋଇ ନାହିଁ । ବର୍ଷ ମଧ୍ୟରେ ମୋଟରେ ଟ ୬୩୯ ଙ୍କା ଡାକ୍ତରଖାନାରେ ଖର୍ଚ୍ଚ ହୋଇଅଛି ।

*ଲୋକମାନଙ୍କର ପାର୍ଥିବ ଅବସ୍ଥା, ବିଦେଶ ଗମନ, ଉପନିବେଶ ସ୍ଥାପନ ଏବଂ ଖାଦ୍ୟଦ୍ରବ୍ୟର ମୂଲ୍ୟାଦିର ବିବରଣ ।* ୮ । ସନ ୧୮୮୫।୮୬ ସାଲରେ ଯେଉଁ ଫସଲ ନଷ୍ଟ ହୋଇଥିଲା ତଦ୍ୱାରା ବର୍ତ୍ତିତ ବର୍ଷର ଅଧିକଭାଗରେ ଲୋକମାନେ କଷ୍ଟ ସହ୍ୟ କରିଥିଲେ ସେମାନେ ସାଧାରଣତଃ ମା ୪ ସ ହାନ ମୂଗ, ମାଣ୍ଡିଆ ଓ ଅନ୍ୟାନ୍ୟ ରବିଫସଲଦ୍ୱାରା ବଞ୍ଚୁଥିଲେ ଓ ଗ୍ରୀଷ୍ମସମୟରେ ପ୍ରଚୁର ଆମ୍ବ ଯୋଗୁଁ ଦୁଇମାସ ମଧ୍ୟ ଜୀବନ ନିର୍ବାହ କରିଥିଲେ । ଗତ ଅଗଷ୍ଟ ମାସରେ ମଣିମା ଗୋସାଇଁ ଓ ଅନ୍ୟାନ୍ୟ ରାଜପରିବାରମାନଙ୍କର ମଦଯୁଦଥିବା ଧାନ ଋଣଦିଆ ଯାଇଥିବାରୁ ସେମାନେ କୃଷିକର୍ମ ଓ ବାଣିଜ୍ୟ କର୍ମ ନିର୍ବାହ କରିବାକୁ ସକ୍ଷମ ହୋଇଥିଲେ ଓ ମଧ୍ୟ ଗରିବଲୋକମାନେ ମଜୁରି ପାଇବା ସକାଶେ ବହୁତ ଉପାୟ କରାଯାଇଥିଲା । ନୂତନଶସ୍ୟ ଆମଦାନୀଦ୍ୱାରା ଲୋକମାନଙ୍କର ଅବସ୍ଥାର ବର୍ଷଶେଷରେ ଉନ୍ନତି ହୋଇଥିଲା ଓ ସେମାନେ ଆନନ୍ଦରେ କାଳଯାପନ କରୁଥିଲେ । ବିଦେଶଗମନ ଓ ଉପନିବେଶସ୍ଥାପନ ସମ୍ବନ୍ଧରେ ଗତବର୍ଷ ରିପୋର୍ଟରେ ଯେପରି ବର୍ଣ୍ଣନା କରାଯାଇଥିଲା ତଦ୍ବ୍ୟତିରେକେ ବିଶେଷ କିଛି ଲେଖିବାକୁ ନାହିଁ । ବର୍ଷାରମ୍ଭରେ ଚାଉଳର ଦର ଚଢ଼ା ହୋଇଥିଲା ଯଥା; ମ ୧ ହଣକୁ ୫ ୨।/ ଙ୍କା ଦରରେ ବିକ୍ରିଥିଲା ଏବଂ ବର୍ଷ ଶେଷଭାଗରେ ନୂତନ ଶସ୍ୟ ଆମଦାନୀ ହେବାରୁ ଚାଉଳ ମହଣକୁ ଟ ୨ ଙ୍କା ଦରରେ ବିକ୍ରୟ ହେଲା । ମୁଗ ଏବଂ କୋଳଥର ଖାଉ ଉଣା ହୋଇଥିବା ବ୍ୟତିତ ଅନ୍ୟ ନିତ୍ୟ ସମସ୍ତ ଶସ୍ୟ ଏବଂ ତୈଳଜ ପଦାର୍ଥମାନଙ୍କର ଦର ଚଢ଼ା ହୋଇଥିଲା ।

Split by PDF Splitter
Digitized by srujanika@gmail.com

୯ । ଗତ ପୂର୍ବବର୍ଷଠାରୁ ବର୍ତ୍ତିତବର୍ଷ ଶେଷ ପର୍ଯ୍ୟନ୍ତ ମଜୁରର ଦରମାନ ସମଭାବରେ ରହିଅଛି ।

**ଶିଳ୍ପକାର୍ଯ୍ୟ ଏବଂ ଖଣିର ବିବରଣ ।** ୧୦ । ପୂର୍ବବର୍ଷ ପରି ରହିଅଛି ।

**ବାଣିଜ୍ୟ ।** ୧୧ । ଗୃନ୍ଦପୁରଠାରୁ ସୁନାଖଲା ପର୍ଯ୍ୟନ୍ତ ସଡ଼କରାସ୍ତା ନିର୍ମାଣ ହେବାରୁ ଦେଶର ବାଣିଜ୍ୟ ଖୋଲିଗଲା ଏବଂ ଗାଡ଼ି-ଦ୍ୱାରା ଦ୍ରବ୍ୟର ବ୍ୟବସାୟ ଚଳୁଅଛି । ସମସ୍ତ ବ୍ୟବସାୟଠାରୁ ଚାଉଳ ବ୍ୟବସାୟ ପ୍ରଧାନ ଅଟେ ଏବଂ କଟକ ଓ ବ୍ରହ୍ମପୁର ଆଡ଼କୁ ବହୁତ ଧାନ ରପ୍ତାନି ହୋଇଥିଲା । ଖୋରଦା ଓ ପୁରୀ ଇଲାକାର ଲୋକେ ଘର ନିର୍ମାଣ କରିବା ନିମନ୍ତେ କାଠ ବାଉଁଶ ଇତ୍ୟାଦି ଜଙ୍ଗଲରୁ ନେଉଥିବାରୁ ସେ ବ୍ୟବସାୟ ମଧ୍ୟ କ୍ରମଶଃ ବୃଦ୍ଧି ହେଉଅଛି । ଏ ରାଜ୍ୟ ମଧ୍ୟକୁ ଲୁଣ, ଶୁଖୁଆ, ଲୁଗା, ମଶଲା ପ୍ରଭୃତି ଦ୍ରବ୍ୟମାନ ବହୁତ ପରିମାଣରେ ଆମଦାନି ହୋଇଥିଲା ଏବଂ ଏମାନ ହାଟ ଏବଂ ବଜାରମାନଙ୍କରେ ବହୁତ ପରିମାଣରେ ବିକ୍ରୟ ହୋଇଥିଲା ।

**ହାଟ, ଯାତ୍ରା, ଏବଂ ମେଳାମାନଙ୍କର ବିବରଣ ।** ୧୨ । ବିଶେଷ କିଛି ଲେଖିବାକୁ ନାହିଁ ।

**କୃଷି ବିବରଣ ।** ୧୩ । ପୂର୍ବବର୍ଷ ପରି ଅଟେ ।

**ନୂତନଜମି ଅବାଦ ।** ୧୪ । ଗତ ସନ ୧୨୯୨।୯୩ ସାଲମାନଙ୍କରେ ମୋଟରେ ମା ୭୭୦୯ ଣ ପୁରାତନ ପଡ଼ିଆ ଓ ନୂତନଜମି ଟ ୧୦୪୩ ଙ୍କା ଜମାରେ ବନ୍ଦୋବସ୍ତ ହୋଇଅଛି । ସନ ୧୨୯୪ ସାଲରେ କେବଳ ମା ୩୨୯୫ ଣ ନୂତନଜମି ଟ ୬୯୨।୫ ଙ୍କା ଜମାରେ ବନ୍ଦୋବସ୍ତ ହୋଇଅଛି । ମୋଟରେ ମା ୧୦୯୯୪ ଣକୁ ଟ ୧୯୩୫ ଙ୍କା ଗତ ତିନିବର୍ଷ ମଧ୍ୟରେ ବନ୍ଦୋବସ୍ତ ହୋଇଅଛି । ଗତବର୍ଷ ପୁରାତନ ଇଏଲାର ଜମାବନ୍ଦିବର୍ଗ ଶେଷ ହେବାରୁ ଆଉ ସେ ବିଷୟରେ କୌଣସି ଗୋଳମାଳ ନାହିଁ ଏବଂ ବର୍ତ୍ତିତବର୍ଷ ଶେଷ ସୁଦ୍ଧା ଗୋ ୧୨ ଟି ନୂତନ ଗ୍ରାମର ବସତି ହୋଇଅଛି । ତହିଁମଧ୍ୟରୁ ଗୋ ୮ ଟି ପୂର୍ବବର୍ଷର ଏବଂ ୪ ଗୋଟି ବର୍ତ୍ତିତ ବର୍ଷର ଅଟେ ।

**ସାଧାରଣଲୋକଙ୍କ ମନର ଭାବ** ୧୫ । ବର୍ତ୍ତିତବର୍ଷରେ ରାଜକୁମାରମାନଙ୍କ ବିବାହ ଓ କର୍ଣ୍ଣବେଧ ଉତ୍ସବରେ ଲୋକମାନେ ବିଶେଷ ଉତ୍ସାହିତ ହୋଇଥିଲେ ଏବଂ ଉକ୍ତକାର୍ଯ୍ୟମାନ ସୁଚାରୁରୂପେ ନିର୍ବାହିତ ହୋଇଥିବାରୁ ସମସ୍ତେ ସନ୍ତୋଷ ହେବାର ଦେଖାଗଲା । ଗତ ଅଗଷ୍ଟମାସରେ ଲୋକମାନଙ୍କୁ ୪।୨ ଋଣ ଦିଆ ଯାଇଥିବାରୁ ରାଜ୍ୟଶାସନର ଉଦାରନୀତି ସମ୍ବନ୍ଧରେ ମଧ୍ୟ ଲୋକମାନେ କୃତଜ୍ଞତା ସ୍ୱୀକାର କରିଥିଲେ । ଲୋକମାନଙ୍କର ଏହିରୂପ ମନରଭାବମାନ ଶ୍ଳାଘ୍ୟ ଅଟେ । ସେମାନେ ଅଦ୍ୟାପି ବିଦ୍ୟାଶିକ୍ଷାଦ୍ୱାରା ଉନ୍ନତିଲାଭ କରି ନ ଥିବା କିମ୍ବା ସମ୍ବାଦପତ୍ରପାଠରେ ଅଭ୍ୟସ୍ତ ହୋଇ ନ ଥିବାରୁ ଅପରାପର ଉନ୍ନତଦେଶମାନଙ୍କର ସାମୟିକ ରାଜନୀତି, ସମାଜନୀତି ଏବଂ ଅପରାପର ବିଷୟମାନଙ୍କ ଆନ୍ଦୋଳନରେ ଏମାନେ କୌଣସି ଯୋଗ ଦେବାର ଦେଖାଯାଏ ନାହିଁ କେବଳ ଏହିମାତ୍ର ଦେଖାଯାଏ ଯେ ଗତ କେତେଠାରୁ ଏଠାରେ ଯେଉଁ ରାଜନୀତି ଅବଲମ୍ବନ କରା ଯାଇଅଛି ଏବଂ ଯାହା କ୍ରମଶଃ ବିସ୍ତୀର୍ଣ୍ଣ ହେଉଥିବାରୁ ପୁରାତନ ରୀତିନୀତିମାନ ରହିତ ହେଉଅଛି, ସେହି ନୂତନ ରାଜନୀତି ପ୍ରତି ପ୍ରଥମେ ଲୋକମାନେ ଅବଶ୍ୟ ନିର୍ଭର ରଖିଥିବାର କିମ୍ବା ତହିଁପ୍ରତି ସନ୍ତୋଷ ଥିବାର ଦେଖାଯାଏ ନାହିଁ । ସେମାନେ ଏହି ନୀତିକୁ ପରିବର୍ତ୍ତନ କରିବା ସମ୍ବନ୍ଧରେ ସମ୍ପୂର୍ଣ୍ଣ ଇଚ୍ଛୁକ ଥାଇ ସମୟେ୨ ନାନାପ୍ରକାର ଅନ୍ୟାୟ ଉପାୟମାନ ଅବଲମ୍ବନ କରୁଥିଲେହେଁ କୌଣସି ଫଳ ହୋଇନାହିଁ । ଅମ୍ଭ ବିବେଚନାରେ ପୁରାତନ ନୀତି ପରିତ୍ୟାଗ କରି ନୂତନନୀତିରେ ସମ୍ପୂର୍ଣ୍ଣ ଅଭ୍ୟସ୍ତ ହେବା ପର୍ଯ୍ୟନ୍ତ ଲୋକମାନଙ୍କର ଏପରି ମନର ଭାବ ଘଟିବା ସ୍ୱାଭାବିକ ଅଟେ ।

**ହିତସାଧକକର୍ମ** ୧୬ । ଏ ରାଜ୍ୟର ପ୍ରଧାନ ସଡ଼କରାସ୍ତା ସୁନାଖଲାଠାରୁ ଗୃନ୍ଦପୁର ପର୍ଯ୍ୟନ୍ତ ଶେଷ ହୋଇଅଛି ଏବଂ ଏତଦ୍ୱାରା ନୟାଗଡ଼, ଖୋର୍ଦ୍ଧା, ରଣପୁର ଓ ଅପରାପର ରାଜ୍ୟମାନଙ୍କ ମଧ୍ୟରେ ବ୍ୟବସାୟର ସୁବିଧା ହୋଇଅଛି । ଏହି ରାସ୍ତାର ଉତ୍ତରାଂଶରେ କାଷ୍ଠ ଓ ପ୍ରସ୍ତର ପୋଲମାନ ନିର୍ମାଣ ହେଉଅଛି ଏବଂ କର୍ଦ୍ଦମମୟ ସ୍ଥାନମାନଙ୍କରେ କଙ୍କର ପକାଇବାର ମଧ୍ୟ ପ୍ରସ୍ତାବ ହୋଇଅଛି ଗତବର୍ଷରେ ଯେଉଁ ଶାଖାସଡ଼କମାନ ନିର୍ମାଣ କରିଯିବାର ପ୍ରସ୍ତାବ ହୋଇଥିଲା ସେମାନ ଅର୍ଥାଭାବରୁ ପ୍ରସ୍ତୁତ ହୋଇପାରି ନାହିଁ । ପଥକର ଆଦାୟ କରିବାର ପ୍ରସ୍ତାବ ମଧ୍ୟ ଅଦ୍ୟାପି ନିଷ୍ପତ୍ତି ହୋଇ ନାହିଁ ବର୍ତ୍ତିତବର୍ଷରେ ଷ୍ଟେଟ୍‌ଡିଂବଙ୍ଗଳାର କର୍ମ ଶେଷ ହୋଇଅଛି ଏବଂ କୁମାରପଦାରେ ଏହି ବଙ୍ଗଳା ଶ୍ରୀ ଶ୍ରୀମତୀ ମହାରାଣୀ ଭିକ୍ଟୋରିୟାଙ୍କ ନାମରେ ପ୍ରତିଷ୍ଠିତ ହୋଇଅଛି । ବର୍ତ୍ତିତବର୍ଷରେ ଗୋ ୩ ଟି ବନ୍ଧ ଜଳସେଚନ ନିମିତ୍ତ ନିର୍ମିତ ହୋଇଥିଲା ଏବଂ ଭାବଗ୍ରାମ ପୁରାତନ ବନ୍ଧମାନ ମରାମତି କରାଯାଇଥିଲା । ଲୋକମାନଙ୍କ ଜଳପାନ ଏବଂ ସ୍ନାନର ସୁବିଧା ନିମନ୍ତେ ଭିନ୍ନ୨ ସ୍ଥାନରେ ଗୋ ୪ ଟି ପୁଷ୍କରଣୀ ମଧ୍ୟ ମରାମତି ହୋଇଥିଲା । ଗୋପାଳପୁର ନୂତନବଜାରରେ ପଥିକମାନଙ୍କର ସୁବିଧା ନିମନ୍ତେ ଯେଉଁ କୂପ ଖୋଳା ଯାଇଥିଲା ସେଥିର ସମୁଦାୟ କାର୍ଯ୍ୟ ଶେଷ ହୋଇଅଛି ଏବଂ ପ୍ରାୟ ଦୁଇମାଇଲ ବ୍ୟାପ୍ତ ସ୍ଥାନମଧ୍ୟରେ ଅଧୁନା ଲୋକମାନେ ଏହି କୂପର ଜଳ ପାନ କରୁଅଛନ୍ତି । କୁମାରପଦା

Digitized by srujanika@gmail.com

ଉପଲକ୍ଷରେ ସେହିଁ ଗୋ ୪ ଟି କୂପ ପ୍ରସ୍ତୁତ ହେବାର ପ୍ରସ୍ତାବ ହୋଇଥିଲା ସେ କୂପମାନ ପାନୀୟଗାମୀ ଏବଂ ଜଳଶୂନ୍ୟ ସ୍ଥାନମାନଙ୍କରେ ସଦରରାସ୍ତାଧାରରେ ଖୋଳା ଯାଉଅଛି । ବର୍ଷମଧ୍ୟରେ ରାସ୍ତା ଏବଂ ଅପରାପର ଉନ୍ନତିସାଧନ କାର୍ଯ୍ୟମାନଙ୍କ ସକାଶେ ମୋଟ ଟ ୭୭୧୧୯ ଙ୍କା ଖର୍ଚ୍ଚ ହୋଇଅଛି ଉତ୍ପୂର୍ବବର୍ଷ ଟ ୩,୯୯୭ ଙ୍କା ଖର୍ଚ୍ଚ ହୋଇଥିଲା ।

ରଜସ୍ୱ — ୧୭ । ସନ ୧୨୯୩ ସାଲରେ ମୋଟ ସଦରଜମା ଟ ୨୯୫୭୫ ଙ୍କା ଧାର୍ଯ୍ୟ କରାଗଲା ସେଥିମଧ୍ୟରୁ ଟ ୪୭୦୦ ଙ୍କା ଧାନ ସକାଶେ ବାଦ ଦିଆ ଯାଇଥିଲା ଏବଂ ମୋଟ ସଦରଜମା ଟ ୨୪୮୭୫ ଙ୍କା ଧାର୍ଯ୍ୟ ହୋଇଥିଲା । ନୟାବାଦ ଏବଂ ଥୈଲାଜମିରୁ ବନ୍ଦୋବସ୍ତଦ୍ୱାରା ଟ ୧୩୯୨ ଙ୍କା ଏବଂ ବସ୍ତୁରୁଦ ମହାଲର ମୁନାଫା ବାବତ ଟ ୧୧୯ ଙ୍କା ଏରୂପ ମୋଟରେ ଟ ୨୬୩୭୭ ଏରୂପ ନିଟ ଧାର୍ଯ୍ୟ କରା ଯାଇଥିଲା । ସନ ୧୨୯୨ ସାଲ ଶେଷକୁ ବାକି ଥିବା ଟ ୧୧୦୫୮ ଙ୍କା ଓ ସନ ୧୨୯୩ ସାଲର ଧାର୍ଯ୍ୟ ମୋଟ ଟ ୨୬୩୭୭ ଙ୍କା ଏରୂପ ମୋଟ ଟ ୩୭୪୩୪ ଙ୍କା ମଧ୍ୟରୁ ଟ ୩୦୨୨୪ ଙ୍କା ଉସୁଲ ହୋଇଥିଲା ଟ ୭୮୪ ଙ୍କା ଛଡ଼ ଓ ଫାଜିଲ ଉସୁଲ ସକାଶେ ମଜୁରା ଦିଆ ଯାଇଥିଲା ଏବଂ ଟ ୭୪୨୪ ଙ୍କା ଉସୁଲ ହେବାକୁ ବାକି ଥିଲା ଏ ଟଙ୍କା ସମ୍ପ୍ରତି ଉସୁଲ ହୋଇ ଯାଇଅଛି ।

୧୮ । ଏତେଟଙ୍କା ବାକି ଥିବାର କାରଣ ଏହି ଯେ ବର୍ଷଶେଷ ସମୟକୁ ଖୋଲପଣୀବସ୍ତ ଉପସ୍ଥିତ ହେଉଥିବାରୁ ସମସ୍ତ ଖଜଣା ଉସୁଲ ହୋଇପାରେ ନାହିଁ ଏବଂ ଅଧିକାଂଶ ଟଙ୍କା ଉସୁଲ ହୋଇଥିଲେହେଁ ବାକିରେ ଆଣିବାକୁ ହୁଏ । ବର୍ତ୍ତମାନବର୍ଷଠାରୁ କିସ୍ତବନ୍ଦୀ ସମୟ ପରିବର୍ତ୍ତନ କରି ଦିଆ ଯାଇଥିବାରୁ ସମୁଦାୟ କର ବର୍ଷଶେଷକୁ ଆଦାୟ ହେବାର ସମ୍ଭାବନା ଅଛି ।

୧୯ । ବର୍ତ୍ତମାନବର୍ଷ ମଧ୍ୟରେ ଉସୁଲଟଙ୍କାର ଆୟ ବ୍ୟୟ ସମ୍ବନ୍ଧୀୟ ତାଲିକା ନିମ୍ନରେ ପ୍ରକାଶ କରାଗଲା ଯଥା—

| ଆୟର ବର୍ଣ୍ଣନା । | ଗତବର୍ଷ ବାକି | ବର୍ତ୍ତମାନବର୍ଷର ଆମଦାନି | ମୋଟ | ବର୍ତ୍ତମାନବର୍ଷରେ ଉସୁଲ | ବର୍ଷଶେଷକୁ ବାକି ରହିଲା | ମନ୍ତବ୍ୟ |
|---|---|---|---|---|---|---|
| ରାଜସ୍ୱ | ଟ ୧୧୦୫୮ | ଟ ୨୬୩୭୭ | ଟ ୩୭୪୩୪ | ଟ ୩୦୨୨୪ | ଟ ୭୪୨୪ | |
| ଜଙ୍ଗଲମହାସୁଲ | ଟ ୦ | ଟ ୦ | ଟ ୨୨୧୮ | ଟ ୨୨୧୮ | ଟ ୦ | |
| ଧାନକରଜ | ଟ ୦ | ଟ ୦ | ଟ ୯୮୭ | ଟ ୯୮୭ | ଟ ୦ | |
| ଅବକାରି ଫିସ | ଟ ୦ | ଟ ୦ | ଟ ୭୦୯ | ଟ ୭୦୯ | ଟ ୦ | |
| ଅଫିମଦୋକାନ ଟିକସ | ଟ ୦ | ଟ ୦ | ଟ ୧୭୩ | ଟ ୧୭୩ | ଟ ୦ | |
| ଫୌଜଦାରି ଜରିମାନା | ଟ ୦ | ଟ ୦ | ଟ ୧୩୫୭ | ଟ ୧୩୫୭ | ଟ ୦ | |
| ପାଉଣ୍ଡଫିସ | ଟ ୦ | ଟ ୦ | ଟ ୧୧୮ | ଟ ୧୧୮ | ଟ ୦ | |
| ଜେଲଆମଦାନି | ଟ ୦ | ଟ ୦ | ଟ ୩୭୭ | ଟ ୩୭୭ | ଟ ୦ | |
| କାଓ୍ୱାରିସ, ଲାବାରିସ ଓ ସନ୍ଦେହଯୁକ୍ତ ମାଲ ନିଲାମି ଜରସମଲ | ଟ ୦ | ଟ ୦ | ଟ ୪୩୨ | ଟ ୪୩୨ | ଟ ୦ | |
| ଦେଓ୍ୱାନୀ ଏବଂ ରେଜେଷ୍ଟ୍ରୀଅଫିସ | ଟ ୦ | ଟ ୦ | ଟ ୯୧୪ | ଟ ୯୧୪ | ଟ ୦ | |
| ଅନ୍ୟାନ୍ୟବାବତର ଆମଦାନି | ଟ ୦ | ଟ ୦ | ଟ ୧୭୯୧ | ଟ ୧୭୯୧ | ଟ ୦ | |
| ମୋଟ | ଟ ୧୧୦୫୮ | ଟ ୨୬୩୭୭ | ଟ ୪୭୩୨୭ | ଟ ୩୯୦୯୭ | ଟ ୭୪୨୪ | |

ମେମୋ

| | |
|---|---|
| ବର୍ଷ ଆରମ୍ଭରୁ ମହଯୁଦ | ଟ ୨୮୭୦ |
| ବର୍ଷ ମଧ୍ୟରେ ଆମଦାନି | ଟ ୩୯୦୯୭ |
| ମୋଟ | ଟ ୪୧୯୬୭ ଙ୍କା ଆ |
| ସରକାରୀର ଖର୍ଚ୍ଚା ଓ ଅପରାପର ବ୍ୟୟ | ଟ ୨୨୭୨୫ ଙ୍କା |
| ଶାସନକାର୍ଯ୍ୟ, ଉନ୍ନତିସାଧନ ଓ ପେନ୍ସନ | ଟ ୧୪୧୬୭ ଙ୍କା |
| ମୋଟ | ଟ ୩୬୭୮୨ ଙ୍କା ଯାଉ |
| ବାକି ମହଯୁଦ | ଟ ୫୧୭୫ ଙ୍କା |

ଅବକାରି — ୨୦ । ମୋଟରେ ଗୋ ୩ ଟି ଅଫିମ ଦୋକାନ ଗୋ ୧୯ ଟି ବାହାର ଭାଟି ଏବଂ ଗୋ ୧ ଟି ଗଞ୍ଜା ଦୋକାନ ମୋଟ ଟ ୯୧୩ ଙ୍କା ଜମାରେ ବନ୍ଦୋବସ୍ତ ହୋଇଥିଲା । ଗଡ଼ଜାତ ଗଞ୍ଜା ବନ୍ଦ କରାଯାଇ ସରକାରୀ ଗଞ୍ଜା ବିକ୍ରି ହେବାର ପ୍ରସ୍ତାବ ସମ୍ପୂର୍ଣ୍ଣରୂପେ କାର୍ଯ୍ୟରେ ପରିଣତ ହୋଇ ନାହିଁ । କେବଳ ମାନସିଂହ ସଡ଼କଉପର ଗୃନ୍ଦପୁର ଛଟୀଠାରେ ଗଞ୍ଜା ଆବଶ୍ୟକ ହେବାରୁ ଗୋ ୧ ଟି ଦୋକାନ ଖୋଲା ଯାଇଅଛି ।

Digitized by srujanika@gmail.com

Split by PDF Splitter

266



ବନ୍ଦୋବସ୍ତ ୨୧ । ଗତବର୍ଷ ମଧ୍ୟରେ ପୁନ୍ଦଳ ଠେିକାମାନ ବନ୍ଦୋବସ୍ତ ହୋଇଅଛି ଏ ବଂଶର ଏ ସମ୍ପର୍କରେ ଅଉ କହି ହୋଇ ନାହିଁ ।

ରେଜେଷ୍ଟ୍ରି ବିଭାଗ ୨୨ । ପୂର୍ବବର୍ଷ ଅପେକ୍ଷା ବର୍ତ୍ତିତ ବର୍ଷରେ ରେଜେଷ୍ଟ୍ରୀ ହୋଇଥିବା ଦସ୍ତାବେଜର ସଂଖ୍ୟା ଊଣା ଅଛି । ଟଙ୍କା ମହାଜନୀ କାରବାର ଊଣା ଥିବାରୁ ଏପରି ଘଟିଥିବାର ସମ୍ଭବ ହୁଏ । ମୋଟରେ ନ ୧୦୩ ମୁର ବକ୍ସୀ ଜବାବ ନ ୬ ମୁର ବନ୍ଧକନାମା, ନ ୨୫ ମୁର ମୁକ୍ତାଇନାମା ଏବଂ ନ ୧ ମୁର ପଟ୍ଟା କବୁଲିୟତ ରେଜେଷ୍ଟ୍ରୀ ହୋଇଥିଲା ଏବଂ ଏମାନଙ୍କର ଦାଦାଦ ଟ ୫୦୮୧।୵୯ ଙ୍କା ଅଟେ ।

୨୩ । ବର୍ତ୍ତିତ ବର୍ଷରେ ମୋଟରେ ରେଜେଷ୍ଟ୍ରୀ ଫିସ ଟ ୧୬୮୫ ଙ୍କା ଅମଦାନୀ ହୋଇଥିଲା । ତତ୍ପୂର୍ବ ବର୍ଷର ଅମଦାନୀ ଟ ୨୪୦୭ ଙ୍କା ଅଟେ ।

ଦେଓ୍ୱାନି ୨୪ । ଲିଖିତ ନକ୍ସାରୁ ଦେଓ୍ୱାନି ଓ ରେଭିନ୍ୟୁ ଇଲାକା ମୋକଦମାମାନଙ୍କର ଦାଏର, ଫଏସଲ ଓ ବାକି ଇତ୍ୟାଦି ବିଷୟମାନ ପ୍ରକାଶ ହେବ ଯଥା ।

| ମୋକଦମାର ବର୍ଣ୍ଣନା । | ଯେତେ ମୋକଦମା ଗତବର୍ଷ ଶେଷରୁ ବାକି ଥିଲା | ବର୍ତ୍ତିତ ବର୍ଷରେ ଯେତେ ମୋକଦମା ଦାଏର ହେଲା | ମୋଟ | ବର୍ତ୍ତିତ ବର୍ଷରେ ଯେତେ ମୋକଦମା ଫଏସଲ ହେଲା | ବର୍ଷ ଶେଷରୁ ଯେତେ ମୋକଦମା ବାକି ରହିଲା | ମନ୍ତବ୍ୟ |
|---|---|---|---|---|---|---|
| ଦେଓ୍ୱାନି | | | | | | |
| ସ୍ୱତ୍ୱ ଓ ଦଖଲସୂତ୍ର ସମ୍ବନ୍ଧୀୟ ମୋକଦମା | ୩୨ | ୩୩ | ୬୫ | ୫୩ | ୧୨ | |
| ଟଙ୍କା କମା ଚଳନ୍ତି ସମ୍ପତ୍ତିର ମୋକଦମା | ୩୫୫୭ | ୨୩୨ | ୩୭୮୯ | ୨୯୭୧ | ୮୧୮ | |
| ମୋଟ | ୩୫୮୯ | ୨୬୫ | ୪୮୫୪ | ୩୦୨୪ | ୮୩୦ | |
| ରେଭିନ୍ୟୁ | | | | | | |
| ମୁତଫର୍କା ମୋକଦମା | ୪୬ | ୧୩୭ | ୧୮୩ | ୧୫୭ | ୨୬ | |
| ଜଙ୍ଗଲ କବୁଲିୟତ ମୋକଦମା | ୭୪ | ୨୨୯ | ୩୦୩ | ୨୧୯ | ୮୪ | |
| ବାକି ଖଜଣା ମୋକଦମା | ୩୩ | ୯୨ | ୧୨୫ | ୫୬ | ୬୯ | |
| ସରବରାକାରି ଦାଖଲ ଖାରଜ ମୋକଦମା | ୨ | ୦ | ୨ | ୨ | ୦ | |
| ରସିଦ ସକଳ ଜମି ଦାଖଲଖାରଜ | ୨୮ | ୨୪ | ୫୨ | ୪୧ | ୧୧ | |
| ମୋଟ | ୧୮୩ | ୪୮୨ | ୬୬୫ | ୪୭୫ | ୧୯୦ | |
| ଉତ୍ତିଜାରି | ୧୪ | ୧୧୬ | ୧୩୦ | ୯୯ | ୩୧ | |
| ସର୍ବମୋଟ | ୩୭୮୬ | ୮୬୩ | ୪୬୪୯ | ୩୫୯୮ | ୧୦୫୧ | |

୨୫ । ତମାମୀ ଅଦାଲତ ଜାରି ହେବୁ ସେଇଁ ଦେଣା ପାଉଣା ମୋକଦମାମାନ ଦାଏର ହୋଇଥିଲା ସେଥି ମଧ୍ୟରୁ ଅଧିକାଂଶ ଗୋଳମାଳିଆ ଏବଂ ଅସଙ୍ଗତ ଥିବାରୁ ସେମାନ ପଞ୍ଚାଏତଙ୍କଦ୍ୱାର ନିଷ୍ପତ୍ତି କରା ଯାଇଅଛି, ବାକି ଯେତେ ମୋକଦମା ରହିଅଛି ସେମାନ ଚଳିତବର୍ଷରେ ନିଷ୍ପତ୍ତି ହେବାର ଆଶା କରାଯାଏ ।

୨୬ । ମୁତଫର୍କା ଓ ରେଭେନ୍ୟୁ ଇଲାକା ମୋକଦମା ବିଷୟରେ ବିଶେଷ କହି ଲେଖିବାକୁ ନାହିଁ ।

୨୭ । ବର୍ତ୍ତିତ ବର୍ଷରେ ଗୋ ୯୯ ଟି ଉତ୍ତିଜାରି ମୋକଦମା ଫଏସଲ ହୋଇଥିଲା ସେଥିରେ ଟ ୪୭୫୩୷୨ ଆଦାୟ ହୋଇ ଡିକ୍ରୀଦାରଙ୍କୁ ଦିଆ ଯାଇଅଛି । ଗୋ ୧୮ ଟି ମୋକଦମାରେ ଦେଣଦାରମାନେ ଧୃତ ହୋଇ ଦେଓ୍ୱାନୀ ଫାଟକ ରହିଥିଲେ ଏବଂ ଗୋ ୧୧ ଟି ମୋକଦମାରେ ଅଚଳନ୍ତି ସମ୍ପତ୍ତିର ଦଖଲ ଦିଆ ଯାଇଥିଲା ।

Digitized by srujanika@gmail.com

Split by PDF Splitter



ଫଉଜଦାରି ମୋକଦ୍ଦମା-ର ବିବରଣ

୨୮ । ନିମ୍ନଲିଖିତ ନକସାରୁ ପ୍ରକାଶ ପାଇବ ଯଥା ।—

| ମୋକଦ୍ଦମାର ବିବରଣ | ଗତବର୍ଷମଧ୍ୟରେ ବାକିଥିବା ମୋକଦ୍ଦମାର ସଂଖ୍ୟା | ବର୍ତ୍ତିତବର୍ଷରେ ବିଚାରାଧୀନକୁ ଆସିଥିବା ମୋକଦ୍ଦମାର ସଂଖ୍ୟା | ମୋଟ | ବର୍ତ୍ତିତବର୍ଷମଧ୍ୟରେ ଫଏସଲ ହୋଇଥିବା ମକଦ୍ଦମାର ସଂଖ୍ୟା | ବର୍ଷଶେଷକୁ ଯେତେମକଦ୍ଦମା ବାକି ଥିଲା | ମନ୍ତବ୍ୟ |
|---|---|---|---|---|---|---|
| ଦେହଉପରେ | ୧ | ୪୦ | ୪୧ | ୪୧ | ୦ | |
| ଅନଧିକାର ପ୍ରବେଶ ଅପକାର ବା କ୍ଷତିଉପରେ | ୦ | ୨୫ | ୨୫ | ୨୫ | ୦ | |
| ଅନ୍ୟାନ୍ୟ | ୧୦ | ୧୪୭ | ୧୫୭ | ୧୪୯ | ୮ | |
| ମୋଟ | ୧୧ | ୨୧୨ | ୨୨୩ | ୨୧୫ | ୮ | |

୨୯ । ବର୍ତ୍ତିତ ବର୍ଷରେ ବିଚାରାଧୀନକୁ ଆସିଥିବା ଫଉଜଦାରି ମୋକଦ୍ଦମା ସଂଖ୍ୟା ପୂର୍ବବର୍ଷ ଅପେକ୍ଷା କମ ଥିଲା । ଅପରାଧ ବିଷୟରେ କଠିନ ନିୟମମାନ ଜାରିକରି ଯାଇଥିବାରୁ ଏପରି ଘଟୁଥିବାର ସମ୍ଭବ ହୁଏ ।

୩୦ । ବର୍ଷମଧ୍ୟରେ ଜ ୪୨୭ ଣ ଆସାମି ବିଚାରାଧୀନକୁ ଆସିଥିଲେ ସେମାନଙ୍କ ମଧ୍ୟରୁ ଜ ୧୮୭ ଣ ଖଲାସ ଜ ୨ ଣ ଫେରାର ଏବଂ ଜ ୨୨୪ ଣ ଦଣ୍ଡ ପାଇ ବର୍ଷ ଶେଷକୁ ଜ ୧୪ ଣ ଆସାମି ବିଚାରାଧୀନରେ ବାକି ଥିଲେ ।

୩୧ । ଦଣ୍ଡ ଭୋଗ କରିଥିବା ଆସାମିମାନଙ୍କ ମଧ୍ୟରୁ ଜ ୧୬୨ ଣଙ୍କୁ ଅର୍ଥଦଣ୍ଡ ଓ ଜ ୬୨ ଣଙ୍କୁ କାରାବାସ ଦଣ୍ଡ ହୋଇଥିଲା ମାତ୍ର କୌଣସି ବ୍ୟକ୍ତିଙ୍କୁ ବେତ୍ରାଘାତ ଦଣ୍ଡ ଦିଆଯାଇ ନାହିଁ ।

୩୨ । ବର୍ତ୍ତିତବର୍ଷ ମଧ୍ୟରେ ଟ ୯୪୭୷/ ଜରିମାନା ହୋଇଥିଲା ଏବଂ ଗତବର୍ଷ ଶେଷକୁ ଟ ୧୩୨୷/୬ ଉସୁଲ ହେବାକୁ ବାକି ଥିଲା ଏରୂପ ଟ ୧୦୮୦୷/୬ ମଧ୍ୟରୁ ଟ ୭୩୩/୬ ଉସୁଲ ହୋଇଥିଲା ଟ ୧୭୭୷ ଅପିଲ ପ୍ରଭୃତି କାରଣମାନଙ୍କରେ ମାଫ ହୋଇ ବର୍ଷଶେଷକୁ ଟ ୧୬୯୷/ ଉସୁଲ ହେବାକୁ ବାକି ଥିଲା ।

୩୩ । ବର୍ତ୍ତିତ ବର୍ଷରେ କୌଣସି ଖୁଣ ଜମା ନରହତ୍ୟା ମୋକଦ୍ଦମା ଘଟି ନାହିଁ ଏବଂ ଶ୍ରୀଲ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ବାହାଦୂରଙ୍କ ହଜୁରକୁ ବିଚାର ନିମନ୍ତେ କୌଣସି ମୋକଦ୍ଦମା ପଠାଯାଇ ନାହିଁ ।

ଅପିଲ — ୩୪ । ମୋଟରେ ଗୋ ୬ ଟି ଅପିଲ ମୋକଦ୍ଦମା ଦାଏର ହୋଇଥିଲା ତନ୍ମଧ୍ୟରୁ ନ ୩ ନମ୍ବର ଫଏସଲ ହୋଇ ବର୍ଷଶେଷକୁ ନ ୩ ନମ୍ବର ବାକି ରହିଥିଲା । ଦାଏର ହୋଇଥିବା ମୋକଦ୍ଦମାମାନଙ୍କ ମଧ୍ୟରୁ ନ ୧ ନମ୍ବର ଫଉଜଦାରି ଓ ନ ୧ ନମ୍ବର ରେଭିନ୍ୟୁ ଏବଂ ନ ୪ ନମ୍ବର ଦେଓ୍ୱାନୀ ଅପିଲ ଅଟେ । ଫଉଜଦାରି ମକଦ୍ଦମାରେ ନିମ୍ନଅଦାଲତଙ୍କ ହୁକୁମ ସଂଶୋଧନ ହୋଇ ପରିବର୍ତ୍ତନ ହୋଇଥିଲା ଓ ବାକି ମକଦ୍ଦମାମାନ ସାହେବଙ୍କର ସକାଶେ ପଠା ଯାଇଥିଲା ।

ପୁଲିସ — ୩୫ । ଏ କିଲ୍ଲାର ପୁଲିସଦ୍ୱାରା ସର୍ବପ୍ରକାର କାର୍ଯ୍ୟ ସାଧିତ ହେଉଅଛି । ପୁଲିସ କର୍ମଚାରୀମାନେ ସେମାନଙ୍କ ନିୟମିତ କର୍ମ ଛଡ଼ା ଜଙ୍ଗଲ ଓ ଉତ୍ପାଦାରି ଏବଂ ଅପରାପର କେତେକ ବାହେକର୍ମ ମଧ୍ୟ କରନ୍ତି । ପୁଲିସ ଇଲାକାରେ ଏକଜଣ ଦାରୋଗା ଜ ୫ ଣ ଜମାଦାର ଏବଂ ଜ ୬୦ ଣ କନେଷ୍ଟବଲ ନିଯୁକ୍ତ ଅଛନ୍ତି । ବର୍ତ୍ତିତ ବର୍ଷରେ ପୁଲିସ କର୍ମଚାରୀମାନଙ୍କ ବେତନ ବୃଦ୍ଧିକରି ଯାଇଅଛି । ଦାରୋଗା ମାସିକ ଟ ୬୦ ଙ୍କା ଜମାଦାରମାନଙ୍କର ଟ ୮ ୧ ଙ୍କା ଠାରୁ ଟ ୧୦ ୧ ଙ୍କା ଓ କନେଷ୍ଟବଲମାନଙ୍କୁ ଟ ୩୷ ଙ୍କା ଠାରୁ ଟ ୫୧ ଙ୍କା ଦିଆଯାଏ ।

୩୬ । ବର୍ତ୍ତିତବର୍ଷରେ ପୁଲିସ ଇଲାକାରେ ଟ ୧୩୫୯୷/୧୧ ବ୍ୟୟିତ ହୋଇଥିଲା ଏବଂ ଏଥି ପୂର୍ବବର୍ଷରେ ଟ ୧୧୧୬୷୪ ଙ୍କା ଖର୍ଚ୍ଚ ହୋଇଥିଲା ।

୩୭ । ପୁଲିସକର୍ମଚାରୀମାନଙ୍କ ଅଧୀନରେ ଗୋ ୩୨୬ ଟି ଗ୍ରାମରେ ଜ ୧୬୧ ଣ ଚୌକିଦାର ନିଯୁକ୍ତ ଅଛନ୍ତି । ବର୍ତ୍ତିତବର୍ଷ ମଧ୍ୟରେ ଜ ୨୧ ଣ ଚୌକିଦାର ମୁକରର ହୋଇ ଜ ୨୨ ଣ ଚୌକିଦାର ଭିନ୍ନ କାରଣରୁ ବରଖାସ୍ତ ହୋଇଥିଲେ ।

୩୮ । ପୂର୍ବବର୍ଷ ବାକି ଥିବା ନ ୮ ନମ୍ବର ମୋକଦ୍ଦମା ମିଶି ମୋଟରେ ନ ୨୧୧ ନମ୍ବର ମୋକଦ୍ଦମା ପୁଲିସରେ ଏତଲା ହୋଇଥିଲା । ତନ୍ମଧ୍ୟରୁ ନ ୭ ନମ୍ବର ଖାରଜ ହୋଇ ନ ୮୭ ନମ୍ବର ବିଚାର ନିମନ୍ତେ ପ୍ରେରିତ ହୋଇଥିଲା । ନ ୬୭ ନମ୍ବର ମୋକଦ୍ଦମା ସତ୍ୟ ନ ୩୩ ନମ୍ବର ମିଥ୍ୟା ପ୍ରମାଣ ହୋଇ ବର୍ଷଶେଷକୁ ନ ୧୭ ନମ୍ବର ବାକି ଥିଲା ମୋଟରେ ଜ ୨୪୭ ଣ ଆସାମୀ ବିଚାର ସକାଶେ ପ୍ରେରିତ ହୋଇଥିଲେ । ଏମାନଙ୍କ ମଧ୍ୟରୁ ଜ ୭୭ ଣ ଖଲାସ ଓ ଜ ୧୬୮ ଣ ଦଣ୍ଡ ପାଇ ବର୍ଷଶେଷକୁ ଜ ୨ ଣ ଆସାମୀ ବାକି ଥିଲେ । ମୋଟରେ ଗୋ ୮୭ ଟି ମୋକଦ୍ଦମାରେ ଟ ୩୭୩୷/୭ ପାହାର ମାଲ ଚୋରି ଯାଇଥିଲା । ଏଥିମଧ୍ୟରୁ ନ ୪୬ ନମ୍ବର ମୋକଦ୍ଦମାରେ ଟ ୧୩୬/୯ ମାଲ ପାଯାଇ ଯାଇଅଛି । ପୂର୍ବବର୍ଷ ଅପେକ୍ଷା ବର୍ତ୍ତିତବର୍ଷରେ ପୁଲିସଇଲାକାର ମୋକଦ୍ଦମା ତଦାରଖକର୍ମ ସନ୍ତୋଷଜନକ ନୁହେ ଯଦ୍ୟପି ଅଧିକାଂଶ ମୋକଦ୍ଦମାମାନ ସାମାନ୍ୟ ଅଟେ ତଥାପି କୌଣସି ଗୁରୁତର ମୋକଦ୍ଦମାରେ ବହୁତ ଦୁର୍ଦାନ୍ତ ତଦାରକରେ ତ୍ରୁଟି ଲକ୍ଷିତ ହୋଇ ନାହିଁ ।

୩୯ । ବର୍ତ୍ତିତବର୍ଷରେ ଗୋ ୨୦ ଟି ଅପମୃତ୍ୟୁର ମୋକଦ୍ଦମା ପୁଲିସରେ ଏତଲା ହୋଇଥିଲା ତନ୍ମଧ୍ୟରୁ ଗୋ ୩ ଟି ଫାଶି, ଗୋ ୯ ଟି ଜଳଡୁବି, ଗୋ ୭ ଟି ସର୍ପାଘାତ, ଗୋ ୧ ଟି କାନ୍ଥପଡ଼ା ଏବଂ ଏକଗୋଟି ଭାଲୁଖିଆ ଅଟେ । ଗୋ ୨ ଟି ମୋକଦ୍ଦମା-

Digitized by srujanika@gmail.com

Split by PDF Splitter



ରେ ଘରମାନଙ୍କୁ ଡାକ୍ତରପରୀକ୍ଷା କରା ଯାଇଥିଲା । ମୃତବ୍ୟକ୍ତି ମାନଙ୍କ ମଧ୍ୟରୁ ଜ ୯ ଣ ପୁରୁଷ ଏବଂ ଜ ୧୧ ଣ ସ୍ତ୍ରୀ ଥିଲେ ।

୪୦ । ପୂର୍ବପରି ପୁଲିସକର୍ମଚାରୀମାନଙ୍କର ଶିକ୍ଷା ଚଳୁଅଛି ମାତ୍ର ମହୁମାବର ଗ୍ରାମ୍ୟ ବଙ୍ଗଳାଗବର୍ଣ୍ଣମେଣ୍ଟ ବନ୍ଦ କରି ପ୍ରଭୃତି ଅସ୍ଥମାନ ଦେବାକୁ ନାମଞ୍ଜୁର କରିବାରୁ ସେମାନଙ୍କୁ ସାଧାରଣ ଉପକାର୍ଯ୍ୟ ଶିକ୍ଷା ଦିଆଯାଇ ପାରୁ ନାହିଁ ।

ଜଙ୍ଗଲ ୪୧ । ବର୍ତ୍ତିତବର୍ଷ ମଧ୍ୟରେ ରକ୍ଷିତଜଙ୍ଗଲ ସୀମାନିର୍ଦ୍ଧାରଣକର୍ମ ଦ୍ରୁତବେଗରେ ହୋଇଥିଲା ଅଧିକାଂଶ ରକ୍ଷିତ—ଜଙ୍ଗଲର ସୀମା ନିର୍ଦ୍ଧାରଣ କରା ଯାଇଥିଲା କେବଳ ବଡ଼ମାଳ ସାଲବଣୀ ଜଙ୍ଗଲର ସୀମାନିର୍ଦ୍ଧାରଣ ହେବାକାର୍ଯ୍ୟ ବାକି ରହିଅଛି । ବର୍ତ୍ତିତବର୍ଷରେ ଜଙ୍ଗଲଇଲାକାରୁ ଟ ୨୯୩୧ ୵୪ ଅମଦାନୀ ହୋଇଅଛି । ଏଥି ପୂର୍ବବର୍ଷ ଟ ୨୮୯୬।୵ ଅମଦାନୀ ହୋଇଥିଲା । ଏଥିରୁ ଜଙ୍ଗଲଆୟ କ୍ରମଶଃ ବୃଦ୍ଧି ହୋଇଥିବାର ଦେଖାଯାଏ ଏବଂ ଜଙ୍ଗଲବନ୍ଧକାର୍ଯ୍ୟ ବିପକ୍ଷରେ କୌଣସି କାହାରି ଆପତ୍ତି କରି ନାହିଁ । ଲୋକମାନେ ରକ୍ଷିତଜଙ୍ଗଲ ଓ ବହୁମୂଲ୍ୟ କାଠମାନଙ୍କର ଅଟକ ହେବାର ଉପକାର ଏପରି ବୁଝିଅଛନ୍ତି କି କହୁଛନ୍ତି ସେମାନ ଅଟକ ରହିଲେ ଭବିଷ୍ୟତରୁ ସେମାନଙ୍କର ଉପକାରରେ ଆସିବ ।

ଜେଲ ୪୨ । ବର୍ତ୍ତିତବର୍ଷ ମଧ୍ୟରେ ମୋଟରେ ଜ ୧୦୬ ଣ ଅସାମୀ କାରାବଦ୍ଧ ହୋଇଥିଲେ । ଏମାନଙ୍କ ମଧ୍ୟରୁ ଜ ୧୦୩ ଣ ପୁରୁଷ ଏବଂ ଜ ୪ ଣ ସ୍ତ୍ରୀ ଥିଲେ । ମୋଟରେ ଜ ୮୮ ଣ କଏଦୀ ଖଲାସ ହୋଇଥିଲେ ଓ ଜ ୪ ଣ ଫେରାର ବା ପଳାୟନ କରିଥିଲେ ଏବଂ ଜ ୧୪ ଣ ବର୍ଷଶେଷକୁ ବାକି ଥିଲେ ।

୪୩ । ବର୍ତ୍ତିତବର୍ଷ ମଧ୍ୟରେ କଏଦମାନେ ମାଟିକର୍ମ, କାଠକର୍ମ, କାଉଁଶଚୁଣାକର୍ମ, ମେଷପାଳକର୍ମ, ଧାନକୁଟା, ଲୁଗାବୁଣାକର୍ମ, ତେଲପେଶା, କାଗଜକର୍ମ ଏବଂ ବଗିଚାକର୍ମରେ ନିଯୁକ୍ତ ଥିଲେ । ମୋଟରେ ଜେଲଖାନାରୁ ଟ ୬୫୪୵୧୧ ଅମଦାନୀ ହୋଇଅଛି ଓ ପୂର୍ବବର୍ଷ ଟ ୭୭୫ ହୋଇଥିଲା । ଜେଲଖାନାରେ କଏଦସଂଖ୍ୟା କମ ହେବୁ ଆୟ ଊଣା ହୋଇଅଛି ।

୪୪ । ଦେଶୀକାଗଜ ପ୍ରସ୍ତୁତକର୍ମ ଚଳୁଅଛି, ସେ କାଗଜର ବିକ୍ରି ଦରବାର ଦପ୍ତରରେ ଖର୍ଚ୍ଚ କରା ଯାଉଅଛି ।

୪୫ । ଜ ୭୨ ଣ ହାଜତି, ଜ ୧୯ ଣ ଦେଓାନୀକଏଦୀ ବର୍ଷମଧ୍ୟରେ ଜେଲକୁ ଆସିଥିଲେ ଏମାନଙ୍କ ମଧ୍ୟରୁ ସମସ୍ତେ ଖଲାସ ହୋଇ କେବଳ ଜ ୨ ଣ ହାଜତି ବର୍ଷଶେଷକୁ ବାକି ଥିଲେ ।

୪୬ । ଜେଲଇଲାକାରେ ନିଯୁକ୍ତ ଥିବା କର୍ମଚାରୀମାନଙ୍କ ବେତନ ଯଥା—

| | |
|---|---|
| ନେଟିବଡାକ୍ତର ଭାରପ୍ରାପ୍ତ ଜେଲର ମାସିକ | ଟ ୧୬୵ |
| ହେଡ୍ ଓ୍ୟାର୍ଡ଼ର ମାସିକ ବେତନ | ଟ ୬ |
| ଜ ୪ ଣ ଓ୍ୟାର୍ଡର ପ୍ରତ୍ୟେକେ ମାସିକ ବେତନ | ଟ ୪ |

ବର୍ଷମଧ୍ୟରେ ମୋଟରେ ଟ ୬୧୩।୵୪ ଖର୍ଚ୍ଚ ହୋଇଅଛି ।

୪୭ । ବର୍ତ୍ତିତ ବର୍ଷ ମଧ୍ୟରେ ଜେଲ କର୍ମଚାରୀମାନଙ୍କର ପରିଶ୍ରମ ଓ ଦାୟିତ୍ୱ ବିବେଚନାରେ ସେମାନଙ୍କର ବେତନ ବୃଦ୍ଧି କରାଯାଇଅଛି ।

ଶିକ୍ଷାବିଭାଗ ୪୮ । ଏକଗୋଟି ମଧ୍ୟମଶ୍ରେଣୀ ଗୋ ୩ ଟି ଅପରପ୍ରାଇମେରୀ ସ୍କୁଲ ଏ ରାଜ୍ୟରେ ଅବସ୍ଥିତ ଅଛି ଏମାନଙ୍କର ଛାତ୍ରସଂଖ୍ୟା ଜ ୨୦୧ ଣ ଅଟେ । ମଧ୍ୟମଶ୍ରେଣୀ ସ୍କୁଲର ବ୍ୟୟ ସମ୍ପୂର୍ଣ୍ଣରୂପେ ସରକାରରୁ ଦିଆଯାଏ ଏବଂ ଅପରପ୍ରାଇମେରୀ ସ୍କୁଲମାନଙ୍କ ବ୍ୟୟ ଆଂଶିକ ସରକାରରୁ ଏବଂ ଆଂଶିକ ଗ୍ରାମଦ୍ୱାରା ଚଳୁଅଛି । ମୋଟରେ ଟ ୫୪୧ କା ଏ ସ୍କୁଲମାନଙ୍କରେ ଖର୍ଚ୍ଚ ହୋଇଥିଲା ଏବଂ ଟ ୪୦୭ କା ଗୃହ ନିର୍ମାଣ ହୋଇଥିଲା । ଏଥର ବାହାରେ ପ୍ରଧାନତ ଏବଂ ଅପରଥର ଅଙ୍କ ଘଡ଼ରେ ନ ଥିବାରୁ ଏ ବଡେଶ୍ୱର ବଗିଚାକୁ ପରୀକ୍ଷାର ସୁପରିଣ୍ଟେଣ୍ଡେଣ୍ଟ ଭାର ଦିଆଯାଇଥିବା ସ୍ଥଳେ ସେଥିର ମଧ୍ୟରୁ ପରୀକ୍ଷା ହେବାର ନିର୍ଦ୍ଦିଷ୍ଟଦିନ ପୂର୍ବରୁ କଏଦ ଇନ୍‌ସ୍ପେକ୍ଟରଙ୍କଠାରୁ ନ ପହଞ୍ଚିବାରୁ ଅଗତ୍ୟା ମଧ୍ୟମଶ୍ରେଣୀପରୀକ୍ଷା ଦେଇଦେଲ । ସମସ୍ତ ଅପରପ୍ରାଇମେରୀ ସ୍କୁଲ ଛାତ୍ରମାନଙ୍କର ପରୀକ୍ଷା ହୋଇଅଛି ମାତ୍ର ଫଳ ଏପର୍ଯ୍ୟନ୍ତ ବାହାରି ନାହିଁ ।

ପାଠଶାଳା ୪୯ । ବର୍ତ୍ତିତବର୍ଷରେ ଗୋ ୪୬ ଟି ପାଠଶାଳାରେ ଜ ୫୬୫ ଣ ବାଳକ ବିଦ୍ୟାଶିକ୍ଷା କରୁଥିଲେ ଏ ପୂର୍ବବର୍ଷ ଗୋ ୫୨ ଟି ପାଠଶାଳାରେ ଗୋ ୪୫୩ ଟି ବାଳକ ଥିଲେ । ଯଦିଚ ଲୋକମାନେ ସେମାନଙ୍କର ବାଳକମାନଙ୍କୁ ଉପଯୁକ୍ତ ବିଦ୍ୟାଶିକ୍ଷା ଦେବାର କୌଣସି ଫଳ ବୁଝିପାରି ନାହାନ୍ତି ତଥାଚ ଉଚ୍ଚଶିକ୍ଷାର ପାଠଶାଳା କ୍ରମଶଃ ବୃଦ୍ଧି ହେବାର ଆଶା ଦେଖା ଯାଉଅଛି । ଗୋ ୩ ଟି ଆଦର୍ଶ ସ୍କୁଲ ସରକାରଙ୍କ ସାହାଯ୍ୟରେ ସ୍ଥାପିତ ହୋଇଅଛି । ବର୍ତ୍ତିତବର୍ଷରେ ଛାତ୍ର ପୁରସ୍କାର ଓ ଚର୍ମଶିକ୍ଷା ନିମନ୍ତେ ଟ ୧୪୬ କା ଖର୍ଚ୍ଚ ହୋଇଅଛି ଏବଂ ତତ୍ପୂର୍ବବର୍ଷ ଟ ୧୨୪ କା ଖର୍ଚ୍ଚ ହୋଇଥିଲା ।

ଅବକାଶ ୫୦ । ସମ୍ବଲପୁରଙ୍କର ଡେପୁଟିକମିଶନର ଓ ପୋଷ୍ୟପୁତ୍ର ଜଗଦେବ ସାମନ୍ତଙ୍କ ମଙ୍ଗଳବୃତ୍ତ କାର୍ଯ୍ୟମାନ ଜାକଜମକରୂପେ ଉତ୍ସବ ହୋଇଥିଲା ଏତଦ୍‌ବ୍ୟତୀତ ଅନ୍ୟ କୌଣସି ପ୍ରଧାନ ଘଟଣା ଘଟି ନାହିଁ । ସମ୍ବଲପୁରଙ୍କ ବିଦ୍ୟାଳୟ ଏକପ୍ରକାର ଚଳୁଅଛି । କିନ୍ତୁ ସରକାରଙ୍କର ସହିତଥିବା ଅନେକ ବ୍ୟାପାରଯୋଗୁଁ ତାହାର ବିଦ୍ୟାଶିକ୍ଷାର ଉନ୍ନତି ଦେଖାଯାଉ ନାହିଁ । ପୋଷ୍ୟପୁତ୍ର ଜଗଦେବ ସାମନ୍ତ ଉପଦେଶରେ ନାଏବଦିବସ ସ୍ୱରୂପ କାର୍ଯ୍ୟ କରୁଅଛନ୍ତି ଏବଂ ସାମାନ୍ୟ ମୋକଦମାମାନ ଅଳ୍ପ ମଧ୍ୟସ୍ଥରେ ବୁଝିଅଛନ୍ତି ସେ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀକାର୍ଯ୍ୟର ନେବାର କ୍ଷମ ହୋଇ ନାହାନ୍ତି ।

Gour Chandra Sen
Dewan.

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୨ ଶ
ସଂ ୩୨ ସଂଖ୍ୟା } ତା ୬ ଅଗ ମାହେ ଅଗଷ୍ଟ ସନ ୧୮୮୭ ଇଂରାଜୀ । ମୁ । ଶ୍ରାବଣ ର ୨୩ ଦିନ ସନ ୧୨୯୪ ସାଲ ଶନିବାର

{ ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦେୟ ଟ ୬୲

ଆଗାମି ଅର୍ଥାତ୍ ସନ ୧୮୮୮ ସାଲର ପ୍ରବେଶିକା, ଏଫ୍, ଏ ଓ ବି, ଏ ପରୀକ୍ଷାମାନ ମାର୍ଚ୍ଚମାସ ତା ୫ ରିଖ ଠାରୁ ଆରମ୍ଭ ହେବ ଏବଂ ପୂର୍ବପରି ପ୍ରଚଳିତ ଦୁଇଓଳି ଲେଖାଏଁ ପରୀକ୍ଷା ଗୃହୀତ ହେବ । ସନ ୧୮୯୦ ସାଲ ଠାରୁ ବିଦ୍ୟାଳୟମାନ ମାର୍ଚ୍ଚ ମାସ ପରୀକ୍ଷା ଉତ୍ତାରୁ ଜୁନମାସ ପର୍ଯ୍ୟନ୍ତ ବନ୍ଦ ହେବାର କଥା ହେଉଅଛି । ଏତେ ଛୁଟିରେ ପଢ଼ା ଭଲହେବ କି ?

---

ମଣିହଟ୍ଟା ଜାହାଜ ଜଳମଗ୍ନ ହେବା ବିଷୟରେ ଅଧିକ କିଛି ସମ୍ବାଦ ଏ ସପ୍ତାହରେ ମିଳି ନାହିଁ । ସରକାରୀସମ୍ବାଦରୁ ପ୍ରକାଶ ଯେ ଯାତ୍ରିଙ୍କ ମଧ୍ୟରେ କେବଳ ଏକଜଣ ସ୍ତ୍ରୀ ଓ ଦୁଇ ବାଳକ ଏବଂ ଜାହାଜର କର୍ମଚାରିଙ୍କ ମଧ୍ୟରେ ଜଣେ ଇଂରେଜ ଓ ଦୁଇଜଣ ଖଲାସି ଏପରି ଜ ୬ ଣ ମାତ୍ର ବଞ୍ଚିଅଛନ୍ତି ଓ ଦ୍ରବ୍ୟସବୁ ନଷ୍ଟ ହୋଇଅଛି । ପ୍ରକୃତରେ ଏତେଲୋକ ନଷ୍ଟ ହୋଇଥିଲେ ଭାଗ୍ୟର ବିଷୟ ବୋଲିବାକୁ ହେବ ।

---

ଆମ୍ଭମାନଙ୍କ ଲେଫଟେନାଣ୍ଟ ଗଭର୍ଣ୍ଣର ଉପଲକ୍ଷରେ ବର୍ଦ୍ଧମାନକୁ ଯାଇ ରାଜମାତା ଏବଂ ନାବାଳକ ରାଣୀଙ୍କ ସହିତ ସାକ୍ଷାତ କରି ବାବୁ ବନବିହାରୀ କାପୁରଙ୍କ ସନ୍ତାନଙ୍କୁ ପୋଷ୍ୟପୁତ୍ର କରିଇ ଦେବା ବିଷୟରେ ଆପଣା ମନ୍ତବ୍ୟ କଲିକତା ଗେଜେଟରେ ପ୍ରକାଶ କରିଅଛନ୍ତି । ତହିଁରୁ ଜଣାଯାଏ ଯେ ରାଜମାତାଙ୍କର ଏଥିରେ ଅସମ୍ମତି ଥିଲେହେଁ ରାଣୀଙ୍କ ଇଚ୍ଛା ଏବଂ ସରକାରୀ ଆଇନ ଉପଦେଷ୍ଟାଙ୍କ ପରାମର୍ଶମତେ ଗବର୍ଣ୍ଣମେଣ୍ଟ ଏହି ବାଳକକୁ ପୋଷ୍ୟପୁତ୍ର କରିବାର ଅନୁମତି ଦେଇଅଛନ୍ତି । ରାଜମାତା ଏଥର ଶାନ୍ତ ହେବେ କି ନାହିଁ ଜଣା ନାହିଁ ।

---

କଲିକତା ନଗରର ଗତବର୍ଷର ବାର୍ଷିକ ପୋଲିସବିବରଣୀରୁ ପ୍ରକାଶ ଯେ ଉକ୍ତ ବର୍ଷ ପ୍ରାୟ ନ ୮୦୦ ମର ଚୋରି ମୋକଦ୍ଦମା ହୋଇଥିଲା ଏବଂ ଟ ୧୧୯୨୫୯୲ ଙ୍କାର ମାଲ ଚୋରି ଯାଇଥିଲା । ତହିଁ ପୂର୍ବବର୍ଷରେ ଚୋରି ହୋଇଥିବା ଦ୍ରବ୍ୟର ମୂଲ୍ୟ ଟ ୯୨୬୦୫୲ ଙ୍କା ଥିଲା । ସୁତରାଂ ଚୋରିମାଲ ବୃଦ୍ଧି ହୋଇଅଛି ଜନ୍ତୁ ଏବର୍ଷ ଚୋରିମାଲ ଅଧେ ଫେରି ପାଇ ଯାଇଅଛି । ତହିଁ ପୂର୍ବବର୍ଷ ଅଧିକରୁ ଊଣାମାଲ ମିଳିଥିଲା । ଯେବେ ଚୋରମାନେ ଚୋରି କରିବା ମାଲମଧ୍ୟରୁ ଅଧେ ଲାଭ କରିପାରିଲେ ତେବେ ଚୋରି ବୃଦ୍ଧି ହେବ ନାହିଁ କି ? କଲିକତାର ପୋଲିସ ପ୍ରତି ଏକଥା ଭଲ ନୁହଇ ।

---

ବଙ୍ଗୀୟ ଶିକ୍ଷାବିଭାଗର ବ୍ୟୟ ବ୍ୟବସ୍ଥା କରିବା ନିମନ୍ତେ ଅଲ୍ପଦିନ ହେଲା ଗୋଟିଏ କମିଟୀ ବସିଥିଲା । ସେମାନଙ୍କ ପ୍ରସ୍ତାବମତେ ମାନ୍ୟବର ଲେଫଟେନାଣ୍ଟ ସାହେବ ଆଦେଶ କରିଅଛନ୍ତି କି ଜିଲ୍ଲାସ୍କୁଲର ଛାତ୍ରବେତନ ଭିଲ୍ଲିଖିତ ତାଲିକାଠାରୁ ଊଣା ହେବ ନାହିଁ । ଯଥା—

୧ ମ ଓ ୨ ୟ ଶ୍ରେଣୀରେ ଟ ୨୲, ୩ ୟ ଓ ୪ ର୍ଥ ଶ୍ରେଣୀରେ ଟ ୨ ଙ୍କା, ୫ ମରେ ଟ ୧୲ ୬ ଷ୍ଠରେ ଟ ୧। ୭ ଓ ୮ମରେ ଟ ୧ ଓ ୯ ମରେ ଟ ୦।୲ କେଉଁ ସ୍କୁଲକୁ ବାର୍ଷିକ କେତେ ଦିଆଯିବ । ତହିଁର ଖଣ୍ଡିଏ ତାଲିକା ବାହାରିଅଛି । ଓଡ଼ିଶାରେ କେବଳ ପୁରୀ ସ୍କୁଲର ବାର୍ଷିକ ସାହାଯ୍ୟ ଟ ୨୪୦୦ ଙ୍କାରୁ ଟ ୩୦୦୦ ଙ୍କାକୁ ବୃଦ୍ଧି ହୋଇଅଛି । ଅନ୍ୟଜିଲ୍ଲା ସ୍କୁଲମାନଙ୍କର କିଛି ଊଣା ଅଧିକ ହୋଇ ନାହିଁ ।

---

ଏ ନଗରରେ ଓଲାଉଠା ଊଣା ନ ହୋଇ ବରଂ ଏ ସପ୍ତାହ ଆରମ୍ଭରେ ବୃଦ୍ଧି ହେବାର ଦେଖା ଯାଇଥିଲା ଏବଂ ତହିଁରେ ଲୋକମାନେ ବିଶେଷ ଭୟାତୁର ହୋଇଥିଲେ ଏବଂ ସେଥିପାଇଁ ଝୂଲଣଯାତ୍ରା ଉପଲକ୍ଷରେ ଠାକୁରମନ୍ଦିର ମାନଙ୍କରେ ହେଉଥିବା ଯାତ୍ରା ଦେଖିବାକୁ ଅତି ଅଳ୍ପ ଯାତ୍ରୀ ବାହାରିଥିଲେ । କେବଳ ପୂର୍ଣ୍ଣିମା ସନ୍ଧରେ ଯାତ୍ରିଙ୍କ ସଂଖ୍ୟା କଥଞ୍ଚିତରୂପେ ହୋଇଥିଲା ମିଉନିସିପାଲିଟୀ ଦୁଇଜଣ ଠିକା ଡାକ୍ତର ନିଯୁକ୍ତକରି ନଗରମଧ୍ୟରେ ବୁଲି ଔଷଧ ଦେବାର ବନ୍ଦୋବସ୍ତ କରିଅଛନ୍ତି । ଠାକୁରାଣୀଅର୍ଚ୍ଚନା ଏବଂ ସଂକୀର୍ତ୍ତନ ଦାବେ ଦେଉଥିଲେହେଁ ଏସବୁ ଅନୁଚିତ ଅଧିକ ପରିମାଣରେ କରି ଲୋକଙ୍କ ଭୟ ଦୂର କରିବା କାରଣ ଜଣେ ପତ୍ରପ୍ରେରକ ପରାମର୍ଶ ଦେଇଅଛନ୍ତି । କାରଣ ଭୟରୁ ଏ ରୋଗ ବୃଦ୍ଧି ହୁଅଇ ।

---

Split by PDF Splitter



ଷ୍ଟେଟ ରଣପୁରର ସନ ୧୮୮୬।୮୭ ସାଲ ବାବତ ସାଧାରଣ ଶାସନସମ୍ପର୍କୀୟ ବିଜ୍ଞାପନୀ ଗତସପ୍ତାହରେ ପ୍ରକାଶିତ ହୋଇଥିଲା । ପାଠକମାନେ ତାହା ପାଠକରି ଅବଶ୍ୟ ବୁଝିଥିବେ ଯେ ଏ ଷ୍ଟେଟର ସକଳ ବିଭାଗର କାର୍ଯ୍ୟ ସୁନ୍ଦରରୂପେ ଚାଲୁଅଛି ଏବଂ ସକଳ ଦିଗରେ ଉନ୍ନତିର ଲକ୍ଷଣ ଦେଖା ଯାଉଅଛି । ଏଥି ସକାଶେ ଉକ୍ତ ଷ୍ଟେଟର ଦେୱାନ ବାବୁ ଗୌରଚନ୍ଦ୍ର ସେନ୍ ପ୍ରଶଂସାର ଯୋଗ୍ୟ ଅଟନ୍ତି ସନ୍ଦେହ ନାହିଁ । ବିଜ୍ଞାପନୀ ସକଳ ବିଷୟରେ ପୂର୍ଣ୍ଣ ଥିଲେ ହେଁ ଭୂମି ଓ ଅବକାରୀ ରାଜସ୍ୱ ଏବଂ ଦେୱାନୀ ଗଣନା ଓ ଫୌଜଦାରୀ ମୋକଦ୍ଦମାମାନଙ୍କର ପୂର୍ବବର୍ଷ ସହିତ ବର୍ତ୍ତିତ ବର୍ଷର ଅଙ୍କମାନ ତୁଳନା କରିବା କାରଣ ଲେଖାହୋଇ ନ ଥିବାରୁ ଏ ବିଷୟରେ ଅପୂର୍ଣ୍ଣତା ରହିଅଛି । ବିଶେଷତଃ ଏହି ଗୋଟିଏ ଷ୍ଟେଟରେ ଗୋ ୧୯ ଟା ମଦର ଦୋକାନ ଅମ୍ଭମାନଙ୍କୁ ଅଦ୍ଭୁତ ଜଣା ଯାଉଅଛି ଏବଂ ଚୋରୀ ଅପରାଧରେ କେତେଟଙ୍କାର ଦ୍ରବ୍ୟ ଅପହୃତ ଏବଂ ତହିଁ ମଧ୍ୟରୁ କେତେ ପୁନଃ ପ୍ରାପ୍ତ ହୋଇଅଛି ତାହା ପ୍ରକାଶ ନ ଥିବାରୁ ପୁଲିସ ଓ ଶାନ୍ତିରକ୍ଷା କାର୍ଯ୍ୟର ସମ୍ୟକ୍ ଅବସ୍ଥା ପ୍ରକାଶ ପାଉ ନାହିଁ । ଅମ୍ଭେମାନେ ଭରସା କରୁଁ ଭବିଷ୍ୟତରେ ଏହି ପ୍ରୟୋଜନୀୟ ବିଷୟମାନ ବିଜ୍ଞାପନୀରେ ସ୍ଥାନ ପାଇବ ।

---

ତଣାହଟ୍ଟା ସ୍କୁଲର ହେଡ଼ପଣ୍ଡିତ ଗତ ଶନିବାର ଉକ୍ତ ସ୍କୁଲଗୃହରେ ଗୋଟିଏ ସମିତି ପ୍ରତିଷ୍ଠା କରି ଅଭିମତରେ କରିଥିବାର ଜଣେ ପତ୍ରପ୍ରେରକ ଲେଖି ପଠାଇଅଛନ୍ତି । ଏ ସମିତିର ନାମ ଶିକ୍ଷାପ୍ରଦାୟିନୀସଭା ଦିଆ ଯାଇଅଛି ପ୍ରତି ଶନିବାର ଅପରାହ୍ଣରେ ଏଥିର ଅଧିବେଶନ ହେବ ଏବଂ ପତ୍ରପ୍ରେରକ ଆଶା କରନ୍ତି ଯେ ଏହାଦ୍ୱାରା ସ୍କୁଲବାଳକଙ୍କର ବିଶେଷ ଉଦ୍ୟୋଲାଭ ହେବ । ଅମ୍ଭେମାନେ ଏପରି ସଭାର ପକ୍ଷପାତୀ ନାହୁଁ ଏଥିରୁ ଅଭିମତରେ ମୋଫସଲ ବିଦ୍ୟାଳୟର ଶିକ୍ଷକମାନେ ନ ମାତି ଓ ପିଲାମାନଙ୍କୁ ନ ମତାଇ ପିଲାମାନଙ୍କୁ ସ୍କୁଲର ପାଠ୍ୟପୁସ୍ତକରେ ଉତ୍ତମରୂପେ ଶିକ୍ଷା ଦେବା ଓ ସର୍ବଦା ସେମାନଙ୍କ ଚରିତ୍ର ପ୍ରତି ଦୃଷ୍ଟି ରଖିବାରେ ଯତ୍ନବାନ୍ ହେଲେ ସେମାନେ ଆପଣା କର୍ତ୍ତବ୍ୟ ପାଳିବା ସଙ୍ଗେ୨ ପିଲାମାନଙ୍କର ଯଥାର୍ଥ ଉପକାର କରିବେ । ସଭା ସ୍ଥାପନଦ୍ୱାରା ଅଳ୍ପ ବୟସ୍କ ସ୍କୁଲଛାତ୍ରମାନଙ୍କର ଉପକାର ନ ହୋଇ ବରଂ ଅପକାର ହୁଅଇ । ସ୍କୁଲର ସମ୍ପାଦକ ଓ ପ୍ରଧାନ ଶିକ୍ଷକ ଯେବେ ସ୍ଥାନୀୟ ଭଦ୍ରଲୋକଙ୍କର ସାଧାରଣ ଶିକ୍ଷା ପ୍ରତି ଅନୁରାଗ ଓ ସହାନୁଭୂତି ଜନ୍ମାଇବା କାରଣ ସମୟ'ରେ ବିଦ୍ୟାଳୟସମ୍ପର୍କୀୟ ନାନା ପ୍ରସଙ୍ଗ ସେମାନଙ୍କ ନିକଟରେ କରିବେ ଓ କେବେ୨ ସେମାନଙ୍କୁ ସଭାକୁ ଆହ୍ୱାନ କରି ସେମାନଙ୍କର ପରାମର୍ଶ ଓ ସାହାଯ୍ୟ ନେଉଥିବେ ତାହା ହେଲେ ଉପକାରର ସମ୍ଭାବନା ଅଛି ମାତ୍ର ଏଥିପାଇଁ ବାହ୍ୟାଡମ୍ବରର ପ୍ରୟୋଜନ ନାହିଁ । ବିଚକ୍ଷଣତା ସହିତ ସ୍ଥାନୀୟ ଲୋକଙ୍କର ମନ ସ୍କୁଲଦିଗକୁ ଟାଣିବାର ଚେଷ୍ଟା କରିବା ଆବଶ୍ୟକ ତାହା ହେଲେ ସେମାନଙ୍କ ସାହାଯ୍ୟରେ ଅଧିକ ପିଲ ଶିକ୍ଷା କରିବାକୁ ଆସିବେ ଏବଂ ବିଦ୍ୟାଳୟର ଅଭାବମାନ ମଧ୍ୟ ପୂର୍ଣ୍ଣ ହେବ ।

---

ଗଞ୍ଜାମ ଜିଲ୍ଲାର ସରକାରୀ କଚେରୀମାନଙ୍କରେ ତେଲଙ୍ଗି ଭାଷା ଓ ତେଲଙ୍ଗି କର୍ମଚାରୀଙ୍କ ପ୍ରାଦୁର୍ଭାବ ହେବରୁ ସେଠା ଓଡ଼ିଆଙ୍କର ଯେଉଁ ଅବସ୍ଥା ହୋଇଅଛି ତାହା ପାଠକମାନଙ୍କୁ ଅବିଦିତ ନାହିଁ ଓ ସେଠା ଓଡ଼ିଆଙ୍କର ଏହି ଦୁଃଖ ସମ୍ବନ୍ଧରେ ଅମ୍ଭେମାନେ କ୍ରମାଗତ ପ୍ରେରିତପତ୍ରମାନ ପାଉଅଛୁଁ ଓ ଓଡ଼ିଶାର ଅପର ସମ୍ବାଦପତ୍ରରେ ମଧ୍ୟ ପ୍ରକାଶ ପାଉଅଛି ମାତ୍ର ଫଳ କିଛି ହେଉ ନାହିଁ । ଗଞ୍ଜାମ ପ୍ରକୃତରେ ଓଡ଼ିଆ ପ୍ରଦେଶ ଏବଂ ସେ ଜିଲ୍ଲା ଅନ୍ତର୍ଗତ ରାଜା ପ୍ରଜା ସମସ୍ତେ ଓଡ଼ିଆ ତେଲଙ୍ଗାଙ୍କର ଭାଗ ଅତ୍ୟନ୍ତ ଊଣା । ଏସ୍ଥଳେ ସେଠା କଚେରିମାନଙ୍କରେ ଓଡ଼ିଆଭାଷା ପ୍ରଚଳିତ ହେବା ଏବଂ ଶିକ୍ଷିତ ଓଡ଼ିଆଙ୍କୁ ସରକାରୀ କାର୍ଯ୍ୟରେ ନିଯୋଗ କରିବା ନିତାନ୍ତ ଆବଶ୍ୟକ ଓ ଯୁକ୍ତିସଙ୍ଗତ ଅଟଇ ସନ୍ଦେହ ନାହିଁ । ମାନ୍ଦ୍ରାଜର ବଡ଼ଲାଟ ଗବର୍ଣ୍ଣରଙ୍କ ନିକଟରେ ଗଞ୍ଜାମବାସିମାନେ ଏ ବିଷୟରେ ଆବେଦନ କରିଥିଲେ ମାତ୍ର ଫଳ ହେଲ ନାହିଁ ବୋଲି ନିରସ୍ତ ହେବାର ଉଚିତ ନୁହଇ । ନୂତନଗବର୍ଣ୍ଣରଙ୍କ ଠାରେ ପୁନର୍ବାର ଆବେଦନ କରିବା ଏବଂ ତହିଁ ସଙ୍ଗେ୨ ମାନ୍ଦ୍ରାଜର ପ୍ରଧାନ ସମ୍ବାଦପତ୍ରମାନଙ୍କରେ ଆନ୍ଦୋଳନ ଲଗାଇବାକୁ ଅମ୍ଭେମାନେ ଗଞ୍ଜାମବାସିଙ୍କୁ ପରାମର୍ଶ ଦେବା ଭିନ୍ନ ଅନ୍ୟ କିଛି କରି ନ ପାରୁଁ । ଯେସ୍ଥଳେ ଯୁକ୍ତି ଓ ନ୍ୟାୟ ସେମାନଙ୍କ ସପକ୍ଷରେ ଅଛି ସେସ୍ଥଳେ ଗବର୍ଣ୍ଣମେଣ୍ଟ ଅବଶ୍ୟ ସେମାନଙ୍କର ପ୍ରାର୍ଥନା ଶୁଣିବେ ସନ୍ଦେହ ନାହିଁ କେବଳ ପୁନଃ୨ ଚେଷ୍ଟା କରିବା ଏବଂ ଫଳଲାଭ ନ ହେବା ପର୍ଯ୍ୟନ୍ତ ଦୃଢ଼ରୂପେ ତହିଁରେ ଲାଗିରହିବାର ଉଚିତ । ଶାସନକର୍ତ୍ତାମାନେ ସେମାନଙ୍କ ଦୁଃଖ ହୃଦୟଙ୍ଗମ କରି ପାରିଲେ ପ୍ରତୀକାର କରିବାକୁ ବିଳମ୍ବ କରିବେ ନାହିଁ ।

---

—କଟକ ଏକାଡେମି ସମ୍ପର୍କରେ ଅମ୍ଭେମାନେ ଯାହା ଲେଖିଥିଲୁଁ ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଗତ ନବସମ୍ବାଦର ଏକ ପ୍ରବନ୍ଧରେ ପ୍ରଚାରିତ ହୋଇଅଛି । ଏପ୍ରବନ୍ଧର ଲେଖକ କିଏ ଓ ସେ କିପରି ମିଥ୍ୟା ଥିବାର ଜାଣିଲେ ପ୍ରକାଶ ନାହିଁ । କିନ୍ତୁ ନବସମ୍ବାଦର କାର୍ଯ୍ୟଦକ୍ଷ ବାବୁ ସାଧୁଚରଣ ରାୟ ଏକାଡେମିର ଜଣେ ଶିକ୍ଷକ ଥିବା ପ୍ରତ୍ୟକ୍ଷେ ଅବଶ୍ୟ ଜାଣିଅଛନ୍ତି ଯେ ଏକାଡେମିର ଦୁଇଜଣ ଛାତ୍ର ଧର୍ମତ୍ୟାଗୀ ହେବାରୁ ଅପର ଏକ ଛାତ୍ରର ଅଭିଭାବକ ଧର୍ମନାଶ ଭୟରେ ଆପଣାପିଲାର ନାମ କଟାଇ ନେଇଅଛନ୍ତି ଏବଂ ଧର୍ମତ୍ୟାଗୀ ଛାତ୍ରଙ୍କ ମଧ୍ୟରୁ ଏକଜଣର ପିତା ତାହାର ନାମ କଟାଇବା ନିମିତ୍ତ ସ୍ୱୟଂ ଜଏଣ୍ଟଇନସ୍ପେକ୍ଟରଙ୍କ ଠାରେ ପ୍ରାର୍ଥନା କରିଥିଲା ମାତ୍ର ତାହାର ସେ ବିଷୟରେ କିଛି ଅଧିକାର ନ ଥିବାର କହିଲେ ଏବଂ ପିଲ ବୃତ୍ତି ପାଉଥିବାରୁ ବାପର କଥାରେ ଆସ୍ଥା ନ କରିବାରୁ ସେ ନିରସ୍ତ ହୋଇ ଫେରି ଗଲା । ଏମନ୍ତ ହୋଇପାରେ ଯେ ଲିଖିତ ମାତ୍ରରେ ଯାହା ପ୍ରକାଶ ହେଲ ସାଧୁବାବୁ ତାହା ଦେଖି ନ ଥିବେ ଅଥବା ସେ ଘଟନା କିଛି ଅନୁସନ୍ଧାନ କରି ନ ଥିଲେ କିନ୍ତୁ ପ୍ରକାଶହେବା ଉତ୍ତାରୁ ଅବଶ୍ୟ ଜାଣିଥିବେ ଅତଏବ ଅମ୍ଭେମାନେ ଭରସା କରୁଁ ସେ ଶୀଘ୍ର ଏ ବିଷୟ ସଂଶୋଧନ କରିବେ । ଯେବେ ଆପଣା ସମ୍ବାଦପତ୍ରରେ ମିଥ୍ୟାକଥା ପ୍ରକାଶ ହେବାର ଜାଣି ତହିଁର ସଂଶୋଧନ ନ କରିବେ ତେବେ ସତ୍ୟର ଆଦର କରିବା ପ୍ରକାଶ ପାଇବ କି ? କେବଳ ପତ୍ରିକାର ଶିରରେ "ସତ୍ୟମେବ ଜୟତେ" ଲେଖିଦେବା ଯଥେଷ୍ଟ ନୁହଇ । କାର୍ଯ୍ୟଦ୍ୱାରା ସତ୍ୟର ମର୍ଯ୍ୟାଦା ରକ୍ଷିବା ଉଚିତ ଜାଣି ଶୁଣି ଅଥବା ଉପଯୁକ୍ତ ଅନୁସନ୍ଧାନ ନ କରି ପ୍ରବନ୍ଧଲେଖକ ତାହାରି ମିଥ୍ୟାବାଦୀ ହୋଇବା କେମନ୍ତ ଶୃଙ୍ଖଳାଦିର କରିବୁଁ ସହଯୋଗୀ ତାହା ଅନୁଭବ କରିବେ

Digitized by srujanika@gmail.com

ଏବଂ ଆମ୍ଭମାନଙ୍କୁ ଅନାବଶ୍ୟକ ଲେଖିବା ନିମିତ୍ତ ବାଧ୍ୟ କରିବେ ନାହିଁ ।

———

ଶ୍ରୀ କାଳକୃଷ୍ଣ ସରକାରଙ୍କ ପ୍ରକାଶିତ ଖଳକଣ୍ଟକ ନାମରେ ଖଣ୍ଡିଏ କ୍ଷୁଦ୍ରପୁସ୍ତକ ଆମ୍ଭେମାନେ ଉପହାର ପାଇଥିବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ । ଏଥିରେ ରାଗରାଗିଣୀ ଓ ତାଳସହିତ ମୋଟ ୨୨ ଟା ଧର୍ମସଙ୍ଗୀତ ଓ ଗୋଟିଏ ଚୌତିଶା ଲେଖା ଅଛି । ପ୍ରକାଶକ ବିଜ୍ଞାପନରେ ଲେଖିଅଛନ୍ତି କି "ଅସ୍ମତ୍ ଦ୍ୱାଙ୍କିତ ଖଳକଣ୍ଟକାଖ୍ୟ ଭଜନାବଳୀ କେହିଁ ବାହାର ହୋଇଲେ ଅତ୍ୟୁକ୍ତି ହେବ ନାହିଁ । ଏହା ପୂଜ୍ୟପାଦ ମହାତ୍ମା ଶ୍ରୀ ବୈକୁଣ୍ଠମହାପାତ୍ରକର୍ତ୍ତୃକ ବିରଚିତ ।" ପ୍ରକାଶକ ବିବିଙ୍କର ବିଶେଷ ପରିଚୟ କିଛି ନ ଦେଇ ପୂଜ୍ୟପାଦ ମହାତ୍ମାରୂପ ସମ୍ମାନସୂଚକ ପଦର ଉଲ୍ଲେଖ କରିବାରୁ ତାହା କେତେଦୂର ସ୍ୱରୂପ ବର୍ଣ୍ଣନା ହୋଇଅଛି ଆମ୍ଭେମାନେ ସ୍ଥିର କରିପାରୁ ନାହୁଁ ବରଂ ଏତାଦୃଶ ବ୍ୟକ୍ତି ଏତେକାଳ ଗୁପ୍ତଭାବରେ ରହିଅଛନ୍ତି ଏହା ଆମ୍ଭେମାନେ ଆଶ୍ଚର୍ଯ୍ୟ ମଣୁଅଛୁଁ । ଆଉ ତାହାଙ୍କର ଭଜନାବଳୀ କେହୁଁ ବାହାର ବୋଲି ଯାହା ଲେଖା ହୋଇ ଅଛି ତହିଁର ଅର୍ଥ କେତେକୁ ବାହାରିଥିବାର କ କେତେକୁ ଭଲ ସ୍ପଷ୍ଟ ବୁଝା ଯାଉ ନାହିଁ । କେତେ ଗୀତରେ ଶଙ୍କରଭେଦ ଏବଂ ଅପର କେତେ ଗୀତରେ ଯେଉଁମାନେ ପ୍ରଦେଶରେ ସତସଙ୍ଗୀ ବ୍ରହ୍ମଜ୍ଞାନୀ ବୋଲନ୍ତି ସେମାନଙ୍କର ବ୍ୟବହୃତ ଶବ୍ଦମାନ କ ଯହିଁର ଯଥାର୍ଥ ମର୍ମ ଅଦ୍ୟାପି ସାଧାରଣରେ ପ୍ରକାଶିତ ହୋଇ ନାହିଁ ଓ ମୂର୍ଖ୍ୟାଙ୍କର ସାହାଯ୍ୟ ନେଇ ତାହିଁ ପ୍ରୟୋଗ ହୋଇଥିବାରୁ କବି ସେହି ଦଳଭୁକ୍ତ ବ୍ୟକ୍ତି ବା ମତାବଲମ୍ବୀ ଥିବାର ପ୍ରକାଶ ପାଉଅଛି । ଗୀତଗୁଡିକର ଶବ୍ଦ ବିନ୍ୟାସ ମନ୍ଦ ହୋଇ ନାହିଁ ବୋଧ ହୁଅଇ ତାଳ ରାଗିଣୀରେ ଗାଇବାକୁ ଉତ୍ତମ ଅଛି ମାତ୍ର ଭାଷା ଓ ଭାବର ଶୁଦ୍ଧତା ରକ୍ଷା କରିବା ବିଷୟରେ କବି ବିଶେଷ ମନୋଯୋଗୀ ହୋଇଥିବାର ପ୍ରକାଶ ପାଉ ନାହିଁ । ପ୍ରଥମ ସଙ୍ଗୀତରେ ଅନୁରାଗ ପ୍ରଧାନ ରାବଣର ବିଷୟ ବୋଲି ବର୍ଣ୍ଣିତ ହୋଇ ତହିଁରୁ ଅଯଶ ପ୍ରଚୁର ହେବାର ଲେଖା ଅଛି । ଯହିଁରୁ ଅଯଶ ଜାତ ହୁଅଇ ତାହା କି ରାବଣର ବିଷୟ ? ୧୯ ଓ ୨୦ ଗୀତରେ ଜୀବ ଜୀବନର କ ପ୍ରଭେଦ ଓ ଏଏ କାହାକୁ କହୁଅଛି ନିଶ୍ଚୟ କରିବା କଠିନ । ଯାହା ହେଉ କବିଙ୍କର ପରମାର୍ଥ ଉତ୍ସାହ ଦେଖି ଆମ୍ଭମାନଙ୍କର ଆଶା ହେଉଅଛି ଯେ ଭାଷା ଓ ଭାବପ୍ରତି ଦୃଷ୍ଟି ରଖିଲେ ଭଲ କବିତା କରିପାରିବେ ।

———

ଶ୍ରୀ ୱାମସ୍ ସାହେବ ।

ଏ ମହାଶୟ ଗବର୍ଣ୍ଣମେଣ୍ଟଙ୍କୁ ନ ଜଣାଇ ଟଙ୍କା କରଜ ନେଇଥିବାରୁ ଅମୃତବଜାରପତ୍ରିକା ଏହାଙ୍କର ଦୋଷ ସର୍ବସାଧାରଣରେ ପ୍ରକାଶ କରି ଦେଇଥିଲେ । ତହିଁରେ ଏହାଙ୍କୁ କୈଫିୟତ ତଲବ ହେବାରେ କ ଉତ୍ତର ଦେଲେ ଏବଂ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ କ ପତ୍ର ଲେଖି ପଠାଇଲେ ସେମାନ ପ୍ରକାଶ ନ ହୋଇ କେବଳ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ଶେଷ ନିଷ୍ପତ୍ତି ସମ୍ବଳିତ ଖଣ୍ଡିଏ ପତ୍ର ପ୍ରକାଶିତ ହୋଇଅଛି । ଏଥିରୁ ପ୍ରକାଶ ଯେ ୱାମସ୍ ସାହେବ ସନ ୧୮୬୭ ସାଲରେ ଚମ୍ପାରଣର ଏବଂ ସନ ୧୮୭୬ ସାଲରେ କଟକର ମାଜିଷ୍ଟ୍ରେଟ ଥିବା ସମୟରେ ଯେଉଁମାନଙ୍କଠାରୁ ଟଙ୍କା କରଜ କରିଥିଲେ ସେମାନେ ତାହାଙ୍କର ଏଲାକାର ଲୋକ ନ ଥିବା ଓ ସେସବୁ ଋଣ ଆଦାୟ ହୋଇଥିବା ଏବଂ ପ୍ରକାଶ ଭାବରେ ନିଆ ଯାଇଥିବାର ଲେଖିବାରୁ ବଙ୍ଗୀୟ ଲେଫ୍ଟେନାଣ୍ଟ ଗବର୍ଣ୍ଣର ସର୍ ଷ୍ଟୁଆର୍ଟ ବେଲି ସାହେବ ତହିଁରେ ସନ୍ତୁଷ୍ଟ ହୋଇ ଗବର୍ଣ୍ଣମେଣ୍ଟଙ୍କର ଆଉ କିଛି କରିବାର ଆବଶ୍ୟକ ନାହିଁ ବୋଲି ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଲେଖିଲେ ମହାମାନ୍ୟ ଗବର୍ଣ୍ଣରଜେନରଲଙ୍କ ବିବେଚନାରେ ଉଚ୍ଚିତ କର୍ମଚାରୀଙ୍କର କୌଣସିମତେ ଦେଶୀୟ ଲୋକଙ୍କଠାରୁ କରଜ ନେବା ଉଚିତ ନ ହେଲେହେଁ ଲେଫ୍ଟେନାଣ୍ଟଙ୍କ ଅନୁରୋଧରେ ଐକ୍ୟ ହେଲେ । ତଦୁତ୍ତରୁ ହୁଗୁଳିର ଉମେଶଚନ୍ଦ୍ର ମଣ୍ଡଳ ଏବଂ ଢାକାର ଶ୍ରୀନାଥ ରାୟ କମ୍ପାନୀର ୱାମସସାହେବଙ୍କ ଟଙ୍କା କରଜ କରିବା ସମ୍ପର୍କରେ ଲେଫ୍ଟେନାଣ୍ଟ ଲେଖି ପଠାଇଲେ କ କରଜ ନେବା ସମୟରେ ଏମାନେ ୱାମସ୍ ସାହେବଙ୍କ ଅଧୀନରେ ନ ଥିଲେହେଁ ପଶ୍ଚାତ୍ ଯେତେବେଳେ ଢାକାର ଓ ବର୍ଦ୍ଧମାନର କମିଶ୍ନର ହେଲେ ସେତେବେଳେ ନିୟମାନୁସାରେ ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କଲେ ନାହିଁ । କିନ୍ତୁ ତହିଁସଙ୍ଗେ ସେ ଏହିପରି ମନ୍ତବ୍ୟ ବ୍ୟକ୍ତ କଲେ କ ୱାମସ୍ ସାହେବ ନିୟମ ଭଙ୍ଗ କରିଥିଲେହେଁ ତାହାଙ୍କର ସରଳତା ଏବଂ ଟଙ୍କା କରଜ କରିବା ଦ୍ୱାରା ସରକାରୀ କାର୍ଯ୍ୟ ବିଚଳିତ ହେବାର କୌଣସି ସନ୍ଦେହ ହେଉ ନାହିଁ ଏବଂ ତାହାଙ୍କ ଉନ୍ନତି ଓ ଯୋଗ୍ୟତାର ପ୍ରଶଂସା କରି ଲେଖିଲେ ଯେ ତାହାଙ୍କର ଋଣ କରିବାର କାରଣ ଅପବ୍ୟୟ ନୁହଇ । ଏହି ସମସ୍ତ ବିଷୟ ବର୍ଣ୍ଣନାକର ମହାମାନ୍ୟ ଗବର୍ଣ୍ଣରଜେନରଲ କହୁଅଛନ୍ତି କ ସେସବୁ ଦୃଷ୍ଟିରେ ୱାମସ୍ ସାହେବଙ୍କ ଦୋଷ ଅତ୍ୟନ୍ତ କଠିନ ନ ହେବା ଏବଂ ଲେଫ୍ଟେନାଣ୍ଟ ତାହାଙ୍କ ଯୋଗ୍ୟତା ଓ ସରଳତାର ପ୍ରଶଂସା କରିବାରୁ ନିୟମାନୁସାରେ ସେ କର୍ମଚ୍ୟୁତ ହେବାର ଦଣ୍ଡ ଦେବେ ନାହିଁ । ଅତଏବ ଲର୍ଡ ଡଫରିନ ସାହେବ ତାହାଙ୍କୁ ତିରସ୍କାର କରି ବୋର୍ଡ ରେଭିନ୍ୟୁ ମେମ୍ବରରୁ ଅନ୍ତର କରି ଯେଉଁ ଜିଲ୍ଲାରେ ତାହାଙ୍କର କେହି ମହାଜନ ନ ଥିବ ସେ ଜିଲ୍ଲାକୁ ବଦଳି କରିବା ନିମିତ୍ତ ଲେଫ୍ଟେନାଣ୍ଟଙ୍କ ପ୍ରତି ଆଦେଶ କଲେ ।

ଉପରଲିଖିତ ବିବରଣରୁ ପାଠକମାନେ ଦେଖିବେ ଯେ ୱାମସ୍ ସାହେବ ପ୍ରଥମରୁ ତାହାଙ୍କର ସମସ୍ତ ମହାଜନଙ୍କର କଥା ଗବର୍ଣ୍ଣମେଣ୍ଟଙ୍କୁ ନ ଜଣାଇ ଲୁଚାଇ ରଖିଲେ ଏବଂ ଯେଉଁ ମହାଜନଙ୍କର ନାମ ଅମୃତବଜାରପତ୍ରିକା ଲେଖିଥିଲେ ତାହାଙ୍କ ସମ୍ବନ୍ଧରେ ସୁଦ୍ଧା ପ୍ରକୃତ କଥା ଜଣାଇଲେ ନାହିଁ । ସେ ଯାହା ଲେଖିଲେ ଲେଫ୍ଟେନାଣ୍ଟ ସାହେବ ତାହା ବିନା ଅନୁସନ୍ଧାନରେ ବିଶ୍ୱାସ କଲେ ଓ ତହିଁରେ ସନ୍ତୁଷ୍ଟ ହେଲେ । ପଶ୍ଚାତ୍ ଉମେଶବାବୁ ପ୍ରଭୃତି ମହାଜନଙ୍କ ସମ୍ବନ୍ଧରେ ୱାମସ୍ ସାହେବଙ୍କ ଦୋଷ ପ୍ରକାଶ ପାଇଲେ ସୁଦ୍ଧା ଲେଫ୍ଟେନାଣ୍ଟ ତାହାଙ୍କର ଦୋଷ ନ ଧରି ବରଂ ପ୍ରଶଂସାକରି ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ କ୍ଷମା ସକାଶେ ଲେଖି ପଠାଇଲେ । ଯେବେ ୱାମସ୍ ସାହେବ ପ୍ରଥମରୁ ଆପଣାର ସମସ୍ତ ଦୋଷ ଗବର୍ଣ୍ଣମେଣ୍ଟଙ୍କୁ ନ ଜଣାଇଲେ ତେବେ ତାହାଙ୍କର ସରଳତା ଓ ସ୍ପଷ୍ଟବାଦିତା କେଉଁଠାରେ ରହିଲା ? ଏଥିରୁ ସ୍ପଷ୍ଟ ପ୍ରକାଶ ଯେ ଲେଫ୍ଟେନାଣ୍ଟ ସର ଷ୍ଟୁଆର୍ଟ ବେଲି ସାହେବ ନିରପେକ୍ଷଭାବରେ କାର୍ଯ୍ୟ କରିବାକୁ ସମର୍ଥ ହୋଇ ନାହାନ୍ତି ୱାମସ୍ ସାହେବ ଉଚ୍ଚ କର୍ମଚାରୀ ବୋଲି ସେ ଯାହା କହିଲେ ତହିଁରେ ବିଶ୍ୱାସ କରିବାରୁ ସେ ଆପଣାକୁ ବିଚକ୍ଷଣ ରୁଲର୍ ବୋଲି ପରିଚୟ ଦେଇ ପାରି ନାହାନ୍ତି ଅଥବା ଅନ୍ୟ କାର୍ଯ୍ୟରେ ତାହାଙ୍କର ଯୋଗ୍ୟତା ଦେଖାଯିବା ସ୍ଥଳେ ଏସ୍ଥଳର ତ୍ରୁଟି ହେବାରୁ ବୋଲାଯିବ ଯେ ଜାତୀୟ ମମତା ତାହାଙ୍କୁ ଛାଡି ନାହିଁ କ ଯେଉଁ ମମତା ନ ଛାଡଲେ ଭାରତବର୍ଷର କେହି

ଶାସନକର୍ତ୍ତା ସୁଖ୍ୟାତି ଲଭ ପାଇବ ନାହିଁ । ଏହିପରି ଘଟନା ଦେଖିଲେ ମନେ ହୁଏ ଯେ କୌଣସି ସିଭିଲିୟାନଙ୍କୁ ଶାସନକର୍ତ୍ତା ପଦରେ ନିଯୁକ୍ତ କରିବା ଉଚିତ ନୁହଇ । ବର୍ତ୍ତମାନସ୍ଥଳରେ ଲର୍ଡ ଡଫରିନଙ୍କ ସୁବିଗ୍ରହ ହେତୁ ଗ୍ରାମସ୍ ସାହେବ ଦଣ୍ଡ ପାଇଲେ ନତୁବା ବାଣ୍ଡିକୁ ଯୋଗ୍ୟତା ଦେଖାଇ ସବୁ ଦୋଷ ଘୋଡାଇ ନେଇଥାନ୍ତେ । ବର୍ତ୍ତମାନ ସୁଦ୍ଧା ଭାଗଲପୁରରୁ ପଠାଇ ଲେପ୍ଟେନାଣ୍ଟ ଭ୍ରମ କରିଅଛନ୍ତି । କାରଣ ସେଠାର ଧନପତି ବଡ ଜମିଦାର ଓ ଲକ୍ଷପତି ଲୋକମାନେ ଗ୍ରାମସ୍ ସାହେବଙ୍କର ମହାଭକ୍ତ ଅଛନ୍ତି । ଅବଶେଷରେ ବକ୍ତବ୍ୟ ଏହିକି ଗ୍ରାମସ୍ ସାହେବ କଟକରେ ଥିବା ସମୟରେ ଅପଣା ଏଲକା ଲୋକଙ୍କଠାରୁ କର୍ଜ ନେବାର ଯାହା ଲେଖାଅଛୁ ତାହା ଠିକ ନୁହଇ କାରଣ ସେଠାରେ ସେ ଯାହାଙ୍କଠାରୁ କରଜ ନେଇଥିଲେ ତହିଁମଧ୍ୟରୁ ରାଜା ବଗମ୍‌ବନ୍ଦି ପଞ୍ଚାମୁଣ୍ଡେଇର ଜମିଦାର ବାବୁ ପ୍ରବଳଚନ୍ଦ୍ର ମଣ୍ଡଳ ଏଠାର ଜଣେ ବଡ ଜମିଦାର ଓ ଗ୍ରାମସ୍ ସାହେବଙ୍କ ଠାରୁ ଗୃହକର କାଷ୍ଟ୍ରସଟ ନେଇଥିଲେ । ଏବଂ ବାଜ ଅବଦୁଲ୍ ରହିମାନ ମୁଣ୍ଡା ମଧ୍ୟ ଏଠାରେ ଗୃହଳ ଉତ୍ପାଦ ଦ୍ରବ୍ୟର କାରବାର ଏବଂ ଲମକ କଣ୍ଟ୍ରାକ୍ଟର ଥିଲେ । ଗ୍ରାମସ୍ ସାହେବ ଏ ଆମାନ ଅପଣା କଇଫିୟତରେ ଲେଖିଥିଲେ ସେ ବେଙ୍ଗଲବାଦାରଙ୍କଠାରୁ କରଜ କରିଥିବାର ଶ୍ରେଷ୍ଠଲାଟ ସାହେବ କହି ନ ଥାନ୍ତେ ।

---

# ସାପ୍ତାହିକ ସଂବାଦ ।

ଅସ୍ମାନଙ୍କ କମିଶ୍ନର ମେଟକାଫ ସାହେବ ଅଦ୍ୟ ରଜଧାନୀ ଛାଡି କଲିକତାକୁ ଯାତ୍ରା କରିବେ ଏବଂ ସେଠାରେ ପଞ୍ଚମ ଏକାଉଂ କମିଶ୍ନରଙ୍କ ଚାର୍ଜ ଦେବେ ।

ଅଢ଼ବାର ପ୍ରାପ୍ତ ସମ୍ବାଦ ଅବାଶ ମେସାହବ ହୋଇଥିଲେହେଁ ଗତ ବୁଧବାର ସନ୍ଧରେ ପରିଷ୍କାର ହେବାରୁ ଚନ୍ଦ୍ରଗ୍ରହଣ ଉତ୍ତମରୂପେ ଦେଖା ଯାଇଥିଲା । ଦୁଇପ୍ରହର ସୋମବାର ଭରକୁ ଗ୍ରହଣ ଅଳ୍ପ ହୋଇ ସାଢ଼େ ଚାରିଘଡି ବେଳେ ଛାଡିଲା ।

ସ୍ୱର୍ଗତ ବାହୁପରାର୍ଥର ଅନ୍ନଦାନ ଓ ଉତ୍ତାଙ୍କ ଦୃଷ୍ଟାନ୍ତକ କେଶବଶୁକ୍ଳ ନିୟମାବଳୀର ସମସ୍ତ ଓଡ଼ିଆ ଅନୁବାଦ ଏଠାର ମାଜିଷ୍ଟ୍ରେଟଙ୍କ ନିକଟରୁ ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏହି ଶସ୍ତା ନିୟମାବଳୀ ୭ ସପ୍ତାହ ଭିତରୁ କଟକର ହେବ ବୋଲି ଗତ ଫେବ୍ରୁଆରିମାସରେ ଗବର୍ଣ୍ଣମେଣ୍ଟ ବିଜ୍ଞାପନ ଦେଇଥିଲେ । ଏତେ ବିଳମ୍ବରେ ଅସ୍ମାନଙ୍କ ନିକଟକୁ ପ୍ରେରଣ ହେବାର ମର୍ମ ଆମ୍ଭେ ବୁଝି ପାରନ୍ତୁ ନାହିଁ ।

ଗତ ମଙ୍ଗଳବାର ସକାଳେ ବାବୁ ନନ୍ଦକିଶୋର ଦାସଙ୍କର ଜ୍ୟେଷ୍ଠପୁତ୍ର ଶ୍ରୀ ଯୁଗଳକିଶୋର ଦାସ ଯେ କି ଏହିବର୍ଷ ବି, ଏ, ଅନର ପାସ କରିଅଛନ୍ତି ସୋଲ୍ଳାଡଗି ବୁଲୁଥିବା ସମୟରେ ହଠାତ ଟେକାକ ଛାଡ଼ିଯିବା ହେତୁ କଣ୍ଠଉପର ଭାତାଶେଷ ଦୂର ଛଅଢ଼ାଡ଼ ଲାଗି ଯାଇଅଛି । ସୁଜସ ସୁପ୍ରିଣ୍ଟେଣ୍ଡ ଫାଦ ସାହେବ ଏହି ଦୁର୍ଘଟନା ଦେଖି ସେଠାରେ ଉପସ୍ଥିତ ହୋଇ ଯୁଗଳକିଶୋରବାବୁଙ୍କୁ ଡାକ୍ତରଖାନାକୁ ପଠାଇଦେଇ ତାହାଙ୍କ ପିତାଙ୍କୁ ସମ୍ବାଦ ଦେଲେ ।

ବାବୁ ଚନ୍ଦ୍ରଭୂଷଣ ପଣ୍ଡା ଏମ୍, ଏ, ବି, ଏଲ୍ ଅସ୍ଥାୟୀ ଭାବରେ ଏଠାକାର ଜଜ କଲେଜର ପ୍ରିନ୍ସିପାଲ ପଦରେ ନିଯୁକ୍ତ ହୋଇଅଛନ୍ତି ।

ମାତାଙ୍ଗାର ବାବୁ ସୀତାନାଥ ବସୁ ଦୁଇଜଣର ଦଙ୍ଗାହଙ୍ଗା ମୋକଦ୍ଦମାରେ ଶ୍ରୀଯୁକ୍ତ ପିଟର ସାହେବଙ୍କ ବିଚାରରେ ଏକମାସ ଏବଂ ତଦନନ୍ତର କାରାଦଣ୍ଡ ପାଇଅଛନ୍ତି । ଏହି ଦଣ୍ଡଦାନରେ ଶ୍ରୀଯୁକ୍ତ ଜଜ ସାହେବଙ୍କ ନିକଟରେ ମୋସନ କରି ଜାମିନର ପ୍ରାର୍ଥନା କରିଥିଲେ ମାତ୍ର ଜାମିନ ହୋଇ ନାହିଁ ।

ତେଙ୍କାନାଳରୁ ଏକବ୍ୟକ୍ତି ଲେଖିଅଛନ୍ତି କି ବାବୁ ନନ୍ଦକିଶୋର ଦାସ ସେଠାରେ ଥିବା ସମୟରେ ପାଇକମାନ ଭାଇ ପ୍ରଜା ସ ୭ ର ଦାଗ ଧରି ବଡ ସମାରୋହ ସହିତ ସେଠାକୁ ଆସିଥିଲେ । ଫକୀରମୋହନ ବାବୁଙ୍କ ନ ରହିବା ତାହାଙ୍କର ଉଦ୍ଦେଶ୍ୟ ଥିବାର ଜଣାପଡୁଅଛି ।

ଯାଜପୁରର ସମ୍ବାଦଦାତା ଲେଖିଅଛନ୍ତି ଯେ ମିଉନିସିପାଲଟୀର ଦୃଷ୍ଟି ଅଭାବରୁ ସେଠାର କେତେକ ରାସ୍ତା ଅତ୍ୟନ୍ତ କଦର୍ଯ୍ୟ ହୋଇଅଛି ଏବଂ ଏଥିପ୍ରତି ମନୋଯୋଗୀ ହେବାନିମିତ୍ତ ଚେୟାରମ୍ୟାନଙ୍କୁ ଅନୁରୋଧ କରିଅଛନ୍ତି ।

ଯାଜପୁରର ହେଡ଼ମାଷ୍ଟର କର୍ମ ତ୍ୟାଗକରିବାର ଇଚ୍ଛା ପ୍ରକାଶ କରିବାରୁ ଉକ୍ତ କର୍ମରେ ଅନ୍ୟ ଏକ ବ୍ୟକ୍ତିଙ୍କୁ ନିଯୁକ୍ତ କରିବା କାରଣ ସ୍କୁଲର କମିଟି ଉପସ୍ଥିତ ଏଥିମଧ୍ୟରେ ସେ ଅସି ତତ୍‌ପଦର କର୍ମ ବର ଏକମାସ ଛୁଟି ନେଇ ଯାଇ ଅଛନ୍ତି ଓ ବାବୁ ତାରିଣୀ ଘୋଷ ଉକ୍ତ କର୍ମରେ ଏକଟିଂ ନିଯୁକ୍ତ ହୋଇଅଛନ୍ତି । ସେଠା ଲୋକମାନଙ୍କ ଇଚ୍ଛା ଯେ କଲେଜରୁ ବି, ଏ, ପାସ କରିଥିବା ଏକବ୍ୟକ୍ତି କର୍ମସ୍ଥଳରେ ଅସିବେ ମାତ୍ର ପିଲାମାନେ ଏ ଶ୍ରେଣୀପ୍ରଭେଦ ଦେଉଅଛନ୍ତି ।

ସମ୍ବାଦଦାତାମାନେ ସ୍ମରଣ ରହିବ ପାଠକଙ୍କୁ ଯେ ଓସ୍କଲଠା ପେଷ କାଲେକ୍ଟରରୁ ଛାଡ ହୋଇ ନାହିଁ ଏବଂ ତହିଁରେ ବାବୁ ଭଗବାନ ଦାସଙ୍କ ୨ ୟ ପୁତ୍ର ବାବୁ ସଧାମାଧବ ଦାସ ମଧ୍ୟ ପଡ଼ିଅଛନ୍ତି ।

ବାଲେଶ୍ୱର ଜଣପୁର ଗ୍ରାମରେ ଗା ୭ ସ ହେଉ ସୋଈଏ ଗାଈ ଏକ ବାଛୁରୀ ଜନ୍ମକଲା ମହଣିବାରୁ ସୀରେକର ମୁଣ୍ଡ ପାନକର ବାଛୁରୀଟି ବଞ୍ଚିଅଛି । ତାହାର ଏମନ୍ତ ଅଙ୍ଗସ୍ପର୍ଶ ଯାଇଅଛି ଯେ ଦୁଗ୍ଧବତୀ ସ୍ତ୍ରୀଲୋକ ଦେଖିଲେ ତେତେବେଳେ ଦଉଡ଼ିଯିବ ଏବଂ ସ୍ତନରୁ ଦୁଗ୍ଧ ବାହାରକରି ଖାଇ ଯାଏ ।

**କଲିକତାଗେଜେଟ ।**

ବାଲେଶ୍ୱର ଜିଲ୍ଲା ସ୍କୁଲ ହେଡମାଷ୍ଟର ବାବୁ ଗୋଲକଚନ୍ଦ୍ର ଚକ୍ରବର୍ତ୍ତୀ କୃଷ୍ଣନଗର କଲେଜିଏଟ ସ୍କୁଲର ୪ ର୍ଥ ଶିକ୍ଷକ କାର୍ଯ୍ୟରେ ନିଯୁକ୍ତ ହେଲେ ।

ନିମ୍ନଲିଖିତ ବ୍ୟକ୍ତିମାନେ ବାଲେଶ୍ୱର ଡିଷ୍ଟ୍ରିକ୍ଟ ବୋର୍ଡର ସଭ୍ୟପଦରେ ନିର୍ବାଚିତ ହୋଇଅଛନ୍ତି ।

| ସଭ୍ୟଙ୍କ ନାମ । | ଲୋକାଲ୍‌ବୋର୍ଡର ନାମ । |
|---|---|
| ବାବୁ ଲକ୍ଷ୍ମୀନାରାୟଣ ସେନ<br>" ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ<br>" ମଦନମୋହନ ସେନ<br>ଦ୍ୱିତୀୟ ଅବଦୁଲ ସୋଭାନ ଖାଁ | ସଦର |
| ମି ଜେ ଏମ୍ ଟେଭେଲିୟନ<br>ରାଜା ଶ୍ୟାମାନନ୍ଦ ଦେ ବାହାଦୁର<br>ବାବୁ ବାର୍ଣ୍ଣିକଚନ୍ଦ୍ର ରାୟ ଚୌଧୁରୀ | ଭଦ୍ରକ |

ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଗବର୍ଣ୍ଣମେଣ୍ଟ ମନୋନୀତ କରିଅଛନ୍ତି ।

ଉତ୍କଳୀୟ ରାଜ୍ୟଗୁରୁ, କୁମାର ବୈକୁଣ୍ଠନାଥ ଦେ, ମୌଲବୀ ସାଫିଉଲ ରହମାନ ଅହମଦ, ମିଃ କାଲଭର୍ଟ, ଘରେସ୍ତ୍ରୁ, ରେଭ ଜେଭି, ଏଫ ଗ୍ରିଫିନ, ମିଃ ଜ ଅଟକିନସନ ଓ ବାବୁ ରତ୍ନାକରଣ ଘୋଷ ।

ଜିଲ୍ଲାର ମାଜିଷ୍ଟ୍ରେଟ ଡିଷ୍ଟ୍ରିକ୍ଟ ବୋର୍ଡର ଚେୟାରମ୍ୟାନପଦରେ ନିଯୁକ୍ତ ହେଲେ ।

ସଦର ଲୋକାଲ୍ ବୋର୍ଡର ଚେୟାରମ୍ୟାନ କାର୍ଯ୍ୟରେ ଡାକ୍ତର ଜୋସେଫ ସାହେବ ଓ ଭଦ୍ରକ ଲୋକାଲ୍ ବୋର୍ଡର ଜେ, ଏମ୍ ଟେଭେଲିୟନ ସାହେବ, ନିର୍ବାଚିତ ହୋଇଥିଲେ ଗବର୍ଣ୍ଣମେଣ୍ଟ ଉକ୍ତ ନିର୍ବାଚନମାନ ମଞ୍ଜୁର କରିଅଛନ୍ତି ।

ଡାକ୍ତରମାନଙ୍କ କମ୍ପାଉଣ୍ଡରମାନଙ୍କ ପରୀକ୍ଷାର ଫଳ ପ୍ରକାଶିତ ହୋଇଅଛି ।

କଣ୍ଟ୍ରାକ୍ଟି ସ୍କୁଲରୁ ପୋଲିସ ଷ୍ଟେସନ ହେବାର ମଞ୍ଜୁର ହୋଇଅଛି ।

ପୁରୀଜିଲ୍ଲାର ନଗର ଓ ବାଣପୁରକୁ ଥାନା ଉଠିଯାଇ ଖାଣ୍ଡି କରିବାର ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି ।

---

ହାଇଦ୍ରାବାଦର ସୁଚତୁର ଦେୱାନ ସର ସାଲରଜଙ୍ଗ ଗତ ଜୁଲାଇ ତା ୧୫ ଦିନରେ କୁଲଷ୍ଟର ସୁଲତାନଙ୍କ ସହିତ ସାକ୍ଷାତ କରିଥିବାର ସମ୍ବାଦ ମିଳଇ । ଏହି ସୁଲତାନ ସର ସାଲରଜଙ୍ଗଙ୍କୁ "ପ୍ରାଣ କର୍ଣ୍ଣ ଅଫ ମେଜର" ଉପାଧିପ୍ରଦାନ କଲେ ।

ଗତ ଜୁଲାଇମାସ ତା ୨୩ ଦିନରେ ଶ୍ରୀମତୀ ଇଂଲଣ୍ଡେଶ୍ୱରୀ ସମୁଦ୍ରକୂଳବାସ୍ ସ୍ପିଟହେଡ ପରେଟ ଦର୍ଶନ କରିଥିଲେ । ଏ ପରେଟରେ ମୋ ୧୩ ଟି ଯୁଦ୍ଧଜାହାଜ ଉପସ୍ଥିତ ଥିଲା । ଉକ୍ତମାନରେ ପରେଟଜିଷ୍ଟ ସେଷ ହେବାର ପରେ ସମୁଦାୟ ଜାହାଜରେ ସେସନାଇ ହୋଇଥିଲା ଯେ ତାହା ଦେଖିବାରେ ଅତି ଚମତ୍କାର ହୋଇଥିବାର କଥିତ ହୁଏ । ସ୍ପିଟହେଡ ଠାରୁ ଅଫ ବେଲସ୍ ଜର୍ମାନର ଯୁବରାଜ ଏବଂ ତାଙ୍କ ସହଧର୍ମିଣୀ, ଗ୍ରୀସଦେଶର ରାଜା ଏବଂ ଅନ୍ୟାନ୍ୟ ରାଜାମାନେ ଇଂଲଣ୍ଡେଶ୍ୱରୀଙ୍କ ସହିତ ଏ ପରେଟ ଦର୍ଶନ କରିବାର ଉପସ୍ଥିତ ହୋଇଥିଲେ ।

ହାଇଦ୍ରାବାଦର ନିଜାମଙ୍କର ଜ୍ୟେଷ୍ଠପୁତ୍ର ଗତ ଜୁଲାଇମାସ ତା ୨୩ ଦିନରେ ଅକାଳ ଜ୍ୱର ରୋଗଗ୍ରସ୍ତ ହୋଇ ପରଲୋକଗାମୀ ହୋଇଥିବାର ଶୋକାବହ ସମ୍ବାଦ ଅସିଅଛି ।

ଅୟର୍ଲଣ୍ଡର ଗୌଲଡାଲସଧନ ପାର୍ଲିୟାମେଣ୍ଟରେ ଉତ୍ଥିତ ହୋଇଥିବାର ପାଠକମାନଙ୍କୁ ଜଣା ଅଛି । ବର୍ତ୍ତମାନ ଅବଗତ ହେଉଁ ଯେ ଉକ୍ତ ଅଧିନ ସମୁଦାୟ ଅୟର୍ଲଣ୍ଡରେ ଜାରି ହୋଇଅଛି ।

ଭୁପାଳଙ୍କ ନବାବସୁଲତାନ୍ ମୋକଦ୍ଦମା ତ ଗତି ଉଠୁଅଛି ମାତ୍ର 'ଛତ୍ରେସୁଲର୍ଥା ବହୁଲୀ ଉର୍ବୁ' କଥାସୁନ୍ଦାର୍ଯ୍ୟ କଥା କଥାକେ ତହିଁରୁ ଅଲ୍ପ ଏକ ଫୌଜଦାରୀ ମୋକଦ୍ଦମା ବାହାରିଅଛି । ଭୁପାଳର ଷ୍ଟାମ୍ପର ସୁଲୁତା ନାମକେ କୋମ୍ପାନୀଙ୍କ ନାମକ ସମ୍ବାଦପତ୍ରରେ ଅପବାଦସୂଚକ ପ୍ରବନ୍ଧ ଲିଖିତ ହୋଇଥିବାରୁ ତତ୍ସମ୍ବନ୍ଧରେ ଉକ୍ତ ସମ୍ବାଦପତ୍ରର ସମ୍ପାଦକ ନାମରେ ଏବଂ ଭୁପାଳର ଓ ତାହାର ତୁଷ ଅକାଳ ଶ୍ରାମରେ ଅପବାଦର ମୋକଦ୍ଦମା ରୁଜୁ ହୋଇଥିଲା । ଉକ୍ତ ମୋକଦ୍ଦମା ଗତ ଜୁଲାଇମାସ ତା ୨୮ ଦିନରେ ଶୁଣାଣି ହେବାରୁ ମୋକଦ୍ଦମା ପ୍ରମାଣ ହୁଅନ୍ତେ ସମ୍ପାଦକମାନଙ୍କ ପ୍ରାର୍ଥନା କରି ମୁକ୍ତ କଲେ । ବର୍ତ୍ତମାନ କେବଳ ଭୁପାଳ ଓ ତାହାର ଅନ୍ୟ ନାମରେ ମୋକଦ୍ଦମା ଚଳୁଅଛି ।— କାଂଗ୍ରେସଗ୍ରିଜ ମନ ଭୁବେ । ଧର୍ମସଭ ଲିପେଡି ଓ ଛତ୍ରସମାଜ ଚିତ୍ରକ ହେବାରୁ ଦିନା ଏକେଶ୍ୱରବ କଥା ସ୍ୱଳ୍ପଅଛି ।

Split by PDF Splitter

Digitized by srujanika@gmail.com

Split by PDF Splitter



ଏ ସପ୍ତାହରେ କାବୁଲସମ୍ବନ୍ଧୀୟ ସମ୍ବାଦମାନଙ୍କରୁ ପ୍ରକାଶ ଯେ ଘିଲଜାଇ ଜାତୀୟଲୋକମାନେ ପୁନର୍ବାର ବିଦ୍ରୋହରେ ମାତ ଉଠିଅଛନ୍ତି । ଅମୀର ସାଧାରଣ ସମ୍ପ୍ରଦାୟର ଯେଉଁ ଅଙ୍ଗୀକାର କରିଥିଲେ ତାହାକୁ ସେମାନେ ଅବିଶ୍ୱାସ କରିଅଛନ୍ତି । ଏବଂ ଅମୀର ମଧ୍ୟ ନାନାପ୍ରକାର ନିଷ୍ଠୁର କାର୍ଯ୍ୟମାନ କରୁଥିବାର କଥିତ ହୁଏ ।

ଫ୍ରାନ୍ସ ଅନ୍ତର୍ଗତ ଲୁଅଇଠାରେ ଗୋଟିଏ ପରସ୍ତ୍ରୀଗମନର ମୋକଦ୍ଦମାରେ ଅଦ୍ଭୁତପ୍ରକାର ଦଣ୍ଡ ବିହିତ ହୋଇଥିବାର ସମ୍ବାଦ ମିଳଇ । ପ୍ରଥମତଃ ସାଧାରଣଭାବରେ ଯେପରି ସ୍ତ୍ରୀ ପରିତ୍ୟାଗ ଓ ଅସ୍ୱାମୀଠାରୁ ଖେସାରତ ପାଇବାର ମୋକଦ୍ଦମା ହୁଏ ତାହା ହୋଇ ଡିକ୍ରୀ ହୋଇଗଲା । ତତ୍ପରେ ଉକ୍ତ ସ୍ତ୍ରୀର କେତେଗୁଡ଼ିଏ ସନ୍ତାନ ଥିଲେ । ସ୍ତ୍ରୀ ପରିତ୍ୟକ୍ତା ହେବାରୁ ପିଲାମାନେ ମାତୃହୀନ ହେଲେ । ସୁତରାଂ ସେମାନଙ୍କର ଯତ୍ନ ଓ ପ୍ରତିପାଳନରେ ଗୁରୁତର ତ୍ରୁଟି ପଡ଼ିଲା ଏବଂ ଅସ୍ୱାମୀ ସ୍ତ୍ରୀକି ଫୁସଲାଇ ମନ୍ଦ କର୍ମରେ ଲିପ୍ତ କରାଇବାରୁ ସ୍ୱିଜା ପିଲାମାନେ ଏ କଷ୍ଟ ଭୋଗ କଲେ । ଏଣୁ ସେଲୋକ ଉପରେ ପ୍ରତିପିଲା ନିମିତ୍ତ ୪୦ ପାଉଣ୍ଡ ଖେସାରତ ଡିକ୍ରୀ ହେଲା ।—ସୁଯୋଗର ଏ ବ୍ୟାପାରରେ ଏଦେଶୀୟମାନେ ହସିବେ ନାହିଁ କାହିଁକି ?

ଅହମଦାବାଦଠାରେ ଜଣେ ଇଂରାଜ ସିପାହୀ ଶିକାର-ଉପଲକ୍ଷେ କୌତୁକକ୍ରମେ ଜଣେ ଦେଶୀୟ ଲୋକକୁ ଗୁଳିଦ୍ୱାରା ଆଘାତ କରିଅଛି ଲୋକଟି ବର୍ତ୍ତମାନ ହସ୍ପିଟାଲରେ ଚିକିତ୍ସିତ ହେଉଅଛି ସାହେବ ଅସାମୀ ଉଦ୍ଧରିବାକୁ କେତେବେଳ !

ତୁରସ୍କର ସୁଲତାନ ଜର୍ମାନ ଦୂତଙ୍କ ନିକଟରେ ବିଦାୟ-କାଳୀନ ବ୍ୟକ୍ତକରି ଅଛନ୍ତି ଯେ ମୁସଲମାନମାନଙ୍କ ଘୋର ଆପତ୍ତି ହେବାରୁ ସେ ଇଂରାଜଙ୍କ ପ୍ରସ୍ତାବିତ ସନ୍ଧିରେ ସମ୍ମତି ପ୍ରଦାନ କଲେ ନାହିଁ ।

ମନ୍ଦାଲୟଠାରେ ଏକ ବୃହତ୍ ଡକାଏତି ହୋଇଯାଇଥିବାର ସମ୍ବାଦ ମିଳଇ । ଏଛଡ଼ା ବ୍ରହ୍ମଦେଶ ମଧ୍ୟରେ ଅନ୍ୟ ଡକାଏତି ହେବାର ଛେଦ ନାହିଁ ଏବଂ ଡକାଏତମାନେ ଗ୍ରାମଗ୍ରାମ ପୋଡ଼ିପକାଇ ଇଂରାଜଙ୍କ ଶରଣାପନ୍ନ ଦେଶୀୟ ବ୍ୟକ୍ତିମାନଙ୍କୁ ନିଷ୍ଠୁର ଭାବରେ ହତ୍ୟା କରୁଅଛନ୍ତି ।

ବିଗତ ଜୁବିଲି ଜିମ୍ୟାରେ ଶ୍ରୀମତୀ ଇଂଲଣ୍ଡେଶ୍ୱରୀ ଆପଣା ନିଜ ଧନରୁ ୧୦୦୦୦୦ ପାଉଣ୍ଡ ଖର୍ଚ୍ଚ କରିଥିବାର ସମ୍ବାଦ ମିଳଇ ।

କଥିତହୁଏ ନବଗିନି ଦେଶାନ୍ତର୍ଗତ ହର୍କ୍ୟୁଲିସ ପର୍ବତ ୩୨୭୮୬ ଫିଟ ଉଚ୍ଚ ଅଟଇ । ଏମନ୍ତହେଲେ ଭାରତର ଉନ୍ନତମ ହିମାଳୟ ଶିଖରଠାରୁ ଏହା ଉଚ୍ଚତର ।

ଲଣ୍ଡନ ନଗରରୁ ଆସିଥିବା ଗତମାସ ତା ୨୦ ରିଖର ତାର ସମ୍ବାଦରୁ ପ୍ରକାଶ ଯେ ଆୟର୍ଲଣ୍ଡ ସମ୍ବନ୍ଧୀୟ ଫୌଜଦାରି ଆଇନ ପାର୍ଲିଆମେଣ୍ଟର ଲର୍ଡମାନଙ୍କ ଦ୍ୱାରା ଧାର୍ଯ୍ୟ ହୋଇଅଛି । ଏବେ ଉକ୍ତ ଆଇନ ଆୟର୍ଲଣ୍ଡରେ ଜାରି ହେବାରେ ଆଉ ଡେରି ନାହିଁ । ଦେଖାଯାଉ ଏଥିର ପରିଣାମ କଅଣ ?

ସହୋଇଠାରୁ ଆସିଥିବା ଗତମାସ ତା ୨୦ ରିଖର ଏକ ତାର-ସମ୍ବାଦରୁ ପ୍ରକାଶ ଯେ ଗତ ଗିଲଜାୟୀ ଗୋଲମାଲରେ ଅମୀରଙ୍କ ସୈନ୍ୟଙ୍କ ମଧ୍ୟରୁ ଗୋଟିଏ ଘରଣିର ୧୦୦୦ ସିପାହୀ ଅମୀରଙ୍କ ପକ୍ଷ ତ୍ୟାଗକରି କାନ୍ଦାହାରକୁ ଯାଉଥିବାରୁ ହିରାଟର ଗବର୍ଣ୍ଣର ତାଙ୍କ ପଛେ ସୈନ୍ୟ ପଠାଇଲେ । ପଶ୍ଚାଦ୍ଧାବିତ ସୈନ୍ୟମାନେ ସେମାନଙ୍କ ମଧ୍ୟରୁ ୨୦୦ ଜଣକୁ ଧୃତ ଓ ହତକଲେ ଏବଂ ଅମୀର ଏ ସମ୍ବାଦ ପ୍ରାପ୍ତହୋଇ ଯେ ସୈନ୍ୟ ପଠାଇଲେ ସେମାନେ ଅବଶିଷ୍ଟ ସେନାମାନଙ୍କୁ ଗୋଟିକଠୁଁ ମାରି ପକାଇଲେ ।

ବଳର ସାମ୍ରାଜ୍ୟ ସମିତି ନିମିତ୍ତ ଭାରତବର୍ଷରେ ୭୬ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚାନ୍ଦା ହୋଇଅଛି । ସ୍ୱଦେଶର କୌଣସି ହିତକର କାର୍ଯ୍ୟ ନିମିତ୍ତ ଏପରି ଚାନ୍ଦା ହୋଇଥିଲେ କେତେ ସୁଖର କଥା ହୁଅନ୍ତା !

## ରଣପୁରସମ୍ବାଦ ।

ଗତ ଜୁଲାଇ ମାସ ତା ୧୪ ରିଖରେ ରାଜା ମହୋଦୟଙ୍କ କନିଷ୍ଠଭ୍ରାତା ଶ୍ରୀ ରାମଚନ୍ଦ୍ର ଭ୍ରମରବର ସିଂହ ସାମନ୍ତ ଇହଲୋକ ପରିତ୍ୟାଗ କରିଅଛନ୍ତି ତାହାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସୁସମ୍ପନ୍ନରୂପେ ନିର୍ବାହ ହେଲା ଏ ଉପଲକ୍ଷରେ ପାଞ୍ଚହଜାର ବ୍ରାହ୍ମଣ ଆହାର ଓ ଦକ୍ଷିଣାରେ ସନ୍ତୁଷ୍ଟ ହେଲେ । ଜାତି ଓ ଇତରଲୋକ ଅମଳ ଓ ଦୁଃଖି ଦରିଦ୍ରଙ୍କର ଯଥୋଚିତ ଚର୍ଚ୍ଚା ହୋଇଥିଲା ।

ରାଜାଙ୍କର ଏକକନ୍ୟା ଯାହାଙ୍କର କେନ୍ଦୁଝରପଡ଼ା ଶ୍ରୀ ଜଗନ୍ନାଥ ଭ୍ରମରବର ରାୟଙ୍କ ପୁତ୍ରଙ୍କସହ ବିବାହ ହୋଇଥିଲା ତାହାଙ୍କର ମୃତ୍ୟୁ ହେବାରୁ ଉଭୟ ଦୁଃଖ ରାଜାମହୋଦୟଙ୍କ ମନକୁ ବିଶେଷ ଦୁଃଖି କରିଅଛି ।

ଏହିସ୍ଥାନରେ ପ୍ରାୟ ନାନାସ୍ଥାନରେ ବସନ୍ତକାର ପ୍ରବଳ ହେବାରୁ ଅନେକ ଲୋକନଷ୍ଟ ହେଉଅଛନ୍ତି ।

ଏପର୍ଯ୍ୟନ୍ତ ପ୍ରବଳବୃଷ୍ଟି ନ ହେବାରୁ ଅନେକ ଧାନଫସଲ ରୁଅ ବେହୁଡ଼ା ହୋଇ ପାରୁ ନାହିଁ ଯାହା ହୋଇଅଛି ତାହା ଦେୱାନ ବାବୁଙ୍କ କୃତ ନଦୀବଧୀରୁ ଆସିଥିବା ନାଳଜଳରେ ହୋଇଅଛି ।

ଏ ନାଳଗୁଡ଼ିକ ଜଳ ଯୋଗାଇବା ବିଷୟରେ ଗୋଟିଏ ମହତ କୀର୍ତ୍ତି ଅଟେ, ବାବୁ ମହୋଦୟ ଏହିପରି ଗୋଟିଏ ଅଉ ନୂତନ ନାଳ ଅବସ୍ଥାନ କଲେ ଲୋକମାନଙ୍କର ବିଶେଷ ଉପକାର ହେବ ସନ୍ଦେହ ନାହିଁ ।

ଏଠାକ'ର ଦେଉଳ ଚୋରିମୋକଦ୍ଦମାରେ ଧୃତ ହୋଇଥିବା ପେଷ୍ଟଆର ଚୋରମାନଙ୍କ ମଧ୍ୟରୁ ଦୁଇଜଣ ଜେଲରୁ ପଳାୟନ କରିଥିଲେ ଏକଜଣ ଧୃତ ହୋଇଅଛି ଅନ୍ୟଜଣକୁ ବୃନ୍ଦାବନଠାରେ ଧରୁଁ ପଳାଇଗଲା ତାହାକୁ ଧରିବା ଅନୁସନ୍ଧାନରେ ପୁଲିସ ବୁଲୁଅଛି ଧରିପାରୁ ନାହିଁ ।

---

## ପତ୍ର ପ୍ରେରକଙ୍କ ପ୍ରତି ।

ଢେଙ୍କାନାଳର ବାବୁ ଗୌରାଙ୍ଗପଟ୍ଟନାୟକଙ୍କ ପ୍ରକାଶିତ ପ୍ରେରିତପତ୍ରର ପ୍ରତିବାଦ ପ୍ରକାଶ କରିବାର ପ୍ରୟୋଜନ ନାହିଁ କାରଣ କମିଟିର କାର୍ଯ୍ୟାବଳୀ ସଂଶୋଧିତ ହୋଇଅଛି ।

କେତେକ ଖଣ୍ଡପ୍ରକାଶଯୋଗ୍ୟ ପତ୍ର ସ୍ଥାନାଭାବରୁ ଏ ସପ୍ତାହରେ ରହିଗଲା ଆଗାମୀରେ ପ୍ରକାଶିତ ହେବ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ

---

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ଅମ୍ଭେମାନେ ପ୍ରକାଶ୍ୟ ରୂପେ ବ୍ରାହ୍ମଧର୍ମ ଗ୍ରହଣ କରିଥିବାରୁ ଆପଣଙ୍କ ଦୀପିକାରେ ସେହି ବିଷୟରେ ଯେଉଁ ଆନ୍ଦୋଳନ ହେଉଅଛି ସେଥିରୁ ବୋଧ ହେବ ଯେ ବାବୁ ଶ୍ରୀ ମଧୁସୂଦନ ରାଓ ସେଥି ନିମିତ୍ତ ଦାୟୀ ଅଟନ୍ତି କିନ୍ତୁ ବାସ୍ତବରେ ସେ ଅମ୍ଭମାନଙ୍କ ବିଶ୍ୱାସ ପରିବର୍ତ୍ତନ ନିମନ୍ତ କିଛିମାତ୍ର ଦାୟୀ ନୁହନ୍ତି ସେ ଅମ୍ଭମାନଙ୍କୁ ଧର୍ମବିଷୟରେ କୌଣସି ପ୍ରକାର ପ୍ରବର୍ତ୍ତାଇ ନାହାନ୍ତି, ଅମ୍ଭେମାନେ ବ୍ରାହ୍ମ ସମାଜର ଉପାସନାଦିରେ ଯୋଗଦେବାର ଏକବର୍ଷ ପରେ ଏବଂ ଅମ୍ଭ ଦୁଇଜଣଙ୍କ ମଧ୍ୟରୁ ଜଣେ ଉପବୀତ ପରିତ୍ୟାଗ କରିବାର ବହୁଦିନ ଉତ୍ତାରେ ବାବୁ ଶ୍ରୀ ମଧୁସୂଦନ ରାଓ ଉତ୍କଳ ବ୍ରାହ୍ମସମାଜର ଆଚାର୍ଯ୍ୟ ଥିବାରୁ ଉକ୍ତ ବ୍ରାହ୍ମସମାଜର ପ୍ରକାଶ୍ୟରୂପେ ବ୍ରାହ୍ମଧର୍ମ ଗ୍ରହଣକରିବା ନିମିତ୍ତ ଅମ୍ଭେମାନେ ତାହାଙ୍କଠାରେ, ଲିଖିତ ପତ୍ରଦ୍ୱାରା ଅନୁମତି ପ୍ରାର୍ଥନା କରିଥିଲୁଁ ସେ ତଦନୁସାରେ ଅମ୍ଭମାନଙ୍କୁ ବ୍ରାହ୍ମମଣ୍ଡଳୀ ସମକ୍ଷରେ ସେ ବ୍ରାହ୍ମଧର୍ମର ବିଶ୍ୱାସବିଷୟରେ କେତେକ ପ୍ରଶ୍ନ ପଚାରି ଅମ୍ଭମାନଙ୍କୁ ନିଜ ଅଙ୍ଗୀକାର ପତ୍ର ପାଠକରିବା ନିମିତ୍ତ ଅନୁମତି ଦେଇଥିଲେ ସୁତରାଂ ଅମ୍ଭମାନଙ୍କର ବିଶ୍ୱାସ ପରିବର୍ତ୍ତନ ନିମିତ୍ତ ମଧୁସୂଦନ ବାବୁଙ୍କୁ ଦାୟୀ କରିବା ଏକାନ୍ତ ଅସଙ୍ଗତ ଓ ଅନୁଚିତ ।

କଟକ } ଶ୍ରୀ ଦେବନାଥ ଦାସ
୨।୮।୮୭ } ଶ୍ରୀ ରଘୁନାଥ ଦାସ

---

ମହାଶୟ !

" ଧର୍ମବିଷୟରେ ସାଧାରଣ ସ୍କୁଲର କର୍ତ୍ତବ୍ୟ " ପ୍ରବନ୍ଧରେ ଦୀପିକା ଯାହା ଲେଖିଅଛନ୍ତି ତାହା ଅମ୍ଭେ ସମ୍ପୂର୍ଣ୍ଣ ପୋଷଣ କରୁଁ କିନ୍ତୁ ଜନସମ୍ବାଦ କହି ଅଛନ୍ତି ଯେ ଦୀପିକା ଯଥାର୍ଥ ପ୍ରତିକୁ ପ୍ରୋତ୍ସାହିତ କରିବାରୁ କେତେ ବାଳକ ଓ ଅଭିଭାବକର ମତ ବିରୁଦ୍ଧରେ କାର୍ଯ୍ୟକଲେ ଦୁଃସ୍ପଦ କାର୍ଯ୍ୟ କରିବାର ଜ୍ଞାନ ହେବ କିନ୍ତୁ ଅମ୍ଭର ଏଯୁକ୍ତି ମନକୁ ଆସେ ନାହିଁ କାରଣ ଦୀପିକା ଯେଉଁ ପ୍ରବନ୍ଧ ଲେଖିଥିଲେ ତାହା ସାମ୍ପ୍ରଦାୟିକଧର୍ମ ବିଷୟରେ କିନ୍ତୁ ସାଧାରଣଧର୍ମ ବିଷୟରେ ନୁହେଁ, ଏହା ସର୍ବବାଦୀ ସମ୍ମତ ଯେ ଧର୍ମ ବା ନୀତି ସବୁ ଧର୍ମରେ ସମାନ ତେବେ ଜନସମ୍ବାଦ ଶ୍ଳେଷ କଥା ଯାହା ଉପମା ଦେଇ ଅଛନ୍ତି ତାହା ଖଟେ ନାହିଁ ଜନସମ୍ବାଦ ପ୍ରଶ୍ନ କରନ୍ତି ଯେ ସଦ୍ୟୋଗିଙ୍କ ମତରେ ହିନ୍ଦୁସ୍ଥ ଛଡ଼ା ଅନ୍ୟ କୌଣସି ଧର୍ମାବଲମ୍ବୀ ଶିକ୍ଷ ରୌ-

Digitized by srujanika@gmail.com

ଣସି ସ୍କୁଲରେ ପଢ଼ି ପାରବ ନାହିଁ । ଏହାଛ ଦୀପିକା କହି ନାହାନ୍ତି ତାହାଙ୍କ ମତରେ କୌଣସି ଧର୍ମକଥା ସାଧାରଣ ସ୍କୁଲରେ ପଠିତ ହେବ ନାହିଁ ଅମ୍ଭେ ମଧ୍ୟ ଏହି ମତକୁ ସମର୍ଥନ କରୁ ଅଛୁଁ ଏପର ଏକାଡେମି ନାମରେ କଳଙ୍କ ଲାଗିବାରୁ ତାହା ଛଡ଼ାଇବା ଉଦ୍ଦେଶରେ ଉକ୍ତ ସ୍କୁଲସମ୍ବନ୍ଧୀୟ ଖ୍ରୀଷ୍ଟକଥା କହିବାର କବସମ୍ବାଦ ଦୀପିକାପ୍ରତି କଳଙ୍କ ଲଗାଇବାର ଅଭିଯୋଗ କର ଅଛନ୍ତି ମାତ୍ର । ଦୀପିକା ତାହାଙ୍କ ନାମରେ କଳଙ୍କ ଅନ୍ୟୂନ କର ନାହାନ୍ତି କିନ୍ତୁ ଯାହା ସତ୍ୟ ତାହା କହିଅଛନ୍ତି ଏଥିରେ ଯଦ୍ୟପି କଳଙ୍କ ଅନ୍ୟୂନ କରାହେଲା ହେବେ ସେ ନାଗରିକ—ଅମ୍ଭ ବିବେଚନାରେ ଏବେ ଦୀପିକା ପେନସନ ଗ୍ରହଣ କଲେ ଅଛି ଏପ୍ରକାର ଭଗବତ୍‍କଥା ଲେଖାଦ୍ୱାରା ତାହାର ଉପରେ କଳଙ୍କ ଅନ୍ୟୂନ କରାଯିବ ନାହିଁ ।

କଣେ ପାଠକ—

---

ମହାଶୟ !

କଗତ ଅର୍ଦ୍ଧଲମାସରେ ନଦୀକୂଳ ନାମକ ସ୍ଥାନରେ ବାମଣ୍ଡାଧିପତି ମହାରାଜାଙ୍କ ସହିତ ଅମ୍ଭର ସାକ୍ଷାତ ହୋଇଥିଲା । ଉକ୍ତ ଗ୍ରାମରେ ଜ୍ୱରଭୀତ ହୋଇ ଦଶଦିନ ବାସ କଲୁଁ । ଈଶ୍ୱର କୃପାରେ ଅମ୍ଭର ଅଭିଳାଷ ସେଠାରେ ପୂର୍ଣ୍ଣ ହେଲା । ମହାରାଜ ବାହାଦୁରଙ୍କ ବଦ୍ଧୋ-ଚିତ ଆଳାପ ବ୍ୟବହାର ନମ୍ରତା ଓ ମହାରାଜାମା-ନଙ୍କ କର୍ତ୍ତବ୍ୟ ବିଷୟରେ ଯାହା ପ୍ରକାଶ କଲେ ତାହା ଅତୀବ ପ୍ରଶଂସନୀୟ ଗଡ଼ଜାତ ଭ୍ରମଣ-ବୃତ୍ତାନ୍ତ ଏଥରେ ଅମ୍ଭର ଲେଖିବାର ମାନସ ଅଛି ।

ମହାରାଜାଙ୍କ ପ୍ରଶ୍ନୋତ୍ତରରେ ଅମ୍ଭେ କ୍ଲାନ୍ତ ଅବସ୍ଥାରେ କହିଅଛୁଁ ଯେ ନିତ୍ୟନୈମିତ୍ତିକ କ୍ରିୟା କେବଳ ଚିତ୍ତଶୁଦ୍ଧତା ଓ ଶୁଦ୍ଧିର ନିମନ୍ତେ ଚିତ୍ତ ଶୁଦ୍ଧି ଈଶ୍ୱରରେ ଲୀନ ହେବାର କାରଣ ଅମ୍ଭେ ବର୍ତ୍ତମାନ ମଧ୍ୟ ସ୍ୱୀକାର କରୁଅଛୁଁ ଯେ ଜନସାଧାରଣର ସମାଧିର ଏକମାତ୍ର ଉପାୟ ଚିତ୍ତଶୁଦ୍ଧି । ନିକାମପାପକନିବାରଣୀୟ ଚିତ୍ତର-ଗତି ଏକଈଶ୍ୱରରେ ସ୍ଥାପନ କର ଅଧ୍ୟାତ୍ମଜ୍ଞାନ-ବିଷୟରେ ଅନନ୍ୟ ଚିତ୍ତର ଅବସ୍ଥା; ଏକମାତ୍ର ନିତ୍ୟବସ୍ତୁରେ ଚିତ୍ତ ରଖିବାର ନାମ ଚିତ୍ତଶୁଦ୍ଧି । ପାଠକଗଣ ଅବଶ୍ୟ ଦେଖିବେ ଏ କାର୍ଯ୍ୟ ନିତ୍ୟନୈମିତ୍ତିକକାର୍ଯ୍ୟରେ ଓ ତୀର୍ଥାଦି ଭ୍ରମଣ-ଦ୍ୱାରା ଅଭ୍ୟାସ ନ ହେଲେ ଚିତ୍ତ କେବେହେଁ ଏକବିଷୟରେ ବଦ୍ଧ ହୋଇ ନ ପାରେ

ବୋଧ କରୁଁ ମହାରାଜା ଏ ବିଷୟରେ ସ୍ୱୀକାର କରିବେ ମହାରାଜା ବାହାଦୁରଙ୍କ ସହିତ ଆଳାପ ସମୟରେ ଅମ୍ଭେ ତାହାର ଦୋଷ ବର୍ଣ୍ଣନା କର ନାହୁଁ । ମହାରାଜା ଓ ମେକେଞ୍ଜର ପ୍ରଭୃ-ତିଙ୍କର ସ୍ୱରୂପ ଓ ଗୁଣ ବର୍ଣ୍ଣନା କରଅଛୁଁ ଉକ୍ତଧିରୁ କଥା ଅଠମଲ୍ଲିକର ବିଷୟ ମହାରାଜା ଉଲ୍ଲେଖ କରଅଛନ୍ତି । କିନ୍ତୁ ସେ ତାହା ଅନୁ-ମୋଦନ କରଅଛନ୍ତି କି ନାହିଁ ତାହାଙ୍କ ଲେଖାରୁ ସ୍ପଷ୍ଟ ଜଣାଯାଉ ନାହିଁ । ଅଠମଲ୍ଲିକ ରାଜାଙ୍କର ସମସ୍ତ ଗୁଣ ବର୍ଣ୍ଣନା କରିପାର ନାହୁଁ ଓ ଉଦ-ଗ୍ୟହରେ ଅନ୍ୟାନ୍ୟ ରାଜା ମହାରାଜାଙ୍କର ଗୁଣ-ବର୍ଣ୍ଣନା କରିବାର ଇଚ୍ଛା ଅଛି । ଅମ୍ଭେ ଅବଶ୍ୟ ବୋଲିବୁଁ ଯେ ଗୁଣଗ୍ରାହୀମାନେ ଗୁଣବାନଙ୍କର ପ୍ରଶଂସା କରିବା ଓ ଶୁଣିବାରେ ସୁଖୀ ହେବେ ।

ମହାରାଜା ବାହାଦୁରଙ୍କ ଲେଖିବା ଭଙ୍ଗିରୁ ପ୍ରକାଶ ଯେ ଅମ୍ଭେ ସ୍ଥାନେ୨ ଭ୍ରମଣ କର ଯାହା ଶୁଣିଅଛୁଁ ଲୋକଙ୍କୁ ତାହା ଉପଦେଶ ଦେଉ ଅଛୁଁ । ଯେଉଁ ଉପଦେଶ ପାଶ୍ଚାତ୍ୟ ଭୂତବାଦ୍ୟ ଦକ୍ଷିଣଶୀଳ ଯୁବକବୃନ୍ଦଙ୍କ ସ୍ଥଳର କଣ୍ଟକସ୍ୱରୂପ ସମାଜର ବିଷସ୍ୱରୂପ ତହିଁରେ ଦେଶର ଅବନତି ଭିନ୍ନ ଉନ୍ନତିର ଆଶା ନାହିଁ । ପାଠକମାନେ ବିଚାର କରିବେ ଏ ବିଷୟ ଅତି କଠିନ ଏବଂ ଏ ସମାଜ୍ୟା ପୂରଣ କରିବା ବଡ଼ ଗୁରୁତର ଅଟଇ । ଗତ ଈଶ୍ୱରଚନ୍ଦ୍ରଠାରୁ ଧର୍ମସଂସ୍କାର ଶାସ୍ତ୍ରସଂସ୍କାର ସମାଜସଂସ୍କାର ନାନା ସଂସ୍କାର ସେତ କେତେ ଆନ୍ଦୋଳନ ନଗରଠାରୁ ସାମାନ୍ୟପଲ୍ଲୀ-ଗ୍ରାମପର୍ଯ୍ୟନ୍ତ ପାଶ୍ଚାତ୍ୟ ଭୂତ ବିଦ୍ୟାଶିକ୍ଷକମାନେ ଲଗାଇ ଅଛନ୍ତି ମାତ୍ର ଫଳ କ'ଣ ହୋଇଅଛି; ବ ୨୦ ବର୍ଷପୂର୍ବେ ଲୋକେ ଯେମନ୍ତ ସର୍ବଗାମୀ ଥିଲେ ବର୍ତ୍ତମାନ ସେପରି ନାହାନ୍ତି ବରଂ ଏମନ୍ତ ନୂତନରୋଗ ବାହାରିଅଛି ଯାହାର ନାମ ପୂର୍ବେ ଶୁଣା ନ ଥିଲା । ସମାଜସଂସ୍କାର ଯେତେ କରୁଅଛୁଁ କହିବା କପଟତା ମିଥ୍ୟା କଳ୍ପନା ଉତ୍ପାତ ସେତେ ବୃଦ୍ଧି ହେଉଅଛି । ଶାସ୍ତ୍ରସଂ-ସ୍କାର ଯେତେ କରୁଅଛୁଁ ବ୍ରାହ୍ମଣ କ୍ଷତ୍ରିୟପ୍ରଭୃତି ସୁବର୍ଣ୍ଣଠାରୁ ନୀଚ ଜାତି ଲବଣ ଚର୍ମପର୍ଯ୍ୟନ୍ତ ଏବଂ ଗୋ ଅଶ୍ୱ ବ୍ୟବସାୟରେ ପ୍ରବୃତ୍ତ ହେଉ-ଅଛନ୍ତି କି ଯେଉଁ ବ୍ୟବସାୟମାନ ପୂର୍ବେ ଉଚ୍ଚଲୋକେ କରନ୍ତେ । ଧର୍ମସଂସ୍କାରରେ ବ୍ୟସ୍ତ ହୋଇ ସନ୍ଧ୍ୟା ତର୍ପଣ ଯାଗ ଯଜ୍ଞ ବ୍ରତର କଥା କ ବୋଲିବା ଧର୍ମ ଅଛନ୍ତି ବୋଲି ଦନ—ମଧ୍ୟରେ ଥରେ ସ୍ମରଣ ମନରେ ପଡ଼ଇ ନାହିଁ । ଅହାରର ସଂସ୍କାର ମଧ୍ୟରେ ମଦ୍ୟପାନ ବୃଦ୍ଧି

ହେଉଅଛି ବିବେଚନା କରନ୍ତୁ ମହାରାଜା ବାହାଦୁରଙ୍କ ମତାନୁସାରେ ନବ୍ୟଯୁବକଙ୍କ ମନ ସନ୍ତୋଷ କରିବାକୁ ବସିଲେ ଅମ୍ଭମାନଙ୍କର ସମସ୍ତଧର୍ମ ଲୋପ କରିବାକୁ ହେବ । ଯେ ଯେ ସ୍ଥଳେ ସୁବର୍ଣ୍ଣ ନୀଚ ଲବଣ ଇତ୍ୟାଦି ବ୍ୟବ-ସାୟ କଲେ ଲୋକେ ପତିତ ହେବେ ମଦ୍ୟ ପାନରେ ମହାପାତକ ହୁଅଇ ଚଳ୍ୟା ବିଷୟରେ ଦେଶଯାକ ସମସ୍ତେ ପତିତ ହୁଅନ୍ତି ଚଟ୍ଟନା ମିଥ୍ୟା ଇତ୍ୟାଦି ଏକବିଂଶତିପ୍ରକାରର ଦୋଷ-ଗାମି କରେ ନବ୍ୟବାବୁଙ୍କ ମତରେ ବାଧ ହୋଇ ଦଶାବର ବିରୁଦ୍ଧରେ ସେପରି ବ୍ୟବସ୍ଥା ଦେଇପାରୁଁ ଏମନ୍ତ ବିଜ୍ଞ-ସମ୍ଭାର ଅମ୍ଭର ଜନ୍ମି ନାହିଁ । କପଟସଂହାରରେ ଅମ୍ଭର କର୍ତ୍ତବ୍ୟ ଏହି କି ଅମ୍ଭେମାନେ ଚଳାଉଛନ୍ତି କହୁଅଛି ଧର୍ମ କର ଅନ୍ୟାୟ କର ବା ମାତ୍ର କାର୍ଯ୍ୟରେ କଷ୍ଟ କରୁ ନା ଏହାର ନାମ କପଟତା ସମାଜମଧ୍ୟରୁ ଏହି କପଟତା ଦୂର କରିବା ଅମ୍ଭମାନଙ୍କର କର୍ତ୍ତବ୍ୟ । ବାହ୍ୟିକ ଆଡ଼ମ୍ବରଦ୍ୱାରା ଯଶଲାଭ କରିବାକୁ ସ୍ପୃହା ଅନ୍ତରର ଭକ୍ତି ସ୍ୱୀକାର କରି-ବାକୁ ହେବ କାରଣ ଈଶ୍ୱର ସର୍ବଦ୍ରଷ୍ଟା ତାହାଙ୍କ ଦୃଷ୍ଟି କ'ଣ ଉହୁଡ଼ କରିବ ? ପାଠକମାନେ ମୋ-ହର ଦୋଷ ଗୁଣ କ୍ଷମା କରିବେ । ବାମଣ୍ଡାଧିପତି ମହାରାଜାଙ୍କଠାରୁ ଏବିଷୟରେ ଉପଦେଶ ପାଇଲେ ଅମ୍ଭେ ଅବଶ୍ୟ ସ୍ୱୀକାର କରିବୁଁ ଓ ସାଧ୍ୟମତେ ସେ ସମସ୍ତ ପାଳିବାକୁ ଯତ୍ନ କରିବୁଁ । ଇତି ।

---

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ରାୟ ବୈଦ୍ୟନାଥ ପଣ୍ଡିତ ବାହାଦୁର | ବୃ୫ବ | ଅଗ୍ରିମ | ୫ ॥ |
| ବାବୁ ଜଗନ୍ନାଥ ଭଲି ଗୋସାଇଁ | " | " | ୨ ୨୪ |
| " ଅଭୟ ଚଣ୍ଡୀ | " | " | ୫ ୧ |
| ବାବୁ ରଘୁନାଥଦାସ ଚୌଧୁରୀ | ବୃ୫ବ | ଅଗ୍ରିମ | ୫ ୧ |
| ମୁନସି ମହମ୍ମଦ ମଜହର | " | " | ୨ ୧ |
| ବାବୁ କୃଷ୍ଣଚନ୍ଦ୍ର ମହାନ୍ତି | " | ବକେୟା | ୫ ୧ |
| " ଭଲନିଧିଷର | " | ଅଗ୍ରିମ | ୫ ୧ |
| " ପଦ୍ମଲୋଚନ ମହାନ୍ତି କାନୁନଗୋଇ | " | " | ୨ ୫ |
| | " | ବକେୟା | ୨ ॥ |

---

# ବିଜ୍ଞାପନ ।

---

କଟକ ନୂତନ ଅଶୋଅଷ୍ଟ ବୋର୍ଡ, ସାନ ବଡ଼ ଦୁଇଟା କୋଠରୀ ଅଛି ଏବଂ ବୋର୍ଡର ସମସ୍ତ ସରଞ୍ଜାମ ପ୍ରସ୍ତୁତ ଅଛି । ଉକ୍ତ ବୋର୍ଡ ବିକ୍ରୟ ହେବ । ସେହି ବୋର୍ଡର ମୂଲ୍ୟ ଟ ୫୦୦୧ ଯାହାର ନେବାର ଆବଶ୍ୟକ ହେବ ସେ କଟକ

ବକସୀବଜାରରେ ଆମ୍ଭ ନିକଟକୁ ଆସିଲେ ଉକ୍ତ ବୋଟ କ୍ରୟ କରି ପାରିବେ । ଇତି । ତା ୧ ରଖ ଅଗଷ୍ଟ ସନ ୧୮୮୭ ମସିହା ।

ଶ୍ରୀ ମଧୁସୂଦନ ସରକାର

**SCHOOL BOOKS ! SCHOOL BOOKS !**

English and Uriya for Entrance Minor and Vernacular schools of all grades, sold at the book shop of the Cuttack Printing Company, Dargha Bazar Cuttack.

ନାନା ପ୍ରକାର ଇଂରାଜୀ ଏବଂ ଓଡ଼ିଆ ବିଦ୍ୟାଳୟର ପାଠ୍ୟପୁସ୍ତକ ସୁଲଭ ମୂଲ୍ୟରେ କଟକ-ପ୍ରିଣ୍ଟିଂ-କମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

ଶ୍ରୀଯୁକ୍ତ ରଜା ରାଜଧାନୀ ତାଳଚେରଙ୍କ ଦପ୍ତରାଳୟରୁ ସଂ ୪୩୦ ଖ୍ୟାତ (ପ) ସଂ ୧୯୭୬ ଖ୍ୟାତ (ଥ) ଶ୍ରୀ ରାଜପ୍ରାସାଦ ୨୫ ଜୁଲାଇ ସଂ ୧୮୮୭ ବର୍ଷର ।

ଅତ୍ରରାଜଧାନୀୟ ସଦାଲତ ବିଭାଗ ନିମିତ୍ତ ଏକଜଣ ଓଭରସିୟର ଆବଶ୍ୟକ ଉକ୍ତ କାର୍ଯ୍ୟର ବେତନ ମାସିକ ଟ ୩୦ ଙ୍କା ନିର୍ଦ୍ଧାରିତ ହୋଇ ଅଛି ପ୍ରକଟିତ କାର୍ଯ୍ୟାକାଂକ୍ଷି ଗଣଙ୍କୁ ଏତଦ୍ୱାରା ଆଦେଶ ପ୍ରଦାନ ହେଉଅଛି ଯେ ବ୍ୟକ୍ତି ସର୍ଭେୟର ଓଭରସିୟର ପରୀକ୍ଷୋତ୍ତୀର୍ଣ୍ଣ ହୋଇଥିବ ଅଥଚ ଇଂରାଜୀ ବିଦ୍ୟାରେ ମଧ୍ୟୋତ୍ତୀର୍ଣ୍ଣ ହୋଇଥିବ କୌଣସି ଦୋଷରେ ଦୋଷୀ ହୋଇନଥିବ ଏବମ୍ଭୂତ ହୋଇ ଅଥଚ ସ୍ୱୀୟ ସ୍ୱାକ୍ଷରପତ୍ର ସହ ପ୍ରତ୍ୟାସନ୍ନ ମାସର ୨୦ ଦିବସ ମଧ୍ୟରେ ବା ଇତ୍ପୂର୍ବେ ହଜୁରକୁ ଆବେଦନ ପ୍ରେରଣ କରି କୃତାର୍ଥ ହୋଇ ପାରିବେ ଅତଃ ଅବେଦ୍ୟାର୍ଥ ପ୍ରକାଶ ହେଲା ।

By order
of
The Rajah Killah Talchair
H. C. GHOSE
*Head Clerk and Seereshtadar*
*Talchair Rajah's Court*

---

# ଓଡ଼ିଶା ମିଶନ ପ୍ରେସ

## କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।

ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ ସମ୍ବନ୍ଧୀୟ କାଗଜ ପତ୍ରାଦି ଛପାକାର୍ଯ୍ୟ ଏଷ୍ଟିମେଟ ମାଗିଲେ ମିଳଇ ।

---

ଛପା ! ଛପା !! ଛପା !!!

# ଓଡ଼ିଶା ମିଶନ ପ୍ରେସ୍ ।

ଡିମାଇ ଚାରି ପେଜ ୧୦୦୦ ପୁସ୍ତକର ଛପାଇ ମୂଲ୍ୟ କାଗଜର ମୂଲ୍ୟର ତାରତମ୍ୟାନୁସାରେ ପ୍ରତି ପେଜକୁ ଟ ୦ ୷୵; ଟ ୧ ୵ ଅବା ଟ ୧ । ଏହା ୧୦୦୦ ଠାରୁ ଊର୍ଦ୍ଧ୍ୱ ସଂଖ୍ୟାର ପୁସ୍ତକ ଛପାପ୍ରତି ଅଟଇ ।

---

ଜମିଦାରୀ,—ପଟ୍ଟା, ପାଉତି, କବୁଲିୟତ ରସିଦ୍ ଫାରମ୍ ଅତ୍ୟନ୍ତ ଊଣା ଦରରେ ଛପି ।

---

# ବଡ ସୁ ବି ଧା ।

ଶୀଳ ଶ୍ରୀଯୁକ୍ତ ବାବୁ ରାମଗୋବିନ୍ଦଜଗଦେବଙ୍କ ଘୋଡ଼ାବିକା ରୋଗ ଆରୋଗ୍ୟ ହୋଇ ଥିବା ଉପଲକ୍ଷେ ଆମ୍ଭ ପ୍ରସ୍ତୁତ ଓଲଉଠା ରୋଗ ଔଷଧର ମୂଲ୍ୟ ଟ ୨। ପରିବର୍ତ୍ତେ ଟ ୧୷ ଧାର୍ଯ୍ୟ କରି ଆମ୍ଭ ସଙ୍ଗେ ବନ୍ଦୋବସ୍ତ କରିଅଛନ୍ତି । ଯେଉଁମାନେ ଇଚ୍ଛା କରିବେ ସେମାନେ ଚଳିତ ଅଗସ୍ତ ମାସର ତା ୭ ରଖଠାରୁ ଆସନ୍ତା ସିତମ୍ବର ମାସ ତା ୧୫ ରଖ ପର୍ଯ୍ୟନ୍ତ ଉକ୍ତ ଦର ଅର୍ଥାତ୍ ଟ ୧୷ ଙ୍କା ଦେଲେ ଏକ ବାକ୍ସରେ ଥିବା ୬ ପ୍ରକାର ଔଷଧ ବ୍ୟବସ୍ଥାପତ୍ର ସହ ପାଇ ପାରିବେ ।

ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତ
କବିରାଜ କେନ୍ଦ୍ରାପଡ଼ା ।

---

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ

ସମୀପେଷୁ ।

ମହାଶୟ !

ନିମ୍ନଲିଖିତ ପଂକ୍ତିଚୟକୁ ଆପଣଙ୍କ ପତ୍ରିକାର ଏକ ପାର୍ଶ୍ୱରେ ସ୍ଥାନଦାନ କରି ବାଧିତ କରିବା ହେବେ ।

ଆମ୍ଭର ଗୋଟିଏ ଘୋଡ଼ା ଅନୁକ୍ଷଣ ଅସ୍ୱାସ୍ଥ୍ୟରୂପ ବିକ୍ଷୁବ୍ଧ ଥିବାରୁ ଜଣେ ଦେଶୀୟ କବିରାଜ ତହିଁ ଯୋଗାଇଥିଲେ ତହିଁରେ କିଛି କେତେକ ପରିମାଣରେ ବଳ ଥିଲା । କିନ୍ତୁ ତହିଁର କଷ୍ଟ ଅତ୍ୟନ୍ତ ହେଉଥିଲା । ମାତ୍ର କେତେକ ଦିନ ପରେ ତହିଁର କଷ୍ଟ ଉପଶମ ହୁଅନ୍ତେ କିଛିଦିନ ପୂର୍ବାପର କଷ୍ଟ ହେବାକୁ ଲାଗିଲା । ଆମ୍ଭେ ଶ୍ରୀଯୁକ୍ତ କବିରାଜ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କଠାରୁ ଔଷଧ ଆଣାଇ ୩।୪ ଥର ମାଲିସ କରିବାରୁ କିଛିଦିନ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହୋଇଅଛି । ଆଜକୁ ମାସେ ହେଲା ଆଉ କିଛି ନାହିଁ । ତାଙ୍କର ଚିକିତ୍ସାପ୍ରଣାଳୀ ଅତି ସରଳ ଓ ନୂତନପ୍ରକାର । କବିରାଜ ମହାଶୟ ଆମ୍ଭମାନଙ୍କର ଧନ୍ୟବାଦର ପାତ୍ର ଅଟନ୍ତି ।

କେନ୍ଦ୍ରାପଡ଼ା
୨।୮।୮୭

ବଶମ୍ବଦ
ଶ୍ରୀ ବାବୁ ରାମଗୋବିନ୍ଦ ଜଗଦେବ
ଜମିଦାର

---

ଏତଦ୍ୱାରା ଜଣାଇ ଦିଆ ଯାଉଅଛି କି କେତେକଜଣ ହେଡ୍, କନଷ୍ଟବଲ ଓ ଜଣେ ଅବକାଶ ଦାରୋଗା ଅତି ମୟୂରଭଞ୍ଜ ରାଜ-ଇଲାକାରେ ନୂତନ ହେବା ବିଷୟରେ ଏଥି-ପୂର୍ବେ ଯାହାକି ନୋଟିସ ଦିଆ ଯାଇଥିଲା ତହିଁ-ମଧ୍ୟରୁ ଥାନାର ଦାରୋଗାକର୍ମରେ ଏକଜଣ ଲୋକ ନିଯୁକ୍ତ ହୋଇଅଛନ୍ତି ଓ ହେଡ୍, କନଷ୍ଟବଲ-କର୍ମ ସକାଶେ ଯେତେ କେତେକ ଜଣ ଦରଖାସ୍ତ ଦାଖଲ ହୋଇଅଛି ତହିଁ ମଧ୍ୟରେ ଅନେକ ଦରଖାସ୍ତ ଯେ କି ବଙ୍ଗାଳପୁଲିସରେ କାର୍ଯ୍ୟ କରୁଅଛି କିମ୍ବା ଉକ୍ତ ପୁଲିସରେ କାର୍ଯ୍ୟ କରି ଇସ୍ତଫା ଆଦି ଦେଇଥିବା କାରଣରୁ ଦରଖାସ୍ତ ହୋଇଅଛି କିମ୍ବା ଅନ୍ୟ କୌଣସି କାରଣରୁ ଦରଖାସ୍ତ ହୋଇଅଛି ଏପରି ଲେଖା ହୋଇ ଦାଖଲ ହୋଇ ନ ଥିବାରୁ ତାହାଙ୍କୁ ଉକ୍ତ ହେଡ୍, କନଷ୍ଟବଲ କର୍ମରେ ନୂତନ କରାଯାଇ ନାହିଁ ଅତଏବ ଆଦେଶ ଯେ ଯେ କେହି ବଙ୍ଗାଳ ପୁଲିସରେ କାର୍ଯ୍ୟ କରି ଉକ୍ତ ମତ-ପ୍ରକାରେ ଦରଖାସ୍ତ ହୋଇଥିବ ସେ ଉକ୍ତ ହେଡ୍ କନଷ୍ଟବଲ କର୍ମ ପାଇବା ସକାଶେ ପ୍ରାର୍ଥନା ଦରଖାସ୍ତ ଏ ଅଫିସକୁ ପଠାଇଲେ ତାଙ୍କୁ ନୂତନ କରିଯିବା ପକ୍ଷେ ବିଚାର କରାଯିବ । ଇତି ତା ୧।୭।୮୭ ଜୁଲାଇ

H. P. WYLLY.
*Manager.*

---

# ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୬ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନିର୍ଗତ ହୋଇଯାଏ । ପାରଦର ଘା, ଗରମୀ ଘା, ନାଲି ଘା, କେବ ଓ ନାକ-ଭିତରର ଘା, ଘୋଲ ଘା, କାକ ଘା, କାନର ପୂଜ, କୋଷ୍ଠ-କାଠିନ୍ୟ, ଅଜୀର୍ଣ୍ଣତା, ପେଟଫୁଲା ଇତ୍ୟାଦି, ବାତ, ଗ୍ରନ୍ଥିବାତ, ପ୍ରସ୍ରାବପୀଡ଼ା, କୁଣ୍ଡିଆ, ଧାତୁଦୌର୍ବଲ୍ୟ ଏବଂ ଉତ୍କଟ ଜ୍ୱର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରାମ ହୁଏ ।

Split by PDF Splitter

Digitized by srujanika@gmail.com

ଔଷଧର ମାତ୍ରା ବୋତଲ ଦେହରେ ଚିହ୍ନଦ୍ୱାରା ଦେଖାଇ ଦିଆଯାଇଅଛି ଏକ୍ ଚିହ୍ନ ସକାଳେ ଓ ସନ୍ଧ୍ୟାବେଳେ ଖାଇବାକୁ ହେବ । ପଥ୍ୟାପଥ୍ୟର ନିୟମ ବୋତଲର ଟିକଟରେ ଲେଖା ଅଛି । ପରୀକ୍ଷାଦ୍ୱାରା ଏଥିର ଗୁଣ ଦେଖା ଯାଇଅଛି ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ଫାଇଲ୍ ଟ ୧ ।

# ମେହରୋଗ ।

ସପ୍ତାହ ମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ନିଜାର୍ଜ୍ଜିତ ରୋଗ ଆରୋଗ୍ୟ କରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନ ରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଆମ୍ଭର ବିଜ୍ଞାପନରେ ପ୍ରତାରଣା ନ ହେଲେ ଆଉ କିଛି ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନରେ ପୁସ୍ତକାକାରରେ ପ୍ରସ୍ତୁତ ହେବ କଲିକତା ଅହେରିଟୋଲା ନମ୍ବର ଭବନରେ ଏ, କେ, ରାୟ କମ୍ପାନୀଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଫାଇଲ୍ ଟ ୨୲ ଟା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ୍ ।

ବିଶେଷ ଦ୍ରଷ୍ଟବ୍ୟ ।

ବୈଦ୍ୟଶାସ୍ତ୍ର ବିଶାରଦ ଶ୍ରୀବାବୁ ଲକ୍ଷ୍ମୀନାରାୟଣ ରାୟ ପ୍ରକଠିନ ରୋଗଗ୍ରସ୍ତ ମନୁଷ୍ୟମାନଙ୍କ ରୋଗରୁ ମୁକ୍ତ କରିବା ନିମିତ୍ତ ପ୍ରସ୍ତୁତ ଅଛନ୍ତି । ଗତ ତିନବର୍ଷମଧ୍ୟରେ କୌଣସି ରୋଗୀ ଆରୋଗ୍ୟ ନ ହୋଇ ଫେରିଯିବାର ଦେଖାଯାଇ ନାହିଁ । ରୋଗରୁ ମୁକ୍ତ ପାଇବାର ବାଞ୍ଛା ଯେବେ ତୁମ୍ଭର ଥାଏ ତେବେ ତାହାଙ୍କୁ ରୋଗର ବିବରଣ ଜଣାଇଲେ ଅତି ଅଳ୍ପବ୍ୟୟରେ ଅଳ୍ପଦିନମଧ୍ୟରେ ତୁମ୍ଭଙ୍କୁ ଆରୋଗ୍ୟ କରିଦେବେ । ସେ

ଅନେକଲୋକଙ୍କୁ ଆରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି ।

# ବାଲିକାଗଜ ।

ଉତ୍କଳ ଶ୍ରେଣୀର ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଦୁର୍ଗାଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ ଦତ୍ତ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା —

| | | | | |
|---|---|---|---|---|
| ୧୨ ଘଣ୍ଟି | ବାଲ | ଦ ୧୬ ଟ ୬/୬ | ଦ ୧୮ | ଟ ୦ ୬/୨ |
| ୧୪ ଘଣ୍ଟି | ,, | ,, ଟ ୬/୩ | ,, | ଟ ୦ ୬/୦ |
| ୧୬ ଘଣ୍ଟି | ,, | ,, ଟ ୭। | ,, | ଟ ୦ ୬ |
| ୨୦ ଘଣ୍ଟି | ,, | ,, ଟ ୮। | ,, | ଟ ୦ ୲୨ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକତ୍ରରେ ୫ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ତସରକୋଣା ଓ ଧୋତି ଓ ରେଶମୀଓଗେର ଲୁଗା ଓ ଷ୍ଟୋଭକଲି ଓ କଲଙ୍କଗ ଇତ୍ୟାଦି ସଉଦାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉପରୋକ୍ତ ଅଛି କେତେକ ଫେନସି ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ କଲେଜ ଗାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଗାଡ଼ିମାନ ବିକ୍ରୟ ହେବା ପୂର୍ବ ଆପଣା ମଫସଲ ସକାଶେ ଭଡ଼ା ଚାହାନ୍ତି ତେବେ ଏକ ମାସକୁ ଯେ ଦର ଟ ୬/୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ସବୁ ଖର୍ଚ୍ଚାକରିବାର ଭାର ତାଙ୍କ ଉପରେ ଥିବ । ସେହି ବେଳେ ଗାଡ଼ିର ପରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଜିନିଷର ନାମ ।

ନଳର ରେଖଣା ଦ ଧଳ୍କରେ ସ୍ୱାଦ ବେଳେ ସ୍ଥଳେ ।
ବଟେରବ୍ଲାଡ
ବରେସୀନ୍ ତେଲ ଲଣ୍ଠା ସେଇ ଆଦା ଓ ଲୋମ ସହିତ ।
କାଚ ଗିଲାସ ଓ ବଡ଼ ଲଣ୍ଠନ ଓ ଗ୍ଳାସ
ଦର୍ପଣ ଦେବହେର
ଉତ୍କର୍ଷ ସୁଗନ୍ଧତୈଳ ଏବଂ ଅତର ଲବଙ୍ଗ ଦେଲଖୁନ ଅଫୋର ସମ କେତେକ ପଦାର୍ଥ

ଦୁଇ ଅର୍ଥାତ୍ ନକସା କରିବା ଲାଗି ପେନ୍ସିଲ ଓ କଲମ ।
ପେନ୍ସିଲ କାଟିବା ଛୁରୀ ।
ନାନା ପ୍ରକାରର ଚିଠି କାଗଜ ଓ ଲଫାପା
ରେଶମ ସୂତା ।
ଟେବଲ ଛଡ଼ି ।
ବନ୍ଧୁକ ଗୁଳି ।
ତାମାକୁ ଖାଇବା ପାଇଁ ରୌପ୍ୟ ପତ୍ର ।
ଜାପାନ ଦେଶର ହାତ ପଙ୍ଖା ।
ସାବୁନ ।
ଓଭରକୋଟ ।
ଗୋଲାକୃତି ପାନ ଓ ସୁନା ରୂପା ମଣ୍ଡିତ ବାକସ ।
ଚାନ୍ଦ ଦାଢ଼ି ଅର୍ଥାତ୍ ଲେଖିବା ବେଳେ ଚଷମା ପିନ୍ଧିଲେ ଭଲ ହେବ ।
ଅଇନା ଚଲା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
ପକେଟବୁକ ମଂଗଳ ପାଠ୍ୟ ବହିର ଟ ୦ ୲୬
ଚୋଟା ଓ ମୋଟାକଡ଼
ଜିନିଷ ଦ୍ୱାର ଚଳିବାର
ବଡ଼ ଆଇନା କଟା
କାଟି ଓ ପାଇଖାନା ଚୌକି ଚେୟାର

ମାର୍ବଲ କାଠ ନିର୍ମିତ ଟେବଲ ଓ ଚୌକି ଚଉକି ହେଉ ନାହିଁ ।
ଏ, ଗୋଷ୍ଠ କାଠଘେର କାଗଜ ଓ କଲମ ।
କପଡ଼ା ଅଫିସର
ଏକ ଦାରିଆ ।
ସୁନାର ଗଡ଼ ।
ଅଟୋମେଟିକ ପେନ୍ସିଲ ଅର୍ଥାତ୍ ଏ ପେନ୍ସିଲରେ କେଉଁ କଳ ପେନ ଲଗାଇଲେ ପେନ୍ସିଲ ଲେଖା ହୋଇ ପାରେ ।
କର୍କ ସ୍କ୍ରୁ ।
ବନ୍ଧୁକ ଦେଲେ ଟାର ।
କଟକର ଶ୍ରୋପର ଅଟୋମେଟିକ ଜାଲ ।
ଟମଟମ ।
ଲେଡ୍ ପେନ୍ସିଲ୍ ।
ଲମ କୋଟର
ବନାରସୀ ସାଢ଼ୀ ଓ ଯୋଡ଼ ଓ ଶାଲ
ମଖମଲ ଓ ଷିଲ୍କ ପାଟ ଓ ଶାଢ଼ୀ ।
ଟ୍ରିମିଂ କାଢ

ଅର୍ଦ୍ଧେନ୍ଦୁ ଦତ୍ତ କମ୍ପାନୀ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ଏହା ନିମ୍ନ ଲିଖିତ ଅଟେ ଯଥା —

ପ୍ରଥମଥର ସକାଶେ

| | |
|---|---|
| ଆଠ ପଦ | ଟ ୦୬ |
| ଅଷ୍ଟ ଦ୍ୱାଦଶ | ଟ ୬/୧ |
| ପୂର୍ଣ୍ଣ ପତ୍ର (ସ୍ତମ୍ଭ) | ଟ ୩ |

ଯଦି କୌଣସି ବିଜ୍ଞାପନ ଯେତେ ଛୋଟ ହେଉ ତଥାପି ଟ ୦୬ ରୁ ଊଣା ହେବ ନାହିଁ ।

ଦୁଇ ଥର ଓ ତତୋଧିକ ଥର ସକାଶେ ଦର ସ୍ୱତନ୍ତ୍ର ଚୁକ୍ତି ହେବ ।

ଅଗ୍ରିମ ମୂଲ୍ୟ ସକାଶେ ଚିଠି ସମ୍ପାଦକଙ୍କ ନାମରେ ଆସିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା କଟକ ସହରର କଟକପ୍ରିଣ୍ଟିଂ କମ୍ପାନୀଙ୍କ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com